


# ସଂଚାର

THE SANCHAR

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17




Vol. 33 | ISSUE 99 | ଭାଗ ୩୩ | ସଂଖ୍ୟା ୯୯ Bhubaneswar |Monday 30 June 2025 | Page 8 Rs. 4.00 ● ଭୁବନେଶ୍ୱର ସୋମବାର ୩୦ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

# ଶରଧାବାଲିରୁ ସ୍ୱର୍ଗଦ୍ୱାର ଜଗା ଦୁଆରେ ଅଘଟଣ

## ✪ ଦଳାଚକଟାରେ ୩ ମୃତ, ୫୦ରୁ ଊର୍ଦ୍ଧ୍ୱ ଆହତ ✪ ମୁଖ୍ୟମନ୍ତ୍ରୀଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ

**ପୁରୀ,୨୯।୬(ସଂଚାର ବ୍ୟୁରୋ):** ଶ୍ରୀଜଗନ୍ନାଥଙ୍କ ଚଳିତ ବର୍ଷ ଘୋଷଯାତ୍ରାରେ ଏତେ ବିଘ୍ନ କାହିଁକି? ରଥଯାତ୍ରା ସମୟରେ ପୁରୀରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବା କିଛି ନୂଆ କଥା କି? କିନ୍ତୁ ଭିଡ ନିୟନ୍ତ୍ରଣ, ଶ୍ରଦ୍ଧାଳୁଙ୍କ ସୁରକ୍ଷା ଏବଂ ସର୍ବୋପରି କାଳିଆର ସବୁ ନୀତିକାନ୍ତି ସୁଚାରୁ ରୂପେ ସମ୍ପାଦନ କରିବାର ଦାୟିତ୍ୱ ପ୍ରଶାସନର। କିନ୍ତୁ ପୁରୀ ଜିଲ୍ଲାପାଳ ଓ ଏସପିଙ୍କ ଖାମଖିଆଲି ଓ ହାମବଡା ନୀତି ଯୋଗୁଁ ରଥଯାତ୍ରାର ପ୍ରଥମ ଦିନରୁ ହିଁ ବିଭ୍ରାଟ ଦେଖିବାକୁ ମିଳୁଛି। କେତେବେଳେ ରଥ ଗଡୁନାହିଁ ତ କେତେବେଳେ ଜଗାକୁ ଦର୍ଶନ କରିବା ବେଳେ ଦଳାଚକଟାରେ



ଆଖପାଖ ସହରର ଶ୍ରଦ୍ଧାଳୁ। କାରଣ ଶନିବାର ଓ ରବିବାର ଲଗାତାର ଦୁଇଦିନ ସରକାରୀ ଛୁଟି। ତେଣୁ ବିଳମ୍ବିତ ରାତି ହୋଇଥଲେ ବି ଆଖିରେ ନଥିଲା ନିଦ। ମନରେ ଇଚ୍ଛା ଥିଲା କାଳିଆର ଚକାଆଖି ସହ ଆଖି ମିଶାଇ ମନର ଦୁଃଖ ବାଣ୍ଟିବାକୁ। ଏଥର ରତ୍ନବେଦୀରେ ନୁହେଁ, ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ଜୀବନ ସାର୍ଥକ କରିବାକୁ। ଏଭଳି କିଛି ଇଚ୍ଛା ଅଗଣିତ ଭକ୍ତଙ୍କୁ ଟାଣିଆଣିଥିଲା ଶରଧାବାଲିକୁ। କିନ୍ତୁ ବିଡ଼ମ୍ବନାର ବିଷୟ, ଶରଧାବାଲିରେ ଅବ୍ୟବସ୍ଥା ଯୋଗୁଁ ଚାଲିଗଲା ୩ ଜୀବନ। ଏହି ଦଳାଚକଟାରେ ୫୦ରୁ ଅଧିକ ଭକ୍ତ

### ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ କ୍ଷମା ପ୍ରାର୍ଥନା

ଶରଧାବାଲିରେ ଘଟିଥିବା ଅଘଟଣନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତ୍ୟନ୍ତ ବ୍ୟଥିତ ହୋଇ ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏ ଘଟଣାରେ ବ୍ୟକ୍ତିଗତ ଭାବେ ତଥା ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷମା ପ୍ରାର୍ଥନା ମଧ୍ୟ କରିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଧ୍ୟ କ୍ଷମା ପ୍ରାର୍ଥନା କରିଛନ୍ତି। ସେ କହିଛନ୍ତି ଯେ ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ସମୟରେ ଠେଲାପେଲା ଯୋଗୁଁ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣା ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ ଏବଂ ମର୍ମାହତ। ମହାପ୍ରଭୁଙ୍କ ନିକଟରେ ଦିବଂଗତ ଆତ୍ମାର ସଦଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ଏବଂ ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛି। ଆହତମାନଙ୍କୁ ସର୍ବୋତ୍ତମ ଚିକିତ୍ସା ➢ପୃଷ୍ଠା-୬

ଭକ୍ତଙ୍କ ଜୀବନ ଯାଉଛି।

ରବିବାର ଭୋରରୁ ଦଳଚକଟାରେ ତିନି ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ମଧ୍ୟ ସମ୍ପୂର୍ଣ୍ଣ ଭାବେ ପୋଲିସ ଓ ଜିଲ୍ଲା ପ୍ରଶାସନର ବିଫଳତା। ଶନିବାର ଶରଧାବାଲିରେ ରଥ ଲାଗିଲା ପରେ ପୁରୀକୁ ଛୁଟିଥିଲା ଭକ୍ତଙ୍କ ସୁଅ। ଯେଉଁମାନେ ପୁରୀରେ ଥିଲେ ସେମାନଙ୍କ ସହ ଯୋଡିହେଲେ ଆହତ ବି ହୋଇଛନ୍ତି।

ଆଡ଼ପ ବିଜେ ପୂର୍ବରୁ ରଥାରୂଢ ଶ୍ରୀଜିଉମାନଙ୍କୁ ଦର୍ଶନ ପାଇଁ ଏକତ୍ରିତ ହୋଇଥିଲେ ହଜାର ➢ପୃଷ୍ଠା-୬

## କାହାକୁ କାହିବା, ଶୁଣିବ କିଏ?

- ୨୦୦୬: କାର୍ତ୍ତିକ ପୂର୍ଣ୍ଣିମାରେ ୪ ମୃତ
- ୨୦୦୮: ରଥଯାତ୍ରାରେ ୬ ମୃତ
- ୨୦୧୨: ରଥଯାତ୍ରାରେ ୨ ମୃତ
- ୨୦୧୫: ନବକଳେବରରେ ୨ ମୃତ
- ୨୦୨୫: ରଥଯାତ୍ରାରେ ୩ ମୃତ

**ଭୁବନେଶ୍ୱର:** ବର୍ଷ ପରେ ବର୍ଷ, ପ୍ରତିବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ହେଉଛି। ଗତ ୨୪ ବର୍ଷ ମଧ୍ୟରେ ବିଭିନ୍ନ ସମୟରେ ରଥଯାତ୍ରା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦିନରେ ଏମିତି ଅନେକ ଅଘଟଣ ଘଟିଛି। କିନ୍ତୁ ନା ପୂର୍ବ ସରକାର ନା ବର୍ତ୍ତମାନର ସରକାର ଏସବୁ ଅଘଟଣାରୁ କିଛି ବି ଶିକ୍ଷା ଲାଭ କଲେ। ସରକାର ବଦଳିଲା ପରେ ଅନ୍ତତଃ ଏଥିରେ ପରିବର୍ତ୍ତନର ଆଶା ଥିଲା। କିନ୍ତୁ ପୂରା ପ୍ରଶାସନିକ କଳ ଭିଭିଆଇପି ଓ ଭିଆଇପି ଚର୍ଚ୍ଚାରେ ବ୍ୟସ୍ତ ଥିବା ବେଳେ ମୁହଁ ଫୁଟାଣିରୁ ଓହ୍ଲାଉନଥିଲା। ସେଥିପାଇଁ ୨୦୨୫ ରଥଯାତ୍ରା ୩ ମୃତ ବୋଲି ଇତିହାସରେ ଆଉ ଫାଳେ ଯୋଡି ହେଲା। ପ୍ରତିବର୍ଷ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢ଼ିବା ଜାଣି ବି ଅବହେଳା କିଏ ଓ କାହିଁକି କରିଥିଲା? ଅଘଟଣ ଶୂନ୍ୟ ରଥଯାତ୍ରା ପାଇଁ ପ୍ରଶାସନ ପ୍ରସ୍ତୁତ ବୋଲି କିଏ ମୁଖ୍ୟମନ୍ତ୍ରୀଙ୍କୁ କହିଥିଲା? ରଥଯାତ୍ରାରେ ଆଇନ ଶୃଙ୍ଖଳା ଓ ଭିଡ ପରିଚାଳନା ପାଇଁ କାହାକୁ ନିର୍ଦ୍ଦିଷ୍ଟ ଭାବେ ଦାୟିତ୍ୱ ଦିଆଯାଇଥିଲା କି? ନା ନୂଆ ସରକାର କେବଳ ପାସ ବାଣ୍ଟିବାରେ ବ୍ୟସ୍ତ ଥିଲା। ବର୍ଷ ବର୍ଷ ଧରି ପୁରୀର ଆଇନ ଶୃଙ୍ଖଳା, ରଥଟଣା ଓ ଭିଡ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ କାହିଁକି ଅଣଦେଖା କରାଯାଇଥିଲା? ଯେଉଁମାନଙ୍କୁ ଏଥର ରଥଯାତ୍ରାରେ ଦାୟିତ୍ୱ ଦିଆଯାଇଥିଲା ସେମାନଙ୍କର ରାଜ୍ୟ ରାଜନୀତି, ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି, ଭିଡ ଆକଳନ ଓ ସମ୍ଭାବ୍ୟ ଭୟକୁ ନେଇ ପୂର୍ବାନୁମାନର କରିବାର ପ୍ରଶାସନିକ ଦକ୍ଷତା କାହା ପାଖରେ ଥିଲା କି? ସରକାର ପରେ ସରକାର ବଦଳୁଛି। ଗୋଟିଏ ଦଳ ଗତ ୨୪ ବର୍ଷ ଧରି ରାଜ୍ୟରେ କ୍ଷମତାରେ ରହିଲା। କିନ୍ତୁ ସ୍ଥିତି ଆକଳନ କରିପାରିନଥିଲା। ଏବେ ନୂଆ ସରକାର ବି ପୂର୍ବ ସରକାରର ବିଫଳତାରୁ କିଛି ବି ଶିକ୍ଷାଲାଭ କରୁନି।

- ଭିଡ଼ ନିୟନ୍ତ୍ରଣରେ ପୁଲିସ, ପ୍ରଶାସନ ଫେଲ
- ଘଟଣାସ୍ଥଳରେ ନଥିଲେ ଦାୟିତ୍ୱରେ ଥିବା ଅଧିକାରୀ
- ଜିଲ୍ଲାପାଳ ଓ ଏସ୍‌ପିଙ୍କ ଖାମଖିଆଲି ନୀତି ପାଇଁ ବିଭ୍ରାଟ
- ସ୍ପଷ୍ଟ ହୋଇଛି ପୁଲିସ-ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ

## ମୃତକଙ୍କ ପାଇଁ ୨୫ ଲକ୍ଷ ସହାୟତା ଘୋଷଣା

- ଡିସିଙ୍କ ଅଧୀନରେ ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ
- ହଟିଲେ ଜିଲ୍ଲାପାଳ ଓ ଏସପି
- ଚଞ୍ଚଲ୍ ରାଣା ଓ ପିନାକ ମିଶ୍ରଙ୍କୁ ଦାୟିତ୍ୱ
- ଡିସିପି ବିଷ୍ଣୁ ପତି ଓ କମାଣ୍ଡାଣ୍ଟ ଅଜୟ ପାଢ଼ୀ ନିଲମ୍ବିତ






**ଭୁବନେଶ୍ୱର:** ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବିଶ୍ୱପ୍ରସିଦ୍ଧ। ଶରଧାବାଲିରେ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଭକ୍ତ ଅତ୍ୟନ୍ତ ଆଗ୍ରହ ଓ ଉତ୍କଣ୍ଠାର ସହ ଆସିଥାନ୍ତି। ତେବେ ଆଜି ଗୁଣ୍ଡିଚା ମନ୍ଦିରରେ ପ୍ରଭୁଙ୍କ ଆଡ଼ପ ଦର୍ଶନ ଦେଖିବା ସକାଶେ ମାତ୍ରାଧିକ ଭକ୍ତଙ୍କ ସମାବେଶ ହେବା ଫଳରେ ଦଳାଚକଟା ଭଳି ଅଘଟଣ ଘଟିଥିଲା ଓ ଏଥିରେ ୩ ଜଣ ଭକ୍ତଙ୍କ ମୃତ୍ୟୁ ଭଳି ଅଭାବନୀୟ ଘଟଣା ଘଟିଥିଲା। ଏପରି ଏକ ଅଭାବନୀୟ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତ୍ୟନ୍ତ ବ୍ୟଥିତ ହେବା ସହ ଦୁଃଖ ପ୍ରକାଶ କରିଛନ୍ତି।

ସେହିପରି ଦଳାଚକଟାରେ ମୃତ୍ୟୁବରଣ କରିଥିବା ଭକ୍ତମାନଙ୍କ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମବେଦନା ଜଣାଇବା ସହ ନିକଟତମ ଆତ୍ମୀୟଙ୍କ ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ଘୋଷଣା କରିଛନ୍ତି। ଆହୁରି ସମଗ୍ର ଘଟଣାର ସମ୍ପୂର୍ଣ୍ଣ ପ୍ରଶାସନିକ ତଦନ୍ତ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଉନ୍ନୟନ କମିଶନର (ଡିସି)ଙ୍କ ଅଧ୍ୟକ୍ଷତାରେ ➢ପୃଷ୍ଠା-୬

## ପ୍ରିୟଦର୍ଶୀଙ୍କୁ ପୁଲିସ୍ ଓ ଅରବିନ୍ଦଙ୍କୁ ରଥ ପରିଚାଳନା ଦାୟିତ୍ୱ

**ଭୁବନେଶ୍ୱର:** ବରିଷ୍ଠ ଆଇପିଏସ ଅଫିସର ତଥା ଅତିରିକ୍ତ ଡିଜି (ପୁଲିସ ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀଙ୍କୁ ରଥଯାତ୍ରାରେ ପୁଲିସ୍ ପରିଚାଳନା ଦାୟିତ୍ୱ ଦିଆଯାଇଛି। ନୀତିକାନ୍ତି ଓ ଉତ୍ସବ ପାଳନ ସମୟରେ ସେ ପୁଲିସ୍ ବ୍ୟବସ୍ଥାର ତଦାରଖ କରିବେ। ରଥଯାତ୍ରା ସମୟରେ ସୁରକ୍ଷା, ରଥଟଣା, ରଥ ଚାରିପଟେ କର୍ଡନ ଏବଂ ନୀତିକାନ୍ତି ନେଇ ପ୍ରିୟଦର୍ଶୀଙ୍କ ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି। ସେ ପୁରୀ ଏସପି ଥିବା ଦିନରୁ ହିଁ ଶ୍ରୀଜଗନ୍ନାଥଙ୍କ ଏହି ନବଦିନାଙ୍କ






ଯାତ୍ରା ସହ ସାମିଲ। ଏପରିକି ପରବର୍ତ୍ତୀ ସମୟରେ ତାଙ୍କର ପଦୋନ୍ନତି ହେଉ କିମ୍ବା ଭିନ୍ନ ସ୍ଥାନରେ ଦାୟିତ୍ୱରେ ଥାଆନ୍ତୁ, ରଥଯାତ୍ରା ସମୟରେ ତାଙ୍କୁ ପରିଚାଳନାର ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଥାଏ। ରବିବାର ଭୋରରୁ ଶରଧାବାଲିରେ ଦଳଚକଟା ଘଟି ୩ ଜଣ ଭକ୍ତଙ୍କ ଜୀବନ ଯିବା ପରେ ଅପରାହ୍ନ ୧ଟା ସମୟରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସହ ଆଇନ ମନ୍ତ୍ରୀ ଉପସ୍ଥିତ ଥିଲେ। ବୈଠକରେ ଆଲୋଚନା ପରେ ଡିଜିପି ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିବା ପରେ ପୁଣି ଥରେ ପ୍ରିୟଦର୍ଶନୀଙ୍କୁ ରଥଯାତ୍ରାରେ ଗୁରୁତ୍ୱପୂର୍ଣ୍ଣେର୍ଣ୍ଣ ଦାୟିତ୍ୱ ମିଳିଛି। ସେହିପରି ରଥ ପରିଚାଳନା ➢ପୃଷ୍ଠା-୬

## ଆଜିଠୁ ଆଡ଼ପ ଦର୍ଶନ

**ପୁରୀ,୨୯।୬(ସଂଚାର ବ୍ୟୁରୋ):** ସବୁ ପ୍ରତୀକ୍ଷାର ଅନ୍ତ ଘଟିଛି। ଜନ୍ମବେଦୀକୁ ବିଜେ କରିଛନ୍ତି ତିନି ଠାକୁର। ଗୋଟି ପହଣ୍ଡିରେ ଆଡ଼ପ ମଣ୍ଡପକୁ ବିଜେ କଲେ ଶ୍ରୀଜିଉ। ରତ୍ନବେଦୀରୁ ବାହାରି ଗତକାଲି ଶରଧାବାଲିରେ ପହଞ୍ଚିଥିଲେ ତିନି ଠାକୁର। ଭାଇ ଭଉଣୀଙ୍କ ସାଙ୍ଗରେ ମହାପ୍ରଭୁ ପହଞ୍ଚିଲେ ଗୁଣ୍ଡିଚା ମନ୍ଦିରରେ। ଏନେଇ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ଜମିଛି। ଦୁଇ ଦିନ ହେବ ରଥାରୂଢ଼ ରହିବା ପରେ ଶ୍ରୀଜିଉ ଆଜି ବିଜେ କଲେ ଆଡ଼ପ ମଣ୍ଡପକୁ। ପ୍ରଥମେ ଚକ୍ରରାଜ ସୁଦର୍ଶନଙ୍କ ପହଣ୍ଡି ହୋଇଥିଲା। ପରେ ବଡ଼ ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ କାଳିଆ ସାଆନ୍ତଙ୍କ ପହଣ୍ଡି ହୋଇଥିଲା। ରଥରୁ ସବୁ ରୀତିନୀତି ପରେ ତିନି ଠାକୁରଙ୍କ ➢ପୃଷ୍ଠା-୬







## ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଶିଶୁବାଟିକାରେ ସହାୟତା କରିବେ 'ଶିଶୁ ସେବିକା'

- ଶିକ୍ଷକଙ୍କ ଅଣଶିକ୍ଷା କାର୍ଯ୍ୟ ବୋଝ କମିବ
- ପାଚିକାଙ୍କ ସମାନୁପାତିକ ଦରମା ପାଇବେ

**ଭୁବନେଶ୍ୱର,୨୯।୬(ସଂଚାର ବ୍ୟୁରୋ):** ରାଜ୍ୟର ଶିଶୁବାଟିକା ଗୁଡ଼ିକରେ 'ଶିଶୁ ସେବିକା' ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୀତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ଶିଶୁ ସେବିକାମାନେ ଶିଶୁବାଟିକାର ଛୋଟ ପିଲାମାନଙ୍କୁ ସହାୟତା ଯୋଗାଇଦେବେ। ଏହା ଶିକ୍ଷକମାନଙ୍କ ଉପରେ ରହୁଥିବା ଅଣଶିକ୍ଷା କାର୍ଯ୍ୟର ବୋଝ ଲାଘବ ଦିଗରେ ସହାୟକ ହେବ। ଯାହା ଫଳରେ ଶିକ୍ଷକମାନେ କେବଳ ଶିକ୍ଷା ଉପରେ ଦୃଷ୍ଟିକେନ୍ଦ୍ରିତ କରିପାରିବେ। ଏହାଦ୍ୱାରା ପ୍ରାକ୍-ପ୍ରାଥମିକ ଶ୍ରେଣୀରେ ପିଲାଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ନୂତନ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ଅନୁଯାୟୀ ରାଜ୍ୟର ୪୫ ହଜାର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷଠାରୁ ଶିଶୁବାଟିକା ଖୋଲାଯାଇଛି। ଏଥିରେ ୫ରୁ ୬ ବର୍ଷ ବୟସର ପିଲାମାନଙ୍କୁ ପ୍ରାକ୍-ପ୍ରାଥମିକ ଶିକ୍ଷା ପ୍ରଦାନ କରାଯାଉଛି। ଶିଶୁବାଟିକାରେ ପିଲାଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଆବଶ୍ୟକତା ଅନୁଯାୟୀ ଶିଶୁସେବିକା ନିଯୁକ୍ତି ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ।

ଛୋଟ ପିଲାମାନଙ୍କୁ ଶ୍ରେଣୀଗୃହରେ ପରିଚାଳିତ କରିବା, ସେମାନଙ୍କ ଯତ୍ନ ନେବା ଏକ ଗୁରୁ ଦାୟିତ୍ୱ ହୋଇଥିବା ବେଳେ ଏହି ଦାୟିତ୍ୱ ଶିକ୍ଷକମାନଙ୍କୁ



ତୁଲାଇବାକୁ ହେଲେ ସେମାନଙ୍କ ଶିକ୍ଷାଦାନ କାର୍ଯ୍ୟ ନିଶ୍ଚିତ ଭାବେ ବାଧାପ୍ରାପ୍ତ ହେବ। ସାରା ରାଜ୍ୟରେ ବିଭିନ୍ନ ଶିଶୁବାଟିକାରେ ଏ ସମ୍ପର୍କିତ ଏକ ଅଧ୍ୟୟନରୁ ଜଣାପାଇଛି ଯେ ଶିକ୍ଷକମାନଙ୍କୁ ଅଣଶିକ୍ଷା କାର୍ଯ୍ୟରେ ସହାୟତା କରିବା ପାଇଁ ଶିଶୁବାଟିକାଗୁଡ଼ିକରେ ଶିଶୁସେବିକାମାନଙ୍କର ଆବଶ୍ୟକତା ରହିଛି। ତେଣୁ ମୁଖ୍ୟମନ୍ତ୍ରୀ ଏହି ଶିଶୁସେବିକାମାନଙ୍କୁ ନିଯୁକ୍ତି ଦେବା ସକାଶେ ନିଷ୍ପତ୍ତି ନେଇଛନ୍ତି। ଏମାନଙ୍କୁ ସରକାରୀ ବିଦ୍ୟାଳୟର ପାଚିକାମାନଙ୍କୁ ଦିଆଯାଉଥିବା ହାରରେ ଦରମା ମଧ୍ୟ ପ୍ରଦାନ କରାଯିବ। ଏହି ଅତିରିକ୍ତ ଖର୍ଚ୍ଚ ଶିକ୍ଷା ପାଇଁ ଧାର୍ଯ୍ୟ ବଜେଟରୁ ପ୍ରଦାନ କରାଯିବ ବୋଲି କୁହାଯାଇଛି।

ଶିଶୁସେବିକାମାନଙ୍କ ଦାୟିତ୍ୱ ମଧ୍ୟରେ ପିଲାମାନେ ଯେପରି ଇଆଡ଼େ ସେଆଡେ ନ ବୁଲିବେ, ଶ୍ରେଣୀଗୃହ ଭିତରେ ସୁରକ୍ଷିତ ଭାବେ ରହିବେ ସେଥିପ୍ରତି ନଜର ଦେବେ। ପିଲାଙ୍କ ହାତଧୁଆ, ଖାଇବା, ଟଏଲେଟ ଯିବା ଓ ଶ୍ରେଣୀଗୃହରେ ବସିବା ଆଦି କାର୍ଯ୍ୟରେ ସହାୟତା କରିବେ। ପିଲା କାନ୍ଦିଲେ କିମ୍ବା ଅଝଟ ହେଲେ ସେମାନଙ୍କୁ ବୁଝେଇ ସୁଝେଇ ଶାନ୍ତ କରିବେ। ପିଲାଙ୍କୁ ବହି, ଖେଳନା ଆଦି ବିଭିନ୍ନ ➢ପୃଷ୍ଠା-୬

## ଶାଶ୍ୱତ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ

### ଅତିରିକ୍ତ ଦାୟିତ୍ୱ ବି ତୁଲାଇବେ

**ଭୁବନେଶ୍ୱର, ୨୯।୬ (ସଂଚାର ବ୍ୟୁରୋ) :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରମୁଖ ସଚିବ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ହୋଇଥିବା ବେଳେ ଏଥିରେ ଆଜି ୧୯୯୬ ବ୍ୟାଚ୍‌ର



ଆଇଏଏସ୍ ଅଫିସର୍ ସାର୍ଥକ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ଦାୟିତ୍ୱରେ ଥିବା ଅଫିସରଙ୍କୁ ସାଧାରଣତଃ ଅତିରିକ୍ତ ଦାୟିତ୍ୱ ଦିଆଯାଇନଥାଏ। କିନ୍ତୁ ଶ୍ରୀ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ସହ ଅନ୍ୟାନ୍ୟ ଦାୟିତ୍ୱ ମଧ୍ୟ ଦିଆଯାଇଛି। ତାଙ୍କୁ ଏହି ଦାୟିତ୍ୱ ସହ ଅର୍ଥ ବିଭାଗ ପ୍ରମୁଖ ସଚିବ ଓ ଇଡ୍‌କୋ ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ତୁଲାଇବାକୁ ପଡ଼ିବ। ଏନେଇ ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ନିକୁଞ୍ଜ ➢ପୃଷ୍ଠା-୬

## ବିଧିବଦ୍ଧ ତଦନ୍ତ ହେଉ: ଗଜପତି

**ପୁରୀ:** ପୁରୀ ଦଳଚକଟା ଘଟଣାରେ ଗଭୀର ମର୍ମାହତ ହେବା ସହିତ ଘଟଣାର ତୁରନ୍ତ ବ୍ୟାପକ ତଦନ୍ତ ପାଇଁ ଦାବି କରିଛନ୍ତି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ। ଏନେଇ ଏକ ପ୍ରେସ ରିଲିଜ ଜାରି କରି ଗଜପତି କହିଛନ୍ତି ଯେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ହୋଇଥିବା ଦଳାଚକଟାରେ ତିନି ଜଣ ଭକ୍ତଙ୍କ ଜୀବନ ଯାଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଏପରି ଖବର ତାଙ୍କୁ ମର୍ମାହତ କରିଥିବା ବେଳେ ଏହି ଘଟଣାର ବିଧିବଦ୍ଧ ତଦନ୍ତ କରିବା ଆବଶ୍ୟକ ବୋଲି ଗଜପତି କହିଛନ୍ତି। ଏଥିସହ ➢ପୃଷ୍ଠା-୬



## ମୃତକଙ୍କ ପରିବାର ସହ କଥାହେଲେ ନବୀନ

**ଭୁବନେଶ୍ୱର:** ଶରଧାବାଲିରେ ଘଟିଥିବା ଦଳାଚକଟା ଘଟଣାକୁ ନେଇ ରାଜ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ନିଜ ଲୋକଙ୍କୁ ହରାଇ କାନ୍ଦି କାନ୍ଦି ପାଗଳ ପ୍ରାୟ ହୋଇଯାଇଛନ୍ତି ପରିବାରବର୍ଗ। ଏହି ଘଟଣାରେ ମୃତକଙ୍କ ପରିବାର ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ନେତା ନବୀନ ପଟ୍ଟନାୟକ ଫୋନ୍ ଯୋଗେ କଥା ହୋଇଛନ୍ତି। ମୃତ୍ୟୁବରଣ କରିଥିବା ମହିଳାଙ୍କ ସ୍ୱାମୀ କାନ୍ଦି କାନ୍ଦି ଫୋନ୍ ଯୋଗେ ନବୀନଙ୍କୁ କହୁଛନ୍ତି, ମୋ ସଂସାର ଭାସିଗଲା। ପ୍ରଶାସନ ଢିଲା, ଆନାଉନ୍ସ ହେଉନାହିଁ, ସବୁ ଢିଲା। ପୁଲିସ ଆମକୁ କିଛି ବି ସହଯୋଗ କଲାନାହିଁ। ଏହା ଶୁଣି ନବୀନ ତାଙ୍କୁ ସମବେଦନା ଜଣାଇଛନ୍ତି। ନବୀନଙ୍କ ସହ ଆଲୋଚନା ସମୟରେ ମୃତକଙ୍କ ପରିବାର ଲୋକେ ପ୍ରଶାସନ ଓ ପୁଲିସ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏହି ଅଘଟଣ ନେଇ ନବୀନ ସରକାରଙ୍କ ବିଫଳତାକୁ ଦାୟୀ କରିଛନ୍ତି। ➢ପୃଷ୍ଠା-୬



## ପୁଣି ରାଜ୍ୟ ବିଜେପି ମଙ୍ଗ ଧରିବେ ମନମୋହନ

- ଆପାତତଃ ଚୂଡ଼ାନ୍ତ, ବିଧିବଦ୍ଧ ଘୋଷଣାକୁ ଅପେକ୍ଷା
- ପୁରୀ ଅଘଟଣ ପାଇଁ ସ୍ଥଗିତ ରହିଲା ଘୋଷଣା

**ଭୁବନେଶ୍ୱର,୨୯।୬(ସଂଚାର ବ୍ୟୁରୋ):** ପୁଣି ଥରେ ରାଜ୍ୟ ବିଜେପିର ସଭାପତି ଦାୟିତ୍ୱ ନେବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ମନମୋହନ ସାମଲ। ଏ ଭିତରେ ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ବି ସରିଗଲାଣି। ଶ୍ରୀ ସାମଲଙ୍କ ସଭାପତିତ୍ୱରେ ବିଜେପି ଗତ ସାଧାରଣ ନିର୍ବାଚନ ଜିତିଥିବାରୁ ତାଙ୍କୁ ପୁଣି ଥରେ ଦାୟିତ୍ୱ ଦେବାକୁ ସବୁ ମହଲରେ ସହମତି ପ୍ରକାଶ ପାଇଛି। ଅପେକ୍ଷା କେବଳ ବିଧିବଦ୍ଧ ଘୋଷଣାକୁ। ଆସନ୍ତା ଜୁଲାଇ ପହିଲାରେ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟମାନଙ୍କ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ପ୍ରକାଶ ହୋଇଥାନ୍ତା। କିନ୍ତୁ ପୁରୀ ଅଘଟଣ ପାଇଁ ଏହାକୁ ପୁଣି ଥରେ ସ୍ଥଗିତ ରଖାଯାଇଛି।

ଗତକାଲି ପୁରୀଠାରେ ଦୁର୍ଭାଗ୍ୟଜନକ ଘଟଣା ଘଟିଯାଇଛି, ଯେଉଁଥିରେ ୩ ଜଣ ଶ୍ରଦ୍ଧାଳୁ ପ୍ରାଣ ହରାଇବା ସହିତ ଅନେକ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମୃତାହତଙ୍କ ଶେଷକୃତ୍ୟ ହୋଇନାହିଁ। ଏଭଳି ଏକ ଅଭାବନୀୟ ଘଟଣା ସମସ୍ତଙ୍କୁ ମର୍ମାହତ କରିବା ସହ ବିଚଳିତ ବି କରିଛି। ମୃତାହତ ଶ୍ରଦ୍ଧାଳୁଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ ପୂର୍ବକ ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟଙ୍କ ନିର୍ବାଚନକୁ ସ୍ଥଗିତ ରଖାଯାଇଥିବା ରାଜ୍ୟ ନିର୍ବାଚନ ଅଧିକାରୀ ତଥା ସାଂସଦ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି।

ପ୍ରତି ତିନି ବର୍ଷରେ ଥରେ ବିଜେପିରେ ସାଙ୍ଗଠନିକ ନିର୍ବାଚନ ହୋଇଥାଏ। ଏନେଇ ବୁଥ୍ ସ୍ତରରୁ ଆରମ୍ଭ କରି କେନ୍ଦ୍ରୀୟ ସ୍ତର ପର୍ଯ୍ୟନ୍ତ ନିର୍ବାଚନ କରାଯାଏ। ଏଥିମଧ୍ୟରେ ବିଜେପିର ସ୍ଥାନୀୟ ସମିତି, ମଣ୍ଡଳ ସମିତି, ଜିଲ୍ଲା ସମିତି ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି।



ରାଷ୍ଟ୍ରୀୟ ନିର୍ବାଚନ ଅଧିକାରୀ ଡ. କେ. ଲକ୍ଷ୍ମଣଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟମାନଙ୍କ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିଲାଗି ପୂର୍ବାହ୍ନ ୧୧ଟାରେ ନୋଟିସ ଜାରି କରାଯାଇ ଅନ୍ତରୀଣ ମତଦାତାଙ୍କ ସୂଚୀ ଦିଆଯାଇଥିଲା। ବିଭିନ୍ନ ଆପତ୍ତି ଅଭିଯୋଗର ଯାଞ୍ଚ କରାଯିବା ପରେ ଚୂଡ଼ାନ୍ତ ମତଦାତାଙ୍କ ତାଲିକା ପ୍ରକାଶ ପାଇଥିଲା। ଏହି ମତାଦାତାମାନେ ହିଁ ରାଜ୍ୟ ସଭାପତି ଚୟନ କରିବେ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ କହିଥିଲେ। ବିଜେପି ସମ୍ବିଧାନ ଅନୁସାରେ ଏହି ମତଦାତାଙ୍କ ମଧ୍ୟରେ ସାଙ୍ଗଠନିକ ଜିଲ୍ଲା ସଭାପତି, ରାଜ୍ୟ ପରିଷଦ ସଦସ୍ୟ ରହିଥିବା ବେଳେ ୧୦ ପ୍ରତିଶତ ବିଧାୟକ ଓ ସାଂସଦ ମଧ୍ୟ ଅଛନ୍ତି। ରାଜ୍ୟ ସଭାପତି ପଦ ଲାଗି ନିର୍ବାଚନ ପ୍ରକ୍ରିୟା ଆସନ୍ତାକାଲି ପୂର୍ବାହ୍ନ ୧୧ଟାରୁ ୨ଟା ମଧ୍ୟରେ ନାମାଙ୍କନପତ୍ର ଦାଖଲ କରାଯାଇଥାନ୍ତା। ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ ଆପତ୍ତି ଅଭିଯୋଗଗୁଡ଼ିକର ଯାଞ୍ଚ କରାଯିବା ପରେ ଅପରାହ୍ନ ୪ଟାରେ ଅନ୍ତିମ ନାମାଙ୍କନ ତାଲିକା ପ୍ରକାଶ ପାଇବାର ଥିଲା। ସେହିପରି ଜୁଲାଇ ୧ରେ ପୂର୍ବାହ୍ନ ୧୦ଟାରୁ ୧୨ଟା ମଧ୍ୟରେ ମତଦାନ ଅନୁଷ୍ଠିତ ହେବାର ➢ପୃଷ୍ଠା-୬



### କାନ ଡେରିଥା

ଅପାରଗ ହାତେ ଥିଲା
ରଥଯାତ୍ରା
ତେଣୁ ଅଘଟଣ ହେଲା
ଦୁଇଜଣ ଏବେ ଦାୟିତ୍ୱ ଟା
ନେଲେ
ମଲା ଲୋକର କି ଗଲା
ଜଗା ଦାଣ୍ଡେ କିଆଁ ହେଲା...
ସରକାର ସିନା ବୁଝି ବୁଝେଇବେ
ପରିବାର ଭୁଶୁଡିଲା ।

■ ଦେବାଶିଷ

## କ୍ଷୋଭ ପ୍ରକାଶ କଲେ ରାହୁଲ

**ନୂଆଦିଲ୍ଲୀ:** ପୁରୀ ଶରଧାବାଲିରେ ମହାପ୍ରଭୁଙ୍କ ସକାଳ ଦର୍ଶନ ସମୟରେ ଭୀଷଣ ଦଳାଚକଟା ଘଟଣାରେ ପ୍ରାଣ ହରାଇଥିବା ୩ ଜଣ ଭକ୍ତଙ୍କ ପରିବାରବର୍ଗ ପ୍ରତି ଲୋକସଭାରେ ବିରୋଧୀ ଦଳ ନେତା ତଥା ବରିଷ୍ଠ କଂଗ୍ରେସ ନେତା ରାହୁଲ୍ ଗାନ୍ଧି ସମବେଦନା ଜଣାଇଛନ୍ତି। ଏଥିସହ ଏହି ଦୁଃଖଦ ଘଟଣାରେ ଆହତ ହୋଇଥିବା ଭକ୍ତଙ୍କ ଆଶୁ ଆରୋଗ୍ୟ ପାଇଁ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଆଜି ରାହୁଲ୍ 'ଏକ୍ସ'ରେ ଏ ସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି। ➢ପୃଷ୍ଠା-୬





## ଦାରୁବ୍ରହ୍ମ ଜଗନ୍ନାଥ

### ଡଃ ତାପସ୍ୱିନୀ ପାଣିଗ୍ରାହୀ

ଆହେ ଜଗବନ୍ଧୁ ହେ କରୁଣା ସିନ୍ଧୁ
ମିଛମାୟା ଏ ଜଗତ
ହେ ଚକାନୟନ ପ୍ରଭୁ ବିଶ୍ୱପ୍ରାଣ
ତୁମେ ହିଁ ତ ଏକା ସତ୍ୟ...
ତୁମ କରୁଣାରୁ ଚାଲେ ଏ ସଂସାର
ଦିନ ପରେ ହୁଏ ରାତି
ଦୁଃଖୀ ଦୁଃଖ ହାରୀ ମୁକୁନ୍ଦ ମୁରାରୀ
ତୁମେ ତ ଜଗତପତି...
କେଉଁ ପୁଷ୍ପ ଦେଇ ପୂଜିବି ତୁମ୍ଭଙ୍କୁ
ତୁମ୍ଭେ ତ ମୋ ପ୍ରାଣଧନ
କେଉଁ ଚନ୍ଦନରେ ସଜାଇବି ନାଥ
ତୁମେ ମୋ ହୃଦଚନ୍ଦନ...
କେଉଁ ଭୋଗ ପ୍ରଭୁ ଦେବି ମୁଁ ତୁମକୁ
ସବୁ ତ ତୁମରି ଦାନ
କେଉଁ ଅଳଙ୍କାରେ ସଜାଇବି ମୁହିଁ
ତୁମ୍ଭେ ମୋ ହୃଦରତନ...
କେଉଁ ରୂପ ତୁମ ଆଙ୍କିବି ହେ ପ୍ରଭୁ
ଖୋଜେ ମୋ ବେନି ନୟନ
ତୁମେ ହିଁ ସୃଷ୍ଟି ତୁମେ ହିଁ ବିଲୟ
ତୁମେ ହିଁ ସର୍ବ ମହାନ...
ହେ କଳାସାଆନ୍ତ ଅନାଥର ନାଥ
ତୁମ ସୃଷ୍ଟି ଏ ଜଗତ
ଭକ୍ତିର ନୈବେଦ୍ୟ କରେ ପ୍ରଣିପାତ
ଦାରୁବ୍ରହ୍ମ ଜଗନ୍ନାଥ ||

**ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର**
**ବାଲିଆ,ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**



## ଆଦ୍ୟ ସେବକ ଗଜପତି

### ଅନୁପମା ବିଶ୍ୱାଳ

ଧନ୍ୟ ଏ ଉତ୍କଳ ଧନ୍ୟ ଏ ସଂସ୍କୃତି
ଧନ୍ୟ ପ୍ରଭୁ ଜଗନ୍ନାଥ
ସେବା ପରମ୍ପରା ସୁନ୍ଦର ସୁଧାରା
ବହୁଛି ଦେଇ ସୁପଥ।
ପ୍ରଭୁଙ୍କ ସେବକ ସ୍ୱୟଂ ଗଜପତି
ଆଦର୍ଶ ତ୍ୟାଗ ପ୍ରତୀକ
ସେବା ବ୍ରତ ଧର୍ମ ଆଚରଣ କରି
ଦିଅନ୍ତି ଦିବ୍ୟ ମହକ ।
ରଥଯାତରାରେ ବଡଦାଣ୍ଡେ ରହି
କରନ୍ତି ଛେରାପହଁରା
ସୁନା ଝାଡିକାରେ ମାର୍ଜନ ସେ ଦୃଶ୍ୟ
ଆହା କେଡେ ମନୋହରା।
ଦେଖିବା ଲୋକ ଯେ ଦେଖେ ଏକଲୟେ
ନପଡ଼େ ଆଖି ପଲକ
ପ୍ରଭୁଙ୍କ ସେବାରେ ମନ ଲାଖିଯାଏ
ବହେ ଆନନ୍ଦ ଲୋତକ।
ଶୁକ୍ଳ ବର୍ଣ୍ଣ ବସ୍ତ୍ର ପରିଧାନ କରି
ରାଜବେଶେ ସୁସଜ୍ଜିତ
ସହାସ୍ୟ ବଦନେ ଝାଡୁ କରୁଥାନ୍ତି
ବେନି ନେତ୍ର ଉଲ୍ଲସିତ।
ଚତୁର୍ଦ୍ଦିଗେ ଥାନ୍ତି କେତେ ଯେ ଭକତ
କରନ୍ତି ରାଜାଙ୍କ ଜୟ
ଗଜପତି ହୋଇ ନିଷ୍ଠା ସହକାରେ
ପ୍ରଭୁ ପାଖେ ତୁମ ଲୟ ।
ଓଡ଼ିଆ ଜାତିର ଚିର ନମସ୍ୟ ହେ
ତୁମେ ଚିର ବନ୍ଦନୀୟ
ସମଗ୍ର ଜଗତେ ଉଡେ ତୁମ ବାନା
ଦୂରାଅ ଯେଣୁ ସଂଶୟ।

## ଅନୁଭୂତିରେ ମୋ ଜଗନ୍ନାଥ



### ଡଃ ଶୁଭେନ୍ଦୁ ମେହେର



ସେଦିନ ତା-୨୭-୦୮-୨୦୨୨ ସନ୍ଧ୍ୟାରେ ବାହାରିଲି ଏକ ସାହିତ୍ୟ ସଭାରେ ଯୋଗ ଦେବାର ନିମନ୍ତ୍ରଣ ପାଇ ପାତାଳି ଶ୍ରୀକ୍ଷେତ୍ରରୁ ପୁରୀ ଶ୍ରୀକ୍ଷେତ୍ର ଯାଉଥିବା ବସରେ।

କୋଣାର୍କରୁ ପ୍ରାୟ ୧୦ କି.ମି. ଦୂରରେ ବାଲି ଦୋକାନରେ ଶ୍ରୀ ଶ୍ରୀ ସତ୍ୟନାରାୟଣ ସାହିତ୍ୟ ସଂସଦର "ଶ୍ରାବଣୀ କନ୍ୟା" ଉତ୍ସବରେ ଯୋଗଦେବା ଉଦ୍ଦେଶ୍ୟରେ। ସକାଳ ପ୍ରାୟ ୬.୨୫ ରେ ପହଞ୍ଚିଲି ପୁରୀ ବସଷ୍ଟାଣ୍ଡରେ। ଟିକେ ସକାଳ ଚା' ପିଇ ନିତ୍ୟକର୍ମ ପାଇଁ ଚାଲିଲି ଶୌଚାଳୟ ଅଭିମୁଖେ। ନିତ୍ୟକର୍ମ ସାରି ପ୍ରସ୍ତୁତ ହୋଇଗଲି ପ୍ରାୟ ୭.୨୦ ରେ। କାକଟପୁର ବସରେ ଚଢ଼ିଲେ ବାଟରେ ପଡିବ ବାଲିଦୋକାନ ଛକ। ସେଠାରୁ ଓହ୍ଲେଇ ପ୍ରାୟ ଦୁଇ କିଲୋମିଟର ଚାଲି ଚାଲି ଯିବାକୁ ହେବ ଅଥବା ଅଟୋ ନେଇ ଯାଇହେବ। ଚଢ଼ିଲି ବସରେ ଆଉ ସ୍ଥାନ ସଂଗ୍ରକ୍ଷଣ କରିନେଲି।ହଠାତ କିଏ ଜଣେ କିଛି କହିଲା ଭଳି ଲାଗିଲା।

ଆରେ..... ପୁରୀ ଆସି କାଳିଆ ଦର୍ଶନ ନ କରି ଚାଲିଯିବୁ !

ମୁଁ ଟିକେ ଚିନ୍ତିତ ହେଲି ! ଏମିତି ବି ଶୀଘ୍ର ୯ ଟାରେ ପହଞ୍ଚି ସେଇଠି କଣ ବା କରିବି।କାର୍ଯ୍ୟକ୍ରମ ତ ୧୦ ଟା ରେ ଆରମ୍ଭ ହେବ। ଓହ୍ଲେଇ ଆସିଲି ବସରୁ.......ଅଟୋ ଧରିଲି ଶ୍ରୀମନ୍ଦିର ଅଭିମୁଖେ।

ସେ ଦିନ ତା-୨୮-୦୮-୨୦୨୨ ରବିବାର ଥିବାରୁ କାଳିଆ ଦର୍ଶନ ପାଇଁ ପ୍ରବଳ ଭିଡ। ପ୍ରଶାସନର ଜୋତା ଷ୍ଟାଣ୍ଡରେ ମୁଁ ବ୍ୟାଗ ଓ ଜୋତା ରଖି ଧାଡିରେ ଛିଡା ହୋଇଗଲି। ପ୍ରାୟ ଦୁଇ ଘଣ୍ଟାର ଅପେକ୍ଷା ପରେ ଦର୍ଶନ ପାଇଲି କାଳିଆଙ୍କୁ। ସେ' ଏକ ଭିନ୍ନ ଅନୁଭୁତି। ଆଗରୁ ଅନେକ ଥର ଆଖି ପୁରାଇ ଦେଖିଛି। ହେଲେ କାଇଁ ଏମିତି କେବେ ତ ହୋଇନି। ତା' ଦର୍ଶନ କରୁ କରୁ ଦୁଇ ଆଖି ଛଳ ଛଳ ହୋଇଗଲା। ଦେହ ଶୀତେଇ ଗଲା। ଲୋମ ମୂଳ ଟାଙ୍କୁରି ଗଲା ଆଉ କିଛି ଗୋଟେ ମୋ' ଭିତରକୁ ପଶି ଆସିଲା ଭଳି ଦିବ୍ୟାନୁଭୁତି ହେଲା।

ଦର୍ଶନ ସାରି ପ୍ରତ୍ୟାବର୍ତ୍ତନ କଲି। ବ୍ୟାଗ ଆଣିଲି ଆଉ ଅଟୋ ଧରିଲି। ବସ ଷ୍ଟାଣ୍ଡରେ ଆସି ପହଞ୍ଚୁ ପହଞ୍ଚୁ କାକଟପୁର ବସ ପାଇଲି। ସତେ ଯେମିତି ବସଟି ମୋତେ ଅପେକ୍ଷା କରିଥିଲା। ଉଠିଲି ବସରେ। ଛାଡିଲା ବସ।

ସେତେବେଳେ ସମୟ ପ୍ରାୟ ଦଶଟା। ମୁଁ ପରିଚାଳକଙ୍କୁ କହିଦେଇଥିଲି କି ! ଆଜ୍ଞା ମୁଁ ବାଲିଦୋକାନ ଛକରେ ଓହ୍ଲାଇବାର ଅଛି। ଏ ରାସ୍ତାରେ ମୁଁ ସମ୍ପୂର୍ଣ୍ଣ ନୂଆ। ଆପଣ ଟିକେ ମନେ ପକାଇ ମୋତେ ଓହ୍ଲାଇ ଦେବେ ଦୟାକରି।

ବାଲିଦୋକାନ ଛକରେ ରଖିବ ବସ ରହିବ ଆଜ୍ଞା। ଆପଣ ବ୍ୟସ୍ତ ହେବାର କିଛି ଆବଶ୍ୟକ ନାହିଁ। କଣ୍ଡକ୍ଟର କହିଲେ।

ସମୟ ପ୍ରାୟ ୧୧.୨୫ ହେବ ବାଲିଦୋକାନ ଛକରେ ବସ ପହଞ୍ଚିଲା। ବସରୁ ଓହ୍ଲେଇଲି ଆଉ ସବୁଆଡ଼େ ଆଖି ବୁଲେଇଲି। ପ୍ରାୟ ଗହଳି ନଥିବା ଛକ ଟିଏ ବାଲିଦୋକାନ ଛକ। ପାଖରେ ପାନ ଦୋକାନ ଟିଏ ଦେଖି ତାଙ୍କ ପାଖକୁ ଗଲି। ପାନ ଦୋକାନୀ ମଉସାଙ୍କୁ ପଚାରିଲି.....!

ମଉସା ପାନ ହବ କି ?

ହେବ ଆଜ୍ଞା।

କୋଡିଏ ଟଙ୍କାର ପାନ ଦିଅନ୍ତୁ !

ଆଜ୍ଞା !!

ପାନ ଭାଙ୍ଗିବାରେ ମଉସା ବ୍ୟସ୍ତ ହେଉ ହେଉ ମୁଁ ପୁଣି ପ୍ରଶ୍ନ କଲି ମଉସା ଏଇ ସତ୍ୟନାରାୟଣ ମନ୍ଦିରକୁ ଯିବାପାଇଁ କିଛି ଗାଡିର ବ୍ୟବସ୍ଥା ଅଛି କି ?

ମଉସା କହିଲେ ନାହିଁ ଆଜ୍ଞା। ସେମିତି କିଛି ଗାଡି ଚାଲୁନି। ଅଟୋ ନେଇ ଯାଇପାରିବେ।

ମୁଁ ହଁ ଭରି ପାନ ଶୀଘ୍ର ଭାଙ୍ଗିବା ପାଇଁ କହିଲି।

ହଠାତ ପଛପଟୁ ଡାକରା ଆସିଲା ..........

ଆଜ୍ଞା ସତ୍ୟନାରାୟଣ ମନ୍ଦିର ଯିବେ ପରା ଆସନ୍ତୁ।

ମୁଁ କିଛି ସମୟ ନିସ୍ତବ୍ଧ ହେଲି ! ଆଜ୍ଞା ହଁ ଭରିଲି ଆଉ ପାନ ଖାଇବାର ନିମନ୍ତ୍ରଣ ରଖିଲି ସେ' ମହାଶୟଙ୍କୁ। ସେ' ମହାଶୟ କିନ୍ତୁ ପାନ କେବେ ଖାଇବାର ଅଭ୍ୟାସ ନଥିବା ପ୍ରକାଶ କଲେ।

ମହାଶୟ ବାରଣ କରିବା ସତ୍ତ୍ୱେ ମୁଁ ପାଖକୁ ଆସିବାର ଅନୁରୋଧ ରଖିଲି। କାରଣ ବାହାରେ ଖରା ପ୍ରବଳ ହେଉଥିଲା।

ସାଧା ସିଧା ମଣିଷ ଟିଏ ! ବୟସ ପ୍ରାୟ ୬୫ ରୁ ଉର୍ଦ୍ଧ୍ୱ ହେବ। ପାଖକୁ ଆସିଲେ ଆଉ ପାନ ଦୋକାନୀ ମଉସାଙ୍କୁ ଗୋଟେ ଲବଙ୍ଗ ମାଗିଲେ।

ଦୋକାନୀ ମଉସାଙ୍କ ପାଖରେ ଲବଙ୍ଗ ସରି ଯାଇଥିବାରୁ ସେ' କିଛି ଅଳେଇଚ ମଞ୍ଜି ସେ' ମହାଶୟଙ୍କ ହାତକୁ ବଢ଼େଇ ଦେଲେ।

ତାପରେ ମୁଁ ପକେଟରୁ କାଢି ଗୋଟେ ଲବଙ୍ଗ ଆଉ ଗୋଟେ ଅଳେଇଚ ଦେଲି।

ଦୋକାନୀ ପାନ ଭାଙ୍ଗି ସାରିଲା ପରେ ମହାଶୟ ସ୍କୁଟି ଷ୍ଟାର୍ଟ କଲେ ଆଉ ଆମେ ଦୁହେଁ ଚାଲିଲୁ କାର୍ଯ୍ୟକ୍ରମ ଆଡକୁ।

ଯିବା ବାଟରେ ମୁଁ ସେ' ମହାଶୟଙ୍କୁ ପଚାରିଲି !

କି' ସାର ଆପଣ କେମିତି ଜାଣିଲେ ଯେ' ମୁଁ ଏ କାର୍ଯ୍ୟକ୍ରମକୁ ଆସୁଛି ବୋଲି ?

ମହାଶୟ ଉତ୍ତରରେ କହିଲେ, ମୋ ଭିତରେ କିଏ ଜଣେ କହିଲା ଭଳି ଅନୁମାନ କରି ମୁଁ ଆପଣଙ୍କୁ କହିଲି। କଥା କେବଳ ସେତିକି ନୁହେଁ। ସେ' ମହାଶୟ ଆମ ଅଞ୍ଚଳ ସହିତ ବେଶ ପରିଚିତ ବ୍ୟକ୍ତିତ୍ୱ। ସେ' ଏ ଅଂଚଳରେ ରହିଛନ୍ତି,ବୁଲିଛନ୍ତି ଆଉ ଲୋକଙ୍କ ସହିତ ମିଶିଛନ୍ତି ମଧ।

ଅନେକ କଥା ମଧରେ ଦୁଇ କିଲୋମିଟର ରାସ୍ତାର ଅବସାନ ଘଟିଲା। କାର୍ଯ୍ୟକ୍ରମରେ ସାମିଲ ହେଲୁ। ଖୁବ ନିଜର ନିଜର ଲାଗିଲେ ସମସ୍ତେ। କାର୍ଯ୍ୟକ୍ରମର ମଝିରେ ପ୍ରସାଦ ସେବନର ପରେ ପରେ ମୁଁ ସଭାପତି ମହୋଦୟଙ୍କୁ କହିଲି କି, ମୁଁ ପ୍ରାୟ ତିନିଟା ସମୟରେ ବହାରିଯିବି ଆଜ୍ଞା। କାରଣ ମୋ' ବସ ପାଞ୍ଚଟା ସମୟରେ ପୁରୀରୁ ବାହାରିବ। ସଭାପତି ମଞ୍ଜୁର କଲେ। ତିନିଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ରେ ରହିଲି।

ମୋର ଅତି ପ୍ରିୟ ବନ୍ଧୁ ଅବିନାଶ ମହାପାତ୍ର, ଭଦ୍ରକଙ୍କୁ ସାହାଯ୍ୟ ମାଗିଲି ସେଇ ବାଲିଦୋକାନ ଛକରେ ମୋତେ ବାଇକରେ ଛାଡି ଦେବାକୁ। ସେ' ମଧ ଉତ୍ସାହ ସହିତ ହଁ ଭରି ବାହାରକୁ ଆସିଲେ ଆଉ ବାଇକରୁ ହେଲମେଟ ଟି କାଢି ଭିତରେ ରଖିବାକୁ ଗଲେ। ସେ' ଆସୁ ଆସୁ ଅପର ପଟରୁ ଗୋଟେ କାର ଆସି କହିଲା...!

ସାର ବସନ୍ତୁ.........!!

ଆପଣ ବାଲିଦୋକାନ ଯିବେପରା !!!

ମୁଁ କାରରେ ବସିଲି କାର ଚାଲିଲା। ବନ୍ଧୁ ଅବିନାଶଙ୍କୁ ଫୋନରେ ମନା କରିଦେଲି ଆଉ କାର୍ଯ୍ୟକ୍ରମ ଅନୁପସ୍ଥିତରୁ ବଞ୍ଚିତ କରିଲି। କାର ଆସି ବାଲି ଦୋକାନରେ ପହଞ୍ଚିଲା ବେଳକୁ ସେ' ପାନ ଦୋକାନୀ ମଉସା ଦୋକାନ ଖୋଲୁଥାନ୍ତି।

ମୋ' ପାଖରେ ପାନ ଥିଲେ ମଧ ଆଉ କୋଡିଏ ଟଙ୍କାର ପାନ ମାଗିଲି। ପାନ ପ୍ରସ୍ତୁତ କରୁ କରୁ ବସ ଆସିଲା ପୁରୀ ଅଭିମୁଖେ। ଚଢ଼ିଲି ଆଉ ପୁରୀ ଆସିଲି। ଠିକ ସମୟରେ ପୁରୀରେ ପହଞ୍ଚି ପାତାଳି ଶ୍ରୀକ୍ଷେତ୍ର ବସରେ ସ୍ଥାନ ସଂଗ୍ରକ୍ଷଣ କରି ପରଦିନ ସକାଳେ ଘରକୁ ଆସିଲି।

ବାସ୍ତବରେ ସତକର୍ମରେ କେବେ ଅସୁବିଧା ହୁଏନି ଏ କଥା ମୁଁ ସେଦିନ ମର୍ମେ ମର୍ମେ ଅନୁଭବ କଲି। ସେ' କାଳିଆର ଉପସ୍ଥିତିକୁ ସବୁବେଳେ ମୁଁ ଅନୁଭବ କଲି। ସେ' ଦିନର ସେ' ସବୁ ସତ୍ୟ କାହାଣୀ ସବୁବେଳେ ମନେ ରହିବ।

ଜୟ ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁମେ ||

**ଯାଲୋଏ, ସୁବର୍ଣ୍ଣପୁର, ମୋବାଇଲ୍: ୯୯୩୮୪୩୩୬୬୪**

## ଦିବ୍ୟ ତ୍ରିରଥ

### ପୁଷ୍ପଲତା ମିଶ୍ର



ତ୍ରେତୟାଯୁଗର କଥା । ପିତୃ ସତ୍ୟ ପାଳନ କରି ପ୍ରଭୁ ଶ୍ରୀ ରାମ ଚନ୍ଦ୍ର ଚଉଦ ବରଷ ବନବାସ କରି ଥିଲେ। ମାତା କୈକେୟୀଙ୍କର ସର୍ତ୍ତ ଥିଲା ଚଉଦ ବର୍ଷ କାଳ ଅର୍ଣ୍ଣ ଭୁଞ୍ଜିବେ ନାହିଁ ଗ୍ରାମେ ରହିବେ ନାହିଁ।ରାମ ରାବଣ ଯୁଦ୍ଧ ସମୟ ରେ ଲଙ୍କ ପତି ରାବଣ ରଥ ରେ ରହି ଯୁଦ୍ଧ କରୁଥାନ୍ତି। ଦେବ ଲୋକ ରେ ବିଚାର ପଡ଼ିଲା ତେଣୁ ଇନ୍ଦ୍ର ମାତଳିକୁ ପଠାଇ ଥିଲେ ରଥ ଦେଇ ଯୁଦ୍ଧ ଭୂମି କୁ ....... । ନନ୍ଦି ଆଉ ଘୋଷ ଏହି ଦୁଇଟି ଶବ୍ଦ ର ମିଶ୍ରଣ ରେ ସୃଷ୍ଟି ହେଇଛି " ନନ୍ଦିଘୋଷ "। ନନ୍ଦି ହେଉଛି ଭଗବାନ ଶିବ ଙ୍କ ର ବାହନ ଓ ଘୋଷ ହେଉଛି ଗର୍ଜନ। ନନ୍ଦି ଙ୍କ ଗର୍ଜନ ରୁ ରଥ ର ନାମ ନନ୍ଦିଘୋଷ ଶବ୍ଦ ଟି ଜଡ଼ିତ। ରାବଣ ବିରୋଧ ରେ ଯୁଦ୍ଧ ଘୋଷଣା କରିବା ପରେ ଭଗବାନ ରାମଙ୍କ ସହ ଥିବା ବାନର ଓ ଭାଲୁକ୍ ମାନେ ଯୁଦ୍ଧ ର ରଣ ନୀତି ପ୍ରସ୍ତୁତ କରିଥାନ୍ତି ।ଏହି ସମୟ ରେ ଇନ୍ଦ୍ର ଦେବତା ମଧ ଭଗବାନ ରାମ ଙ୍କୁ ସହାୟତା କରିବା ପାଇଁ ଚିନ୍ତା କରନ୍ତି। ପ୍ରଭୁ ରାମ ବନବାସୀ ହୋଇଥିବାରୁ ତାଙ୍କ ପାଖରେ ରଥ ନ ଥାଏ। ତେଣୁ ରଥ ଟି ପ୍ରଦାନ କରନ୍ତି ଦେବରାଜ ଇନ୍ଦ୍ର।ହେଲେ ରାବଣ ର ସୈନ୍ୟ ଙ୍କୁ ପରାସ୍ତ କରିବା ରାମ ଙ୍କ ପକ୍ଷେ ସମ୍ଭବ ହୁଏ ନାହି। ଏହି ସମୟ ରେ ବିଷ୍ଣୁ ରୂପୀ ଶ୍ରୀ ରାମ ଙ୍କୁ ସହାୟତା କରିବା ପାଇଁ ଭଗବାନ ଶିବ ନିଜ ବାହନ ନନ୍ଦି କୁ ପ୍ରେରଣ କରନ୍ତି। ନନ୍ଦି ଙ୍କୁ ଧାରଣ କରିବାର ଶକ୍ତି କାହାର ନ ଥିବାରୁ ବିଷ୍ଣୁ ଙ୍କ ସୁଦର୍ଶନ ଚକ୍ର ରେ ସ୍ଥାପିତ ହୁଅନ୍ତି ନନ୍ଦି। ଦୁଇ ମହା ଶକ୍ତି ଏକାଠି ହୁଏ। ସୁଦର୍ଶନ ଙ୍କ ଘୂର୍ଣନ ବେଳେ ନନ୍ଦି ଙ୍କ ଅବସ୍ଥାନ ଯୋଗୁଁ,ନନ୍ଦି ଭୀଷଣ ଗର୍ଜନ କରନ୍ତି। ସେଇ ଗର୍ଜନ ଫଳରେ ରାବଣ ର ଅର୍ଦ୍ଧାଧିକ ସୈନ୍ୟ ପ୍ରାଣ ହରା।ନ୍ତି ଓ ଶ୍ରୀ ରାମ ଙ୍କ ବିଜୟ ପଥ ସୁଗମ ହୁଏ।ତେଣୁ ଇନ୍ଦ୍ର ଙ୍କ ପ୍ରଦତ୍ତ ଏହି ରଥ ର ନାମ ହୁଏ "ନନ୍ଦିଘୋଷ"।

ଶ୍ରୀ ଜଗନ୍ନାଥ ମହା ପ୍ରଭୁ ଙ୍କ ରଥ ର ନାମ ଯେପରି ନନ୍ଦିଘୋଷ ଶ୍ରୀ ବଳଭଦ୍ର ଙ୍କ ରଥ ର ନାମ ସେହି ପରି ତାଳଧ୍ବଜ"। ଏହାର ପଛରେ ଏକ କାହାଣୀ ଅଛି ବଳଭଦ୍ର ଙ୍କ ଦୁଇ ଆୟୁଧ ହେଉଛି ହଳ ଆଉ ମୂଷଳ। ହଳ ବା ଲଙ୍ଗଳ ଅନୁସାରେ ତାଙ୍କ ରଥ ର ନାମ ତାଳଧ୍ୱଜ ହୋଇଛି ।ଅତି ବଡି ଜଗନ୍ନାଥ ଦାସ ଙ୍କ ଓଡ଼ିଆ ଭାଗବତରେ " ତାଳଧ୍ବଜ" ର ଉଲ୍ଲେଖ ଅଛି। ପୁରୀ ରଥ ଯାତ୍ରା ରେ ବଳଭଦ୍ର ଙ୍କ ରଥ ର ନାମ ତାଳଧ୍ବଜ। ଏହାର ନାମ କାହିଁକି ତାଳଧ୍ବଜ ସେ ବିଷୟ ରେ ଜାଣିବା - ବଳରାମ ଙ୍କ ର ପ୍ରିୟ ପାନୀୟ ହେଉଛି " କାଦମ୍ବରୀ" ଏହା ତାଳ ଜାତୀୟ ଏକ ବୃକ୍ଷ ର ଫୁଲ ର କେଶର ପାଖରୁ ଝରୁ ଥିବା ରସ।ଏହି କାଦମ୍ବରୀ ପାଇଁ



ତାଳକେତୁ ନାମକ ଏକ ରାକ୍ଷସ କୁ ବଧ କରିଥିଲେ।ସେହି ରାକ୍ଷସ ର ଶେଷ ଇଛା ରୂପେ ତାଙ୍କ ରଥ ର ଧ୍ବଜ ରେ ଅବସ୍ଥାନ କରିବା ପାଇଁ ଅନୁରୋଧ କରିଥିଲା। ବଳରାମ ତାହାର ଇଚ୍ଛା ପୂରଣ କରିଥିଲେ। ତେଣୁ ତାଙ୍କ ରଥ ର ନାମ ତାଳଧ୍ବଜ ହେଲା। ସ୍କନ୍ଦ ପୁରାଣ ଅନୁସାରେ- ତାଳ କୁ ଆଦର୍ଶ ବା ଦର୍ପଣ ସହ ତୁଳନା କରାଯାଇଛି। ଏହି ଭାବେ ବଳଭଦ୍ର ସୁନିର୍ମଳ ଜ୍ଞାନ ରୂପକ ଦର୍ପଣ ଦ୍ବାରା ଏ ସଂସାର ର ସମସ୍ତ ଜୀବ ଓ ଜଡ ଙ୍କୁ ଦର୍ଶନ କରନ୍ତି। ତାଙ୍କ କର ତଳ ବା ହାତ ପାପୁଲି ରେ ଏହି ନିର୍ମଳ ଦର୍ପଣ ରହିଥାଏ। ଏଥିରୁ ତାଙ୍କ ରଥ ର ନାମ ତାଳଧ୍ବଜ।

"ତାଳଧ୍ୱଜ" ପରି ଦେବୀ ସୁଭଦ୍ରା ଙ୍କ ଦେବଦଳନ ରଥ ର ନାମ ପଛ ରେ ଅନେକ ରହସ୍ୟ ଅଛି - ବାଲ୍ମିକୀ ରାମାୟଣରେ ରାବଣର ରାଜଧାନୀ ସ୍ୱର୍ଣ୍ଣ ଲଙ୍କାର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି "ନିକୁମ୍ଭିଳା" ସେ ବାଟ ମଙ୍ଗଳା ଙ୍କ ପରି ଏକ ଦେବୀ। ରାବଣର ପୁତ୍ର ମେଘନାଦ ଅମର ହେବା ପାଇଁ ନିକୁମ୍ଭିଳା ଦେବୀଙ୍କ ବଟବୃକ୍ଷଠାରେ ଗୋଟିଏ ଯଜ୍ଞ କରିଥିଲେ,ତାହା ଥିଲା ଏକ "ସପ୍ତ ଯଜ୍ଞ",ଏହି ସପ୍ତ ଯଜ୍ଞ ର ସପ୍ତମ ତଥା ଶେଷ ଯଜ୍ଞ ଥିଲା। ମହେଶ୍ୱର,ବ୍ରହ୍ମା ତାକୁ ବର ଦେଇଥିଲେ ଯେ ସେହି ଯଜ୍ଞ ଶେଷ ପରେ ସେଥିରୁ ଗୋଟିଏ ରଥ ବାହାରିବ। ସେଥିରେ ବସି ଯୁଦ୍ଧ କଲେ ତାକୁ କେହି ପରାସ୍ତ କରିପାରିବେ ନାହିଁ। ସେହି ଯଜ୍ଞ ସମ୍ପୂର୍ଣ୍ଣ ହେବା ପରେ ନିକୁମ୍ଭିଳ। ଯଜ୍ଞ କୁଣ୍ଡ ରୁ ମେଘନାଦ କୁ ଗୋଟିଏ ରଥ ମିଳିଲା।ସେଥିରେ ବସି ଯୁଦ୍ଧ କରି ସେ ଇନ୍ଦ୍ର ଓ ଅନ୍ୟ ଦେବତା ଙ୍କୁ ପରାସ୍ତ କରି ଥିଲା। ସେହି ଠାରୁ ତାର ନାମ ଇନ୍ଦ୍ରଜିତ ହେଲା। ବାଲ୍ମିକୀ ରାମାୟଣରେ ଏ ରଥ ର ନାମ ନାହିଁ କିନ୍ତୁ ବଳରାମ ଦାସ ଦାଣ୍ଡି ରାମାୟଣରେ ଏହାର ନାମ ଦେବ ଦଳନ ରଖିଛନ୍ତି। ଶ୍ରୀ ମନ୍ଦିର ସ୍ୱତ୍ୱଲିପିରେ ଦେବୀ ସୁଭଦ୍ରାଙ୍କ ରଥର ନାମ ଦେବ ଦଳନ ବୋଲି କିଛି ଲେଖା ନାହିଁ ସେଠି ଏହି ରଥକୁ ଦେବୀ ରଥ ବା ସୁଭଦ୍ରା ଙ୍କ ରଥ ବୋଲି କୁହା ଯାଇଛି। ସାରଳା ମହାଭାରତ ରେ ଏହାର ନାମ ପଦ୍ମ ଧ୍ବଜ ବୋଲି କୁହାଯାଇଛି। ଥରେ ସୂର୍ଯ୍ୟ ଦେବ ଚନ୍ଦ୍ରଭାଗା କୁ ସ୍ନାନ କରିବାକୁ ଆସି ଥିଲେ ସେଠାରେ ଅର୍କ ବଟ ତଳେ ନିଜର ରଥ କୁ ରଖି ସେ ନଦୀ ରେ ସ୍ନାନ କରିବାକୁ ଗଲେ। ସେଠାରେ ଥିବା ଅର୍କ ଦୈତ୍ୟ ରଥ ଟିକୁ ଗିଳି ଦେଲା। ସୂର୍ଯ୍ୟ ଦେବ ତାହା ଜାଣି ବ୍ରହ୍ମା ଙ୍କୁ ସ୍ମରଣ କଲେ,ସୂର୍ଯ୍ୟ ଦେବଙ୍କର ରଥ ନ ଥିଲେ ସେ ପରିକ୍ରମା କରି ପାରିବେ ନାହିଁ।ତେଣୁ ବ୍ରହ୍ମା ଗୋଟିଏ ଯଜ୍ଞ କଲେ, ସେହି ଯଜ୍ଞ ରୁ ଆଠ ଟି ରଥ ଜାତ ହେଲେ। ସେହି ଆଠ ରଥ ମଧରେ ନନ୍ଦିଘୋଷ, ତାଳଧ୍ୱଜ ଓ ପଦ୍ମଧ୍ୱଜ ରଥ ମଧ ଥିଲେ। ସୂର୍ଯ୍ୟଦେବ ପଦ୍ମ ଧ୍ବଜ ରଥ ରେ ବସି ତାଙ୍କର ପରିକ୍ରମା କଲେ ଓ ଅର୍କ ଦୈତ୍ୟ କୁ ବଧ କରି ନିଜ ରଥ କୁ ପାଇଲେ ଓ ପଦ୍ମ ଧ୍ବଜ ରଥଟିକୁ ବ୍ରହ୍ମା ଙ୍କୁ ଫେରାଇ ଦେଲେ।ପରେ ମହାଭାରତ ର ଖାଣ୍ଡବ ବନ ଦହନ ବେଳେ ବ୍ରହ୍ମା ସେହି ରଥ କୁ ଅର୍ଜ୍ଜୁନ ଙ୍କୁ ଦେଇ ଥିଲେ। ଅର୍ଜ୍ଜୁନ ସେହି ରଥ ରେ ବସି ଯୁଦ୍ଧ କରିଥିଲେ।ପରେ ସେ ଦେବୀ ସୁଭଦ୍ରାଙ୍କ ରଥରେ ସାରଥୀ ହୋଇଥିଲେ। ସେ ଦୃଷ୍ଟି ରୁ ଦେବୀ ସୁଭଦ୍ରା ଙ୍କ ରଥ ପଦ୍ମଧ୍ୱଜ।।

**ଭୁବନେଶ୍ୱର, ୯୩୩୮୨୯୪୬୫୭**



## ଚାଳଘର

### ଡ ଚନ୍ଦ୍ରକଳା ନାୟକ

ମୋ ନୁଆଁଣିଆ ଚାଳଘର
ଦିଶଇ ସତେ କେଡେ ସୁନ୍ଦର
ଘରେ ଅଛନ୍ତି ବାପା ବୋଉ
ପୁଅ ବୋହୁ ଦୂରେ ରହି ସାରୁଛନ୍ତି
ଦାଉ ।
ତାଙ୍କ କଥା ବୁଝିବାକୁ କେହି ନାହିଁ
ପେଟରେ ଦାନାଟିକେ ବି ତ
ପଡିନାହିଁ
ଅନ୍ତୋଦୟ ଚାଉଳ ତ ମିଳେ
ସରକାର ଭତ୍ତା ଟଙ୍କାରେ ବି ସେ
ଚଳେ ।
ବୁଝିବାକୁ ଅନ୍ତରର କଷ୍ଟ ପାଖରେ
କେହି ନାହିଁ
କେବଳ ମୋ ନଡା ଛପର
ଚାଳଘରର ଛାଇ
ବାପାଙ୍କ ଆଖିକୁ ଆଉ ଦିଶୁନାହିଁ
ବୋଉର ହାତଗୋଡ ବି ଆଉ
ଚଳୁନାହିଁ
ତଥାପି ମନରେ ବାନ୍ଧିଛନ୍ତି ଆନ୍ତ
ବୃଦ୍ଧ ବୟସରେ ବଂଚିବାଟା
ସତରେ ଯେ କେତେ କଷ୍ଟ ।
ବାପା କରନ୍ତି ଚାଷବାସ
ବୋଉ ଆରେ ଚୁଲିମୁଣ୍ଡେ ବାସ
କିଏ ବା ବୁଝିବ ଦୁଃଖ ଆମର
ପାଖରେ ନାହିଁ ତ ମୋ ପ୍ରୀୟ
ସଂସାର
କେବଳ ଅଛି ମୋ ପ୍ରୀୟ ନଡା
ଛପର ଚାଳଘର ।
ସକାଳୁ କୁମ୍ଭାଟୁଆ ଆସି
ଚାଳଘରକୁ ଦିଏ ଆଉଁସି
ବିସ୍ଥାପନର ଡର ବି ନାହିଁ
ମଣିଷଠାରୁ ଜୀବନରେ ତଡା
ଖାଇବାର ପାଇଁ
ଦିନକୁ ଦିନ ଦୁଃଖ ବଢେ
ତଥାପି ସପନ ବାଟ କାଢେ ।
ସେଇଠି ବି ତ ସପନ ବୁଣଇ
ସୁରୁଜ
ଦୁହିଁଙ୍କ ଆଖିରେ ଅସରନ୍ତି ରଙ୍ଗର
ମୁରୁଜ
ଅଛି ଯଦି ମୋ ନଡା ଛପର
ଚାଳଘର
ଶେଷ ଯାଏଁ ଡରିବାନି କାହାକୁ
ପଣ କର ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ**
**ମହାବିଦ୍ୟାଳୟ ଛଡିଆ**
**ଯାଜପୁର, ମୋବାଇଲ୍:**
**୯୪୩୭୯୫୭୬୧୭**

## କଳାକାଞ୍ଚନ ହେ

### ବାସନ୍ତୀ ଦାସ

କଳାକାଞ୍ଚନ ହେ ଦୁଃଖନାଶନ
ପ୍ରଣାମ ମୋହର ଘେନ
ଚନ୍ଦ ନକର୍ପୂର ଗୋଳି ତୁଳସୀ
ପୂଜୁଛୁ ମୁଁ ରାତି ଦିନ
ଭକ୍ତିରସ ଦେଇ କରେ ଗୁହାରି
ମୁଁହିତ ଅଜ୍ଞାନ ଜନ
ନୁହଁନ୍ତି ଏଠି କିଏ କାହାରି ହିଂସାତ ରହିଛି ଭରି
କଳିକାଳ ନିତି ଚାଲେ ଅନତି
କରୁଛୁ ମୁଁ ନିବେଦିନ
ଅଜ୍ଞାନ ଅନ୍ଧାର କରି ବିନାସ
ପ୍ରଭୁ ହେ ପିତବାସ
ରଂତ୍ନସିଂହାସନୁ ଓହ୍ଲାଇ
ଆସଅଧର୍ମପଥରୁ ତୁମେ ଦୂରେଇ ଦିଅ
ଖୋଲିଦିଅ ଚକାନୟନ

**ଉତ୍କଳ ସମ୍ପାଳୀନ, କେନ୍ଦ୍ରାପଡା ଜିଲ୍ଲା**

## ଅପରାହ୍ନର ଛାଇ

### ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ






ଜୀବନ ଗୋଟେ ଯନ୍ତ୍ରଣାର ଅଧାଲେଖା ଦସ୍ତାବିଜ୍। କେବେ କେବେ ସୁଖ ଆସି କବାଟ ବାଡ଼ାଏ। ଭିତରକୁ ଆସେ। କିଛି କାଳ ରହି ଚାଲିଯାଏ। ବୋଧ ହୁଏ ତାହା ଆମର ଯୁବାବସ୍ଥା । ଆମେ ସଫଳତାର ସିଡି ଚଢୁ। ହାସଲ କରୁ ତମାମ ଖୁସି। କିଛି ସ୍ୱପ୍ନ ପୂରଣ ହୁଏ, କିଛି ହୁଏନି। ପୂରଣ ହୋଇ ପାରି ନଥିବା ସେହି ସ୍ୱପ୍ନ ସବୁକୁ ଆମେ ଆମ ଉତ୍ତର ପିଢ଼ିଙ୍କ ମାଧମରେ ପୂରଣ କରିବାକୁ ଚାହୁଁ। ଆମେ ନିଜେ ପାଲଟି ଯାଉ ଗୋଟେ ଗୋଟେ ସିଡି। ମାତ୍ର ଅନେକ ସମୟରେ ସେଇ ଉତ୍ତର ପିଢ଼ି ସଫଳତାର ସେଇ ସିଡ଼ିକୁ ଭୁଲି ଯାଆନ୍ତି। ଭୁଲି ଯାଆନ୍ତି ପିତା ମାତାଙ୍କ ତ୍ୟାଗ ଓ ସଂଘର୍ଷ। ନିଜ ଜୀବନରେ ସେମାନେ ଏତେ ବ୍ୟସ୍ତ ହୋଇ ଯାଆନ୍ତି ଯେ ବେଳେବେଳେ ପିତାମାତାଙ୍କ ଅସ୍ତିତ୍ୱକୁ ହିଁ ଭୁଲି ଯାଆନ୍ତି। ସରକାରୀ ଆକଳନ ଅନୁସାରେ ଭାରତରେ ଥିବା ୫୫୧ଟି ଏନ ଜି ଓ ଦ୍ବାରା ଚାଳିତ ବୃଦ୍ଧାଶ୍ରମରେ ୧୬,୨୯୦ ଅସହାୟ ବୃଦ୍ଧ ବ୍ୟକ୍ତି ରହୁଛନ୍ତି।୨୦୨୩ ସୁଦ୍ଧା ୭୨୮ଟି ବୃଦ୍ଧାଶ୍ରମ ଥିବା ବେଳେ ଏହା ଦୃତ ଗତିରେ ବୃଦ୍ଧି ପାଉଛି। ମାତ୍ର ଏହା ବାହାରେ ହଜାର ହଜାର ବୟସ୍କ ଓ ବୃଦ୍ଧ ବ୍ୟକ୍ତି ଅସହାୟ ଅବସ୍ଥାରେ ଅଛନ୍ତି। ଗାଆଁ ହେଉ କି ସହର ପିଲାମାନଙ୍କ ଦ୍ବାରା ଅବହେଳିତ ହେଉଛନ୍ତି ଅନେକ ପିତାମାତା । ଯଦିଓ ପାଶ୍ଚାତ୍ୟ ଦେଶ ମାନଙ୍କ ତୁଳନାରେ ଏହା କମ୍, ଭାରତୀୟ ମୂଲ୍ୟବୋଧ ଓ ପରମ୍ପରା ଅନୁସାରେ ଏହା ବହୁ ଅଧିକ।

ପୂର୍ବ କାଳରେ ଭାରତରେ ସଂଯୁକ୍ତ ପରିବାରର ବ୍ୟବସ୍ଥା ପ୍ରଚଳିତ ଥିଲା । ପାରିବାର ଚଳାଇବା ଦାୟିତ୍ବ ପୁରୁଷ ମାନଙ୍କର ଥିବା ବେଳେ ନାରୀମାନେ ଗୃହ କର୍ମରେ ଲିପ୍ତ ରହୁଥିଲେ। ଶାଶୁ, ଶ୍ବଶୁର, ଜେଜେ ବାପା, ଜେଜେ ମାଆଙ୍କ ସେବା ଯତ୍ନ କରିବା ପାଇଁ ନୂଆ ପିଢ଼ି ପ୍ରସ୍ତୁତ ରହୁଥିଲେ। ଧିରେ ଧିରେ ଶିକ୍ଷାର ପ୍ରସାର ହେବା ପରେ ନାରୀ ପୁରୁଷ ସଭିଏଁ ଉପାର୍ଜନକ୍ଷମ ହେଲେ। ଗୃହକର୍ମର ଚାପ ସହ ବୟସ୍କ ବ୍ୟକ୍ତିଙ୍କ ଦାୟିତ୍ବ ତେଣିକି ବୋଝ ମନେ ହେଲା। ଏହାର ଅନ୍ୟ ଏକ କାରଣ ମଧ ସହରାଭିମୁଖି ହେଉଥିବା ନବ ପିଢ଼ି। ସଂଯୁକ୍ତ ପରିବାର ବଦଳି ଛୋଟ ପରିବାର, ସୁଖୀ ପରିବାର ହେଲା ଓ ସଭିଏଁ ସହରରେ ନିଜର ପରିବାର ନେଇ ଚଳିବାକୁ ଚାହିଁଲେ। ସହରରେ ଦୃତ ଆର୍ଥିକ କଷ୍ଟ ଭୋଗ ଓ ଜାଗାର ସ୍ୱଳ୍ପତା କାରଣରୁ ଅନେକେ ପିତାମାତା ବା ବୟସ୍କ ମାନଙ୍କୁ ସାଙ୍ଗରେ ଆଣିବାକୁ ଉଚିତ୍ ମଣିଲେ ନାହିଁ। ଫଳରେ ନିଜ ଜାଗାରେ ଅବହେଳିତ ଅବସ୍ଥାରେ ପଡ଼ି ରହିଲେ ବୟସ୍କମାନେ।

ଏହା କେବଳ ଗାଆଁର କଥା ନୁହେଁ। ବଡ଼ ସହରର ଆଧୁନିକ ପିତା ମାତା ମଧ୍ଯ ସମାନ ଦଶା ଭୋଗୁଛନ୍ତି। କିନ୍ତୁ ଏମାନଙ୍କ ଅବସ୍ଥା ଅଜାଗା ଘା ପରି। ନା ଦେଖି ହୁଏ ନା ଦେଖେଇ ହୁଏ। କାରଣ ଆପଣାର ଉଚ୍ଚାଭିଳାଷ ପାଇଁ ଏମାନେ ପିଲା ମାନଙ୍କୁ ଉଡ଼ା ଚଢ଼େଇ ପରି ଉଡ଼େଇ ଦେଇ କୁହନ୍ତି ଯା, ଉଡ଼ି ଯା! ସାରା ଆକାଶ ତୋର। ସେ ପକ୍ଷୀ ଭୁଲିଯାଏ ନିଡ଼ର ଠିକଣା। ଏଇଠି ଲୋକପ୍ରିୟ ଚଳଚିତ୍ର ବାଗବାନ ମନେ ପଡ଼େ। ମନେପଡେ କିପରି ସହରୀ ଜୀବନର ବ୍ୟସ୍ତ ବହୁଳତା ଭିତରେ ପିତା ମାତା ଅପାଙ୍କ୍ତେୟ ହୋଇ ପଡିଛନ୍ତି। ଏପରିକି ସହରରେ ରହୁଥିବା ପିତା ମାତାଙ୍କ ପିଲାମାନେ ବିଦେଶରେ ରହୁଥିବା ବେଳେ ଘର ଭଡ଼ା ଲଗାଇ ପିତା ମାତାମାନେ ସଖ୍ୟ ଖୋଜୁଥିବାର ଦେଖା ଯାଉଛି। ଅଚାନକ କାହାର ମୃତ୍ୟୁ ହୋଇ ଗଲେ ସେ ବାସି ମଡ଼ା ହୋଇ ପଡ଼ି ରହୁଛି ବିଦେଶ ଫେରନ୍ତା ପୁଅର ମୁଖାଗ୍ନି ଟିକକ ପାଇବା ପାଇଁ।

ତେବେ ଏହାର ସମାଧାନ କଣ। ଆମେ କଣ ତେବେ ଆମର ସେବା ଯତ୍ନ ପାଇଁ ପିଲା ମାନଙ୍କ ଉଡୁଥିବା ଡେଣାକୁ କାଟି ଦେବା? ନା! ବରଂ ନିଜକୁ ଏପରି ପରିସ୍ଥିତି ପାଇଁ ପ୍ରସ୍ତୁତ ରଖିବାକୁ ହେବ। ଏଥିପାଇଁ ମଧ୍ଯ ବୟସରୁ ହିଁ ମାନସିକ ତଥା ଶାରୀରିକ ପ୍ରସ୍ତୁତି ଆବଶ୍ୟକ। ଥରେ ମୋର ଜଣେ ବୟସ୍କା ସହକର୍ମୀ କହିଲେ, ମୋର ପୁଅ ପଚାରୁଛି, ମାମା ତୁମର ଅବସର ପରର ଯୋଜନା କଣ? ତୁମେ ନିଜକୁ କିପରି ବ୍ୟସ୍ତ ରଖିବ? କାରଣ ଆମେ ଦୁଇ ଜଣ କର୍ମଜୀବୀ ହୋଇ ଥିବାରୁ ତୁମକୁ ସମୟ ଦେଇ ପାରିବୁ ନାହିଁ। ସେ ବହୁତ୍ ଚିନ୍ତାରେ ପଡ଼ି ଯାଇଥିଲେ। ଯଦି ବି କେବେ ପୁଅ ପାଖକୁ ଯାଉଥିଲେ ଶୀଘ୍ର ଫେରି ଆସୁଥିଲେ। କାରଣ ତାଙ୍କର ସେବା ଯତ୍ନ ବି ତାକୁ ଦଖଲ ଦେବା ପରି ଲାଗୁଥିଲା। ଏବେ ଏସବୁ ନିତିଦିନିଆ ଘଟଣା ହୋଇ ଗଲାଣି। ତେବେ ଆମକୁ ଆମ ନିଜ ପାଇଁ, ନିଜକୁ ବ୍ୟସ୍ତ ରଖିବା ପାଇଁ ବ୍ୟବସ୍ଥା କରିବାକୁ ହିଁ ପଡ଼ିବ। ସାମାଜିକ ସଂସ୍ଥା, ସାଂସ୍କୃତିକ ଅନୁଷ୍ଠାନ ବା ସାହିତ୍ୟ ସମାବେଶରେ ସାମିଲ୍ ହେବାକୁ ଚେଷ୍ଟା କରିବା ଉଚିତ୍। ଆମେ ଯେ ବୟସ୍କ, ଏପରି ଚିନ୍ତାଧାରା ହିଁ ଆମକୁ ବୟସ୍କ କରି ଦିଏ। ପିଲା ମାନେ ଯେ ଆମର ସବୁ କରିବେ ଏପରି ଆଶା ହିଁ ମୂର୍ଖାମୀ। ନିଜକୁ ଫିଟ୍ ଓ ଖୁସି ରଖିବା ପାଇଁ ବ୍ୟାୟାମ, ସାନ୍ଧ୍ୟ ଭ୍ରମଣ, ସଙ୍ଗୀତ, ଉତ୍ସବ ଆଦିରେ ରୁଚି ରଖିବାକୁ ହିଁ ପଡ଼ିବ। ନିଜ ପାଇଁ କିଛି ଆର୍ଥିକ ବ୍ୟବସ୍ଥା ମଧ୍ଯ ରଖିଥିବା ଜରୁରୀ। ସବୁ କିଛି ପିଲା ମାନଙ୍କୁ ଦେଇ ସାରି ଶୂନ୍ୟ ହସ୍ତରେ ତାଙ୍କୁ ଅପେକ୍ଷା କରିବା ନିଜ ସହ ଛଳନା। ପିଲାମାନେ ସମର୍ଥ ହୋଇ ନିଜ ଗୋଡ଼ରେ ଠିଆ ହୁଅନ୍ତୁ। ପିତା ମାତା ତାଙ୍କୁ ବୋଝ ମନେ ନ ହୁଅନ୍ତୁ। ସମୟ ଅନୁସାରେ ଡାକ୍ତରଙ୍କୁ ଦେଖା କରିବା, ନିଜର ଚେକ୍ ଅପ୍ କରାଇବା ମଧ୍ଯ ଜରୁରୀ। ପ୍ରସିଦ୍ଧ ଇଂରାଜୀ କବି ଜୟନ୍ତ ମହାପାତ୍ରଙ୍କୁ ନବେ ଉପରାନ୍ତେ ମୁଁ କାର୍ଯ୍ୟ କ୍ଷମ ଓ ସୃଜନଶୀଳ ଦେଖିଚି। ସେ ଖୁବ୍ ଯୁବ ସୁଲଭ ଓ ଫିଟ୍ ରହିବାକୁ ଚେଷ୍ଟା କରୁଥିଲେ। ପାଖରେ ଯତ୍ନ ନେବାକୁ ଲୋକ ଥିଲେ ମଧ୍ଯ ସେମାନେ ତାଙ୍କର ପରିବାର ସଦସ୍ୟ ନଥିଲେ। ଭାରତୀୟ ସମ୍ପର୍କଗୁଡ଼ିକ ଆବେଗ ପ୍ରବଣ ହୋଇ ଥିବାରୁ ଦୂରତା ଓ ଅବହେଳା ଆମମାନଙ୍କୁ କଷ୍ଟ ଦିଏ। ମାତ୍ର, ବୈଦିକ ଯୁଗରୁ ଦେଖିଲେ ସୁସ୍ଥ ସମାଜ ପାଇଁ ମନୁଷ୍ୟର ଚାରୋଟି ଅବସ୍ଥା, ଯଥା ବ୍ରହ୍ମଚର୍ଯ୍ୟ, ଗାର୍ହ୍ୟସ୍ଥ, ବାନପ୍ରସ୍ତ ଓ ସନ୍ନ୍ୟାସ କଥା କୁହା ଯାଇଚି। ପିଲାମାନଙ୍କ ବିବାହ ଉପରାନ୍ତେ ସେମାନଙ୍କ ଠାରୁ ଦୂରତା କ୍ରମରେ ବାନପ୍ରସ୍ତ ତଥା ସନ୍ନ୍ୟାସ ବିଧେୟ। କାଳକ୍ରମେ ସମାଜ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି। ଆମେ ପୁରୁଣା ମୂଲ୍ୟବୋଧକୁ ଖୋଜି ନିରାଶ ହେଉଛନ୍ତି। ମାତ୍ର ବଦଳୁଥିବା ସମୟ ସହ ଆମକୁ ବଦଳିବାକୁ ହିଁ ପଡ଼ିବ।

ବେଳେବେଳେ କହିବାକୁ ଅନେକ କିଛି ଥାଏ। ଶୁଣିବା ଲୋକର ଆଗ୍ରହ କି ଇଛା ନଥାଏ। କ୍ରମଶଃ ଆଡେଇ ହେଇ ଯାଉଥିବା ଦୃଷ୍ଟି ଶେଷକୁ ଆଢୁଆଳକୁ ଚାଲି ଯାଏ। ଯାହା ଦିନେ କହିବାକୁ ଥିଲା ତାହା ଚିରଦିନ ପାଇଁ ଅକୁହା ହେଇ ରହି ଯାଏ। ସମୟର ଉଜାଣି ସୁଅରେ ଯେତେବେଳେ ଦୂରେଇ ଯାଇଥିବା ପାଦ ହଳକ ଫେରି ଆସେ, ରିକ୍ତ ବେଳାଭୂମି ଛଡା ତାକୁ ଆଉ କିଛି ମିଳେନି। ଫୁଲ ଫୁଟିବାର ସମୟ ତ ଆଉ ଚିରନ୍ତନ ନୁହେଁ ନା! ତେଣୁ ଜୀବନର ମୂଲ୍ୟବାନ ସମୟକୁ ଉପଭୋଗ କରିବା ଉଚିତ୍। ଆସନ୍ତା କାଲି କେହି ଦେଖି ନାହିଁ। ଜୀବନର ରଙ୍ଗ ମଞ୍ଚରେ ପରଦା ପଡ଼ିବା ଆଗରୁ ନିଜର ଅଭିନୟ ବଳିଷ୍ଠ କରିବା ଚାହି। ସମୟର ସେହି ବେଳାରେ ନିଜର ପଦଚିହ୍ନ ଛାଡ଼ିବା ଚାହି।

**ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ**
**ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪**

# କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଧର୍ମେନ୍ଦ୍ର ସର୍ବାଧିକ ସମୟ

**ଭୁବନେଶ୍ୱର,୨୯।୬:** ୭୮ ବର୍ଷ ଭିତରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ଓଡ଼ିଶାରୁ ପାଖାପାଖି ୩ ଡଜନ ନେତା ସ୍ଥାନ ପାଇଥିବା ବେଳେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ସର୍ବାଧିକ ସମୟ ବିତାଇଛନ୍ତି ଧର୍ମେନ୍ଦ୍ର ପ୍ରଧାନ।



ଦେଶ ସ୍ୱାଧୀନ ହେବା ବେଳେ ଗଢ଼ାଯାଇଥିବା କେନ୍ଦ୍ର ସରକାରରେ ଓଡ଼ିଶାରୁ କେହି ପ୍ରତିନିଧି ନଥିଲେ। ତେବେ ସମ୍ବିଧାନ ଲାଗୁ ହେବା ପରେ ହରେକୃଷ୍ଣ ମହତାବଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରୁ ନେଇ କେନ୍ଦ୍ର କ୍ୟାବିନେଟ୍‌ରେ ଶିଳ୍ପ ଓ ଯୋଗାଣ ବିଭାଗ ଦାୟିତ୍ୱ ଦିଆଯାଇଥିଲା। ଏଠାରେ ଉଲ୍ଲେଖନୀୟ ଯେ ପଣ୍ଡିତ ଜବାହରଲାଲ ନେହରୁଙ୍କ କ୍ୟାବିନେଟ୍‌ରେ ଏହି ବିଭାଗର ମନ୍ତ୍ରୀ ଥିବା ଡ. ଭାରତୀୟ ଜନସଂଘର ଶ୍ୟାମା ପ୍ରସାଦ ମୁଖାର୍ଜୀ ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ ମହତାବଙ୍କୁ ନିଆଯାଇଥିଲା ।

୧୯୫୫ରୁ ୧୯୬୬ ମଧ୍ୟରେ ନିତ୍ୟାନନ୍ଦ କାନୁନ୍‌ଗୋ ଅନ୍ୟୁନ ୪ଥର କେନ୍ଦ୍ର ମନ୍ତ୍ରିମଣ୍ଡଳରେ ରହିଥିବା ବେଳେ ବିଭୁଧେନ୍ଦ୍ର ମିଶ୍ର ବି ଦୁଇଥର ମନ୍ତ୍ରୀ ରହିଥିଲେ । ନନ୍ଦିନୀ ଶତପଥୀ, ଜାନକୀ ବଲ୍ଲଭ ପଟ୍ଟନାୟକ ଓ ବିଜୁ ପଟ୍ଟନାୟକ ଏକାଧିକ ବାର କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବାବେଳେ ସମରେନ୍ଦ୍ର କୁଣ୍ଡୁ, ରବି ରାୟ, ଚୈତନ୍ୟ ପ୍ରସାଦ ମାଝୀ, ଜଗନ୍ନାଥ ରାଓ ଆଦି ବିଭିନ୍ନ ସମୟରେ କେନ୍ଦ୍ରମନ୍ତ୍ରୀ ରହିଛନ୍ତି। ଏମାନଙ୍କ ଛଡ଼ା କାମାକ୍ଷା ପ୍ରସାଦ ସିଂହଦେଓ, ଗିରିଧର ଗମାଙ୍ଗ, ବ୍ରଜମୋହନ ମହାନ୍ତି, ରାମଚନ୍ଦ୍ର ରଥ, ଚିନ୍ତାମଣି ପାଣିଗ୍ରାହୀ ଆଦି ମଧ୍ୟ କେନ୍ଦ୍ର ସରକାରରେ ମନ୍ତ୍ରୀ ଥିଲେ ।

ବିଶ୍ୱନାଥ ପ୍ରତାପ ସିଂହଙ୍କ ସରକାରରେ ଓଡ଼ିଶାରୁ ସର୍ବାଧିକ ୫ ଜଣ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ ଥିଲେ। ଏମାନେ ହେଲେ ନୀଳମଣି ରାଉତରାୟ, ଭାଗେ ଗୋବର୍ଦ୍ଧନ, ଶ୍ରୀକାନ୍ତ ଜେନା, ଭଜମନ ବେହେରା ଓ ଭକ୍ତଚରଣ ଦାସ। ଚନ୍ଦ୍ରଶେଖରଙ୍କ ସରକାରରେ ଭକ୍ତ ଓ ଭାଗେ ବି ମନ୍ତ୍ରୀ ରହିଥିଲେ। ୧୯୯୧ରେ ପିଭି ନରସିଂହ ରାଓଙ୍କ ସରକାରରେ ଗିରିଧର ଗମାଙ୍ଗ, କେପି ସିଂହଦେଓ ଓ କାହ୍ନୁଚରଣ ଲେଙ୍କା ମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଥିଲେ। ୧୯୯୬ର ଏଚ୍‌ଡି ଦେବେଗୌଡ଼ା ସରକାରରେ ଶ୍ରୀକାନ୍ତ ଜେନା, ଦିଲ୍ଲୀପ ରାୟ ଏବଂ ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା କର୍ଣ୍ଣାଟକର ଏସଆର ବୋମାଇ ମନ୍ତ୍ରୀ ହୋଇଥିଲେ। ଗୁଜରାଲ ସରକାରରେ ମଧ୍ୟ ଏମାନେ ରହିଥିଲେ।

ତେବେ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଥମ ପାଳିର ୧୩ଦିନିଆ ସରକାରରେ ଓଡ଼ିଶାର ଜଣେ ବି ସାଂସଦ ମନ୍ତ୍ରୀ ପଦ ପାଇନଥିଲେ। କିନ୍ତୁ ୧୯୯୮ରେ ତାଙ୍କ ଦ୍ୱିତୀୟ ପାଳିର ସରକାରରେ ନବୀନ ପଟ୍ଟନାୟକ, ଦିଲ୍ଲୀପ ରାୟ ଓ ଦେବେନ୍ଦ୍ର ପ୍ରଧାନ କେନ୍ଦ୍ରମନ୍ତ୍ରୀ ଥିବାବେଳେ ୧୯୯୯ର ତୃତୀୟ ପାଳି ସରକାରରେ ନବୀନ, ଅର୍ଜୁନ ଚରଣ ସେଠୀ, ଜୁଏଲ ଓରାମ, ଦିଲ୍ଲୀପ ରାୟ, ବ୍ରଜ ତ୍ରିପାଠୀ ପ୍ରମୁଖ ବିଭିନ୍ନ ପର୍ଯ୍ୟାୟରେ ମନ୍ତ୍ରୀ ହୋଇଥିଲେ। ୨୦୦୪ ଓ ୨୦୦୯ରେ ମନମୋହନ ସିଂହଙ୍କ ସରକାରରେ ଓଡ଼ିଶାରୁ ଜଣେ ଲେଖାଏଁ ରାଷ୍ଟ୍ରମନ୍ତ୍ରୀ ଥିଲେ। ସେମାନେ ହେଲେ ଚନ୍ଦ୍ରଶେଖର ସାହୁ ଓ ଶ୍ରୀକାନ୍ତ ଜେନା।

୨୦୧୪ ନରେନ୍ଦ୍ର ମୋଦି ସରକାରରେ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ ମନ୍ତ୍ରୀ ହୋଇଥିବାବେଳେ ୨୦୧୯ରେ ଧର୍ମେନ୍ଦ୍ରଙ୍କୁ କ୍ୟାବିନେଟ୍ ପାହ୍ୟା ମଧ୍ୟ ମିଳିଥିଲା। ଏହି ସମୟରେ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଶେଶ୍ୱର ଟୁଡୁ ଓ ଅଶ୍ୱିନୀ ବୈଷ୍ଣବ ବିଭିନ୍ନ ପର୍ଯ୍ୟାୟରେ କେନ୍ଦ୍ରମନ୍ତ୍ରୀ ହୋଇଥିଲେ। ୨୦୨୪ ମୋଦିଙ୍କ ତୃତୀୟ ପାଳି ସରକାରରେ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ଓ ଅଶ୍ୱିନୀ ବୈଷ୍ଣବ ପୁଣି କେନ୍ଦ୍ରମନ୍ତ୍ରୀ ହେବାର ସୌଭାଗ୍ୟ ପାଇଛନ୍ତି। ବିଭିନ୍ନ ସମୟରେ କେନ୍ଦ୍ର ସରକାରରେ ଓଡ଼ିଶାକୁ ଶିଳ୍ପ, ବାଣିଜ୍ୟ, ସାଂସ୍କୃତିକ ବ୍ୟାପାର, ପେଟ୍ରୋଲିୟମ୍, ଖଣି, ସୂଚନା ଓ ପ୍ରସାରଣ, ପ୍ରତିରକ୍ଷା, ରେଳ, ବୈଦେଶିକ ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବେସାମରିକ ବିମାନ ଚଳାଚଳ, କୃଷି, ସ୍ୱରାଷ୍ଟ୍ର, ଟେଲି କମ୍ୟୁନିକେଶନ, ଯୁବ ବ୍ୟାପାର, ଖାଦ୍ୟ ପ୍ରକ୍ରିୟାକରଣ, କୋଇଲା, ଆଦିବାସୀ ବ୍ୟାପାର, ଗ୍ରାମ ଉନ୍ନୟନ, ରାସାୟନିକ ସାର, ଶିକ୍ଷା, ଜଳଶକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗମାନ ମିଳିଛି। (ତଥ୍ୟ)

# ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି

**ଭୁବନେଶ୍ୱର, ୨୯।୬ (ସଂଚାର ବ୍ୟୁରୋ) :** ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି । ଘୂର୍ଣ୍ଣିବଳୟ ପ୍ରଭାବରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର । ଶନିବାର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ରବିବାର ସକାଳ ସମୟରେ ଉତ୍ତରପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଘୂର୍ଣ୍ଣିବଳୟ ପ୍ରଭାବରେ ୩ ତାରିଖ ଯାଏଁ ପ୍ରବଳ ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ସମ୍ଭାବନା ରହିଛି।




ସେପଟେ ଆଜି ପାଇଁ ଝଡ଼ବର୍ଷା ନେଇ ୧୬ ଜିଲ୍ଲାକୁ ଚେତାବନୀ ଜାରି ହୋଇଛି । ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ଚେତାବନୀ ଜାରି ହୋଇଛି। ଏହା ବାଦ୍ ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡା, ଦେବଗଡ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତିରେ ଘଡଘଡି ସହ ବର୍ଷା ସମ୍ଭାବନା ନେଇ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ସେହିପରି ଜୁନ୍ ୩୦ ତାରିଖ ସୋମବାର ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡରେ ଅତିପ୍ରବଳ ବର୍ଷା ହୋଇପାରେ । ଦେବଗଡ, ସମ୍ବଲପୁର ଓ ଝାରସୁଗୁଡାରେ ପ୍ରବଳ ବର୍ଷା ସମ୍ଭାବନା ଅଛି ।

## ବନ୍ଦ ରହିବ ମୟୁରଭଞ୍ଜ ଜିଲ୍ଲାର ସମସ୍ତ ସ୍କୁଲ



**ବାରିପଦା:** ଆସନ୍ତାକାଲି ପାଇଁ ମୟୁରଭଞ୍ଜ ଜିଲ୍ଲାରେ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ବନ୍ଦ ରହିବ । ଏନେଇ ଆଜି ଜିଲ୍ଲାପାଳ ହେମକାନ୍ତ ସୟ ଜିଲ୍ଲାର ସମସ୍ତ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ରେଡ ଆଲର୍ଟ ଜାରି କରାଯାଇଥିବାରୁ ତିନିଦିନ ପାଇଁ ଅଙ୍ଗନବାଡି ଓ ଦିନକ ପାଇଁ ସ୍କୁଲ ବନ୍ଦ ରହିବ ବୋଲି ଜଣାପଡିଛି । ଜିଲ୍ଲାର ଅଙ୍ଗନବାଡି କେନ୍ଦ୍ର ସୋମବାର, ମଙ୍ଗଳବାର ଓ ବୁଧବାର ୩ ଦିନ ବନ୍ଦ ରହିବାକୁ ଥିବାବେଳେ ପ୍ରଥମରୁ ଦଶମ ଶ୍ରେଣୀ ଯାଏ କେବଳ ସୋମବାର ପାଇଁ ବନ୍ଦ ରହିବ ବୋଲି ଜଣାପଡିଛି।

**ରଥଯାତ୍ରା ଅଘଟଣ ନେଇ ପ୍ରତିକ୍ରିୟା**

## ଭୁଲ୍ ପରେ ଭୁଲ୍ କରୁଛନ୍ତି ସରକାର: ଅରୁଣ



**ଭୁବନେଶ୍ୱର,୨୯।୬(ସଂଚାର ବ୍ୟୁରୋ):** ଚଳିତ ବର୍ଷ ନନ୍ଦିଘୋଷ ଗଡ଼ିଲାନି। ଦଳଚକଟାରେ ବହୁ ଭକ୍ତ ଆହତ ହେଲେ। ସରକାର ତଥ୍ୟ ଲୁଚାଇଲେ। ଏହାର ପରିଣାମ ସ୍ୱରୂପ ଗତକାଲି ଦଳଚକଟାରେ ତିନି ଜଣ ଭକ୍ତଙ୍କ ମୃତ୍ୟୁ ହେଲା ଓ ଅନେକ ଆହତ ମଧ୍ୟ ହେଲେ। କିନ୍ତୁ ସରକାର କିଛି ଶିଖିବାକୁ ଚାହୁଁନାହାନ୍ତି ବୋଲି କହିଛନ୍ତି ବିରୋଧୀ ବିଜେଡିର ପ୍ରମୁଖ ନେତା ଅରୁଣ କୁମାର ସାହୁ। ସେ କହିଛନ୍ତି ଯେ ଗୋଟିଏ ପଟେ ପୁରୀରେ ଭକ୍ତ ମୃତାହତ ହୋଇଥିବା ବେଳେ ସେତିକିବେଳେ ଦଳର ନେତାଏ ପ୍ରଧାନମନ୍ତ୍ରୀଙ୍କ 'ମନ କୀ ବାତ' ଶୁଣୁଥିଲେ। ଅଘଟଣ ସମୟରେ ମୁଖ୍ୟମନ୍ତ୍ରୀ, ତାଙ୍କ ମନ୍ତ୍ରିମଣ୍ଡଳର ପ୍ରମୁଖ ସଦସ୍ୟ, ମୁଖ୍ୟ ଶାସନ ସଚିବ, ଡିଜି ଆଦି ଡେରା ପକାଇବା କଥା। ରଥଯାତ୍ରାରେ ହୋଇଥିବା ନାନାଦି ବିଭ୍ରାଟ ପାଇଁ ଯଦି ସରକାର ନିଜେ ଦାୟୀ, ତା'ହେଲେ ତୁରନ୍ତ ଇସ୍ତଫା ଦେବା ଦରକାର। ସରକାର କୋଟି କୋଟି ଲୋକଙ୍କ ଭାବାବେଗ ସହ ଖେଳୁଛନ୍ତି। ଗୋଟିଏ ଭୁଲ୍‌କୁ ଲୁଚାଇବାକୁ ଯାଇ ସରକାର ଭୁଲ୍ ପରେ ଭୁଲ୍ କରିଚାଲିଛନ୍ତି। ତେଣୁ ସରକାର ଏବେ ସଚେତନ ହୋଇ ତୁରନ୍ତ ଦୋଷୀଙ୍କୁ ଦଣ୍ଡ ବିଧାନ କରିବା ସହ ୫୦୦୦ କର୍ଡନ୍ ପାସ୍ କାହାକୁ ଦିଆଯାଇଥିଲା, ତା'ର ତଦନ୍ତ କରିବାକୁ ବିଧାୟକ ସାହୁ ଦାବି କରିଛନ୍ତି।

## ବିଭାଗ ମଧ୍ୟରେ ସମନ୍ୱୟ ନାହିଁ: ନିରଞ୍ଜନ

ଚଳିତ ବର୍ଷ ଶ୍ରୀଗୁଣ୍ଡିଚା ରଥଯାତ୍ରାର ଚରମ ବିଶୃଙ୍ଖଳତା ଓ ଶ୍ରଦ୍ଧାଳୁମାନଙ୍କ ମୃତ୍ୟୁ ସମ୍ବାଦ ମୋତେ ଭୀଷଣ ଆଘାତ ଦେଇଛି। ଯେଉଁ ଶ୍ରଦ୍ଧାଳୁମାନେ ମୃତ୍ୟୁବରଣ କଲେ, ସେମାନଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବାକୁ ଭାଷା ନାହିଁ। ଭକ୍ତମାନେ କାହିଁ କେତେ ଦୂରରୁ କଷ୍ଟ ସ୍ୱୀକାର କରି ରଥରେ ତିନି ଠାକୁରଙ୍କୁ ଦର୍ଶନ କରିବାକୁ ଆସିଥିଲେ। ସେମାନଙ୍କୁ ଶୃଙ୍ଖଳିତ ଭାବେ ଦର୍ଶନ କରାଇବାରେ ସରକାର ଅକ୍ଷମ ହେବା ଜାଣି ମୁଁ ଆଶ୍ଚର୍ଯ୍ୟ ହେଉଛି। ସରକାର ଅନଭିଜ୍ଞ, କିନ୍ତୁ ବ୍ୟବସ୍ଥା ତ ଅନଭିଜ୍ଞ ନୁହେଁ। ସେହି ବ୍ୟବସ୍ଥାରେ ସମନ୍ୱୟ ରକ୍ଷା କରି ପ୍ରତିବର୍ଷ ଶୃଙ୍ଖଳାର ସହ ମହାପ୍ରଭୁଙ୍କ ରଥଯାତ୍ରା ସମ୍ପନ୍ନ ହୁଏ। ଚଳିତ ଥରର ଏପରି ଅବ୍ୟବସ୍ଥା ଓ ଅଘଟଣ ଦର୍ଶାଉଛି ଯେ ସରକାରଙ୍କର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ନାହିଁ। କେହି କାହାକୁ ମାନିବା ଅବସ୍ଥାରେ ନାହାନ୍ତି। ଫଳସ୍ୱରୂପ ୩ଟି ଅମୂଲ୍ୟ ଜୀବନ ଗଲା ଓ ଅନେକ ଲୋକ ଆହତ ହେଲେ। ସରକାରଙ୍କ କୁପରିଚାଳନା ଯୋଗୁ ଆମେ ସାରା ବିଶ୍ୱରେ ନିନ୍ଦିତ ହେଲୁ।



ଏଥିପାଇଁ ସରକାର ଉତ୍ତରଦାୟୀ ହୋଇ ଓଡ଼ିଶାର ଜନସାଧାରଣଙ୍କୁ କ୍ଷମା ମାଗିବା ପରିବର୍ତ୍ତେ ରାଜନୈତିକ ବୟାନ ଦେବା ଅତ୍ୟନ୍ତ ଦୁଃଖଦାୟକ କଥା ବୋଲି କହିଛନ୍ତି ପିସିସିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ। ସେ କହିଛନ୍ତି ଯେ ପ୍ରଥମେ ସରକାରର ମୁଖ୍ୟ ଜଗନ୍ନାଥଙ୍କ ପାଖରେ ନିଜର ଅହଂକାର ପାଇଁ କ୍ଷମା ମାଗିଥିବାରୁ ତାଙ୍କୁ ଧନ୍ୟବାଦ। କିନ୍ତୁ ଆଗାମୀ ଦିନରେ ବାହୁଡ଼ା ଯାତ୍ରାଠାରୁ ଆରମ୍ଭ କରି ସୁନାବେଶ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟରେ କିପରି ଶୃଙ୍ଖଳା ରକ୍ଷା କରାଯାଇପାରିବ, ସେ ସମ୍ପର୍କରେ ଅଭିଜ୍ଞ ଲୋକଙ୍କ ସହ ଆଲୋଚନା କରିବା ଉଚିତ ବୋଲି ଶ୍ରୀ ପଟ୍ଟନାୟକ ମତ ଦେଇଛନ୍ତି।

## ସାରା ରାଜ୍ୟରେ ଲଜ୍ଜିତ ହେଲା ଓଡ଼ିଶା: ବିଜୟ

ପୁରୀରେ ଘଟିଥିବା ଦଳାଚକଟା ଓ ତଜ୍ଜନିତ ମୃତ୍ୟୁ ପାଇଁ ଆଜି ସାରା ଦେଶରେ ଓଡ଼ିଶା ଲଜ୍ଜିତ ହୋଇଛି। ଏଥିପାଇଁ ସରକାରଙ୍କ ଅବହେଳା ଓ ଦାୟିତ୍ୱହୀନତା ଦାୟୀ ବୋଲି କହିଛନ୍ତି ବରିଷ୍ଠ ନେତା ବିଜୟ ମହାପାତ୍ର। ସେ କହିଛନ୍ତି ଯେ ସରକାର କୌଣସି ଅଘଟଣକୁ ଗୁରୁତର ସହ ନେବାକୁ ଚାହୁଁନାହାନ୍ତି। ମୁଖ୍ୟମନ୍ତ୍ରୀ ପୁରୀ ବୈଠକରେ ଅହଂକାର ସହ ବିବୃତି ଦେଲେ। ତେଣୁ ସେ ମହାପ୍ରଭୁଙ୍କ ପାଖରେ କ୍ଷମା ମାଗନ୍ତୁ। ରାତି ୧୨ଟା ୨୦ରେ ପହୁଡ଼ ପାଇଁ କିଏ ନିର୍ଦ୍ଦେଶ ଦେଲେ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ପୂର୍ବରୁ ମଧ୍ୟ ରାତି ୨ଟାରେ ପୁରୀକୁ ଭକ୍ତମାନେ ଯାଆନ୍ତି। ତା'ଛଡ଼ା ଅଘଟଣ ସମୟରେ ମାତ୍ର ୩୦ ହଜାର ଭକ୍ତ ଥିଲେ। କିନ୍ତୁ ସେମାନଙ୍କୁ ନିୟନ୍ତ୍ରଣ କରିବା ସକାଶେ ପୁଲିସ୍ ନଥିଲା। ଏସ୍‌ପି ମଧ୍ୟ ଗାଏବ ଥିଲେ। ତେଣୁ ବିଭିନ୍ନ ସମୟରେ ହୋଇଥିବା ପ୍ରସ୍ତୁତି ବୈଠକରେ କିଏ କାହାକୁ ଦାୟିତ୍ୱ ଦେଇଥିଲା, ତାହା ବୁଝାପଡୁନାହିଁ। ଆଇନ ମନ୍ତ୍ରୀ କହୁଛନ୍ତି ତଦନ୍ତ ହେବ। କିନ୍ତୁ ଗତବର୍ଷର ଅବ୍ୟବସ୍ଥାର ରିପୋର୍ଟ ଆଜି ପର୍ଯ୍ୟନ୍ତ ଆସିଲାଣି କି ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି। ଏସବୁ ଅଘଟଣର ତଦନ୍ତ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା କରାଯିବା କଥା। ପୂର୍ବରୁ ତ ସରକାର ଏହା କରିନାହାନ୍ତି, ସଦ୍ୟ ଘଟଣାର ତଦନ୍ତ ଦାୟିତ୍ୱ ଜଣେ ବିଚାରପତିଙ୍କ ଦ୍ୱାରା କରାଇବାକୁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଛନ୍ତି। ସେହିପରି ଅଘଟଣ ପାଇଁ ସେ ପୁରୀର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଦାୟୀ କରିଛନ୍ତି। ଏଥିସହ ୧୯୭୮ରେ ହାଇକୋର୍ଟ ରଥଯାତ୍ରାର ସୁପରିଚାଳନା ପାଇଁ ଜିଲ୍ଲାପାଳ, ଏସ୍‌ପି ଓ ଏଡିଏମ୍‌ଙ୍କୁ ତିନି ରଥ ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ଦେଇଥିଲେ ହେଁ ଚଳିତ ବର୍ଷ ଏହାର ଉଲ୍ଲଙ୍ଘନ କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି।



# ସମାଜ କଲ୍ୟାଣ ମହାସଂଘ'ର ଚାରାରୋପଣ କାର୍ଯ୍ୟକ୍ରମ

**କଟକ,୨୯।୬(ସଂଚାର ବ୍ୟୁରୋ):** ସାମାଜିକ ସଂଗଠନ 'ସମାଜ କଲ୍ୟାଣ ମହାସଂଘ' ପକ୍ଷରୁ ଏହାର ପ୍ରଥମ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଶଙ୍କରପୁର ଆଶୁତୋଷ ମଣ୍ଡପଠାରେ ସମାଜସେବୀ ସୁବ୍ରତ କୁମାର ଶତପଥୀଙ୍କ ଆବାହନରେ ଅନୁଷ୍ଠିତ ସଭାରେ ୫୦ରୁ ଅଧିକ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। 'ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା' କ୍ଷେତ୍ରରେ ମହାସଂଘ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନେଇ ସମସ୍ତେ ମତ ରଖିଥିଲେ। ଏଥିଲାଗି ଆଗାମୀ ଦିନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ୱଚ୍ଛତା କାର୍ଯ୍ୟକ୍ରମ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ୟାରିଅର କାଉନସେଲିଂ କର୍ମଶାଳା ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆଦି ହାତକୁ ନିଆଯିବାକୁ ନିଷ୍ପତ୍ତି ହୋଇଛି। ସାଧାରଣ ସଭା ପୂର୍ବରୁ ମହାସଂଘର ସଦସ୍ୟ ବିଶ୍ୱଜିତ ପାଣି, ପରେଶ ମୁଳିଆ, ସନାତନ ତରାଇ, ସ୍ୱରଜିତ୍ ସାମଲ ପ୍ରମୁଖ ପରିବେଶ ସୁରକ୍ଷାର ବାର୍ତ୍ତା ନେଇ ସ୍ଥାନୀୟ ମାତାମଠ ଅଞ୍ଚଳରେ ଚାରା ରୋପଣ କରିଥିଲେ। ପ୍ରତିବର୍ଷ ରାଜ୍ୟର ବିଭିନ୍ନ ସ୍ଥାନରେ ଚାରା ରୋପଣ କାର୍ଯ୍ୟକ୍ରମ ଜାରି ରଖି ଏହାର ରକ୍ଷଣାବେକ୍ଷଣ କରିବାକୁ ମହାସଂଘ ପକ୍ଷରୁ ପ୍ରତିଜ୍ଞା କରାଯାଇଥିଲା। ଶେଷରେ ଶ୍ରୀ ପାଣି ଧନ୍ୟବାଦ ଦେଇଥିଲେ।




# ଅପରେସନ୍ 'ଯାତ୍ରୀ ସୁରକ୍ଷା'ରେ ଆରପିଏଫ୍‌ର କାର୍ଯ୍ୟାନୁଷ୍ଠାନ



**ଭୁବନେଶ୍ୱର,୨୯।୬(ସଂଚାର ବ୍ୟୁରୋ):** ଅପରେସନ୍ 'ଯାତ୍ରୀ ସୁରକ୍ଷା' ଅନ୍ତର୍ଗତ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାରେ ରେଳ ସୁରକ୍ଷା ବଳ (ଆରପିଏଫ୍) ଡିଟେକ୍ଟିଭ୍ ୱିଙ୍ଗ ପୁରୀର କୋଚିଂ କମ୍ପ୍ଲେକ୍ସରୁ ୬ଜଣିଆ ଅପରାଧୀ ଗ୍ୟାଙ୍ଗକୁ ଗିରଫ କରିଛି। ପୁରୀ ଓ ଖୋର୍ଦ୍ଧା ରୋଡ୍ ସେକ୍ସନ ମଧ୍ୟରେ ଚଳାଚଳ କରୁଥିବା ରାତି ଟ୍ରେନରେ ଡକାୟତି ଷଡ଼ଯନ୍ତ୍ର କରୁଥିବା ସମୟରେ ଏହି ଦଳକୁ ରୋକାଯାଇଛି। ସେମାନଙ୍କଠାରୁ ତଲାସି ପରେ ଆରପିଏଫ୍ ୨୩ଟି ଚୋରା ମୋବାଇଲ୍, ୨୪ ହଜାର ୪୫୦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରିଛି। ଏହିସବୁ ସାମଗ୍ରୀର ମୋଟ ମୂଲ୍ୟ ୭ ଲକ୍ଷରୁ ଉର୍ଦ୍ଧ୍ୱ ହେବ। ପ୍ରାଥମିକ ପଚରାଉଚରା ସମୟରେ ଅଭିଯୁକ୍ତମାନେ ରେଳ ଷ୍ଟେସନ ଓ ଯାତ୍ରୀ ଚଳପ୍ରଚଳ ଅଞ୍ଚଳରେ ମୋବାଇଲ୍ ଫୋନ୍ ଚୋରି କରୁଥିବା ସ୍ୱୀକାର କରିଛନ୍ତି। ଗିରଫ ହୋଇଥିବା ଅପରାଧୀ ଓ ଜବତ ସାମଗ୍ରୀକୁ ପୁରୀର ସରକାରୀ ରେଳବାଇ ପୁଲିସ (ଜିଆରପି)କୁ ହସ୍ତାନ୍ତର କରାଯାଇଛି।

# ଗଜପତି ଗୌରବ ଦିବସ ପାଳିତ

**ଭୁବନେଶ୍ୱର,୨୯।୬(ସଂଚାର ବ୍ୟୁରୋ):** ଓଡ଼ିଶା ଇତିହାସର ପ୍ରବହମାନ ଧାରାରେ ଗଙ୍ଗ ଓ ଗଜପତିଙ୍କ ଶାସନକାଳ ଏକ ଗୌରବମୟ ରାଜତ୍ୱ ତଥା ଦୀପ୍ତିମନ୍ତ ଐତିହ୍ୟର ବାର୍ତ୍ତାବହ ହୋଇଥିଲା। ଗଙ୍ଗ ବଂଶର ପତନ ପରେ ଗଙ୍ଗ ରାଜ୍ୟର ଭିତ୍ତିଭୂମି ଉପରେ ଅଭ୍ୟୁଦୟ ଘଟିଥିଲା ସୂର୍ଯ୍ୟବଂଶୀ ଶାସନ, ଯାହାର ନରପତିମାନେ ଗଜପତି ଉପାଧିରେ ବିଭୂଷିତ ହୋଇଥିଲେ। ବିଶାଳ ହସ୍ତୀବାହିନୀ, ଶକ୍ତି ଓ ପରାକ୍ରମ ଏହି ଉପାଧି ଧାରଣର ମୂଳ ଉଦ୍ଦେଶ୍ୟ ଥିଲେ ମଧ୍ୟ ସୂର୍ଯ୍ୟବଂଶୀ ଶାସନ କାଳରେ ଏଥିରେ ସଂଯୋଜିତ ହୁଏ ରାଜନୈତିକ ପ୍ରତିଷ୍ଠା ଓ ପ୍ରତିପତ୍ତି। ଉତ୍କଳର ସାର୍ବଭୌମ ଗଜପତି କପିଳେନ୍ଦ୍ର ଦେବଙ୍କ ୫୯୦ତମ ରାଜ୍ୟାଭିଷେକ ଦିବସ ପାଳନ ଅବସରରେ ଆଜି ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସହଯୋଗୀ ଅନୁଷ୍ଠାନ 'ଐତିହ୍ୟର ଅନ୍ବେ' ପକ୍ଷରୁ ମିଳିତ ଭାବେ ସ୍ଥାନୀୟ ରାଜ୍ୟ ସଂଗ୍ରହାଳୟଠାରେ ଆଜି ପୂର୍ବାହ୍ନରେ ଆୟୋଜିତ ଗଜପତି ଗୌରବ ଦିବସ ଉତ୍ସବରେ ଅତିଥିଗଣ ମତ ବ୍ୟକ୍ତ କରିଛନ୍ତି। ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁସାହିତ୍ୟିକ ମୋହିନୀ ମୋହନ ମିଶ୍ର ଯୋଗଦେଇ କପିଳେନ୍ଦ୍ର ଦେବଙ୍କ ବିଭିନ୍ନ କୃତୀ ଓ କୃତିତ୍ୱ ଉପରେ ଆଲୋଚନା କରିଥିଲେ। ସେହିପରି ମୁଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ଗଜପତି କପିଳେନ୍ଦ୍ରଦେବଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ। 'ଐତିହ୍ୟର ଅନ୍ବେ' ଗବେଷକ ସୌମ୍ୟରଞ୍ଜନ ପଣ୍ଡା ଓ ଶ୍ୱେତକ ମହାପାତ୍ର ଯୋଗଦେଇଥିବା ବେଳେ ଏକାଡେମୀ ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ସମ୍ମାନିତ ଆଲୋଚକ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ଜୟନ୍ତୀ ଦୋରା ଓ ଲେଖକ ତଥା ଗବେଷକ ନିହାର ନନ୍ଦ ଯୋଗଦେଇ 'ଭାରତୀୟ ରାଜନୀତି ଓ ସମର ନୀତିରେ ଗଜପତି କପିଳେନ୍ଦ୍ର ଦେବଙ୍କ ଅବଦାନ' ଶୀର୍ଷକ ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଅଧିବେଶନ ଆଲୋଚନାଚକ୍ରରେ ସମ୍ମାନିତ ଆଲୋଚକ ଭାବେ ଲିପିତତ୍ତ୍ୱବିଦ୍ ତଥା ଗବେଷକ ଇଂ. ବିଷ୍ଣୁ ମୋହନ ଅଧିକାରୀ ଓ ଲେଖକ ତଥା ଗବେଷକ ଦୀପକ କୁମାର ନାୟକ, ତୃତୀୟ ଅଧିବେଶନ ଆଲୋଚନାଚକ୍ରରେ ସମ୍ମାନିତ ଆଲୋଚକ ଭାବେ ବିଶିଷ୍ଟ ଐତିହାସିକ ପ୍ରଫେସର ନାରାୟଣ ରାଓ, ସୁସାହିତ୍ୟିକ କବି ବାଳମୁକୁନ୍ଦ ଦାସ ଓ ଓଡ଼ିଶୀ ସଙ୍ଗୀତ ଗବେଷକ ପ୍ରତୀକ ପଟ୍ଟନାୟକ ଯୋଗଦେଇଥିଲେ। ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆଳସିଂହ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଦେଇଥିଲେ।




## ସ୍ତ୍ରୀର ହାତ ଶିରା କାଟିଦେଲା ସୈତାନ ସ୍ୱାମୀ

**ବଲାଙ୍ଗିର, ୨୯।୬ (ସଂଚାର ବ୍ୟୁରୋ) :** ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ହଳଦୀ ପଞ୍ଚାୟତ ପାତଲପଡା ଗାଁରେ ହତ୍ୟାକାଣ୍ଡ। ନିଜ ସ୍ତ୍ରୀର ହାତ ଶିରାକୁ କାଟି ହତ୍ୟା କରିଥିବା ଅଭିଯୋଗ । ମୃତକ ଅୟସିନୀ ରଣା ହୋଇଥିବା ବେଳେ ସ୍ୱାମୀ ଟଙ୍କଧର ରଣା ବୋଲି ଜଣାପଡିଛି। କୌଣସି ଘରୋଇ କଳହରୁ ଏଭଳି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି । ସୂଚନାଯୋଗ୍ୟ ଯେ, ଏକ ଧାରୁଆ ଅସ୍ତ୍ରରେ ସ୍ତ୍ରୀର ହାତ ଶିରାକୁ କାଟି ଦେଇଥିଲା ସ୍ୱାମୀ । ଗୁରୁତର ଅବସ୍ଥାରେ ଟିଟିଲାଗଡ଼ ମେଡିକାଲକୁ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି । ଘଟଣା ସମ୍ପର୍କରେ ଖବର ପାଇ ମୁରିବାହାଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତ ସ୍ୱାମୀ ହତ୍ୟାକରି ଫେରାର ମାରିଛି । ତେବେ ଉଭୟ ଟିଟିଲାଗଡ଼ ଏବଂ ମୁରିବାହାଲ ପୋଲିସ ଅଭିଯୁକ୍ତକୁ ବିଭିନ୍ନ ସ୍ଥାନକୁ ଯାଇ ଖୋଜୁଥିବା ସୂଚନା ମିଳିଛି ।

## ପରିତ୍ୟକ୍ତ କୂଅରେ ଭାସୁଛି ଯୁବକଙ୍କ ମୃତଦେହ



**କଣ୍ଟାବାଞ୍ଜି, ୨୯।୬ (ସଂଚାର ବ୍ୟୁରୋ) :** ଘଞ୍ଚ ଜଙ୍ଗଲ ଭିତରେ ମିଳିଲା ମୃତଦେହ । ପରିତ୍ୟକ୍ତ କୂଅ ଭିତରୁ ଉଦ୍ଧାର ହେଲା ମରଶରୀର । ୧୦ ଦିନ ହେବ ନିଖୋଜ ଥିଲେ ଯୁବକ । ଏବେ ରହସ୍ୟ ଘେରରେ ଯୁବକଙ୍କ ମୃତ୍ୟୁ। ବୟସ ବେଶୀ ନୁହେଁ ମାତ୍ର ୨୦ ବର୍ଷର ଥିଲେ କୁଞ୍ଜ ମାଝୀ । ଘରର କୁଳ ନନ୍ଦନ ଥିଲେ । ୧୦ ଦିନ ତଳେ ଘରୁ ଯାଇଥିଲେ ଯେ ଆଜି ତାଙ୍କ ମରଶରୀର ଜଙ୍ଗଲ ଭିତରେ ଥିବା ଏକ ପରିତ୍ୟକ୍ତ କୂଅ ଭିତରୁ ଉଦ୍ଧାର ହୋଇଛି । ସମସ୍ତେ ସ୍ତବ୍ଧ । କେମିତି କୁଞ୍ଜଙ୍କ ମୃତ୍ୟୁ ହେଲା ? ନା କିଏ ଜଙ୍ଗଲ ଭିତରକୁ ଡାକିନେଇ ତାଙ୍କର ଜୀବନ ନେଇଛି ? ଏମିତି କିଛି ସନ୍ଦେହ କରି ହତ୍ୟା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ । ଆଜି କଣ୍ଟାବାଞ୍ଜି ପୁରୁଣା ସିମେଣ୍ଟ ଫ୍ୟାକ୍ଟ୍ରି ଥିବା ଶାଗୁଆନ ଜଙ୍ଗଲ ଭିତରେ ଥିବା ଏକ ପରିତ୍ୟକ୍ତ କୂଅରେ ଜଣେ ଯୁବକଙ୍କ ମୃତଦେହ ମିଳିବା ପରେ ସାରା ଗାଁରେ ଚହଳ ପଡ଼ିଛି । ମୃତକ ଜଣକ ତୁମେର ଚୁଆଁ ଗାଁର କୁଞ୍ଜ ମାଝି ବୋଲି ତାର ପରିବାର ଲୋକ ଚିହ୍ନଟ କରିଛନ୍ତି। କୁଞ୍ଜ ପ୍ରାୟ ୧୦ ଦିନ ତଳେ ଘରୁ ଖାଇ ପିଇ ଅଳ୍ପ ସମୟ ପାଇଁ ବାହାରକୁ ଯାଇଥିଲେ । କିନ୍ତୁ ପାଖାପାଖି ୧୦ ଦିନ ହେବ ତାଙ୍କର ଖୋଜ ଖବର ନଥିଲା। କୁଞ୍ଜ ନିଖୋଜ ଥିବା ନେଇ ତାଙ୍କ ପରିବାର ଲୋକ କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିଥିଲେ । ପୁଅ ନିଖୋଜ ଥିବା ନେଇ ପରିବାର ଲୋକ ଭାଙ୍ଗି ପଡ଼ିଥିବାବେଳେ ହଠାତ ଗାଁରୁ ଯେଉଁ ଖବର ଆସିଲା ତାକୁ ନେଇ ସ୍ଥାଣୁ ପାଲଟି ଯାଇଥିଲେ ଘର ଲୋକେ । ତେବେ ଆଜି କିଛି ଲୋକ କୂଅରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଜାଣିବା ପରେ କୁଞ୍ଜଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକ ଆସି କୁଞ୍ଜଙ୍କ ମୃତଦେହ ଚିହ୍ନଟ କରିଥିଲେ । କୁଞ୍ଜଙ୍କ ମୃତଦେହ ଦେଖି ଅବାକ ହୋଇଯାଇଥିଲେ ଘର ଲୋକେ । ସୁସ୍ଥ ପିଲାଟା ତାଙ୍କର ଖାଇ ପିଇ ଘରୁ ବାହାରିଥିଲା । କିନ୍ତୁ ଏମିତି ଅଚାନକ ପୁଅର ମରଶରୀରକୁ ଦେଖିବେ କେହି କେବେ ଭାବି ବି ନଥିଲେ । କଣ୍ଟାବାଞ୍ଜି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଥିବା ବେଳେ ବଲାଙ୍ଗିରରୁ ସାଇଣ୍ଟିଫିକ ଟିମ୍ ଆସି ପୋଲିସକୁ ତଦନ୍ତରେ ସାହାଯ୍ୟ କରୁଛି । ତେବେ କୁଞ୍ଜର ମୋବାଇଲକୁ ଫୋନ ଆସିବା ପରେ ସେ ଘରୁ ବାହାରି ଆସି ଘରକୁ ଫେରିନଥିବା କହିଛନ୍ତି ପରିବାର ଲୋକେ। କୁଞ୍ଜକୁ ହତ୍ୟା କରାଯାଇଥିବା ନେଇ ତାର ଅଜା ଇନ୍ଦ୍ର ମାଝି ଅଭିଯୋଗ କରିଛନ୍ତି । ଅନ୍ୟ ପକ୍ଷରେ କଣ୍ଟାବାଞ୍ଜି ଏସଡିପିଓ ଅଧିକ ତଦନ୍ତ ଚାଲିଛି ବୋଲି ସୂଚନା ଦେଇଛନ୍ତି ।

## ସିରିଜ ସଡ଼କ ଦୁର୍ଘଟଣା , ୯ ଗୁରୁତର




**ବଣାଇ,୨୯।୬(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡା ୧୪୩ଜାତୀୟ ରାଜପଥ ବଡ ପୁରୁଣାପାଣି ଛକରେ ମର୍ମନ୍ତୁଦ ସିରିଜ ସଡକ ଦୁର୍ଘଟଣା ହୋଇଛି। ରବିବାର ଲହୁଣୀପଡା ସାପ୍ତାହିକ ବଜାରରୁ ଏକ ଅଟୋରେ ଯାତ୍ରୀବାହୀ ନେଇ କପଣ୍ଡ ଗାଁକୁ ଫେରୁଥିଲା । ସେଠାରେ ଏକ କାର ବାରକୋଟରୁ ରାଉରକେଲା ଅଭିମୁଖେ ଦ୍ରୁତଗତିରେ ଯାଉଥିଲା । ସେତେବେଳେ କାରଟି ବଡପୁରୁଣାପାଣି ଛକରେ ପ୍ରଥମେ ଏକ ବାଇକକୁ ଧକ୍କା ଦେଇଥିଲା । ତାପରେ ଅଟୋକୁ ଧକ୍କା ଦେଇଥିଲା ଯାହାଫଳରେ ଅଟୋଟି ରାସ୍ତାକଡ଼କୁ ଓଲଟି ପଡିଥିଲା । ଦୁର୍ଘଟଣା ପରେ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଆହତଙ୍କୁ ଲହୁଣୀପଡା ଡାକ୍ତରଖାନାକୁ ପଠାଯାଇଥିଲା । ସେଠାରେ ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ଦୁଇ ଶିଶୁ ,୬ ଜଣ ମହିଳା ଓ ୩ ଜଣ ପୁରୁଷ ରହିଥିବା ଜଣାପଡିଛି । ଗୁରୁତରଙ୍କୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି । ସେପଟେ ସ୍ଥାନୀୟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# କମିଶନରେଟ ପୁଲିସ ବାର୍ତ୍ତା, ପୁରୀ ଗସ୍ତରେ ବ୍ରେକ୍

**ଭୁବନେଶ୍ୱର, ୨୯।୬ :** ରାଜଧାନୀବାସୀଙ୍କର ପୁରୀ ଗସ୍ତରେ ଆଜି କମିଶନରେଟ ପୁଲିସ୍ ଏକ ପ୍ରକାର ବ୍ରେକ୍ ଲଗାଇଛି। ସହରର ବିଭିନ୍ନ ଟ୍ରାଫିକ ଛକରେ ପୁରୀ ଭିଡ଼ର ପ୍ରଚାର ପରେ ଶ୍ରୀକ୍ଷେତ୍ର ଯିବାକୁ ବାହାରିଥିବା ଲୋକେ ଭୟରେ ନିଜ ନିଜ ଗସ୍ତ କାର୍ଯ୍ୟକ୍ରମ ବାତିଲ କରିଦେଇଛନ୍ତି।

ଆଜି ଅପରାହ୍ନରୁ ସହରର ବିଭିନ୍ନ ଟ୍ରାଫିକ ପୋଷ୍ଟରେ ଲାଗିଥିବା ମାଇକ୍‌ରେ ପୁରୀ ଭିଡ଼ ସଂକ୍ରାନ୍ତରେ ପ୍ରଚାର ହୋଇଥିଲା। ପୁରୀରେ ଲୋକଙ୍କ ଭୀଷଣ ଗହଳି ଯୋଗୁଁ ଭକ୍ତମାନଙ୍କୁ ଦିଅଁ ଦର୍ଶନ ପାଇଁ ଧାଡ଼ିରେ ଦୁଇ ତିନି ଘଣ୍ଟା ଛିଡା ହେବାକୁ ପଡୁଛି, ପାର୍କିଂ ସ୍ଥାନ ଖାଲି ନଥିବାରୁ ଗାଡ଼ିମୋଟର ନେଇ ଯାଉଥିବା ଯାତ୍ରୀମାନଙ୍କୁ ୪/୫ କିମି ଚାଲିକରି ଯିବାକୁ ପଡ଼ିପାରେ। ଯଦି ଆପଣଙ୍କର ଆଜି ପୁରୀ ଯିବାକୁ ଅଛି ତେବେ ତାକୁ ପରବର୍ତ୍ତୀ ଦିନକୁ ଧାର୍ଯ୍ୟ କରନ୍ତୁ।

ସକାଳୁ ସକାଳୁ ଗଣମାଧ୍ୟମରେ ପୁରୀରେ ଦଳାଚକଟାରେ ତିନି ଜଣଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ରାଜଧାନୀବାସୀ କମିଶନରେଟ ପୁଲିସ୍‌ର ଏଭଳି ବାର୍ତ୍ତା ପାଇଥିଲେ। ତେଣୁ ସେମାନେ ଆଉ ପୁରୀ ଯିବାକୁ ସାହସ କରିପାରିନଥିଲେ। ଯେଉଁମାନେ ଗାଡ଼ି ମୋଟର ଭଡ଼ା କରିଥିଲେ, ସେମାନେ ତୁରନ୍ତ ତାହାକୁ ବାତିଲ କରିଥିଲେ। ଦୁଇଚକିଆ ଆରୋହୀମାନେ ବି ଭୟରେ ବାହାରିନଥିଲେ।

ପୂର୍ବରୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଦେଖିବାକୁ ପୁରୀ ଯାଉଥିବା ଭକ୍ତଙ୍କ ଲାଗି ପୁଲିସ୍ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଥିଲା। ଗାଡ଼ିମୋଟର ନେଲେ କେଉଁଠାରେ ରଖିବ ଓ କିଭଳି ଯିବ, ସେଥିପାଇଁ ଏକ ଆପ୍ ବିକଶିତ ହୋଇଥିଲା। ସରକାର ମଧ୍ୟ ରାଜଧାନୀରେ ଚଳାଚଳ କରୁଥିବା ଅନେକ 'ଆମ ବସ'କୁ ପୁରୀମୁହାଁ କରିଛନ୍ତି। ଉଦ୍ଦେଶ୍ୟ ଥିଲା ରାଜଧାନୀରୁ ଲୋକେ ସହଜରେ ପୁରୀ ଗସ୍ତ କରିବେ। ଏହାଛଡା ବିଭିନ୍ନ ଜିଲ୍ଲାରୁ ମଧ୍ୟ ପୁରୀକୁ ସିଧା ଯାତ୍ରା ପାଇଁ ବସ୍‌ଗୁଡ଼ିକୁ ଅସ୍ଥାୟୀ ପାସ୍ ପ୍ରଦାନ କରାଯାଇଛି।

ତେବେ ଆଜି ଛୁଟି ଥିବାରୁ ରାଜଧାନୀର ଅନେକ ସରକାରୀ ଚାକିରିଆ ପରିବାର ସହ ପୁରୀ ଯିବା ପାଇଁ ଯୋଜନା କରିଥିଲେ। ସକାଳବେଳା କାଳେ ଭିଡ଼ ହେବ, ସେଥିପାଇଁ ଖିଆପିଆ ସାରି ଅପରାହ୍ନରେ ପୁରୀ ଯିବା ପାଇଁ ସେମାନେ ପ୍ରସ୍ତୁତ ହୋଇଥିଲେ। ହେଲେ କମିଶନରେଟ ପୁଲିସ୍‌ର ସର୍ତ୍ତକତାମୂଳକ ସୂଚନା ସେମାନଙ୍କୁ ପୁରୀ ଯିବାକୁ ଏକପ୍ରକାର ରୋକିଦେଇଛି। ଏହାବାଦ୍ ଆଜିର ପୁରୀ ଦଳାଚକଟା ସୂଚନା ପାଇବା ପରେ ଅନେକ ସେମାନଙ୍କ ପୁରୀ ଗସ୍ତକୁ ସମ୍ପୂର୍ଣ୍ଣ ବାତିଲ ମଧ୍ୟ କରିଦେଇଛନ୍ତି। ଲୋକେ କହୁଛନ୍ତି, ପୁଲିସ୍ ସୂଚନା ସେମାନଙ୍କ ପୁରୀ ଗସ୍ତରେ ବ୍ରେକ୍ ଲଗାଇଦେଲା।

ଉଲ୍ଲେଖନୀୟ ଯେ ଗତକାଲି ତିନି ରଥ ଗୁଣ୍ଡିଚା ମନ୍ଦିର ସାମ୍ନାରେ ଲାଗିବା ପରେ ଆଜି ଆଡ଼ପ ପହଣ୍ଡି ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ତେଣୁ ଭକ୍ତମାନେ ରଥ ଉପରେ ତିନି ଠାକୁରଙ୍କୁ ଦର୍ଶନ କରିବାକୁ ପୁରୀକୁ ଗତକାଲିଠାରୁ ଛୁଟିଥିଲେ। ରାତିସାରା ରଥ ଆଗରେ ଝିପିଝିପି ବର୍ଷାରେ ସମସ୍ତେ ବସିରହିଥିଲେ। ଭୋର ସମୟରେ ଶ୍ରୀଜିଉମାନଙ୍କ ସମ୍ମୁଖରୁ ପହଡ଼ ହଟିବା ସମୟରେ ଭକ୍ତମାନଙ୍କ ମଧ୍ୟରେ ଠେଲାପେଲା ଆରମ୍ଭ ହୋଇଥିଲା ଓ ଏଥିରେ ତିନି ଜଣ ମୃତ୍ୟୁବରଣ କରିବା ସହ ଅନେକ ଆହତ ହୋଇଥିଲେ। ଏହାପରେ ରାଜ୍ୟ ପୁଲିସ୍ ପ୍ରଶାସନ ସତର୍କ ହୋଇ ଉଠିବା ସହ ଭିଡ଼ ନିୟନ୍ତ୍ରଣ କାର୍ଯ୍ୟରେ ଲାଗିଥିଲା। ରବିବାର ଥିବାରୁ କାଳେ ରାଜଧାନୀରୁ ହଜାର ହଜାର ଲୋକେ ଗାଡ଼ିମୋଟର ଧରି ପୁରୀ ଅଭିମୁଖେ ଛୁଟିବେ, ତାହାକୁ ଦୃଷ୍ଟିରେ ରଖି ରାଜଧାନୀର ବିଭିନ୍ନ ଛକରେ ଏଭଳି ସୂଚନା ଦିଆଯାଇଥିଲା। (ତଥ୍ୟ)

জীবন অমৃত অনুচিন্তা

জୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ସୋମବାର ୩୦ ଜୁନ ୨୦୨୫, ଭୁବନେଶ୍ୱର
Monday 30 June 2025, Bhubaneswar



# ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି

ଦଶ ବର୍ଷ ତଳେ ମହାପ୍ରଭୁଙ୍କ ନବକଳେବରଠାରୁ ଆଜି ପର୍ଯ୍ୟନ୍ତ ଅନେକ ସମୟରେ ବିବାଦ ଏବଂ ବିଶୃଙ୍ଖଳା ଦୃଷ୍ଟିଗୋଚର ହୋଇଆସୁଛି। ମହାପ୍ରଭୁଙ୍କ ଦାରୁ ଚିହ୍ନଟ ପ୍ରକ୍ରିୟାରେ ଫିକ୍ସିଂ ଅଭିଯୋଗରୁ ଆରମ୍ଭ କରି ବ୍ରହ୍ମ ପରିବର୍ତ୍ତନରେ ବିଳମ୍ବ ଏବଂ ଏହାକୁ ନେଇ କିଛି ବିବାଦୀୟ ଦୃଶ୍ୟ ପଦାକୁ ଆସିବା, ସୋସିଆଲ ମିଡିଆରେ ଏହା ଭାଇରାଲ ହେବା ଘଟଣା ବେଶ ଚର୍ଚ୍ଚିତ ହୋଇଥିଲା। ସରକାର ଏଥିଲାଗି ଦୋଷୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ସମ୍ଭବତଃ ସେବାୟତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସରକାର ବା ପ୍ରଶାସନର ସତ୍ସାହସ ନାହିଁ। ତେଣୁ ସେବାୟତମାନେ ମନମାନି କରୁଛନ୍ତି। ଯଦି ସରକାର ଏହା ବିରୋଧରେ କଠୋର ପଦକ୍ଷେପ ନିଅନ୍ତେ ତେବେ ମହାପ୍ରଭୁଙ୍କ ରୀତିନୀତି ପରିଚାଳନାରେ କିଛି ବିଶୃଙ୍ଖଳା ସୃଷ୍ଟି ହୁଅନ୍ତା ନାହିଁ। ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲାଗଲା, କିନ୍ତୁ ମୂଳ ଚାବି ମିଳିଲା ନାହିଁ। ଚାବି କୁଆଡେ ଗଲା, କିଏ ଏଥିପାଇଁ ଦାୟୀ, ତାହା ଆଜି ପର୍ଯ୍ୟନ୍ତ ଜଣାପଡ଼ିଲା ନାହିଁ। ନୂଆ ସରକାର ଆସିବା ପରେ ରତ୍ନଭଣ୍ଡାର ଖୋଲାଗଲା। କିନ୍ତୁ ବର୍ଷେ ହେଲାଣି ଆଜି ପର୍ଯ୍ୟନ୍ତ ରତ୍ନଭଣ୍ଡାର ଅଳଙ୍କାର ଗଣତି ଶେଷ ହୋଇପାରିଲା ନାହିଁ। ସମ୍ଭବତଃ ସରକାରଙ୍କର ଏଥିପାଇଁ ରାଜନୈତିକ ଇଚ୍ଛାଶକ୍ତି ନାହିଁ। ଚଳିତ ବର୍ଷ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ବେଳେ ଅନେକ ବିଶୃଙ୍ଖଳା ଦେଖିବାକୁ ମିଳିଛି। ଏଥିପାଇଁ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ନୈତିକ ଭାବେ ଦାୟୀ। ରଥଯାତ୍ରା ବେଳେ ପୁରୀରେ ନିୟୁତ ନିୟୁତ ଶ୍ରଦ୍ଧାଳୁ ଏକତ୍ରିତ ହେବେ। ଏହା ସମସ୍ତେ ଜାଣନ୍ତି। କିନ୍ତୁ ଭିଡ଼ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯାଇନଥିଲା। ସେଥିପାଇଁ ଅନେକ ମୃତାହତ ହୋଇଛନ୍ତି। ରଥଯାତ୍ରା ଦିନ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଟଣାରେ ବିଳମ୍ବ, ପ୍ରବଳ ଭିଡ଼ ଯୋଗୁଁ ଠେଲାପେଲାରେ ଶହ ଶହ ଲୋକ ଆହତ ହେବା ଏବଂ ରବିବାର ଦିନ ଶରଧାବାଲିରେ ଠେଲାପେଲାରେ ଅଣନିଶ୍ୱାସୀ ହୋଇ ୩ଜଣ ଶ୍ରଦ୍ଧାଳୁ ପ୍ରାଣ ହରାଇବା ଘଟଣା ସମ୍ପର୍କରେ ଚର୍ଚ୍ଚା ହେଉଛି। ସେହିପରି ପୁରୀକୁ ଆସୁଥିବା ୩ଜଣ ଛାତ୍ରୀ ପିପିଲି ନିକଟରେ ଦୁର୍ଘଟଣାରେ ପ୍ରାଣ ହରାଇବା ଘଟଣା ମଧ ଅତ୍ୟନ୍ତ ହୃଦୟ ବିଦାରକ। ବିଶୃଙ୍ଖଳାର ଅନେକ କାରଣ ରହିଛି। ମୁଖ୍ୟ କାରଣ ହେଲା ମାତ୍ରାଧିକ ଭିଡ଼। ଏଥର ଭଲ ପାଣିପାଗ ଯୋଗୁଁ ପୁରୀରେ ଆକଳନଠାରୁ ଅଧିକ ଲୋକ ହୋଇଥିଲେ। ଏହାର ଆଉ ଏକ ବଡ଼ କାରଣ ରହିଛି। ସାଧାରଣ ଭକ୍ତ ମନ୍ଦିରରେ ମହାପ୍ରଭୁଙ୍କୁ ସହଜରେ ଦର୍ଶନ କରିପାରୁନାହାଁନ୍ତି। ତେଣୁ ରଥ ଉପରେ ସହଜରେ ଠାକୁରଙ୍କୁ ଦର୍ଶନ କରିବାର ସୁଯୋଗ ହାତ ଛଡ଼ା କରୁନାହାଁନ୍ତି। ସେଥିପାଇଁ ଏଥର ରଥଯାତ୍ରାରେ ପ୍ରବଳ ଭିଡ଼ ହୋଇଛି। ଭିଡ଼ ନିୟନ୍ତ୍ରଣ ନିମନ୍ତେ ପର୍ଯ୍ୟାପ୍ତ ପୋଲିସ ବ୍ୟବସ୍ଥା ଥିଲେ ମଧ ସେମାନେ ଏଥିଲାଗି ଉପଯୁକ୍ତ ଦିଗଦର୍ଶନ ପାଇ ନାହାଁନ୍ତି। ଆମ ଲୋକମାନେ



ମଧ ଶୃଙ୍ଖଳା କ'ଣ ଜାଣି ନାହାଁନ୍ତି। ସମସ୍ତେ ସ୍ୱାର୍ଥପର ଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି। ସମସ୍ତେ ପ୍ରଥମେ ସେମାନେ କିପରି ସୁବିଧାରେ ଦର୍ଶନ କରିପାରିବେ ସେଥିଲାଗି ପ୍ରୟାସ କରୁଛନ୍ତି। କେହି ଶୃଙ୍ଖଳା କଥା ଚିନ୍ତା କରୁନାହାଁନ୍ତି। ପିପିଲି ନିକଟରେ ମର୍ମନ୍ତୁଦ ଦୁର୍ଘଟଣାରେ ୩ଜଣ ଛାତ୍ରୀ ପ୍ରାଣ ହରାଇବା ବାସ୍ତବରେ ଦୁଃଖଦାୟକ। ଏଥିପାଇଁ ପୋଲିସ ପ୍ରଶାସନ ଦାୟୀ। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ୱାନ ୱେ ଟ୍ରାଫିକ ବ୍ୟବସ୍ଥା ରହିଛି। କିନ୍ତୁ କିଛି ଲୋକ ଅଭ୍ୟାସଗତ ଭାବେ ଜାଣିଶୁଣି ଭୁଲ ରାସ୍ତାରେ ଆସୁଛନ୍ତି। ଫଳରେ ନିୟମିତ ଦୁର୍ଘଟଣା ଘଟୁଛି। ଯଦି ପୋଲିସ ଅନ୍ତତଃପକ୍ଷେ ରଥଯାତ୍ରା ବେଳେ ରାସ୍ତାରେ ଟ୍ରାଫିକ ନିୟମକୁ କଡ଼ାକଡ଼ି କରିଥାଆନ୍ତା ଏବଂ ନିୟମ ଉଲ୍ଲଘଂନକାରୀଙ୍କ ବିରୋଧରେ କାଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାଆନ୍ତା ତେବେ ଏଭଳି ଦୁର୍ଘଟଣା ଘଟିନଥାଆନ୍ତା। କେବଳ ପୁରୀ-ଭୁବନେଶ୍ୱର ରାଜପଥ ନୁହେଁ, ସାରା ରାଜ୍ୟରେ ଏପରି ଘଟଣା ଘଟୁଛି। ଅନେକ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ କିଛି ଗାଡ଼ିଚାଳକ ରାସ୍ତାର ନିୟମ ଭାଙ୍ଗି ଭୁଲ ରୁଟରେ ଯିବା ଆସିବା କରୁଛନ୍ତି। ସେମାନଙ୍କ ପାଇଁ ଅନ୍ୟର ଜୀବନ ଯାଉଛି। କିନ୍ତୁ ପୋଲିସ ନିଦା ବିଷ୍ଣୁ ହୋଇ ବସି ରହୁଛି। ରଥଯାତ୍ରା ଦିନ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ ଟଣା ବିଳମ୍ବିତ ହେବା ଏକ ସାଧାରଣ କଥା। ଅନେକ ସମୟରେ ଏଭଳି ହୋଇଥାଏ। ଗୌତମ ଆଦାନୀଙ୍କ ପାଇଁ ରଥଟଣାକୁ ଜାଣିଶୁଣି ବିଳମ୍ବ କରାଗଲା ବୋଲି ଯାହା କୁହାଯାଉଛି ତାହା ଅଭୂଳକ। ଏହାର କୌଣସି ପ୍ରମାଣ ନାହିଁ। କିନ୍ତୁ ରଥଟଣାରେ କିଛିଟା ବିଶୃଙ୍ଖଳା ହୋଇଛି ସେ କଥା ସ୍ୱୀକାର କରିବାକୁ ପଡ଼ିବ। ଏଥିପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। କିନ୍ତୁ ଏହାକୁ ନେଇ ରାଜନୀତି ସ୍ପୃହଣୀୟ ନୁହେଁ। ରଥଯାତ୍ରା ପୂର୍ବରୁ ଦୀଘାରେ ନିର୍ମିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ମହାପ୍ରଭୁଙ୍କ ସେବାୟତ ଯୋଗ ଦେବା, ଦୀଘାକୁ ଜଗନ୍ନାଥ ଧାମରେ ନାମିତ କରିବା ଏବଂ ସେଠାରେ ବିକ୍ରୀ ହେଉଥିବା ପ୍ରସାଦକୁ ମହାପ୍ରସାଦ ମାନ୍ୟତା ଦେବା ଘଟଣାକୁ ନେଇ ବେଶ ତୁମ୍ବିତୁଡଫାନ ହୋଇଛି। ଏହି ଘଟଣାରେ ମଧ ସରକାର ବା ଶ୍ରୀମନ୍ଦିର ପ୍ରଶାସନ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ସେହିପରି ମହାପ୍ରଭୁଙ୍କ ମୋଦକ ଚୋରୀ ଅଭିଯୋଗ ନେଇ ମଧ ବେଶ କିଛି ଦିନ ଝଡ଼ ବହିଗଲା। ଏହା ଉପରେ କାର୍ଯ୍ୟାନୁଷ୍ଠାନ ଶୂନ। ସାମଗ୍ରୀକଭାବେ ଗୋଟିଏ କଥା ସ୍ୱୀକାର କରିବାକୁ ପଡ଼ିବ ଯେ, ଶୃଙ୍ଖଳିତ ରଥଯାତ୍ରା ପାଇଁ ଏଥର ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରାଯାଇନଥିଲା। ମୁଖ୍ୟମନ୍ତ୍ରୀ ଏଥିପାଇଁ ରାଜ୍ୟବାସୀଙ୍କ ନିକଟରେ, ମହାପ୍ରଭୁଙ୍କ ଭକ୍ତମାନଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି। କିନ୍ତୁ ଏହାକୁ ନେଇ ରାଜନୀତି କଦାପି ସ୍ୱାଗତଯୋଗ୍ୟ ନୁହେଁ। ସରକାରଙ୍କୁ ବିରୋଧୀ ଦଳ ସମାଲୋଚନା କରିବା ସ୍ୱାଭାବିକ। କିନ୍ତୁ ମନଗଢ଼ା କଥା କହିବା ସ୍ୱାଗତଯୋଗ ଯୋଗ୍ୟ ନୁହେଁ। ଆଗକୁ ମହାପ୍ରଭୁଙ୍କର ଆହୁରି ଅନେକ ରୀନୀତି ରହିଛି। ସୁନାବେଶରେ ସିଂହଦ୍ୱାରଠାରେ ୧୫ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଅଛି। ଏହାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଏବେଠାରୁ ଯୋଜନାବଦ୍ଧ ପଦକ୍ଷେପ ନିଆଯିବା ଉଚିତ। ରଥଯାତ୍ରା ପରିଚାଳନା ଏବଂ ଶୃଙ୍ଖଳା ରକ୍ଷାରେ ଯେଉଁମାନେ ନିଜ ଦାୟିତ୍ୱରେ ଅବହେଳା କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଶା ଦୁଇ ଦିନ ଭିତରେ ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରତିଶ୍ରୁତି ରକ୍ଷା କରିବେ।

# ଚତୁର୍ଦ୍ଧାମୂର୍ତ୍ତିଙ୍କ ତିନି ରଥ ନାମକରଣ ଓ ବର୍ଣ୍ଣନ ରହସ୍ୟ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ପ୍ରଥମ ହେଉଛି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ। 'ନନ୍ଦି' ଆଉ 'ଘୋଷ'। ଏ ଦୁଇ ଶବ୍ଦର ମିଶ୍ରଣରେ ସୃଷ୍ଟି ହୋଇଛି ନନ୍ଦିଘୋଷ। 'ନନ୍ଦି' ହେଉଛନ୍ତି ଭଗବାନ ଶିବଙ୍କ ବାହନ ଓ 'ଘୋଷ' ହେଉଛି ଗର୍ଜନ। ନନ୍ଦିଙ୍କ ଗର୍ଜନରୁ ରଥର ନାମ ହୋଇଛି 'ନନ୍ଦିଘୋଷ'। ତ୍ରେତୟା ଯୁଗର ଏକ କଥା ସହ ନନ୍ଦିଘୋଷ ଶବ୍ଦଟି ଜଡ଼ିତ। ରାବଣ ବିରୋଧରେ ଯୁଦ୍ଧ ଘୋଷଣା କରିବା ପରେ ଭଗବାନ ରାମଙ୍କ ସହ ଥିବା ବାନର ଓ ଭଲ୍ଲୁକମାନେ, ଯୁଦ୍ଧର ରଣନୀତି ପ୍ରସ୍ତୁତ କରୁଥାନ୍ତି। ଏହି ସମୟରେ ଇନ୍ଦ୍ର ଦେବତା ମଧ ଭଗବାନ ରାମଙ୍କୁ ସହାୟତା କରିବା ପାଇଁ ଚିନ୍ତା କରନ୍ତି। ପ୍ରଭୁ ରାମ ବନବାସୀ ହୋଇଥିବାରୁ, ତାଙ୍କ ପାଖରେ ରଥ ନ ଥାଏ। ଏଣୁ ରଥଟିଏ ପ୍ରଦାନ କରନ୍ତି ଦେବରାଜ ଇନ୍ଦ୍ର। ହେଲେ ରାବଣର ସୈନ୍ୟଙ୍କୁ ପରାସ୍ତ କରିବା ରାମଙ୍କ ପକ୍ଷେ ସମ୍ଭବ ହୁଏ ନାହିଁ। ଏହି ସମୟରେ ବିଷ୍ଣୁରୂପୀ ଶ୍ରୀରାମଙ୍କୁ ସହାୟତା କରିବା ପାଇଁ ଭଗବାନ ଶିବ ନିଜ ବାହନ 'ନନ୍ଦି'ଙ୍କୁ ପ୍ରେରଣ କରନ୍ତି। ନନ୍ଦିଙ୍କୁ ଧାରଣ କରିବାର ଶକ୍ତି କାହାର ନ ଥିବାରୁ, ବିଷ୍ଣୁଙ୍କ ସୁଦର୍ଶନ ଚକ୍ରରେ ସ୍ଥାପିତ ହୁଅନ୍ତି ନନ୍ଦି। ଦୁଇ ମହାଶକ୍ତି ଏକାଠି ହୁଏ। ସୁଦର୍ଶନଙ୍କ ଘୂର୍ଣ୍ଣନ ବେଳେ ନନ୍ଦିଙ୍କ ଅବସ୍ଥାନ ଯୋଗୁଁ, ନନ୍ଦି ଭୀଷଣ ଗର୍ଜନ କରନ୍ତି। ସେହି ଗର୍ଜନ ଫଳରେ ରାବରଣ ଅର୍ଦ୍ଧାଧିକ ସୈନ୍ୟ ପ୍ରାଣ ହରାନ୍ତି ଓ ଶ୍ରୀରାମଙ୍କ ବିଜୟପଥ ସୁଗମ ହୁଏ। ଏଣୁ ଇନ୍ଦ୍ରଙ୍କ ପ୍ରଦତ୍ତ ଏହି ରଥର ନାମ ହୁଏ 'ନନ୍ଦିଘୋଷ'। ନନ୍ଦିଘୋଷ ରଥର ଅନ୍ୟନାମ ଗରୁଡ଼ ଧ୍ୱଜ, ଚକ୍ରଧ୍ୱଜ, କପିଧ୍ୱଜ । ରଥ ପ୍ରଦାନ କର୍ତ୍ତା ହେଉଛନ୍ତି ଦେବରାଜ ଇନ୍ଦ୍ର। ରଥ ନିର୍ମାଣ କର୍ତ୍ତା ହେଉଛନ୍ତି ବିଶ୍ୱକର୍ମା। ରଥରେ ବ୍ୟବହୃତ କାଠ ସଂଖ୍ୟା ୮୩୧ - ୭୪୨। ଉଚ୍ଚତା : ୪୪ଫୁଟ ୩ ଇଞ୍ଚ ( ୩୩ ହାତ ୫ ଆଙ୍ଗୁଳି )। ଚକ ସଂଖ୍ୟା : ୧୬ (ଷୋଡଶ ସିଦ୍ଧି ଅନୁପାତରେ )। ଚକ ଅର : ୧୬, ଚକ ବ୍ୟାସ : ୭ ଫୁଟ, ଆବରଣ : ପୀତ ଲୋହିତ, ଅଧୀଶ୍ୱର : ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀ ମଦନମୋହନ, ଭଦ୍ରପୀଠ ର ଆକାର : ଅଷ୍ଟାଦଳ ପଦ୍ମାକୃତି,, ଆୟୁଧ : ଚକ୍ର ଓ ଶଙ୍ଖ, ସାରଥୀ : ଦାରୁକ, ରଥ ରକ୍ଷକ : ଗରୁଡ଼ ଓ ଇନ୍ଦ୍ର, ରଥ ଦେବତା : ନୃସିଂହ, ରଥ ଦେବୀ : ଯୋଗମାୟା, ରଥ ଶକ୍ତି : ବିମଳା ଓ ବିରଜା, ରଥ ଭୈରବ : ଏକପାଦ, ରଥ ଶିରରେ : କଲ୍ୟାଣ ସୁନ୍ଦର, ରଥ ପାଳକ : ଭୈରବ , ନୃସିଂହ , ଗରୁଡ଼ , ବାସୁଦେବ । ରଥ ଯକ୍ଷ : ହର୍ଯ୍ୟାକ୍ଷ, ଦଉଡ଼ି ନାମ : ଶଙ୍ଖଚୂଡ଼, ଅଶ୍ୱ ସଂଖ୍ୟା ଚାରି : ଶଙ୍ଖ , ବଳାହକ , ଶ୍ୱେତ , ହରିଦ୍ୱାଶ । ଗନ୍ଧର୍ବ : ବୈଧୃତି, ନେତର ନାମ : ତ୍ରିଲୋକ୍ୟ ମୋହିନୀ, ଦ୍ୱାରପାଳ : ଜୟ ଓ ବିଜୟ, ରଥ ପ୍ରତିହାର : କୁମୁଦ ଓ କମୁଦାକ୍ଷ, ଋଷି ପଟାରେ ଋଷି : ନାରଦ , ଦେବଳ , ବ୍ୟାସ , ଶୁକଦେବ , ପରାଶର , ବିଶିଷ୍ଟ , ବିଶ୍ୱାମିତ୍ର ଓ ମାର୍କଣ୍ଡେୟ। ଦଧିନଉତି : ହିରଣ୍ୟ ଗର୍ଭ, ମୂର୍ଦ୍ଧାରେ : କେତୁ ଭଦ୍ରା, ଚର ଦେବତା : ବରାହ ଓ ନୃସିଂହ। ଚାରଣ : ନଳ ଓ କୁବେର, ଗର୍ଭଧୀଶ୍ୱର। ଅଷ୍ଟ ଶକ୍ତି: ହିରଣ୍ୟ ଗର୍ଭା , ଉତ୍କର୍ଷଣୀ -କ୍ରିୟା , ଯୋଗ , ଆଜ୍ଞା , ଅନୁଜ୍ଞା , ପ୍ରଜ୍ଞା ଓ ମେଧା। ଧ୍ୱଜାରେ ବିରାଜିତ ସଂକେତ : ହନୁମାନ, ରଥ ର ଶୂନ୍ୟ ଚକ୍ର ନାମ : ସୁଦର୍ଶନ, ଦଧିନଉତି ଉପ ରିସ୍ଥ କଳସତ୍ରୟ : ନଭ , ବ୍ୟୋମ ଓ ଅକାଶ, ରଥର କୁମ୍ଭ : ହିରଣ୍ମୟୀ , ସତ , ଶାନ୍ତି , ଦୟା , କ୍ଷମା ।

ରଥ ରତ୍ନ : ସ୍ପଟିକ, ବ୍ରହ୍ମ ସଦନର ଉଭୟ ପାର୍ଶ୍ୱସ୍ଥ ଉପାସକ : ବ୍ରହ୍ମା ଓ ଇନ୍ଦ୍ର, ଓଲଟ ଶୁଆ : ଜୀବ ଓ ପରମ, ରଥ ପୀଠ : କନକ ମଞ୍ଚା, ପୀଠର କ୍ଷେତ୍ର ଫଳ : ୩୫ ବର୍ଗ ଫୁଟ, ଚନ୍ଦ୍ର ତାପ : କନକ ମୁଣ୍ଡାଇ, ରଥାଧିପ : ବୈନତେୟ, ରଥା ସୀନ ଅପସରା : ସମ୍ମୁଖ - ଉର୍ବଶୀ ଓ ଫୁଲ ମୋଚି, ପୃଷ୍ଠ ଭାଗ - କନକ ମଞ୍ଜରୀ ଓ କାମମଞ୍ଜରୀ, ବାମ ଭାଗ - ପ୍ରେମ ମଞ୍ଜରୀ ଓ ଚମ୍ପକ ମଞ୍ଜରୀ, ଦକ୍ଷିଣ ଭାଗ - ଅନଙ୍ଗ ମଞ୍ଜରୀ ଓ ଭ୍ରମର ମଞ୍ଜରୀ, ସମ୍ମୁଖ ଦ୍ୱାରର ଚିତ୍ର - କଳ୍ପ ବୃକ୍ଷର ଦୁଇଟି ପତ୍ର, ରଥ ପାର୍ଶ୍ୱ ଦେବତା - ହରିହର, ପଣ୍ଡୁ ନୃସିଂହ, ଗିରି ଗୋବର୍ଦ୍ଧନଧାରୀ, ଚିନ୍ତାମଣି କୃଷ୍ଣ, ଚତୁର୍ଭୁଜ ନାରାୟଣ, ପଞ୍ଚମୁଖି ହନୁମାନ, ରାବଣ ଛତ୍ରଭଙ୍ଗ, ମଧୁସୂଦନ, ରାମ। ୧୬ ଚକର ନାମ - ବିଷ୍ଣୁସିଦ୍ଧ, ବିଭୂତି, ଅଣିମା, ପ୍ରଜ୍ଞା, ଧୀ, ଜ୍ଞାନ, ପ୍ରେମ, ଆଶକ୍ତ, ରତି, କେଳି, ସତ୍ୟ, ସୁସ୍ୱସ୍ତି, ଜାଗୃତି, ତୁରୀୟ, ଆମ, ଓ ନିର୍ବାଣ।

ଦ୍ୱିତୀୟ ରେ ବଡ଼ଠାକୁର ଶ୍ରୀ ବଳଭଦ୍ରଙ୍କ ରଥ ହେଉଛି ତାଳଧ୍ୱଜ ରଥ। ଏପରି ନାମକରଣ ପଛରେ ଦୁଇଟି କଥା ଶୁଣିବାକୁ ମିଳେ। କିଛି ଗବେଷକଙ୍କ ମତରେ 'ତାଳ' ଯୁକ୍ତ 'ଧ୍ୱଜ', ଅର୍ଥାତ୍ ଧ୍ୱଜାରେ ତାଳ ବା ଦର୍ପଣର ଚିହ୍ନ ରହିଥିବାରୁ ଏହାକୁ ତାଳଧ୍ୱଜ କୁହାଯାଏ। ଅନେକ ଗବେଷକ ଏହାର ସମର୍ଥନରେ ଯୁକ୍ତି ବାଢୁଥିଲେ ମଧ ରଥ ନିର୍ମାଣକାରୀ ଦରଜି ସେବକ ରଥ ଧ୍ୱଜାରେ ସେଭଳି କୌଣସି ଛବି ରହୁଥିବା କଥାକୁ ଅସ୍ୱୀକାର କରନ୍ତି। ମହାପ୍ରଭୁ ବଳଭଦ୍ର ଏକ ଦର୍ପଣରେ ସମଗ୍ର ସଂସାରକୁ ଦେଖନ୍ତି ବୋଲି ଶାସ୍ତ୍ର କହୁଥିବାରୁ ଏହା ଗ୍ରହଣ କରାଯାଇପାରେ। ନାମକରଣର ଦ୍ୱିତୀୟ କଥାଟି ପ୍ରଣିଧାନଯୋଗ୍ୟ ମନେହୁଏ। ଦେବତାମାନେ ଏହି ରଥକୁ ବଳଭଦ୍ରଙ୍କୁ ତାଳବଣରେ ପ୍ରଦାନ କରିଥିବାରୁ ଏହାର ନାମକରଣ ଏପରି ହୋଇଛି।ତାଳଧ୍ୱଜ ରଥର ଅନ୍ୟ ନାମ ହେଲା ହଳଧ୍ୱଜ ଓ ଲଙ୍ଗଳଧ୍ୱଜ। ବ୍ୟବହୃତ କାଠ ସଂଖ୍ୟା : ୭୩୧, ଉଚ୍ଚତା : ୪୫ ଫୁଟ ( ୨୨ ହାତ), ଚକ ସଂଖ୍ୟା : ୧୪, ଆବରଣ : ନୀଳଲୋହିତ, ଅଧୀଶ୍ୱର : ବଡ଼ଠାକୁର ବଳଭଦ୍ର , ରାମ ଓ କୃଷ୍ଣ, ଆୟୁଧ : ହଳ ଓ ମୁଷଳ, ସାରଥୀ : ମାତଳୀ, ରଥ ରକ୍ଷକ : ବାସୁଦେବ ଓ ଭାସ୍କର, ରଥ ଦେବୀ : ଜୟ ଦୁର୍ଗା, ରଥ ଭୈରବ : କ୍ଷେତ୍ରପାଳ, ରଥ ଶିରରେ : ଅନନ୍ତ ନାଗ, ଦଉଡ଼ି ନାମ : ବସୁକୀ, ରଥର ଚାରି ଅଶ୍ୱ ହେଲେ : ଶଙ୍ଖ , ସୁଚିତ୍ର , ଅଙ୍ଗଦ , ମେଘନାଦ। ଗନ୍ଧର୍ବ : ହୁ-ହୁ, ନେତର ନାମ : ଉନ୍ନନି, ଦ୍ୱାରପାଳ : ନନ୍ଦ ଓ ସୁନନ୍ଦ, ଋଷି ପଟାରେ ଋଷି : ଅଙ୍ଗିରା , ପୌଲସ୍ତ୍ୟ , ପୁଲହ , ଅଗସ୍ତି , ଆତ୍ରେୟ , କାଶ୍ୟପ , ମୁଦ୍ଗଲ । ଦଧିନଉତି : ଭୁବନ କୋଷ, ମୂର୍ଦ୍ଧାରେ : କେତୁ ଭଦ୍ରା, ଚର ଦେବତା : ବ୍ରହ୍ମା ଓ ଶିବ, ଚାରଣ : ମହା ସିଦ୍ଧ ଓ ଉଲେମୀ, ଗର୍ଭଧୀଶ୍ୱର ଅଷ୍ଟ ଶକ୍ତି: ତୁଙ୍ଗୀ , ତୁଙ୍ଗ ଭଦ୍ରା , ପ୍ରଭା , ସୁପ୍ରଭା , ଧାତ୍ରୀ , ବିଧାତ୍ରୀ , ନନ୍ଦା , ସୁନନ୍ଦା। ଭଦ୍ରପୀଠ : ଅଷ୍ଟଦଳ ପଦ୍ମ, ରଥର ଶୂନ୍ୟ ଚକ୍ର ନାମ : କାଳ ସଂହାର, ଦଧିନଉତି ଉପରିସ୍ଥ କଳସତ୍ରୟ : ଚନ୍ଦ୍ର , ସୂର୍ଯ୍ୟ , ବିଦ୍ୟୁତ। ରଥ ରତ୍ନ : ମାର୍କତ, ଓଲଟ ଶୁଆ : ଶ୍ରଦ୍ଧା ଓ ବିଶ୍ୱାସ, ରଥ ପୀଠ : ମେରୁ କୈଳାଶ, ଚନ୍ଦ୍ର ତାପ : କନକ ମେଖଳା, ରଥାଧିପ : ବୃହତ ନାସ, ରଥ ପାର୍ଶ୍ୱଦେବତା - ମହାଦେବ, ବାଇଶିଭୁଜ, ନୃସିଂହ, ବଳରାମ, ନୃତ୍ୟ ଗଣପତି, ଲକ୍ଷ୍ମଣଙ୍କୁ ବହନ କରୁଥିବା ଅଙ୍ଗଦ, ନଟାମ୍ବର (ବୃଷଭ ଉପରେ ନୃତ୍ୟରତ ଶିବ), କାର୍ତ୍ତିକେୟ, ମଧୁକୈଟଭଙ୍କ ସହ ବିଷ୍ଣୁଙ୍କ ଯୁଦ୍ଧ, ଅନନ୍ତ ବାସୁଦେବ।



ତୃତୀୟରେ ଦେବୀ ସୁଭଦ୍ରାଙ୍କ ରଥ ହେଉଛି ଦର୍ପଦଳନ ବା ଦେବଦଳନ। ଦେବୀ ଦୁର୍ଗା ହେଉଛନ୍ତି ଗର୍ବ ଓ ଅହଂକାର ବିନାଶକାରୀ। ମା'ଙ୍କୁ ଉପାସନା କଲେ ଦୁଷ୍ଟ ଶକ୍ତିର ବିନାଶ ହୋଇଥାଏ। ଦେବୀ ସୁଭଦ୍ରା ହେଉଛନ୍ତି ଶକ୍ତିରୂପିଣୀ ଦେବୀ ଭୁବନେଶ୍ୱରୀ। ଯାହାଙ୍କୁ ଆଧାର କରି ଅଣସର ସମୟରେ ମଣ୍ଡିବାଡ଼ରେ ଦେବୀ ଭୁବନେଶ୍ୱରୀଙ୍କ ପଛି ପୂଜା ହୋଇଥାଏ। ଏଣୁ ରଥର ନାମ ଦର୍ପଦଳନ। ଦ୍ୱିତୀୟ ଅର୍ଥଟି ରାମାୟଣ ଯୁଗ ସହ ସମ୍ପର୍କିତ। ଦେବତାମାନଙ୍କୁ ପରାସ୍ତ କରିବା ଲାଗି ରାବଣଙ୍କ ପୁତ୍ର ମେଘନାଦ ଦେବୀ ଦୁର୍ଗାଙ୍କୁ ନିକୁମ୍ଭିଳା ଗଡ଼ରେ ଉପାସନା କରିଥିଲେ। ମା' ତାଙ୍କୁ ଯୁଦ୍ଧରେ ବିଜୟୀ ହେବା ପାଇଁ ନିଜ ରଥ ପ୍ରଦାନ କରିଥିଲେ। ଦେବୀଙ୍କ ଦୟାରୁ ମେଘନାଦ ଇନ୍ଦ୍ରଙ୍କ ଉପରେ ବିଜୟ ଲାଭ କରି ଇନ୍ଦ୍ରଜିତ ହୋଇଥିଲେ। ଦେବୀ ଦୁର୍ଗାଙ୍କ ରଥରେ ମେଘନାଦ ଦେବାତାଙ୍କୁ ପରାସ୍ତ କରିଥିବା ବା ଦଳନ କରିଥିବାରୁ ଏହାର ନାମ ଦେବଦଳନ ହୋଇଥିବା କେତେକ ପୁରାଣକାର କୁହନ୍ତି। ଦର୍ପଦଳନ ରଥର ଅନ୍ୟ ନାମ ହେଉଛି ଦେବଦଳନ ଏବଂ ପଦ୍ମଧ୍ୱଜ, ରଥର ଉଚ୍ଚତା:- ୪୪ ଫୁଟ୍ ୬ ଇଞ୍ଚ, ରଥାଧିପ : ଜୟଦୁର୍ଗା, ରଥରେ ବ୍ୟବହୃତ କାଠ ସଂଖ୍ୟା : ୭୧୧ ଖଣ୍ଡ, ଚକ ସଂଖ୍ୟା : ୧୨, ରଥ ଧ୍ୱଜାରେ : ତ୍ରିପୁରା ସୁନ୍ଦରୀ, ରଥର ଆୟୁଧ : ପଦ୍ମ କହ୍ଲାର, ରଥ ପୀଠର ନାମ : କାମ୍ପିଲ୍ୟ, ରଥର ଆବରଣ : କୃଷ୍ଣ ଓ ଲୋହିତ ବର୍ଣ୍ଣ,

ସାରଥିର ନାମ :- ଅର୍ଜ୍ଜୁନ(ମତାନ୍ତରେ ଦେବଦତ୍ତ, ସାତ୍ତ୍ୱକୀ) ରଥ ଅଶ୍ୱର ବର୍ଣ୍ଣ : ରକ୍ତବର୍ଣ୍ଣ (ନାଲି), ରଥରେ ଥିବା ଅଶ୍ୱ ମାନଙ୍କର ନାମ : ରୋଚିକା , ମୋଚିକା, ଜିତା ଓ ଅପରାଜିତା ଓ ଅନ୍ୟ କେତେକଙ୍କ ମତରେ ପ୍ରଜ୍ଞା, ଅନୁଜ୍ଞା ଘୋରା ଓ ଅଘୋରା। ରଥ ଋଷି : ଯାଜ୍ଞ ବଳକ୍ୟ, ରଥ ମୁଖ ବା ମୂର୍ଦ୍ଧାରେ : ବ୍ରହ୍ମବର୍ତ୍ତା, ରଥାଧିଶ୍ୱରୀ : ଜୟଦୁର୍ଗା, ରଥ ରକ୍ଷୟତ୍ରୀ : ଉଗ୍ରଚଣ୍ଡୀ, ରଥ ଅଧୀଶ୍ୱର ଦେବତା - ଶ୍ରୀସୁଭଦ୍ରା ଓ ଶ୍ରୀସୁଦର୍ଶନ, ରଥ ଦେବୀ : ଶ୍ରୀ ଓ ଭୂ, ରଥ ଯକ୍ଷ : କିଂଜ୍ୱଳିକା, ରଥ ଗର୍ଭାଧୀଶ୍ୱରୀ ଶକ୍ତି: ଶକ୍ତି ସପ୍ତା,ଜୟା,ବିଜୟା,ଘୋରା,ଅଘୋରା, ସୁକ୍ଷ୍ମା ଓ ଜ୍ଞାନା,

ରଥର ଋଷି ପଟାରେ: ଭୃଗୁ, ସୁପ୍ରଭ, ବଜ୍ର, ଶୃଙ୍ଗୀ, ଧ୍ରୁବ, ଉଲ୍ଲୁକ ଓ ପ୍ରବର୍ତ୍ତକ ଋଷି ମଣ୍ଡଳ, ରଥ କୁମ୍ଭ : ଅମୃତ, ଜୀବା, କାୟା, ରଥ ଦ୍ୱାରପାଳ : ଗଙ୍ଗା ଓ ଯମୁନା, ରଥ ଗନ୍ଧର୍ବଙ୍କ ନାମ : ହା,ହା ।ଚାରଣଙ୍କର ନାମ : ମହାକ୍ରୁର, ରଥର ଯୁଗଳ ଶୁକର ନାମ:- ସୁପର୍ଣ୍ଣ ଓ ଦ୍ୱାସୁପର୍ଣ୍ଣ, ରଥ ରତ୍ନ : ମାଣିକ୍ୟ, ରଥ ଚକ୍ରର ନାମ : ଦିପ୍ତ, ଚକ୍ର ଉପରିସ୍ଥ ନେତର ନାମ : ନାଦାମ୍ବିକା, ରଥକାର : କାଳନେମୀ, କଳସ ଉପରେ ଥିବା ଶୂନ୍ୟ ଚକ୍ର :- ଦୀପ୍ତ (ସୁଦର୍ଶନ), ରଥ ଶିରରେ : ଭକ୍ତି ସମେଦ, ରଥ ଶକ୍ତି : ଚନ୍ଦ୍ର ଘଣ୍ଟା, ଦଧିନଉତି ଉପରିସ୍ଥ କଳସତ୍ରୟର ନାମ: ପରା, ଅପରା ଓ ବୈଖାରୀ, ରଥରେ ବ୍ୟବହୃତ ଚନ୍ଦ୍ରତାପର ନାମ : ବୀର ଘଣ୍ଟା, ରଥ ଦଉଡିର ନାମ : ସ୍ୱର୍ଣ୍ଣଚୂଡ ନାମକ ନାଗ, ରଥ ଚାମର ସେବା : ସୁମେଧା ଦେବୀ, ରଥପାଳ : ହରିହର, ରଥର ପାର୍ଶ୍ୱ ଦେବା ଦେବୀ : ବିମଳା, ବନଦୁର୍ଗା, ବାରାହି, ଚାମୁଣ୍ଡା, ଭୁବନେଶ୍ୱରୀ, ହରଚଣ୍ଡୀ, ଜୟଦୁର୍ଗା, ସର୍ବମଙ୍ଗଳା, ଉଗ୍ରତାରା।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ: ୮୨୪୯୫୦୨୭୭୬**

# ଜରୁରୀ ପରିସ୍ଥିତିର ୫୦ ବର୍ଷ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ଦେଶରେ ଜରୁରୀକାଳୀନ ୧୯୭୫ ମସିହା ଜୁନ୍ ୨୫ତାରିଖ ଦିନ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରାଗାନ୍ଧୀ ଜାରି କରିଥିବା ଜରୁରୀ ପରିସ୍ଥିତି ଭାରତୀୟ ଗଣତନ୍ତ୍ରରେ ଏକ ଅଲିଭା ଦାଗ ହୋଇ ରହିବ ଏବଂ ରହିବ। ୫୦ବର୍ଷ ତଳେ ଏହି ଦିବସରେ ଭାରତର ଗଣତନ୍ତ୍ର ଏକ ଦାରୁଣ ଆଘାତର ସମ୍ମୁଖୀନ ହୋଇଥିଲା, ଯେତେବେଳ କି ଦେଶକୁ ୩୦ବର୍ଷ ହୋଇନଥିଲା ସେତେବେଳେ ନିଜର ଗାଦି ସୁରକ୍ଷିତ ରଖିବା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଗାନ୍ଧୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରି କରିବା ସହ ଦେଶର ସମ୍ବିଧାନକୁ ଅକାମୀ କରିଦେଇଥିଲେ। କେବଳ ଏତିକି ବ୍ୟକ୍ତିର ବ୍ୟକ୍ତିଗତ ସ୍ୱାଧୀନତା, ଅଧିକାରକୁ ହନନ କରିବା ସହ ଦେଶରେ ସ୍ୱେଚ୍ଛାଚାରୀ ଶାସନ ଜାରି କରିଥିଲେ। ଦୀର୍ଘ ୨୧ମାସ ଧରି ୧୯୭୭ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଦେଶରେ ଏକଛତ୍ରବାଦୀ ଶାସନ ବଳବତର ରହିଥିଲା। ସାଧାରଣ ନାଗରିକଙ୍କଠାରୁ ଆରମ୍ଭ କରି ସାମ୍ବାଦିକ, ସମ୍ବାଦପତ୍ର, ରାଜନେତା କେହି ଜରୁରୀ ପରିସ୍ଥିତିର ତାଡନାରୁ ମୁକ୍ତି ପାଇନଥିଲେ। ଏକ ରିପୋର୍ଟରୁ ଜଣାଯାଇଛି ଯେ, ଜରୁରୀକାଳୀନ ପରିସ୍ଥିତିରେ ମେଣ୍ଟାନାନ୍ସ ଅଫ ଇଂଟରନାଲ ସିକ୍ୟୁରିଟ୍ ଆକ୍ଟ (ମିସା) ବଳରେ ୩୫ହଜାରରୁ ଉର୍ଦ୍ଧ୍ୱ ରାଜନେତା, ସାଧାରଣ ନାଗରିକ, ଛାତ୍ର, ଯୁବକ ଗିରଫ ହୋଇଥିବାବେଳେ ଡିଫେନସ୍ ଅଫ ଇଣ୍ଡିଆ ଆକ୍ଟ ଏବଂ ରୁଲସ୍ ଆଇନ ବଳରେ ୭୬ ହଜାରରୁ ଉର୍ଦ୍ଧ୍ୱ ଗିରଫ ହୋଇଥିଲେ। ଯେଉଁମାନଙ୍କ ମଧ୍ୟରୁ ହଜାର ହଜାର ଦୀର୍ଘ ୨୧ମାସ ଧରି ଦେଶର ବିଭିନ୍ନ ଜେଲରେ ରହିଥିବାବେଳେ ଅନେକ ୧୫ମାସରୁ ୧୯ମାସ ଧରି ଜେଲରେ ଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ, ସେମାନଙ୍କୁ ସାକ୍ଷାତ କରିବା ପାଇଁ କାହାରିକୁ ମଧ ଅନୁମତି ମିଳିନଥିଲା। ସେହିପରି ସମ୍ବାଦପତ୍ରଗୁଡିକର ସ୍ୱାଧୀନତାକୁ ସମ୍ପୂର୍ଣ୍ଣ ହତ୍ୟା କରାଯାଇଥିଲା। ସରକାରଙ୍କ ଦ୍ୱାରା ନିଯୁକ୍ତ ଅଫିସରମାନଙ୍କ ବିନା ଯାଞ୍ଚରେ କୌଣସି ଖବର ପ୍ରକାଶିତ ହେଉନଥିଲା।ଏପରିକି ସମ୍ବାପତ୍ରର ସମ୍ପାଦକୀୟ ସ୍ତମ୍ଭ ଶୂନ୍ୟ ରହିଥିଲା। ବହୁ ସ୍ୱାଧୀନ ନେତା ସାମ୍ବାଦିକ, ସମ୍ପାଦକଙ୍କୁ ରାତିଅଧିଆ ଗିରଫ କରି ଜେଲକୁ ପଠାଇ ଦିଆଯାଇଥିଲା। ସମ୍ବିଧାନକୁ ଅକାମୀ କରିଦିଆଯାଇଥିବାରୁ ଦେଶର ତଳକୋର୍ଟଠାରୁ ଆରମ୍ଭ କରି ସୁପ୍ରିମକୋର୍ଟର କୌଣସି ଭୂମିକା ନଥିଲା। ବିଚାରପତିଙ୍କ ଠାରୁ ଆରମ୍ଭ କରି ମନ୍ତ୍ରୀ, ବାଚସ୍ପତି ଏବଂ ରାଷ୍ଟ୍ରପତି ସମସ୍ତେ ଇନ୍ଦିରାଙ୍କ ବଚସ୍ୱର, ଚାଟୁକାର ପାଲଟିଯାଇଥିଲେ। ଏହା ନିସନ୍ଦେହ ସ୍ୱାଧୀନ ଭାରତୀୟ ରାଜନୈତିକ ଇତିହାସରେ ଜରୁରୀ ପରିସ୍ଥିତି ଏକ ବିଦାରଣର ଚିହ୍ନ ହୋଇରହିଛି। ଜରୁରୀ ପରିସ୍ଥିତି ଉଠିବା ପରେ ଦେଶରେ ପ୍ରଥମ ଥର ପାଇଁ ଅଣ କଂଗ୍ରେସ ତଥା ଜନତା ପାର୍ଟି ସରକାର ଗଠିତ ହୋଇଥିଲା। କଂଗ୍ରେସକୁ ଦେଶବାସୀ ପ୍ରତ୍ୟାଖ୍ୟାନ କରିଥିଲେ। ଏପରିକି ଇନ୍ଦିରା ଦୁଇଟି ଆସନରେ ୧୯୭୭ ନିର୍ବାଚନ ଲଢିଥିବାବେଳେ ପରିବାରର ପରମ୍ପରାଗତ ଆସନ ଭାବେ ପରିଚିତ ରାଇବରେଲି'ରେ ପରାଜୟର ସମ୍ମୁଖୀନ ହୋଇଥିଲେ। କର୍ଣ୍ଣାଟକର ମେଡାକ' ଲୋକସଭା ଆସନରୁ ବିଜୟୀ ହୋଇଥିବା ସତ୍ତ୍ୱେ ସମ୍ବିଧାନକୁ ଅଚଳ କରିଥିବା ଅଭିଯୋଗରେ ତାଙ୍କର ସଭାପଦ ରଦ୍ଦ କରାଯାଇଥିଲା। କିନ୍ତୁ ବିଡମ୍ବନାର ଘଟଣା ଥିଲା, ପାଞ୍ଚଟି ବିରୋଧିଦଳକୁ ନେଇ ଗଠିତ ଜନତା ପାର୍ଟି ସରକାର କ୍ଷମତା କନ୍ଦଳ ଯୋଗୁଁ ଅଢେଇ ବର୍ଷରେ ଭାଙ୍ଗି ଯାଇଥିଲା। ୧୯୮୦ରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଇନ୍ଦିରାଙ୍କ ନେତୃତ୍ୱାଧୀନ କଂଗ୍ରେସ ପୁନର୍ବାର ନିରାଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରିବା ସହ ଇନ୍ଦିରା ଗାନ୍ଧୀ ପୁନର୍ବାର ପ୍ରଧାନମନ୍ତ୍ରୀ ହୋଇଥିଲେ। ତେବେ ଇନ୍ଦିରା ପୁନର୍ବାର ନିର୍ବାଚନରେ ବିଜୟୀ ହୋଇ ପ୍ରଧାନମନ୍ତ୍ରୀ ହେବା ବୋଧହୁଏ ଦେଶବ୍ୟାପୀ ତାଙ୍କ ଏକଛତ୍ରବାଦୀ, ସ୍ୱେଚ୍ଛାଚାରୀ ଶାସନକୁ କ୍ଷମାକରିଦେଇଥିବା କୁହାଯାଇପାରେବ। ଇନ୍ଦିରାଙ୍କ ନିଧନ ପରେ ତାଙ୍କ ପୁତ୍ର ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଲୋକସଭାରେ ଦୁଇତୃତୀୟାଂଶ ଆସନରେ ବିଜୟୀ ହୋଇ ସରକାର ଗଠନ କରି ପୁରା ୫ବର୍ଷ କ୍ଷମତାରେ ରହିଥିଲା। ଇନ୍ଦିରାଙ୍କ ୨୧ମାସର ଅନ୍ଧାରୀ ଶାସନକୁ ଦେଶବାସୀ ଭୁଲିଯାଇଥିବା ସଂକେତ ପ୍ରଦାନ କରେ ବୋଲି ନିସନ୍ଦେହରେ କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ୧୯୭୭ ପରଠାରୁ ଦେଶରେ ଜରୁରୀ ପରିସ୍ଥିତିରେ ପୁନରାବୃତି ଘଟି ନାହିଁ କି ଘଟିବ ନାହିଁ। ଏହା ଦୃଢୋକ୍ତିର ସହ କୁହାଯାଇପାରେ। ଦେଶର ଗଣତାନ୍ତ୍ରୀକ ଶାସନ ପଦ୍ଧତି ଏବେ ସୁଦୃଢ଼। ଭାରତ ବିଶ୍ୱରେ ଦ୍ୱିତୀୟ ସର୍ବବୃହତ ଗଣତାନ୍ତ୍ରୀକ ରାଷ୍ଟ୍ର ଭାବେ ଖ୍ୟାତି ଲାଭ କରିବାକୁ ସମର୍ଥ ହୋଇଛି। ଦେଶବାସୀ ମତଦାନ ଇନ୍ଦିରା ଓ କଂଗ୍ରେସ ଦଳକୁ କ୍ଷମା କରିଦେଇଥିବା ଏବଂ ଅନ୍ଧାରି ଶାସନକୁ ଭୁଲିଯାଇଥିବାବେଳେ ବର୍ତ୍ତମାନର କେନ୍ଦ୍ର ସରକାର ଜରୁରୀକାଳୀନ ପରିସ୍ଥିତିର ୫୦ତମ ପୂର୍ତ୍ତି ବର୍ଷତମାମ ପାଳନ କରିବାକୁ ନିଷ୍ପତି ନେଇଛନ୍ତି। ତେବେ କେନ୍ଦ୍ର ସରକାର କାହିଁକି ଏଭଳି ନିଷ୍ପତି ନେଇଛନ୍ତି, ବୁଝାପଡେ ନାହିଁ ଏହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ନା ଅନ୍ୟ କିଛି, ତାହା ସମୟ ହିଁ କହିବ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୭୭୬୪୦୩**

# ସାନ୍ତାଳ ବିଦ୍ରୋହର ଦୁଇ ପୁରୋଧା ସିଦୋ-କାହ୍ନୁ



ଇଂ ସତ୍ୟନାରାୟଣ ମାଝୀ

ସାନ୍ତାଳ ଆଦିବାସୀ ଲୋକମାନେ ୧୭୯୦ ଖ୍ରୀଷ୍ଟାବ୍ଦରୁ ୧୮୧୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏବେର ଝାଡଖଣ୍ଡ ପ୍ରଦେଶର ସାନ୍ତାଳ ପରଗାନା ଅଞ୍ଚଳରେ ବସତି ସ୍ଥାପନ କରୁଥିଲେ। ବ୍ରିଟିଶମାନେ ସାନ୍ତାଳ ପରଗାନାକୁ ଦାମିନ୍ ଏ କୋହ ବୋଲି କହୁଥିଲେ ଏବଂ ଏହା ୧୮୨୪ ମସିହାରେ ଘୋଷଣା କରାଯାଇଥିଲା।ଏହି ସାନ୍ତାଳ ପରଗାନାରେ ଏକ ସାନ୍ତାଳ ଆଦିବାସୀ ପରିବାରରେ ଦୁଇ ସାହସୀ ଭାଇ ଜନ୍ମ ହୋଇଥିଲେ ବୀର ସିଦୋ-କାହ୍ନୁ ମୁର୍ମୁ।ସେମାନେ ବ୍ରିଟିଶମାନଙ୍କର ଆଧୁନିକ ଅସ୍ତ୍ରଶସ୍ତ୍ରକୁ ସେମାନଙ୍କର ତୀର ଏବଂ ଧନୁ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ କରିଥିଲେ।ସିଦୋ-କାହ୍ନୁ ମୁର୍ମୁ ଭୋଗନାଡିହି ନାମକ ଏକ ଗ୍ରାମରେ ଏକ ସାନ୍ତାଳ ଆଦିବାସୀ ପରିବାରରେ ଜନ୍ମଗ୍ରହଣ କରିଥିଲେ, ଯାହା ବର୍ତ୍ତମାନ ଝାଡ଼ଖଣ୍ଡର ସାହେବଗଞ୍ଜ ଜିଲ୍ଲାର ବେରହେଟ ବ୍ଲକରେ ଅବସ୍ଥିତ। ସିଦୋ ମୁର୍ମୁ ୧୮୧୫ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ ଏବଂ କାହ୍ନୁ ମୁର୍ମୁ ୧୮୨୦ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ।ସାନ୍ତାଳ ବିଦ୍ରୋହରେ ଏହି ଦୁଇ ଯୋଦ୍ଧାଙ୍କ ବ୍ୟତୀତ ଚାନ୍ଦ ମୁର୍ମୁ, ଭୈରବ ମୁର୍ମୁ,ଫୁଲୋ ମୁର୍ମୁ ଏବଂ ଝାନୋ ମୁର୍ମୁ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।ଜମି ଏବଂ ଆର୍ଥିକ ସୁବିଧାର ପ୍ରତିଶ୍ରୁତି ଯୋଗୁଁ ବହୁ ସଂଖ୍ୟକ ସାନ୍ତାଳ ପାରଗାନାର ବହୁସ୍ଥାନକୁ ବସତି ସ୍ଥାପନ କରିବାକୁ ଆସିଥିଲେ। ବ୍ରିଟିଶମାନଙ୍କ ଦ୍ୱାରା ନିଯୁକ୍ତ କର ସଂଗ୍ରାହକ ମଧସ୍ଥି ଭାବରେ ମହାଜନ ଏବଂ ଜମିଦାରମାନେ ଅର୍ଥନୀତି ଉପରେ ପ୍ରଭାବ ପକାଇଥିଲେ। ଅନେକ ସାନ୍ତାଳ ଦୁର୍ନୀତିଗ୍ରସ୍ତ ଟଙ୍କା ଋଣପ୍ରଥାର ଶିକାର ହେଲେ। ଯେତେବେଳେ ସେମାନେ କେବେ ପରିଶୋଧ କରିପାରି ନ ଥିଲେ, ସେମାନଙ୍କୁ ଅତ୍ୟଧିକ ହାରରେ ଟଙ୍କା ଋଣ ଦିଆଯାଇଥିଲା ଏବଂ ପରେ ସେମାନଙ୍କ ଜମି ବଳପୂର୍ବକ ଛଡ଼ାଇ ନିଆଯାଇଥିଲା।ସେମାନଙ୍କୁ ବନ୍ଧନ ଶ୍ରମିକ ଭାବରେ ବାଧ କରାଯାଇଥିଲା।ଏହା ସାନ୍ତାଳ ବିଦ୍ରୋହର କାରଣ ହୋଇଥିଲା।୧୮୫୫-୫୬ ମସିହାରେ ସିଦୋ-କାହ୍ନୁ ବ୍ରିଟିଶ ଶାସନ, ମହାଜନ, ବ୍ୟବସାୟୀ ଏବଂ ଜମିଦାରଙ୍କ ଅତ୍ୟାଚାର ବିରୁଦ୍ଧରେ ବିଦ୍ରୋହ ଆରମ୍ଭ କରିଥିଲେ।

ଯାହାକୁ ସାନ୍ତାଳ ବିଦ୍ରୋହ ବା ହୁଲ୍ ଆନ୍ଦୋଳନ ଭାବରେ ଜାଣନ୍ତି। ସାନ୍ତାଳ ବିଦ୍ରୋହର ସ୍ଲୋଗାନ ଥିଲା କର କିମ୍ବା ମର, ବ୍ରିଟିଶମାନେ ଆମ ଭୂମି ଛାଡ।ସିଦୋ ତାଙ୍କର ଦିବ୍ୟ ଶକ୍ତିର ଉଦାହରଣ ଦେଇ ସମସ୍ତ ମାଝୀବାବାମାନଙ୍କୁ ଶାଳବୃକ୍ଷର ଏକ ଶାଖା(ଡାଳ) ପଠାଇ ସେମାନଙ୍କୁ ସାନ୍ତାଳ ହୁଲ୍‌ରେ ଯୋଗଦେବାକୁ ନିମନ୍ତ୍ରଣ କରିଥିଲେ।୩୦ ଜୁନ୍ ୧୮୫୫ରେ ଭୋଗନାଡିହରେ ସାନ୍ତାଳ ଆଦିବାସୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ୪୦୦ ଗାଁର ପ୍ରାୟ ୧୦୦୦୦ ସାନ୍ତାଳଙ୍କୁ ଏକତ୍ରିତ କରି ବ୍ରିଟିଶ ଉପନିବେଶବାଦୀଙ୍କ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଥିଲେ ବୋଲି କୁହାଯାଏ।ଯେଉଁଥିରେ ସିଦୋଙ୍କୁ ରାଜା, କାହ୍ନୁଙ୍କୁ ମନ୍ତ୍ରୀ,ଚାନ୍ଦଙ୍କୁ ମନ୍ତ୍ରୀ ଏବଂ ଭୈରବଙ୍କୁ ସେନାପତି ଭାବରେ ମନୋନୀତ କରାଯାଇଥିଲା।ଭୋଗନାଡିହରୁ ସାନ୍ତାଳ ବିଦ୍ରୋହ ଆରମ୍ଭ ହୋଇଥିଲା ଯେଉଁଥିରେ ସାନ୍ତାଳମାନେ ତୀର ଏବଂ ଧନୁରେ ସଜ୍ଜିତ ହୋଇ ସେମାନଙ୍କର ବ୍ରିଟିଶ୍ ଶତ୍ରୁମାନଙ୍କୁ ଆକ୍ରମଣ କରିଥିଲେ।ସେତେବେଳେ ବ୍ରିଟିଶମାନେ ଆଧୁନିକ ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ସହିତ ସଜ୍ଜିତ ଥିଲେ।ଏହି ମୁକାବିଲାରେ ଇନ୍ସପେକ୍ଟର ମହେଶ ଲାଲ ଏବଂ ପ୍ରତାପ ନାରାୟଣ ନିହତ ହୋଇଥିଲେ। ଏହା ବ୍ରିଟିଶମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଥିଲା।ସାନ୍ତାଳମାନେ ପ୍ରାରମ୍ଭରେ କିଛି ସଫଳତା ପାଇଲେ କିନ୍ତୁ ବ୍ରିଟିଶମାନେ ଏହି ବିଦ୍ରୋହୀମାନଙ୍କୁ ମୁକାବିଲା କରିବା ପାଇଁ ଏକ ନୂତନ ଉପାୟ ଖୋଜି ବାହାର କଲେ। ଆଉ ସାନ୍ତାଳମାନଙ୍କୁ ଜଙ୍ଗଲରୁ ବାହାରକୁ ଆସିବାକୁ ବାଧ କଲେ।ଶେଷରେ ଏହି ମୁକାବିଲାରେ ସାନ୍ତାଳମାନେ ପରାସ୍ତ ହୋଇଥିଲେ ।ଏହି ଭୟଙ୍କର ମୁକାବିଲାରେ ସାନ୍ତାଳମାନେ ପରାସ୍ତ ହୋଇଥିଲେ କାରଣ ଏହି ଲୋକମାନେ ତୀର ଏବଂ ଧନୁ ସହିତ ଲଢୁଥିଲେ।

ଯେତେବେଳେ ବ୍ରିଟିଶମାନଙ୍କ ପାଖରେ ଆଧୁନିକ ଅସ୍ତ୍ରଶସ୍ତ୍ର ଥିଲା। ସିଦୋଙ୍କୁ ଅଗଷ୍ଟ ୧୮୫୫ରେ ବନ୍ଦୀ କରାଯାଇଥିଲା ଏବଂ ଫାଶି ଦିଆଯାଇଥିଲା।କାହ୍ନୁଙ୍କୁ ଭୋଗନାଡିହିଠାରେ ସାଧାରଣରେ ଫାଶି ଦିଆଯାଇଥିଲା। କିନ୍ତୁ ସେ ଏବେ ବି ସାନ୍ତାଳମାନଙ୍କ ହୃଦୟରେ ଜୀବିତ ଅଛନ୍ତି ଏବଂ ତାଙ୍କୁ ମନେ ରଖାଯାଏ। ସାନ୍ତାଳମାନଙ୍କ ପରାଜୟ ବ୍ରିଟିଶ ଶାସନକୁ ମୂଳ ପର୍ଯ୍ୟନ୍ତ ହଲାଇ ଦେଇଥିଲା।ବିପ୍ଳବକୁ ଦମନ କରାଯାଇଥିଲେ ମଧ ଏହା ଉପନିବେଶବାଦୀ ଶାସନ ଏବଂ ନୀତିରେ ଏକ ବଡ଼ ପରିବର୍ତ୍ତନ ଦର୍ଶାଇଥିଲା। ସେତେବେଳେ ବହୁ ଜ୍ଞାନୀଗୁଣୀ ଏହି ବିଦ୍ରୋହକୁ 'ଭାରତର ପ୍ରଥମ ଜନବିପ୍ଳବ' ବୋଲି କହିଥିଲେ। ଆଜି ମଧ ୩୦ ଜୁନ୍ ହୁଲ୍ ଦିବସ ଅବସରରେ ସରକାରଙ୍କ ଦ୍ୱାରା ଭୋଗନାଡିହରେ ସତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଏ ଏବଂ ଦୁଇସାହସୀ ସହିଦ ସିଦୋ-କାହ୍ନୁଙ୍କୁ ଶ୍ରଦ୍ଧାଂଜଳି ଅର୍ପଣ କରାଯାଏ।

**ଷ୍ଟାଣ୍ଡିଙ୍ଗ୍ କମିଟି ସଦସ୍ୟ,**
**ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ୍,ଓଡିଶା**

# ହାଇକୋର୍ଟଙ୍କ ବଡ଼ ନିଷ୍ପତ୍ତି: ଏଣିକି ବଳାତ୍କାର ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ପ୍ରେଗ୍ନାନ୍ସି ଟେଷ୍ଟ ବାଧ୍ୟତାମୂଳକ



**ଭୋପାଳ,୨୯।୬:** ବଳାତ୍କାର ପୀଡ଼ିତାଙ୍କ ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ହାଇକୋର୍ଟ। ବଳାତ୍କାରର ଅଭିଯୋଗ ପାଇବା ପରେ ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା ସମୟରେ ପ୍ରେଗ୍ନାନ୍ସି ଟେଷ୍ଟ୍ ମଧ୍ୟ ବାଧ୍ୟତାମୂଳକ ଭାବରେ କରାଯିବା ଉଚିତ। ଏପରି ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି ମଧ୍ୟପ୍ରଦେଶ ହାଇକୋର୍ଟ। କୋର୍ଟ କହିଛନ୍ତି ଯେ, ପ୍ରାରମ୍ଭିକ ପର୍ଯ୍ୟାୟରେ ଗର୍ଭଧାରଣ ବିଷୟରେ ସୂଚନା ପାଇ ଗର୍ଭପାତ ଭଳି ନିଷ୍ପତ୍ତି ସମୟ ମଧ୍ୟରେ ନିଆଯାଇପାରିବ, ଯାହା ପୀଡ଼ିତାଙ୍କ ଜୀବନ ରକ୍ଷା କରିପାରିବ। ଜଷ୍ଟିସ୍ ବିଶାଳ ମିଶ୍ରଙ୍କ ଏକକ ଖଣ୍ଡପୀଠ କୋର୍ଟର ଡିଜିପି ଅର୍ଥାତ୍ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଯଦି ଗର୍ଭବତୀ ପୀଡ଼ିତା ଏବଂ ତାଙ୍କ ପିତାମାତା ଗର୍ଭପାତ କରିବାକୁ ଚାହୁଁଛନ୍ତି, ତେବେ ଏଥିରେ ବିଳମ୍ବ କରିବା ସେମାନଙ୍କ ଜୀବନ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ। ଯେଉଁଥିରେ କୋର୍ଟ ବିଶେଷକରି ନାବାଳିକା ପୀଡ଼ିତାଙ୍କ ସୁରକ୍ଷା ଏବଂ ସ୍ୱାସ୍ଥ୍ୟକୁ ଧ୍ୟାନରେ ରଖି ଏହି ନିଷ୍ପତ୍ତି ଶୁଣାଇଛନ୍ତି। ମଧ୍ୟପ୍ରଦେଶରେ ରାଜ୍ୟ ସାରା ନାବାଳିକା ବଳାତ୍କାର ପୀଡ଼ିତାଙ୍କ ଗର୍ଭପାତ ସହିତ ଜଡ଼ିତ ଅନେକ ମାମଲା କୋର୍ଟ ସମ୍ମୁଖରେ ବିଚାରାଧୀନ ଅଛି। ଏହି ମାମଲାରେ, ବିଳମ୍ବ ଯୋଗୁ ଗର୍ଭଧାରଣ ପ୍ରାୟତଃ ୨୪ ସପ୍ତାହରୁ ଅଧିକ ହୋଇଥାଏ, ଯେଉଁ କ୍ଷେତ୍ରରେ ଭାରତୀୟ ଆଇନ ଅନୁଯାୟୀ, ଗର୍ଭପାତ ପାଇଁ ହାଇକୋର୍ଟର ଅନୁମତି ଆବଶ୍ୟକ। ଫେବୃଆରୀ ୨୦୨୫ରେ, ହାଇକୋର୍ଟ ପୂର୍ବରୁ ଏକ ନିର୍ଦ୍ଦେଶାବଳୀ ଜାରି କରିଥିଲେ ଯେ, ଯଦି ଜଣେ ନାବାଳିକା ପୀଡ଼ିତା ୨୪ ସପ୍ତାହ କିମ୍ବା ତା'ଠାରୁ ଅଧିକ ସମୟ ପାଇଁ ଗର୍ଭବତୀ ଥାଆନ୍ତି, ତେବେ ଗର୍ଭପାତ ପାଇଁ ହାଇକୋର୍ଟର ପୂର୍ବ ଅନୁମତି ବାଧ୍ୟତାମୂଳକ ହେବ।

ଏହି ନିଷ୍ପତ୍ତି ସିଧାସଳଖ ସେହୋର ଜିଲ୍ଲାର ଏକ ମାମଲା ସହିତ ଜଡ଼ିତ। ଯେଉଁଠାରେ ଜଣେ ନାବାଳିକା ପୀଡ଼ିତାଙ୍କ ମାମଲା POCSO କୋର୍ଟ ମାଧ୍ୟମରେ ହାଇକୋର୍ଟରେ ପହଞ୍ଚିଥିଲା। ତଦନ୍ତରୁ ଜଣାପଡିଛି ଯେ, ପୀଡ଼ିତାଙ୍କ ଗର୍ଭଧାରଣ ୨୪ ସପ୍ତାହରୁ ଅଧିକ ଏବଂ ତାଙ୍କ ଡାକ୍ତରୀ ରିପୋର୍ଟରେ ସ୍ପଷ୍ଟ କରାଯାଇଛି ଯେ, ଗର୍ଭପାତ ମଧ୍ୟ ବିପଦପୂର୍ଣ୍ଣ ଏବଂ ଗର୍ଭଧାରଣ ଜାରି ରଖିବା ମଧ୍ୟ ନାବାଳିକାଙ୍କ ଜୀବନ ପାଇଁ ବିପଦ ସୃଷ୍ଟି କରିପାରେ। ଏହି ମାମଲାରେ ଜୀବନକୁ ସୁରକ୍ଷିତ ରଖିବାର ସଠିକ ଉପାୟ କ'ଣ ହୋଇପାରେ ସେ ବିଷୟରେ କୋର୍ଟଙ୍କ ଏକ ଗମ୍ଭୀର ପ୍ରଶ୍ନ ଥିଲା।

# ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା : ୯ ଶ୍ରମିକ ନିଖୋଜ

**ନୂଆଦିଲ୍ଲୀ,୨୯।୬:** ଗତକାଲି ରାତିରୁ ଉତ୍ତରାଖଣ୍ଡର ପାହାଡ଼ି ଜିଲ୍ଲାଗୁଡ଼ିକରେ ବାଦଲ ଫଟା ବର୍ଷା ହୋଇଛି । ଉତ୍ତରକାଶୀ ଜିଲ୍ଲାରେ ଏକ ହୋଟେଲ ନିର୍ମାଣରେ ନିୟୋଜିତ ଥିବା ନଅ ଜଣ ଶ୍ରମିକ ନିଖୋଜ ଅଛନ୍ତି । ପ୍ରବଳ ବର୍ଷା ହେବା ଫଳରେ ଯମୁନୋତ୍ରୀ ରାଜପଥ ୧୦ ମିଟର ଧୋଇଯାଇଛି। ରୁଦ୍ରପ୍ରୟାଗ ଏବଂ ଚାମୋଲି ଜିଲ୍ଲାରେ ଅବସ୍ଥିତ ବଦ୍ରିନାଥ ଏବଂ କେଦାରନାଥ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ, ମନ୍ଦାକିନୀ ଏବଂ ଅଳକନନ୍ଦା ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ରହିଛି । ଚାମୋଲି ଜିଲ୍ଲାରେ ବର୍ଷା ହେବ ଫଳରେ ଅନେକ ସ୍ଥାନରେ ରାଜପଥରେ ଭଙ୍ଗାରୁଜା ଏବଂ ଭୂସ୍ଖଳନ ଯୋଗୁଁ ରାସ୍ତା ଅବରୋଧ ହୋଇଛି । କାମେଦା ନନ୍ଦପ୍ରୟାଗରେ ଭଙ୍ଗାରୁଜା ଯୋଗୁଁ ରାଜପଥ ବନ୍ଦ ରହିଛି। ସୂଚନା ଅନୁସାରେ ରାତି ପ୍ରାୟ ୩ଟା ସମୟରେ ଯମୁନୋତ୍ରୀ ରାଜପଥର ପାଲିଗଡଠାରୁ ୪ କିଲୋମିଟର ଆଗକୁ ସିଲାଇ ବନ୍ଦ ନିକଟରେ ଏକ ବାଦଲ ଫଟା ବର୍ଷା ହୋଇଥିଲା । ଏହି କାରଣରୁ ଜଳ ପ୍ରବାହରେ ୯ ଜଣ ଶ୍ରମିକ ନିଖୋଜ ଥିବା ଜଣାପଡ଼ିଛି। ଏନେଇ ଜିଲ୍ଲା ମାଜିଷ୍ଟ୍ରେଟ୍ ଉତ୍ତରକାଶୀ ପ୍ରଶାନ୍ତ ଆର୍ଯ୍ୟ କହିଛନ୍ତି ଯେ ସିଲାଇ ବନ୍ଦ ନିକଟରେ ଏକ ହୋଟେଲ ନିର୍ମାଣାଧୀନ ଅଛି । ଯାହାର ଶ୍ରମିକମାନେ ନିକଟସ୍ଥ ଏକ ଶିବିରରେ ରହୁଥିଲେ। ଶିବିରରେ ପ୍ରାୟ ୧୯ ଜଣ ଶ୍ରମିକ ଥିଲେ, ଯେଉଁଥିରୁ ୯ ଜଣ ଶ୍ରମିକ ନିଖୋଜ ଅଛନ୍ତି । ସେହିପରି, ପ୍ରବଳ ଭଗ୍ନାବଶେଷ ଯୋଗୁଁ, ସିଲାଇ ବନ୍ଦ ନିକଟରେ ଜାତୀୟ ରାଜପଥର ପ୍ରାୟ ୧୦ ମିଟର ମଧ୍ୟ ଧୋଇଯାଇଛି, ଯାହାର ପୁନଃନିର୍ମାଣରେ ସମୟ ଲାଗିପାରେ । ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଏବଂ ପୋଲିସ ଏବଂ ରାଜସ୍ୱ ଦଳ ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି ।



## ଚାର୍ ଧାମ ଯାତ୍ରା ୨୪ ଘଣ୍ଟା ପାଇଁ ସ୍ଥଗିତ

ଉତ୍ତରାଖଣ୍ଡରେ ପାଗ ଖରାପ ହେବାକୁ ଦୃଷ୍ଟିରେ ରଖି ପ୍ରଶାସନ ଚାରିଧାମ ଯାତ୍ରା ସମ୍ପର୍କରେ ନିଷ୍ପତ୍ତି ନେଇଛନ୍ତି । ଏହା ଅଧୀନରେ ଚାରିଧାମ ଯାତ୍ରାକୁ ୨୪ ଘଣ୍ଟା ପାଇଁ ବନ୍ଦ ରଖାଯାଇଛି । ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ଗଡ଼ୱାଲ କମିଶନର ବିନୟ ଶଙ୍କର ପାଣ୍ଡେ ଏହି ସୂଚନା ଦେଇଛନ୍ତି। ବିଭିନ୍ନ ଜିଲ୍ଲାର ପାହାଡ଼ି ଅଞ୍ଚଳରେ ବର୍ଷା ଯୋଗୁଁ କ୍ଷୟକ୍ଷତି ହୋଇଛି। କେଉଁଠି ରାସ୍ତାରେ ଖଣ୍ଡ ଖଣ୍ଡ ହେଉଛି, କେଉଁଠି ପଡ଼ିରହିଛି ବଡ଼ ବଡ଼ ପଥର । ଏପରି ପରିସ୍ଥିତି ଯୋଗୁଁ ରାଜପଥ ବନ୍ଦ ହୋଇଯାଇଛି । ଯାହା ଯୋଗୁଁ ହଜାର ହଜାର ଶ୍ରଦ୍ଧାଳୁ ଫସି ରହିଛନ୍ତି । , ପାଣିପାଗ ବିଭାଗ ମଧ୍ୟ ପ୍ରବଳ ବର୍ଷା ସମ୍ପର୍କରେ ସତର୍କତା ଜାରି କରିଛି ।

## ୟୁକ୍ରେନ୍‌ର ଫାଇଟର ଜେଟ୍ ଏଫ୍-୧୬କୁ ଉଡ଼ାଇଲା ରୁଷ୍



**ନୂଆଦିଲ୍ଲୀ,୨୯।୬:** ୟୁକ୍ରେନ୍ ଉପରେ ରୁଷର ପୁଣି ବଡ଼ ହମଲା। ରବିବାର ଭୋର ସମୟରେ ମିସାଇଲ ଓ ଡ୍ରୋନ୍ ଯୋଗେ କରିଛି ଆକ୍ରମଣ। ଏହି ଆକ୍ରମଣରେ ୟୁକ୍ରେନ୍‌ର ଏକ ଏଫ୍-୧୬ ଯୁଦ୍ଧ ବିମାନ ନଷ୍ଟ ହୋଇଯାଇଛି ଓ ପାଇଲଟର ମୃତ୍ୟୁ ହୋଇଛି। ଏହି ସୂଚନା ୟୁକ୍ରେନ୍ ସେନା ପକ୍ଷରୁ ଦିଆଯାଇଛି। ଉଲ୍ଲେଖନୀୟ ଯେ, ଏହା ହେଉଛି ସେହି ଫାଇଟର ଜେଟ୍ ଯାହାକୁ ଆମେରିକାରୁ ପାକିସ୍ତାନ କିଣିଛି। ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍ସ୍କି କହିଛନ୍ତି ଯେ ରୁଷ ରାତାରାତି ୫୩୭ଟି ଅସ୍ତ୍ରଶସ୍ତ୍ର ସହିତ ୟୁକ୍ରେନ ଉପରେ ବିମାନ ଆକ୍ରମଣ କରିଛି। ଏଥିରେ ୪୭୭ଟି ଡ୍ରୋନ୍ ଏବଂ ୬୦ଟି କ୍ଷେପଣାସ୍ତ୍ର ରହିଛି। ଏହି ଆକ୍ରମଣ ବିଷୟରେ ସୂଚନା ଦେଇ ରାଷ୍ଟ୍ରପତି ଜେଲେନସ୍କି କହିଛନ୍ତି, ଏହି ଆକ୍ରମଣରେ ନିୟୋଜିତ ଏଫ୍-୧୬ ବିମାନ ନଷ୍ଟ ହୋଇଛି। ଏହା ଆକ୍ରମଣରେ ପାଇଲଟ୍ ମାକ୍ସିମ୍ ଉଷ୍ଟେଙ୍କୋଙ୍କମୃତ୍ୟୁ ହୋଇଥିଲା। ତାଙ୍କ ପରିବାର ପ୍ରତି ମୋର ସମବେଦନା ରହିଛି। ତାଙ୍କ ମୃତ୍ୟୁର ସମସ୍ତ ପରିସ୍ଥିତିର ତଦନ୍ତ କରିବାକୁ ମୁଁ ନିର୍ଦ୍ଦେଶ ଦେଇଛି। ରାଷ୍ଟ୍ରପତି ଜେଲେନସ୍କିଙ୍କ କହିବା ଅନୁଯାୟୀ, ଆକ୍ରମଣ ପାଇଁ ରୁଷ ବ୍ୟବହାର କରୁଥିବା ଅଧିକାଂଶ ଡ୍ରୋନ ଇରାନରେ ନିର୍ମିତ 'ଶାହେଦ' ଡ୍ରୋନ ଥିଲା। ଏହି ଆକ୍ରମଣରେ ସ୍ମିଲାରେ ଏକ ଆବାସିକ କୋଠାକୁ ମଧ୍ୟ ଟାର୍ଗେଟ କରାଯାଇଥିଲା ଏବଂ ଜଣେ ଶିଶୁ ଆହତ ହୋଇଛି। ଆକ୍ରମଣରେ ପ୍ଲିଭ, ପୋଲ୍ଟାଭା, ମାୟକୋଲାଇଭ, ଡନିପ୍ରୋପେଷ୍ଟକ ଓ ଚେରକାସି ଭଳି ସହରରେ ଆକ୍ରମଣ ହୋଇଛି ।

## ଇସ୍ରାଏଲ ଆକ୍ରମଣରେ ଟପ୍ ହମାସ କମାଣ୍ଡରଙ୍କ ମୃତ୍ୟୁ



**ନୂଆଦିଲ୍ଲୀ,୨୯।୬:** ଆଇଡିଏଫ୍ ପକ୍ଷରୁ ଏକ ବଡ଼ ସୂଚନା ସାମ୍ନାକୁ ଆସିଛି। ଇସ୍ରାଏଲ ସୈନ୍ୟମାନେ ଗାଜା ସହରର ସାବ୍ରା ଅଞ୍ଚଳକୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକରେ ଟପ୍ କମାଣ୍ଡର ହାକେମ୍ ମହମ୍ମଦ ଇସା ଅଲ୍-ଇସାଙ୍କୁ ହତ୍ୟା କରିଥିବା ଦାବି କରିଛନ୍ତି ଆଇଡିଏଫ୍। ଅଲ୍-ଇସାକୁ ୭ ଅକ୍ଟୋବର ୨୦୨୩ରେ ହୋଇଥିବା ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଏବଂ ହମାସର ସୈନ୍ୟ ସଂସ୍ଥାପକ ସଦସ୍ୟଙ୍କ ମଧ୍ୟରୁ ଜଣେ ବୋଲି ଆଇଡିଏଫ୍ ଟ୍ୱିଟ୍ ମାଧ୍ୟମରେ ସୂଚନା ଦେଇଛନ୍ତି । ଏହା ଛଡ଼ା ଆଇଡିଏଫ୍ କହିଛନ୍ତି ଯେ, ଅକ୍ଟୋବର ୭ରେ ଘଟିଥିବା ଆକ୍ରମଣ ଯୋଜନାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସୂଚନାନୁଯାୟୀ, ଆଇଡିଏଫ୍ ଏବଂ ଇସ୍ରାଏଲ ସୁରକ୍ଷା ଏଜେନ୍ସି କହିଛନ୍ତି ଯେ ଆକ୍ରମଣରେ ଜଡିତ ଥିବା ସମସ୍ତ ଆତଙ୍କବାଦୀଙ୍କୁ ଖୋଜି ନିପାତ କରିବା ପାଇଁ ସେମାନେ ଅଭିଯାନ ଜାରି ରଖିବେ। କାଉନ୍ସିଲର ସଦସ୍ୟ, ଟ୍ରେନିଙ୍ଗ ହେଡକ୍ୱାଟରର ପ୍ରମୁଖ ଏବଂ ଅଲ-କସମ ବ୍ରିଗେଡସର ମିଲିଟାରୀ ଏକାଡେମୀର ସଂସ୍ଥାପକ ଯେଉଁମାନେ ଆତଙ୍କବାଦୀଙ୍କୁ ତାଲିମ ମାଧ୍ୟମରେ ବିକଶିତ କରିଥିଲେ ବୋଲି ଏକ ସୂତ୍ରରୁ ଜଣାପଡିଛି । ଆଇଡିଏଫ୍ ଏହା ମଧ୍ୟ କହିଛି ଯେ ଅଲ-ଇସା ସିରିଆ ଏବଂ ଇରାକରେ ଯୁଦ୍ଧ ତାଲିମ ପାଇଥିଲା। ୨୦୦୫ରେ ସିରିଆରୁ ଗାଜା ଆସିଥିଲା, ଯେଉଁଠାରେ ସେ ହମାସର ସାମରିକ ସଂଗଠନର ଅଂଶ ହୋଇଯାଇଥିଲା ।

## ହନିମୁନ୍ ସାରି ଆସିଲେ ମୋ ସହ ଝଗଡ଼ା କଲେ...



**ନୂଆଦିଲ୍ଲୀ,୨୯।୬:** ତୃଣମୂଳ କଂଗ୍ରେସ ଦଳରୁ ଦୂରେଇ ଦିଆ ଯାଇଥିବା ସାଂସଦ କଲ୍ୟାଣ ବାନାର୍ଜୀ ଟାର୍ଗେଟ୍ କରି ଅତି ବ୍ୟକ୍ତିଗତ ଆକ୍ଷେପ କରିଛନ୍ତି ମୋହୁଆ ମୈତ୍ରଙ୍କୁ। ନିଜ ଦଳର ସାଂସଦ ମୋହୁଙ୍କୁଆ ସେ କହିଛନ୍ତି ଯେ ହନିମୁନ୍ ସାରି ଫେରିବା ପରେ ମୋ ସହ ଝଗଡ଼ା କରୁଛନ୍ତି। କୋଲକାତାରେ ଆଇନ୍ କଲେଜ ଛାତ୍ରୀଙ୍କ ଗଣଦୁଷ୍କର୍ମ ଘଟଣାରେ ମୋହୁଆ କଲ୍ୟାଣଙ୍କୁ ସମାଲୋଚନା କରିଥିଲେ। ସେ ତାଙ୍କ ନାଁ ନନେଇ ଏଭଳି ନେତାମାନେ ମହିଳା ବିରୋଧୀ ବୋଲି 'ଏକ୍ସ'ରେ ପୋଷ୍ଟ କରିଥିଲେ । ତାରି ଜବାବରେ କଲ୍ୟାଣ କହିଛନ୍ତି ଯେ ଜଣେ ୪୦ ବର୍ଷର ମହିଳା ୬୫ ବର୍ଷ ବୟସ୍କ ବ୍ୟକ୍ତିଙ୍କୁ ବାହା ହୋଇଛନ୍ତି । ଏହା କଣ ମହିଳାମାନଙ୍କ ମନ ଭାଙ୍ଗି ଦେଇନି କି ? ଗତ ମାସ ବିଜେଡିର ପୂର୍ବତନ ସାଂସଦ ପିନାକୀ ମିଶ୍ରଙ୍କୁ ମୋହୁଆ ବିବାହ କରିଥିଲେ । ଯାହାକୁ ନେଇ ଖୁବ୍ ଚର୍ଚ୍ଚା ହୋଇଛି । ଦୁହେଁ ବର୍ଲିନରେ ବିବାହ କରିବା ପରେ ଏକ ପୁରୁଣା ହିନ୍ଦୀ ଗୀତରେ ନାଚୁଥିବା ଭିଡିଓ ଭାଇରାଲ ହୋଇଥିଲା । ତେବେ କଲ୍ୟାଣ ବାନାର୍ଜୀଙ୍କ ଏହି ବ୍ୟକ୍ତିଗତ ଆକ୍ଷେପକୁ ନାପସନ୍ଦ କରାଯାଇଛି ।

# ବିଜେପି ମୁଖ୍ୟାଳୟରେ ରହିବେ ରାଷ୍ଟ୍ରମନ୍ତ୍ରୀ ; ସାଙ୍ଗଠନିକ କାର୍ଯ୍ୟ ବୁଝାସୁଝା କରିବେ



**ନୂଆଦିଲ୍ଲୀ,୨୯।୬:** ଦଳୀୟ ସଙ୍ଗଠନ ଓ ସରକାର ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖିବା ଉଦ୍ଦେଶ୍ୟରେ ବିଜେପି ମୁଖ୍ୟାଳୟରେ କେନ୍ଦ୍ର ସରକାରଙ୍କ ରାଷ୍ଟ୍ରମନ୍ତ୍ରୀମାନେ ଅବସ୍ଥାନ କରିବେ। ସପ୍ତାହରେ ୬ ଦିନ ସୋମବାରରୁ ଶନିବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସେମାନେ ଉପଲବ୍ଧ ରହିବେ । ସେମାନେ ଦଳୀୟ ନେତା ଓ କର୍ମୀଙ୍କ ଆପତ୍ତି ଅଭିଯୋଗ ଶୁଣିବା ସହ ତାର ସମାଧାନ କରିବେ ।

କେଉଁ ମନ୍ତ୍ରୀମାନେ କେଉଁ ଦିନ ମୁଖ୍ୟାଳୟରେ ଅବସ୍ଥାନ କରିବେ ସେଥିପାଇଁ ରୋଷ୍ଟର ପ୍ରସ୍ତୁତ କରାଯିବ। ସେହି ରୋଷ୍ଟର ଅନୁସାରେ ସେମାନେ କାର୍ଯ୍ୟ କରିବେ । ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ରାଜ୍ୟରୁ ଦଳୀୟ ନେତା ଓ କର୍ମୀମାନେ ଦିଲ୍ଲୀ ଆସିବା ସହ ମୁଖ୍ୟାଳୟରେ ମନ୍ତ୍ରୀମାନଙ୍କୁ ଭେଟିବାକୁ ଚାହିଁଥାନ୍ତି । ସେମାନେ ନିଜ ନିର୍ବାଚନମଣ୍ଡଳୀର ସମସ୍ୟା ଓ ଦଳୀୟ ସଙ୍ଗଠନ ସମ୍ପର୍କରେ କଥା ହେବାକୁ ଆଶା କରିଥାନ୍ତି । କିନ୍ତୁ ଅନେକ ସମୟରେ ମନ୍ତ୍ରୀମାନଙ୍କୁ ନ ପାଇ ସେମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏଭଳି ନୂତନ ବ୍ୟବସ୍ଥା କରାଯାଇଛି । ସରକାରଙ୍କ ନିଷ୍ପତ୍ତି ଫଳରେ ଦୁଇଟି ଉଦ୍ଦେଶ୍ୟ ସାଧିତ ହେବ ।

ପ୍ରଥମତଃ ଦଳୀୟ ନେତା ଓ କର୍ମୀମାନଙ୍କ ଆପତ୍ତି ଅଭିଯୋଗର ସମାଧାନ ହେବ । ଦ୍ୱିତୀୟତଃ କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନା ଓ ରାଜ୍ୟ ପାଇଁ ସ୍ୱତନ୍ତ୍ର ଯୋଜନା ସମ୍ପର୍କରେ ସେମାନେ ଅବଗତ ହେବେ । ଯାହାଫଳରେ ସେମାନେ ଏହି ଯୋଜନା ସମ୍ପର୍କରେ ନିଜ ନିର୍ବାଚନମଣ୍ଡଳୀରେ ଲୋକଙ୍କୁ ଅବଗତ କରିବେ। ଆସନ୍ତା ଅକ୍ଟୋବର-ନଭେମ୍ବରରେ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନ ଏବଂ ଆସନ୍ତାବର୍ଷ ଅର୍ଥାତ ୨୦୨୬ରେ ହେବାକୁ ଥିବା କେରଳ, ତାମିଲନାଡୁ ଓ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏଭଳି କରାଯାଇଛି । ରୋଷ୍ଟର ଅନୁସାରେ ଆଜି ଅର୍ଥାତ ୨୮ ତାରିଖ ଦିନ ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ବିଜେପି ମୁଖ୍ୟାଳୟରେ ରହିଥିଲେ । ଆସନ୍ତା ୩୦ ତାରିଖରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ, ଜୁଲାଇ ୧ରେ ସଡ଼କ ପରିବହନ ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା, ଜୁଲାଇ ୨ରେ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗା ଦାସ ଉଇକେ, ଜୁଲାଇ ୩ରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଏଲ୍ ମୁରୁଗାନ ଏବଂ ଜୁଲାଇ ୪ରେ ସମବାୟ ରାଷ୍ଟ୍ରମନ୍ତ୍ରୀ କ୍ରିଷ୍ଣପାଲ ଗୁର୍ଜର ବିଜେପି ମୁଖ୍ୟାଳୟରେ ରହି ଦଳୀୟ ନେତା ଓ କର୍ମୀଙ୍କ ଅଭିଯୋଗ ଶୁଣିବେ ।

## ସପ୍ତଦଶ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ
## ଜୁଲାଇ ୨ରୁ ବିଦେଶ ଗସ୍ତ



**ନୂଆଦିଲ୍ଲୀ,୨୯।୬:** ଆସନ୍ତା ଜୁଲାଇ ୬-୭ରେ ବ୍ରାଜିଲର ରିଓ ଡି ଜେନେରୋ ଠାରେ ହେବାକୁ ଥିବା ସପ୍ତଦଶ ବ୍ରିକ୍ସ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ। ତେବେ ଏହି ବୈଠକରେ ଚୀନ ରାଷ୍ଟ୍ରପତି ସି. ଜିନପିଙ୍ଗ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଯୋଗଦେବେ ନାହିଁ ବୋଲି ସୂଚନା ମିଳିଛି । ସେମାନଙ୍କ ସ୍ଥାନରେ ଚୀନ୍ ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ଓ ରୁଷ ବିଦେଶ ମନ୍ତ୍ରୀ ସର୍ଗେ ଲାଭରୋଭ ଏହି ବୈଠକରେ ଯୋଗଦେବେ ।

ପ୍ରଧାନମନ୍ତ୍ରୀ ମୋଦି ଆସନ୍ତା ଜୁଲାଇ ୨ରୁ ୫ ରାଷ୍ଟ୍ର ଗସ୍ତରେ ଯିବେ । ପ୍ରଥମେ ସେ ଜୁଲାଇ ୨-୩ରେ ଘାନା ଗସ୍ତରେ ରହିବେ । ଦୀର୍ଘ ୩୦ ବର୍ଷ ପରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ହେବ ପ୍ରଥମ ଘାନା ଗସ୍ତ । ଏହା ପରେ ଜୁଲାଇ ୩-୪ରେ ତ୍ରିନିଦାଦ ଓ ଟବାଗୋ ଗସ୍ତ କରିବେ । ୧୯୯୯ ପରେ ଏହା ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗସ୍ତ । ଗସ୍ତର ତୃତୀୟ ପର୍ଯ୍ୟାୟରେ ଜୁଲାଇ ୪-୫ରେ ମୋଦି ଆର୍ଜେଣ୍ଟିନା ଯିବେ । ସେଠାକାର ରାଷ୍ଟ୍ରପତି ଜାଭିଏର ମିଲେଇଙ୍କ ସହ ସେ ଦ୍ୱିପାକ୍ଷିକ ଆଲୋଚନା କରିବେ । ଏହା ପରେ ମୋଦି ୫-୮ ତାରିଖ ପର୍ଯ୍ୟନ୍ତ ବ୍ରାଜିଲ ଗସ୍ତରେ ଯିବେ । ସେଠାରେ ବ୍ରିକ୍ସ ସମ୍ମିଳନୀରେ ସାମିଲ ହେବେ । ଏହା ହେବ ମୋଦିଙ୍କ ଚତୁର୍ଥ ବ୍ରାଜିଲ ଗସ୍ତ । ବ୍ରିକ୍ସ ସମ୍ମିଳନୀରେ ସେ ବୈଶ୍ୱିକ ଶାସନରେ ସଂସ୍କାର, ଶାନ୍ତି ଓ ନିରାପତ୍ତା, ବହୁପକ୍ଷବାଦର ସୁଦୃଢ଼ୀକରଣ, ଏଆଇର ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ଜଳବାୟୁ, ସ୍ୱାସ୍ଥ୍ୟ ଓ ଆର୍ଥିକ ସହଯୋଗ ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ ରଖିବେ । ଜୁଲାଇ ୯ରେ ଗସ୍ତର ଶେଷ ପର୍ଯ୍ୟାୟରେ ମୋଦି ନାମ୍ବିଆ ଯିବେ ।

## କରୋନା ନେଲା ଜୀବନ: ଦିଲ୍ଲୀରେ ଦୁଇ ଜଣଙ୍କ ମୃତ୍ୟୁ



**ନୂଆଦିଲ୍ଲୀ,୨୯।୬:** ଦିଲ୍ଲୀରେ ଦୁଇ ଜଣ ବୃଦ୍ଧଙ୍କର କରୋନାରେ ମୃତ୍ୟୁ ଘଟିଛି। ଦୁହେଁ ପୂର୍ବରୁ ହସ୍ପିଟାଲରେ ଅନ୍ୟ ଗୁରୁତର ରୋଗ ପାଇଁ ଚିକିତ୍ସାଧୀନ ଥିଲେ। ଚିକିତ୍ସା ସମୟରେ ସଂକ୍ରମିତ ହେବା ପରେ ସେମାନଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଶନିବାର ଦିଲ୍ଲୀରେ ଜଣେ ୭୩ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ପୂର୍ବରୁ ମେଟାଷ୍ଟାଟିକ୍ ଫୁସଫୁସ କର୍ସିନୋମା, ଆକ୍ୟୁଟ ରେସପାରଟରୀ ଡିଷ୍ଟ୍ରେସ୍ ସିଣ୍ଡ୍ରୋମ, ବି/ଏଲ ନିମୋନିଆ, ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ସେଭଳି ଦ୍ୱିତୀୟ ରୋଗୀ ଜଣକ ଥିଲେ ଜଣେ ୭୬ ବର୍ଷୀୟ ବ୍ୟକ୍ତି। ତାଙ୍କୁ ପୂର୍ବରୁ ସେପ୍ଟିସେମିଆ ସହିତ ସେପ୍ଟିସେମିଆ, ମଲ୍ଟିପଲ୍ ଅର୍ଗାନ ଡିସଫଙ୍କସନ୍ ସିଣ୍ଡ୍ରୋମ, ସିଭିୟର ନିମୋନିଆ, ଡିଏମ୍, ଉଚ୍ଚ ରକ୍ତଚାପ ଏବଂ ହୃଦରୋଗ ସମସ୍ୟା ହୋଇଥିଲା। ଚିକିତ୍ସା ସମୟରେ ଉଭୟଙ୍କୁ କରୋନା ସଂକ୍ରମଣ ହୋଇଥିଲା ଏବଂ ସେମାନଙ୍କ ଅବସ୍ଥା ଗୁରୁତର ହେବା ପରେ ଉଭୟଙ୍କ ମୃତ୍ୟୁ ହୋଇଥିଲା।

## ଚୀନ୍ ଠାରୁ ପାକିସ୍ତାନ ଆଣିବ ୩.୭ ବିଲିୟନ୍ ଡଲାର



**ନୂଆଦିଲ୍ଲୀ,୨୯।୬:** ପାକିସ୍ତାନକୁ ୩.୭ ବିଲିୟନ ଡଲାର ଋଣ ଦେବାକୁ ଯାଉଛି ଚୀନ୍ । ଦୁଇ ଦେଶ ମଧ୍ୟରେ ଏନେଇ ଏକ ଚୁକ୍ତି ମଧ୍ୟ ଚୂଡ଼ାନ୍ତ ହୋଇଛି। ପୁଣି ଥରେ ପାକିସ୍ତାନକୁ ଋଣ ଜାଲରେ ଛନ୍ଦି ଦେବ ଚୀନ । ଏହି ଋଣ ପାଇବା ପରେ ପାକିସ୍ତାନର ବୈଦେଶିକ ମୁଦ୍ରା ଭଣ୍ଡାର ୧୨.୪ ବିଲିୟନ ଡଲାରକୁ ବୃଦ୍ଧି ପାଇବ । ଗତ ସପ୍ତାହରେ ପାକିସ୍ତାନର ବୈଦେଶିକ ମୁଦ୍ରା ଭଣ୍ଡାର ୮.୯ ବିଲିୟନ ଡଲାରକୁ ହ୍ରାସ ପାଇଥିଲା। ଫଳରେ ପାକିସ୍ତାନ ଦେବାଳିଆ ହେବାର ଆଶଙ୍କା ବୃଦ୍ଧି ପାଇଥିଲା। ଏହି ଋଣ ପାକିସ୍ତାନକୁ ଆଇଏମ୍‌ଏଫ୍ ଦେଇଥିବା ଲକ୍ଷ୍ୟ ପୂରଣରେ ସାହାଯ୍ୟ କରିବ ବୋଲି ଆଶା।

## ଭାରତ-ପାକ୍ ସୀମାରୁ ୨ ମୃତଦେହ ଉଦ୍ଧାର




**ନୂଆଦିଲ୍ଲୀ,୨୯।୬:** ରାଜସ୍ଥାନର ଜୈସଲମେର ଜିଲ୍ଲାରେ ଭାରତ-ପାକିସ୍ତାନ ସୀମା ନିକଟରେ ଜଣେ ନାବାଳିକା ଓ ଯୁବକଙ୍କ ସଢ଼ି ଯାଇଥିବା ଶବ ଉଦ୍ଧାର ହୋଇଛି। ପୋଲିସର କହିବା ଅନୁସାରେ,ମୃତଦେହର ସ୍ଥିତିକୁ ଦେଖି ଲାଗୁଛି ଦୁହିଁଙ୍କ ମୃତଦେହ ପ୍ରାୟ ଏକ ସପ୍ତାହ ପୂର୍ବର। ଏହି ଶବ ଶନିବାର ଉଦ୍ଧାର କରାଯାଇଛି। ଘଟଣାସ୍ଥଳରୁ ଏକ ପାକିସ୍ତାନୀ ସିମ୍ କାର୍ଡ ସହ ଦୁଇଟି ପରିଚୟ ପତ୍ର ମିଳିଛି । ୧୮ ବର୍ଷର ରବି କୁମାର ଏବଂ ୧୫ ବର୍ଷର ଶାନ୍ତି ବାଇ ବୋଲି ଦୁହିଁଙ୍କ ପରିଚୟ ମିଳିଛି। ଜୈସଲମେରର ଏସପି ସୁଧୀର ଚୌଧୁରୀ କହିଛନ୍ତି, ମୃତଦେହ ସାଧେୱାଲା ଅଞ୍ଚଳରେ ମିଳିଛି, ଯାହାକି ଅନ୍ତର୍ଜାତୀୟ ସୀମା ଓ ଭାରତୀୟ କ୍ଷେତ୍ରଠାରୁ ପ୍ରାୟ ୧୦-୧୨ କିଲୋମିଟର ଦୂରରେ ରହିଛି। ମୃତଦେହକୁ ରାମଗଢ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦିଆଯାଇଛି। ପୋଷ୍ଟମର୍ଟମରେ ମୃତ୍ୟୁର କାରଣ ଜଣାପଡିବ। ଏସ୍‌ପି ସୁଧିର ଚୌଧୁରୀ କହିଛନ୍ତି, କାଲି ସକାଳେ ପ୍ରାୟ ୧୧ଟା ବେଳେ ଏକ ସ୍ଥାନୀୟ ନିବାସୀ ସୂଚନା ଦେଇଛନ୍ତି ଯେ, ଅନ୍ତର୍ଜାତୀୟ (ଭାରତ-ପାକିସ୍ତାନ) ସୀମାଠାରୁ କିଛି କିଲୋମିଟର ଦୂରରେ ଜଣେ ଯୁବତୀଙ୍କ ମୃତଦେହ ମିଳିଛି। ଆଜି ବିଏସ୍‌ଏଫ୍‌ର ବରିଷ୍ଠ ଅଧିକାରୀ ଅଞ୍ଚଳର ଯାଞ୍ଚ କରୁଛନ୍ତି। ଆମେ ଅନ୍ୟ ଏଜେନ୍ସି ସହ ମଧ୍ୟ ମିଶିକି କାମ କରୁଛୁ। ସେ ଆହୁରି କହିଛନ୍ତି, ଜଣେ ପାକିସ୍ତାନୀ ସିମ୍ କାର୍ଡ ଥିବା ମୋବାଇଲ ଫୋନ୍ ମଧ୍ୟ ଜବତ କରାଯାଇଛି। ତାଙ୍କ ପାଖରେ ଖାଲି ପାଣି ବୋତଲ ଥିଲା। ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡିଛି ଦୁହିଁଙ୍କ ମୃତ୍ୟୁ ଡିହାଇଡ୍ରେସନ୍(ପାଣିର ଅଭାବ)ରୁ ହୋଇଥିବ। କିନ୍ତୁ ଦୁହିଁଙ୍କ ମୃତ୍ୟୁର ସଠିକ କାରଣ ପୋଷ୍ଟମର୍ଟମ ପରେ ଜଣାପଡିବ।

## ବିହାର ରଚିଲା ଇତିହାସ, ପ୍ରଥମଥର ମୋବାଇଲ ଆପ୍‌ରେ ଭୋଟିଂ




**ପାଟନା,୨୯।୬:** ଦେଶରେ ପ୍ରଥମ ଥର ପାଇଁ ମୋବାଇଲ ଆପ୍‌ରେ ମତଦାନ ହୋଇଛି। ଶନିବାର ବିହାରର ୨୬ ଜିଲ୍ଲାର ୪୨ ନଗରପାଳିକାରେ ଉପନିର୍ବାଚନ ହୋଇଥିଲା। ଏଥିରେ ମତଦାତାଙ୍କୁ ମୋବାଇଲ୍ ଆପ୍ ଦ୍ୱାରା ଭୋଟ ଦେବାକୁ ସୁଯୋଗ ମିଳିଥିଲା। ଭୋଟ କେନ୍ଦ୍ର ପର୍ଯ୍ୟନ୍ତ ପହଞ୍ଚିବାକୁ ଅସମର୍ଥ ଥିବା ଲୋକମାନେ କିଭଳି ସହଜରେ ମତାଧିକାର ସାବ୍ୟସ୍ତ କରିପାରିବେ, ସେଥିପାଇଁ ଏହି ପ୍ରକଳ୍ପ ଆରମ୍ଭ ହୋଇଛି । ଭୋଟିଂ ଲାଗି ଦୁଇଟି ଆପ୍ ଶୁଭାରମ୍ଭ କରାଯାଇଛି। ଏହି ସୁବିଧାର ଲାଭ ଉଠାଇବାକୁ ଚାହିଁଥିବା ଲୋକମାନେ ପଞ୍ଜୀକରଣ କରାଇଥିଲେ।

ନିର୍ବାଚନ କମିଶନଙ୍କ ମୁତାବକ, ଇ-ଭୋଟିଂ ପାଇଁ ୫୦ ହଜାରରୁ ଅଧିକ ଲୋକ ପଞ୍ଜୀକରଣ କରାଇଥିଲେ । ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଇ-ଭୋଟିଂ ଚାଲିଥିଲା । ଦୁବାଇ, କତାର ଭଳି ଦେଶରେ ରହୁଥିବା ପ୍ରବାସୀ ବିହାରୀମାନେ ମଧ୍ୟ ଆପ୍ ଜରିଆରେ ଭୋଟ୍ ଦେଇଛନ୍ତି । ମୋତିହାରୀର ବିଭା ଆପ୍ ଦ୍ୱାରା ପ୍ରଥମେ ଭୋଟ୍ ଦେଇଥିଲେ। ଏହାଦ୍ୱାରା ସେ ଦେଶର ପ୍ରଥମ ଇ-ଭୋଟର ବିବେଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ବିହାରର ୨୬ ଜିଲ୍ଲାରେ ୪୨ ନଗରପାଳିକାରେ ୬୨.୪୧% ମତଦାନ ହୋଇଛି । ଏଥିରୁ ୬ଟି ନଗରପାଳିକାରେ ପାଇଲଟ୍ ପ୍ରକଳ୍ପ ଭାବେ ଇ-ଭୋଟିଂ ହୋଇଥିଲା । ଏହି ଇ-ଭୋଟିଂ ବ୍ୟବସ୍ଥାକୁ ସି-ଡିଏସି ଓ ବିହାର ରାଜ୍ୟ ନିର୍ବାଚନ କମିଶନ ମିଳିତ ଭାବେ ପ୍ରସ୍ତୁତ କରିଛନ୍ତି । ପ୍ରଥମ ଆପ୍ 'ଇ-ଭୋଟିଂ ଏସ୍‌ଇସିବିଏଚ୍‌ଆର'କୁ ସି-ଡିଏସି ବନାଇଛି । ଅନ୍ୟ ଆପ୍‌କୁ ବିହାର ନିର୍ବାଚନ କମିଶନ ଦ୍ୱାରା ପ୍ରସ୍ତୁତ କରାଯାଇଛି । ପ୍ରବାସୀ ଶ୍ରମିକ, ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା ଓ ଗୁରୁତର ଭାବେ ରୋଗଗ୍ରସ୍ତ ଲୋକମାନେ ଏଥିରେ ଭୋଟ ଦେଇପାରିବେ।

# ଆଇଏସ୍‌ଆଇ ସହଯୋଗରେ ପିଓକେରେ ନିର୍ମାଣ ଚାଲିଛି ହାଇଟେକ୍ କ୍ୟାମ୍ପ



**ନୂଆଦିଲ୍ଲୀ,୨୯।୬:** ପହଲଗାମ୍ ଆତଙ୍କୀ ଆକ୍ରମଣର ଜବାବରେ ଗତ ମେ ମାସରେ 'ଅପରେସନ୍ ସିନ୍ଦୂର'ରେ ଭାରତୀୟ ସେନା ପାକିସ୍ତାନ ଓ ପିଓକେରେ ଥିବା ଆତଙ୍କୀ କ୍ୟାମ୍ପ ଧ୍ୱଂସ କରିଥିଲା । ଏବେ ପାକିସ୍ତାନ ସେହି କ୍ୟାମ୍ପଗୁଡିକୁ ପୁଣି ପ୍ରତିଷ୍ଠା କରିବାକୁ ଜୋର୍‌ସୋରରେ ଉଦ୍ୟମ କରୁଛି । ଦେଶର ସେନା, ଗୁଇନ୍ଦା ଏଜେନ୍ସି ଆଇଏସ୍‌ଆଇ ଓ ସରକାର ଏଥିଲାଗି ମୋଟାଅଙ୍କର ପାଣ୍ଠି ଓ ପୂର୍ଣ୍ଣ ସମର୍ଥନ ଯୋଗାଇ ଦେଉଛନ୍ତି । ବିଶେଷକରି ପିଓକେ ଓ ତାର ଆଖପାଖ ଅଞ୍ଚଳରେ ଏହି ଆତଙ୍କୀ କ୍ୟାମ୍ପ ପ୍ରତିଷ୍ଠା ଲାଗି ସକ୍ରିୟ ଭାବେ କାର୍ଯ୍ୟ ଚାଲିଛି ।

ମେ ୭ରେ ପାକିସ୍ତାନ ଓ ପିଓକେରେ ଥିବା ୯ଟି ଆତଙ୍କୀ ଆଡ୍ଡା ଉପରେ ପ୍ରିସିସନ୍ (ଠିକ୍) ଆକ୍ରମଣ କରିଥିଲା ଭାରତୀୟ ସେନା। ଏହାପରେ ପାକିସ୍ତାନ ଏବେ ସେହି ସବୁ ଆତଙ୍କୀ କ୍ୟାମ୍ପର ପୁନଃ ନିର୍ମାଣ ଲାଗି ଉଦ୍ୟମ କରୁଛି ।

ଭାରତୀୟ ଗୁଇନ୍ଦା ଏଜେନ୍ସି ଅନୁସାରେ, ଏହି ଆତଙ୍କୀ କ୍ୟାମ୍ପଗୁଡ଼ିକ ଅତ୍ୟାଧୁନିକ ଟେକ୍ନୋଲୋଜିରେ ନିର୍ମାଣ ହେଉଛି । ପାକିସ୍ତାନର ଆତଙ୍କୀ ସଂଗଠନଗୁଡିକ ଆଇଏସ୍‌ଆଇ ସହିତ ମିଶି ନିୟନ୍ତ୍ରଣରେଖା(ଏଲଓସି) ନିକଟରେ ଘଞ୍ଚ ଜଙ୍ଗଲରେ ଛୋଟ ଛୋଟ ହାଇଟେକ୍ କ୍ୟାମ୍ପ ପ୍ରତିଷ୍ଠା କରିବାକୁ ଉଦ୍ୟମ କରୁଛନ୍ତି । ସର୍ଭିଲାନ୍ସ ଏବଂ ଏୟାରଷ୍ଟ୍ରାଇକ୍‌କୁ ଏଡ଼ାଇବା ଏହି ପଦକ୍ଷେପ ପଛର ଉଦ୍ଦେଶ୍ୟ । ପୁନି, ପୁଟୱାଲ, ତାଇପୁ ପୋଷ୍ଟ, ଜମିଲା ପୋଷ୍ଟ, ଉମ୍ରାନୱାଲି, ଚପରାର, ଫରୱାଦ କହୁଟା, ଛୋଟା ଚକ୍ ଓ ଜଙ୍ଗଲୋରା ଅଞ୍ଚଳରେ ଏଭଳି କ୍ୟାମ୍ପ ନିର୍ମାଣ ଚାଲିଛି । ସେହି କ୍ୟାମ୍ପଗୁଡିକୁ ଥର୍ମାଲ ଇମେଜର, ରାଡାର, ସାଟେଲାଇଟ୍ ସର୍ଭିଲାନ୍ସର ମୁକାବିଲା ଲାଗି ଉନ୍ନତ ପ୍ରଯୁକ୍ତିରେ ସଜ୍ଜିତ କରାଯାଇଥିବା ସୂଚନା ମିଳିଛି । ସେହିପରି ପାକିସ୍ତାନୀ ସେନା ଓ ଆଇଏସ୍‌ଆଇ ପିଓକେରେ ୧୩ଟି ଲଞ୍ଚ ପ୍ୟାଡ୍‌କୁ ପୁନଃ ବିକଶିତ କରୁଛି । ସେଗୁଡ଼ିକ କେଲ୍, ଶାରଡି, ଦୁଧନିୟାଲ, ଜୁରା, ଲିପା ଭ୍ୟାଲି, ପଚିବନ୍ ଚମନ୍, ଟାଣ୍ଡପାନି, ନୈୟାଲି, ଜାନକୋଟ୍, ଚାକୋଟି, ନିକୈଲ ଓ ଫରୱାଡ୍ କହୁଟା ଅଞ୍ଚଳରେ ରହିଛି । ଏସବୁ ବ୍ୟତୀତ 'ଅପରେସନ୍ ସିନ୍ଦୂର'ରେ ଅନ୍ତର୍ଜାତୀୟ ସୀମା ନିକଟରେ ଧ୍ୱଂସ କରାଯାଇଥିବା ୪ଟି ଆତଙ୍କୀ ଲଞ୍ଚ ପ୍ୟାଡ୍‌କୁ ବି ପୁନଃ କାର୍ଯ୍ୟକ୍ଷମ କରୁଛି ପାକିସ୍ତାନ । ଏଥିରେ ନିୟମିତ ପାକିସ୍ତାନୀ ରେଞ୍ଜରଙ୍କ ପୋଷ୍ଟ ବି ରହିଛି । ଅନ୍ୟପଟେ ଜମ୍ମୁ ସେକ୍ଟରରେ ଅନ୍ତର୍ଜାତୀୟ ସୀମା ନିକଟରେ ଆଇଏସ୍‌ଆଇ ୪ଟି ଲଞ୍ଚପ୍ୟାଡ୍ ପୁନଃ ବିକଶିତ କରୁଛି । ସେଗୁଡିକ ହେଲା ମସରୁର ବଡା ଭାଇ, ଚପରାର, ଲୁନି ଓ ଶଙ୍କରଗଡ଼ରେ ଏକ ଡ୍ରୋନ୍ କେନ୍ଦ୍ର ।



ଏସବୁ ଜରିଆରେ ଆଇଏସ୍‌ଆଇ ଏକ ନୂଆ ରଣନୀତି ପ୍ରସ୍ତୁତ କରୁଛି । ସେ ଅନୁସାରେ, ବଡ଼ ଆତଙ୍କୀ କ୍ୟାମ୍ପକୁ ଅନେକ ଛୋଟ କ୍ୟାମ୍ପରେ ବିଭାଜିତ କରାଯାଉଛି । ଗୋଟିଏ ସ୍ଥାନରେ ଅଧିକ ଆତଙ୍କବାଦୀଙ୍କ ଉପସ୍ଥିତିକୁ କମ୍ କରିବା ଏହି ଯୋଜନାର ଲକ୍ଷ୍ୟ । ଯେପରିକି ଏୟାରଷ୍ଟ୍ରାଇକ୍ ହେଲେ ସମ୍ଭାବ୍ୟ କ୍ଷତିକୁ କମାଯାଇପାରିବ । ଏହି ସବୁ ମିନି କ୍ୟାମ୍ପରେ ନିଜସ୍ୱ ସୁରକ୍ଷା ବ୍ୟବସ୍ଥା ରହିବ। ସ୍ୱତନ୍ତ୍ର ଭାବେ ତାଲିମପ୍ରାପ୍ତ ପାକିସ୍ତାନୀ ସେନା ଅଧିକାରୀ ତାର ସୁରକ୍ଷାକୁ ତଦାରଖ କରିବେ । ସେହି ଗାର୍ଡଙ୍କ ନିକଟରେ ଥର୍ମାଲ ସେନ୍ସର, ଲୋ ଫ୍ରିକ୍ୱେନ୍ସି ରାଡାର ସିଷ୍ଟମ ଓ ଆଣ୍ଟି ଡ୍ରୋନ୍ ଟେକ୍ନୋଲୋଜି ରହିବ। ଆହୁରି ମଧ୍ୟ ଭାରତୀୟ ଗୁଇନ୍ଦା ଏଜେନ୍ସିଗୁଡିକ ନିକଟରେ ବହାବଲପୁରରେ ହୋଇଥିବା ଏକ ଉଚ୍ଚ ସ୍ତରୀୟ ବୈଠକର ଏଜେଣ୍ଡା ସଂପର୍କରେ ପ୍ରକାଶ କରିଛନ୍ତି । ସେହି ବୈଠକରେ ଆଇଏସ୍‌ଆଇ ଅଧିକାରୀଙ୍କ ସହିତ ଜୈସ୍, ଲସ୍କର, ହିଜବୁଲ ମୁଜାହିଦ୍ଦିନ୍ ଓ ଟିଆରଏଫ୍‌ର ବରିଷ୍ଠ କମାଣ୍ଡରମାନେ ଭାଗ ନେଇଥିଲେ। ବୈଠକ ସମୟରେ ଆଇଏସ୍‌ଆଇ ନଷ୍ଟ ହୋଇଯାଇଥିବା ଆତଙ୍କୀ ଭିତ୍ତିଭୂମିକୁ ପୁନଃ ବିକଶିତ କରିବା ଲାଗି ମୋଟା ଅଙ୍କର ଅର୍ଥ ଦେବାର ପ୍ରତିଶ୍ରୁତି ଦେଇଥିଲା ।

### ଇଂଲଣ୍ଡ-ଭାରତ ମହିଳା ପ୍ରଥମ ଟି-ଟ୍ୱେଣ୍ଟି

# ସ୍ମୃତିଙ୍କ ଶତକ: ବିଜୟରୁ ଭାରତର ଅଭିଯାନ




**ନଟିଂହାମ,୨୯।୬:** ଘରୋଇ ଇଂଲଣ୍ଡ ଓ ଭାରତ ମହିଳା ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟି-ଟ୍ୱେଣ୍ଟି ମୁକାବିଲାରେ ଭାରତ ୯୭ ରନ୍‌ରେ ବିଶାଳ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦଳ ୫ ୱିକେଟ୍ ବିନିମୟରେ ୨୧୦ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୧୪.୫ ଓଭରରେ ୧୧୩ ରନ କରି ଅଲ୍ ଆଉଟ୍ ହୋଇ ଯାଇଥିଲା।

ଆହତ ହର୍ମନପ୍ରୀତ କୌରଙ୍କ ଅନୁପସ୍ଥିତିରେ ଭାରତୀୟ ଦଳର ନେତୃତ୍ୱ ନେଇଥିବା ସ୍ମୃତି ମନ୍ଧନା ଶତକ ଅର୍ଜନ କରି ବିରଳ ରେକର୍ଡ ସ୍ଥାପନ କରିବା ସହ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ପ୍ରଥମ ଭାରତୀୟ ବ୍ୟାଟର ଭାବେ ୩ଟି ଯାକ ଫର୍ମାଟ୍‌ରେ ଶତକ ଅର୍ଜନ କରିବାରେ ରେକର୍ଡ କରିଥିଲେ। କେବଳ ସେତିକି ନୁହେଁ, ଭାରତୀୟ ଭାବେ ସେ ଟି-ଟ୍ୱେଣ୍ଟି ଫର୍ମାଟ୍‌ରେ ସର୍ବବୃହତ୍ ଇନିଂସ ଖେଳିବାରେ ହର୍ମନପ୍ରୀତଙ୍କ ରେକର୍ଡ ଭାଙ୍ଗିଥିଲେ। ଏହାପରେ ପଦାର୍ପଣ ମ୍ୟାଚ୍ ଖେଳିଥିବା ୨୦ବର୍ଷୀୟା ଶ୍ରୀ ଚରଣୀ ୧୨ ରନ୍‌ରେ ୪ଟି ୱିକେଟ୍ ନେଇ ଇଂଲଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେବା ଘରୋଇ ଦଳ ପାଇଁ ମହଙ୍ଗା ପଡ଼ିଥିଲା। ଭାରତର ଦୁଇ ଓପନର ଶେଫାଳି ବର୍ମା ଓ ମନ୍ଧନା ଆକ୍ରମଣାତ୍ମକ ବ୍ୟାଟିଂ କରି ୭୭ ରନ୍ ସଂଗ୍ରହ କରିଥିଲେ। ଶେଫାଳି ୨୦ ରନ କରି ପ୍ରଥମେ ଆଉଟ୍ ହୋଇଥିଲେ। ମାତ୍ର ମନ୍ଧନାଙ୍କୁ ଅଟକାଇବାରେ ଇଂଲଣ୍ଡ ବୋଲର ବିଫଳ ହୋଇଥିଲେ। ସେ ଚୌକା ଓ ଛକା ବର୍ଷା କରି ଶତକ ଅର୍ଜନ କରିବା ଫଳରେ ଦଳୀୟ ସ୍କୋର ୨୧୦ରେ ପହଞ୍ଚିଥିଲା। ସେ ୬୨ଟି ବଲ୍‌ର ସାମ୍ନା କରି ୧୫ଟି ଚୌକା ଓ ୩ଟି ଛକା ବଳରେ ୧୧୨ ରନ ସଂଗ୍ରହ କରିଥିଲେ। ସୂଚନାଯୋଗ୍ୟ, ବିଶ୍ୱର ପଞ୍ଚମ ମହିଳା ବ୍ୟାଟର ଭାବେ ମନ୍ଧନା ୩ଟି ଯାକ ଫର୍ମାଟ୍‌ରେ ଶତକ ଅର୍ଜନ କରିଛନ୍ତି। ତାଙ୍କ ପୂର୍ବରୁ ହିଥର ନାଇଟ୍, ତାମି ବ୍ୟୁମୋଣ୍ଟ, ଲାଉରା ଉଲଭର୍ଟ ଓ ବେଥ ମୁନି ଏହି ସଫଳତା ଅର୍ଜନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ହର୍ଲିନ ଦେଓଲ ୭ ଚୌକା ବଳରେ ୪୩ ରନ କରିଥିବାବେଳେ ରିଚା ଘୋଷ ୧୨ ରନ କରିଥିଲେ। ଇଂଲଣ୍ଡ ପକ୍ଷରୁ ଲାଉରେନ ବେଲ୍ ୩ଟି ୱିକେଟ ନେଇଥିଲେ।

ଜବାବରେ ଇଂଲଣ୍ଡ ପ୍ରାରମ୍ଭରୁ ବିପର୍ଯ୍ୟୟର ସାମ୍ନା କରିଥିଲା। ଓପନର ଡାନି ୱାଟ୍ ଖାତା ଖୋଲି ପାରିନଥିବାବେଳେ ଶୋଫିଆ ଡଙ୍କଲି ମାତ୍ର ୭ ରନ କରି ପାଭିଲିୟନ ଫେରିଥିଲେ। ୯ ରନ୍‌ରେ ଓପନିଂ ଯୋଡ଼ିଙ୍କୁ ହରାଇବା ପରେ ଇଂଲଣ୍ଡ ବିପର୍ଯ୍ୟୟରୁ ମୁକୁଳି ପାରି ନଥିଲା। କେବଳ ଅଧିନାୟିକା ନାତାଲି ସ୍କିଭର-ବ୍ରଣ୍ଟଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଭାରତୀୟ ବୋଲରଙ୍କ ସାମ୍ନା କରିପାରି ନଥିଲେ। ସ୍କିଭର-ବ୍ରଣ୍ଟ ୧୦ ଚୌକା ବଳରେ ସର୍ବାଧିକ ୬୬ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ ଆର୍ଲଟ୍ ୧୨ ଓ ତାମି ବ୍ୟୁମୋଣ୍ଟ ୧୦ ରନ କରିଥିଲେ। ବାକି ୮ ବ୍ୟାଟର ୨ଅଙ୍କ ଛୁଇଁ ପାରି ନଥିଲେ। ଭାରତ ପକ୍ଷରୁ ଶ୍ରୀ ଚରଣୀଙ୍କ ୪ ୱିକେଟ ବ୍ୟତୀତ ଦୀପ୍ତି ଶର୍ମା ଓ ରାଧା ଯାଦବ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।

### ବିଶ୍ୱ ଆଥଲେଟିକ୍ସ ଜାଭେଲିନ ମାନ୍ୟତା

# ଗୋଲ୍ଡେନ୍ ବୟ ନୀରଜ ଚୋପ୍ରା ଏକ ନମ୍ବର




**ନୂଆଦିଲ୍ଲୀ, ୨୯।୬:** ଡବଲ୍ ଅଲିମ୍ପିକ୍ ପଦକ ବିଜେତା ଭାରତର ନୀରଜ ଚୋପ୍ରା ସଦ୍ୟ ଘୋଷିତ ବିଶ୍ୱ ଆଥଲେଟିକ୍ସ ଜାଭେଲିନ ମାନ୍ୟତା ତାଲିକାରେ ଶୀର୍ଷ ସ୍ଥାନ ଫେରି ପାଇଛନ୍ତି। ସେ ମୋଟ୍ ୧୪୪୫ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ପୂର୍ବରୁ ଏହି ସ୍ଥାନରେ ଥିବା ଗ୍ରେନାଡାର ଆଣ୍ଡରସନ ପିଟର୍ସ ଦ୍ୱିତୀୟକୁ ଖସିଛନ୍ତି। ସେ ୧୪୩୧ ପଏଣ୍ଟ ପାଇଛନ୍ତି। ସେହିପରି ଜର୍ମାନୀର ଜୁଲିଏନ ୱେବର ୧୪୦୧ ପଏଣ୍ଟ ସହ ତୃତୀୟ, ଅଲିମ୍ପିକ୍ ଚାମ୍ପିଅନ୍ ପାକିସ୍ତାନର ଅର୍ଶଦ ନଦୀମ ୧୩୭୦ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି। ଗତ ବର୍ଷ ସେପ୍ଟେମ୍ବର ମାସରେ ପିଟର୍ସ ଡାଏମଣ୍ଡ ଲିଗ୍ ଫାଇନାଲ୍‌ରେ ଚାମ୍ପିଅନ୍ ହେବା ସହ ନୀରଜଙ୍କୁ ପଛରେ ପକାଇ ଶୀର୍ଷ ମାନ୍ୟତା ଦଖଲ କରିଥିଲେ। ଚଳିତ ସିଜନରେ ନୀରଜଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି। ସେ ପୋଏଷ୍ଟ୍ରମ୍ ଠାରେ ଅନୁଷ୍ଠିତ ମିଟ୍‌ରେ ସ୍ୱର୍ଣ୍ଣ ପଦକ ଜିତି ସିଜନ ଆରମ୍ଭ କରିଥିଲେ। ଏହି ମିଟରେ ସେ ୮୪.୫୨ମିଟର ଥ୍ରୋ କରିଥିଲେ। ଏହାପରେ ଦୋହା ଡାଏମଣ୍ଡ୍‌ରେ ପ୍ରଥମ ଭାରତୀୟ ଭାବେ ୯୦ମିଟର ଦୂରତା ଅତିକ୍ରମ କରି ଇତିହାସ ରଚିଥିଲେ। ସେ ୯୦.୨୩ମିଟର ଥ୍ରୋ ସହ ଦ୍ୱିତୀୟରେ ରହିଥିଲେ। ପରେ ନୀରଜ ଜାନୁଜ କୁସୋସିନସ୍କି ମେମୋରିଆଲ୍ ଇଭେଣ୍ଟରେ ୮୪.୧୪ମିଟର ସହ ଦ୍ୱିତୀୟ, ପ୍ୟାରିସ୍ ଡାଏମଣ୍ଡ୍ ଲିଗ୍‌ରେ ୮୮.୧୬ମିଟର ସହ ପ୍ରଥମ ଏବଂ ଓଷ୍ଟ୍ରାଭା ଗୋଲ୍ଡେନ ସ୍ପାଇକ୍ ଇଭେଣ୍ଟରେ ୮୫.୨୯ମିଟର ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରଦର୍ଶନ ବଳରେ ସେ ମାନ୍ୟତା ତାଲିକାରେ ଶୀର୍ଷ ସ୍ଥାନ ଫେରିପାଇଛନ୍ତି।

# ଯଶ ଦୟାଲଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଲେ ଯୁବତୀ



**ନୂଆଦିଲ୍ଲୀ, ୨୯।୬:** ଇଣ୍ଡିଆନ୍ ପ୍ରିମିୟର ଲିଗରୁ ଲୋକପ୍ରିୟତା ପାଇଥିବା ଭାରତୀୟ କ୍ରିକେଟର ଯଶ୍ ଦୟାଲ୍ ବିବାଦରେ ଫସିଛନ୍ତି। ଆଇପିଏଲ୍ ୨୦୨୫ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଚାମ୍ପିଅନ୍ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଯଶ୍ ଦୟାଲଙ୍କ ବିରୋଧରେ ଜଣେ ମହିଳା ଯୌନ ଶୋଷଣ, ହିଂସା ଏବଂ ଠକେଇର ଅଭିଯୋଗ ଆଣିଛନ୍ତି। ପୀଡିତା ସୋସିଆଲ ମିଡିଆରେ ଏକ ପୋଷ୍ଟ ମାଧ୍ୟମରେ ଏହି ବାମହାତୀ ଦ୍ରୁତ ବୋଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପୀଡିତା ଏହି ମାମଲାରେ ନ୍ୟାୟ ପାଇଁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ରାଜ୍ୟ ପୁଲିସକୁ ଆବେଦନ କରିଛନ୍ତି। ଯଶ ଦୟାଲ ଘରୋଇ କ୍ରିକେଟରେ ଉତ୍ତରପ୍ରଦେଶ ପାଇଁ ଏବଂ ଆଇପିଏଲରେ ବେଙ୍ଗାଲୁରୁ ପାଇଁ ଖେଳୁଛନ୍ତି। ସେ ନିକଟ ଅତୀତରେ ଏହି ଲିଗରୁ ବହୁତ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ଗତ ବର୍ଷ ତାଙ୍କୁ ପ୍ରଥମ ଥର ପାଇଁ ଭାରତର ଟି-୨୦ ଦଳରେ ସାମିଲ କରାଯାଇଥିଲା। ସେ ଭାରତ ଏ ଦଳ ପାଇଁ କିଛି ମ୍ୟାଚ୍ ମଧ୍ୟ ଖେଳିଛନ୍ତି। ଜୁନ୍ ରେ ଦୟାଲ ଆରସିବିକୁ ଆଇପିଏଲ ଚାମ୍ପିଅନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। କିନ୍ତୁ ବର୍ତ୍ତମାନ ତାଙ୍କ ବିରୋଧରେ ଆସିଥିବା ସଙ୍ଗୀନ ଅଭିଯୋଗ ଦୟାଲଙ୍କ ସଫଳତାର ଚମକକୁ ଫିକା କରି ଦେଇପାରେ। ପୀଡିତା ହେଲ୍ପଲାଇନ୍ ପୋର୍ଟାଲରେ ତାଙ୍କର ଅଭିଯୋଗ ଦାଖଲ କରିଛନ୍ତି। ଏହାର ସ୍କ୍ରିନସଟ୍ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ମହିଳା ଜଣଙ୍କ ଏହି ପୋଷ୍ଟରେ ଦୟାଲଙ୍କ ସହିତ ତାଙ୍କର ଫଟୋ ମଧ୍ୟ ସେୟାର କରିଥିବା ଦେଖିବାକୁ ମିଳିଛି। ମହିଳା ଜଣଙ୍କ ଦାବି କରିଛନ୍ତି ଯେ, ସେ ଗତ ୫ ବର୍ଷ ଧରି କ୍ରିକେଟରଙ୍କ ସହ ସମ୍ପର୍କରେ ଥିଲେ। କିନ୍ତୁ ସଂପୃକ୍ତ କ୍ରିକେଟର ତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ମାନସିକ ଏବଂ ଶାରୀରିକ ଶୋଷଣ କରିଥିଲେ। କ୍ରିକେଟର ତାଙ୍କ ପରିବାର ସହ ତାଙ୍କୁ ପରିଚିତ କରାଇଥିଲେ ଏବଂ ଭବିଷ୍ୟତର ବୋହୂ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ସେ ଠକି ଦେଇଛନ୍ତି ବୋଲି ପୀଡ଼ିତା ଅଭିଯୋଗ କରିଛନ୍ତି। ସେହିଭଳି ଯଶ ଦୟାଲ ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇଛନ୍ତି। ଅନ୍ୟ ଯୁବତୀମାନଙ୍କ ସହ ମଧ୍ୟ ସେ ସଂପର୍କ ରଖିଥିବା ନେଇ ପୋଷ୍ଟରେ କହିଛନ୍ତି ପୀଡ଼ିତା। ସେପଟେ ଏଭଳି ଅଭିଯୋଗ ଉପରେ କ୍ରିକେଟର ଯଶ ଦୟାଲଙ୍କ ପ୍ରତିକ୍ରିୟା ମିଳିନାହିଁ।



# ଆଲ୍‌କାରାଜ୍‌ଙ୍କୁ ଡେଟ୍ କରୁଛନ୍ତି ଏମା

ନୂଆଦିଲ୍ଲୀ, ୨୯।୬: ପାଞ୍ଚଟି ଗ୍ରାଣ୍ଡସ୍ଲାମ୍ ବିଜେତା କାର୍ଲସ ଆଲ୍‌କାରାଜ୍ ଓ ଏମା ରାଡୁକାନୁଙ୍କୁ ନେଇ ସଂପ୍ରତି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର୍ ଧରିଛି। କେବଳ ୟୁଏସ୍ ଓପନ୍‌ରେ ମିଶ୍ରିତ ଯୁଗଳ ପଦାର୍ପଣ ପାଇଁ ନୁହେଁ ବରଂ ଉଭୟଙ୍କ ମଧ୍ୟରେ ଚାଲିଥିବା ବନ୍ଧୁତାକୁ ନେଇ ପ୍ରଶଂସକମାନେ ଚର୍ଚ୍ଚା କରୁଛନ୍ତି। ଏହି ଯୋଡ଼ି ନ୍ୟୁୟର୍କରେ ଚଳିତ ବର୍ଷ ଅଗଷ୍ଟରେ ମିଶ୍ରିତ ଖେଳିବା ପୂର୍ବରୁ ଉଭୟ ଲଣ୍ଡନରେ କ୍ୱିନ୍ସ କ୍ଲବ୍ ପ୍ରତିଯୋଗିତାରେ ଏକାଠି ଦେଖିବାକୁ ମିଳିଥିଲେ। ଏହି ପ୍ରତିଯୋଗିତାରେ ଆଲ୍‌କାରାଜ୍ ବିଜେତା ହୋଇଥିଲା ବେଳେ ରାଡୁକାନୁ ଷ୍ଟାଣ୍ଡରେ ରହି ତାଙ୍କୁ ସମର୍ଥନ କରୁଥିବା ଦେଖାଯାଇଥିଲେ। ସେହିପରି ରାଡୁକାନୁଙ୍କ ଦୁଇ ବିଜୟ ବେଳେ ମଧ୍ୟ ଆଲ୍‌କାରାଜ୍ ଷ୍ଟାଣ୍ଡରେ ଥିଲେ। ଚଳିତ ମାସ ଆରମ୍ଭରୁ ଏକ ସାକ୍ଷାତ୍‌କାରରେ ଆଲ୍‌କାରାଜ୍ କହିଥିଲେ, ''ଏମାଙ୍କ ସହ ନଥିଲେ ମୁଁ ଭାବୁଛି ଭଲ ଖେଳି ପାରି ନଥାନ୍ତି। ମୋର ସେ ହେଉଛନ୍ତି ବସ୍''। ଏହାକୁ ନେଇ ରାଡୁକାନୁ ସାମ୍ବାଦିକଙ୍କ ପ୍ରଶ୍ନରେ ହସି ହସି କହିଥିଲେ, ''ମୁଁ ଖୁସି ଯେ, ଇଣ୍ଟରନେଟ୍‌ରେ ମଜା କରୁଛି ଏବଂ ଆମେ ଦୁହେଁ ଅନ୍ୟମାନଙ୍କୁ ମନୋରଞ୍ଜନ ଦେଇପାରୁଛୁ''।

# ଡେବ୍ୟୁ କରି ପାରନ୍ତି ଅର୍ଶଦୀପ, ସୁନ୍ଦରଙ୍କୁ ମିଳିବ ସୁଯୋଗ

ନୂଆଦିଲ୍ଲୀ: ଭାରତ ଓ ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମୁକାବିଲା ଜୁଲାଇ ୨ରେ ବର୍ମିଂହାମର ଏଜବାଷ୍ଟନରେ ଖେଳାଯିବ। ଲିଡ୍ସରେ ଖେଳା ଯାଇଥିବା ପ୍ରଥମ ଟେଷ୍ଟରେ ଭାରତ ପରାଜୟ ଭୋଗିଛି। ଏବେ ସିରିଜ୍‌ରେ ପ୍ରତ୍ୟାବର୍ତ୍ତନ କରିବାକୁ ହେଲେ ଦ୍ୱିତୀୟ ଟେଷ୍ଟ ଜିତିବା ଜରୁରୀ। ତେବେ ଏହା ସେତେ ସହଜ ନୁହେଁ। କାରଣ ଦଳର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲର ଯଶପ୍ରୀତ ବୁମରାଙ୍କ ଦ୍ୱିତୀୟ ଟେଷ୍ଟ ଖେଳିବା ମୁସ୍କିଲ ଲାଗୁଛି। ରିପୋର୍ଟ ଅନୁଯାୟୀ କାର୍ଯ୍ୟଚାପକୁ ଦୃଷ୍ଟିରେ ରଖି ବୁମରା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳିବେ ନାହିଁ। ଏହା ନିଶ୍ଚିତ ଭାବେ ଭାରତ ପାଇଁ ବଡ଼ ଝଟକା। କୁହାଯାଉଛି ଇଂଲଣ୍ଡ ଆଜବେଷ୍ଟନରେ ଦ୍ରୁତ ବୋଲରଙ୍କୁ ସୁହାଇଲା ପରି ପିଚ୍ ପ୍ରସ୍ତୁତ କରିପାରେ। ସାଧାରଣତଃ ଏହି ପିଚ୍‌ରେ ରନ ହୋଇଥାଏ, ମାତ୍ର ଏବେ ବୁମରାଙ୍କ ଅନୁପସ୍ଥିତିର ଫାଇଦା ଉଠାଇ ଇଂଲଣ୍ଡ ପିଚ୍‌ରେ ଘାସ ଛାଡ଼ିପାରେ। ଫଳରେ ଦ୍ରୁତ ବୋଲରଙ୍କୁ ପିଚ୍ ବେଶ ସୁହାଇପାରେ। ସବୁଠୁ ବଡ଼ ପ୍ରଶ୍ନ ଯଦି ଯଶପ୍ରୀତ ବୁମରା ଖେଳିବେ ନାହିଁ ତାଙ୍କ ସ୍ଥାନରେ କାହାକୁ ସୁଯୋଗ ମିଳିବ ? ଦଳରେ ଆକାଶଦୀପ ଓ ଅର୍ଶଦୀପଙ୍କ ପରି ବୋଲର ଅଛନ୍ତି। ତେବେ ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂଙ୍କୁ ଟେଷ୍ଟ କ୍ରିକେଟ୍‌ରେ ଡେବ୍ୟୁ କରି ପାରନ୍ତି। ଅର୍ଶଦୀପ ଭାରତ ପାଇଁ ଟେଷ୍ଟ କ୍ରିକେଟ୍ ଖେଳି ନ ଥିଲେ ବି ସେ ଇଂଲଣ୍ଡରେ କାଉଣ୍ଟି କ୍ରିକେଟ୍ ଖେଳି ସାରିଛନ୍ତି। ଏପରିକି ଏହା ମଧ୍ୟ କୁହାଯାଉଛି ଯେ, ଭାରତୀୟ କ୍ରିକେଟ୍ ଦଳ ଦ୍ୱିତୀୟ ଟେଷ୍ଟ ପାଇଁ ଶାର୍ଦ୍ଦୁଳ ଠାକୁରଙ୍କ ସ୍ଥାନରେ ୱାଶିଂଟନ ସୁନ୍ଦରଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ୍ କରି ପାରନ୍ତି। ଦଳରେ ଚାଇନାମ୍ୟାନ ସ୍ପିନର କୁଲଦୀପ ଯାଦବଙ୍କ ବି ଅଛନ୍ତି। ମାତ୍ର ସୁନ୍ଦର ଅଫ ସ୍ପିନ ବୋଲିଂ ସହିତ ଭଲ ବ୍ୟାଟିଂ ବି କରି ପାରନ୍ତି। ତେଣୁ ତାଙ୍କର ଖେଳିବାର ଅଧିକ ସମ୍ଭାବନା ରହିଛି।

**ଦ୍ୱିତୀୟ ଟେଷ୍ଟ ପାଇଁ ଭାରତୀୟ ଦଳର ସମ୍ଭାବିତ ଏକାଦଶ**

ଯଶସ୍ୱୀ ଜୟସ୍ୱାଲ, କେଏଲ ରାହୁଲ, ସାଇ ସୁଦର୍ଶନ, ଶୁଭମନ ଗିଲ୍(ଅଧିନାୟକ), ଋଷଭ ପନ୍ତ(ୱିକେଟ୍ କିପର), କରୁଣ ନାୟର, ରବୀନ୍ଦ୍ର ଜାଡ଼େଜା, ଶାର୍ଦ୍ଦୁଳ ଠାକୁର/ୱାଶିଂଟନ ସୁନ୍ଦର, ଅର୍ଶଦୀପ ସିଂ/ଯଶପ୍ରୀତ ବୁମରା, ମହମ୍ମଦ ସିରାଜ ଓ ପ୍ରସିଦ୍ଧ କୃଷ୍ଣ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜଗା ...

ହଜାର ଶ୍ରଦ୍ଧାଳୁ ଶ୍ରୀଜିଉଙ୍କ ଦର୍ଶନ ପାଇଁ ୩ ରଥ ଆଗରେ ଜରି ପକାଇ ବସିରହିଥିଲେ ଭକ୍ତ। ସାଧାରଣତଃ ଶ୍ରୀମନ୍ଦିର ହେଉ କି ଶରଧାବାଲି, ଶ୍ରଦ୍ଧାଳୁଙ୍କ ସଂଖ୍ୟା ଅଧିକ ଥିଲେ ରାତି ରାତି ଶ୍ରୀଜିଉଙ୍କ ପହୁଡ଼ ପଡେନି। ଶରଧାବାଲିରେ କିନ୍ତୁ ଲକ୍ଷ ଲକ୍ଷ ଭକ୍ତ ଥିବା ସତ୍ତ୍ୱେ ହଠାତ ରାତି ୧୨ଟା ୧୫ ମିନିଟ୍‌ରେ ପହୁଡ଼ ପଡିଗଲା। ତେଣୁ ଯେଉଁ ଭକ୍ତମାନେ ମହାପ୍ରଭୁଙ୍କୁ ଦେଖିବାକୁ ଆସିଥିଲେ, ସେମାନେ ପହୁଡ଼ ଖୋଲିବା ପର୍ଯ୍ୟନ୍ତ ରଥ ନିକଟରେ ଅପେକ୍ଷା କରି ରହିଲେ। ଆଉ ସେମାନଙ୍କ ସହ ଯୋଡ଼ିହେଲେ ବିଳମ୍ବିତ ରାତିରେ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ। ପହୁଡ଼ ଖୋଲିବା ପରେ ସମସ୍ତେ ଶ୍ରୀଜିଉମାନଙ୍କ ଦର୍ଶନ କରିବା ଅପେକ୍ଷାରେ ଥିଲେ। ଠିକ୍ ଏହି ସମୟରେ ଭିଡ଼ ଅସମ୍ଭାଳ ହେବା ସହ ଭକ୍ତଙ୍କ ମଧ୍ୟରେ ଆରମ୍ଭ ହୋଇଯାଇଥିଲା ଠେଲାପେଲା। ରଥ ଚାରିପଟେ କେତେକ ପୁଲିସ କର୍ମଚାରୀ ଥିଲେ। କିନ୍ତୁ ଶୃଙ୍ଖଳିତ ଦର୍ଶନ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନଥିବାରୁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଯିଏ ଯେମିତି ଜୀବନ ବଞ୍ଚାଇବାକୁ ସଂଘର୍ଷ କରିଥିଲେ। ଠେଲାପେଲାରେ କେତେକ ଶ୍ରଦ୍ଧାଳୁ ତଳେ ପଡ଼ିଯାଇଥିଲେ। ସେମାନଙ୍କ ଉପରେ ଅନ୍ୟ ଶ୍ରଦ୍ଧାଳୁମାନେ ଚଢ଼ିଯାଇଥିଲେ। ଫଳରେ ସୃଷ୍ଟି ହୋଇଥିଲା ଭୟଙ୍କର ସ୍ଥିତି। ଆର୍ତ୍ତ ଚିତ୍କାର ଓ କାନ୍ଦବୋବାଳିରେ ଫାଟି ପଡ଼ିଥିଲା ପୂରା ଅଞ୍ଚଳ। ଦଳାଚକଟାରେ ମୃତକଙ୍କ ମଧ୍ୟରେ ଜଣେ ପୁରୁଷ ଥିବା ବେଳେ ୨ ଜଣ ମହିଳା ଅଛନ୍ତି। ନୟାଗଡ଼ର ବାସନ୍ତୀ ସାହୁ, ଭୁବନେଶ୍ୱର ସହିଦ ନଗରର ପ୍ରେମକାନ୍ତ ମହାନ୍ତି ଓ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାର ପ୍ରଭାତୀ ଦାସ ଏହି ଦଳାଚକଟାରେ ମୃତ୍ୟୁବରଣ କରିଛନ୍ତି। ପରେ ମୃତକଙ୍କ ଗାଁରେ ଦେଖିବାକୁ ମିଳିଛି ଏକ ଶୋକାକୁଳ ପରିବେଶ। ସେହିପରି ଠେଲାପେଲାରେ ଅନେକ ଭକ୍ତ ଆହତ ହୋଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଦଳାଚକଟା ଘଟଣାକୁ ନେଇ ଦେଖିବାକୁ ମିଳିଛି ବ୍ୟାପକ ଜନଅସନ୍ତୋଷ। ପୁଲିସ ଓ ପ୍ରଶାସନର ଅବହେଳାକୁ ଦାୟୀ କରିଛନ୍ତି ଶ୍ରଦ୍ଧାଳୁ। ସୋସିଆଲ ମିଡିଆରେ ପୋଷ୍ଟ କରି ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି ସମସ୍ୟା ଭୋଗିଥିବା ଭକ୍ତ। ପୁଲିସ ପ୍ରଶାସନର କାର୍ଯ୍ୟ ଦକ୍ଷତା ଉପରେ ଉଠିଛି ବଡ଼ ପ୍ରଶ୍ନ। ସେପଟେ ପୁରୀ ଅଘଟଣକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବରିଷ୍ଠ ସେବାୟତ ତଥା ପୂର୍ବତନ ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସ ମହାପାତ୍ର। ସେ କହିଛନ୍ତି ଯେ ପହୁଡ଼ ନୀତିକୁ ନେଇ ଭକ୍ତଙ୍କୁ ଆଗୁଆ ସୂଚନା ଦେବାର ଥିଲା, ମାତ୍ର ତାହା କରାଯାଇନାହିଁ। ଯଦି ବି ପହୁଡ଼ ପଡ଼ିଲା, ତା'ହେଲେ ଘଣ୍ଟାଏ ପରେ ଉଠିପାରିଥାନ୍ତା। ଏସବୁ ନିଷ୍ପତ୍ତି ପରିଚାଳନା କମିଟି ଥିଲେ ନେଇପାରିଥାନ୍ତା। କିନ୍ତୁ ପରିଚାଳନା କମିଟି ଗଠନ ଦିଗରେ ଧ୍ୟାନ ଦିଆଯାଇନାହିଁ। ସେହିପରି ସୂଚନା କେନ୍ଦ୍ର ପାଖରେ କେହି ବି ନଥିଲେ। ତେଣୁ କେତେ ମାତ୍ରାରେ ଭିଡ଼ ହୋଇଛି, ସେନେଇ ଭକ୍ତ କିଛି ବି ଜାଣିପାରିଲେ ନାହିଁ, ଯେଉଁଥିଲାଗି ଆଜି ଏତେ ବଡ଼ ଅଘଟଣ ଘଟିଗଲା ବୋଲି ଶ୍ରୀ ଦାସ ମହାପାତ୍ର କହିଛନ୍ତି। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ ହଠାତ୍ ଓ ଅନିୟନ୍ତ୍ରିତ ଭାବରେ ଭକ୍ତଙ୍କ ଭିଡ଼ ବୃଦ୍ଧି ପାଇଥିଲା, ଯାହା ଫଳରେ ଅନେକ ଲୋକ ଅତ୍ୟଧିକ ଭିଡ଼ରେ ପଡ଼ି ଦଳି ହୋଇଯାଇଥିଲେ। ଉପସ୍ଥିତ ଥିବା ଅଳ୍ପସଂଖ୍ୟକ ପୁଲିସ୍ କର୍ମଚାରୀ ଭିଡ଼କୁ ନିୟନ୍ତ୍ରଣ କରିବା ପରିବର୍ତ୍ତେ ନିଜ ପ୍ରାଣ ବଞ୍ଚାଇବାକୁ ସେଠାରୁ ଦୌଡ଼ି ପଳାଇଥିଲେ। ଏପରିକି ଶରଧାବାଲିରେ ସେ ସମୟରେ ଦାୟିତ୍ୱରେ ଥିବା କୌଣସି ପ୍ରମୁଖ ଅଧିକାରୀ ବି ମହଜୁଦ ନଥିଲେ। ଏତେ ସଂଖ୍ୟାରେ ଭକ୍ତ ଏକାଠି ହେଉଛନ୍ତି, ଅଥଚ ବରିଷ୍ଠ ଅଧିକାରୀଙ୍କ ଦେଖା ଦର୍ଶନ ନଥିଲା। ଏପରିକି ସପ୍ତାହାନ୍ତରେ ପୁରୀରେ ଭକ୍ତଙ୍କ ସଂଖ୍ୟା ବଢ଼େ ବୋଲି ଜଣ ଜିଲ୍ଲା ପ୍ରଶାସନ ପୂର୍ବାନୁମାନ କରିପାରିନଥିଲା ବୋଲି ମଧ୍ୟ ଅନେକ ପ୍ରଶ୍ନ କରିଛନ୍ତି। ଏସବୁ ଭିତରେ ବହୁ ସଂଖ୍ୟାରେ ଦଳୀୟ ନେତା ଓ କର୍ମୀଙ୍କୁ କର୍ଡନ ପାସ ଦିଆଯାଇଥିବା କଥା ବି ଉଠୁଛି। ଗୋଟିଏ ଗୋଟିଏ ପାସରେ ଏକାଧିକ ଲୋକ କର୍ଡନ ଭିତରକୁ ଯାଉଥିଲେ। ଯାହାଦ୍ୱାରା କର୍ଡନ ଭିତରେ ଭିଡ଼କୁ ନିୟନ୍ତ୍ରଣ କରାଯାଇପାରିନଥିଲା। ଅଧିକନ୍ତୁ ଯେଉଁସବୁ ଅଧିକାରୀଙ୍କୁ ରଥ ଦାୟିତ୍ୱ ଦିଆଯାଇଥିଲା, ସେମାନଙ୍କ ପାଖରେ ନା ଥିଲା ଅଭିଜ୍ଞତା ନା ଠାକୁରଙ୍କ ରୀତିନୀତି ସମ୍ପର୍କିତ ସବିଶେଷ ଜ୍ଞାନ। ପହୁଡ଼ ଉଠିବ କି ନାହିଁ, ସେନେଇ ଶ୍ରୀମନ୍ଦିର ପ୍ରଶାସନ ସେବାୟତଙ୍କ ସହ ଆଲୋଚନା କରିବାର ଥିଲା। କିନ୍ତୁ ଏସବୁ ପ୍ରତି ଦୃଷ୍ଟି ଦିଆନଯିବାରୁ ଆଜି ଶରଧାବାଲିରେ ଏଡ଼େବଡ଼ ଅଘଟଣଟି ଘଟିଗଲା ଆଉ ଏଥିପାଇଁ ବଦନାମ ହେଉଛନ୍ତି ରାଜ୍ୟ ସରକାର।

### ମୃତକଙ୍କ ପାଇଁ ...

ଏହି ତଦନ୍ତ କରାଯିବ। ଏଥିସହ ପୁରୀ ଜିଲ୍ଲାପାଳ ଓ ଏସପିଙ୍କୁ ମଧ୍ୟ ବଦଳି କରାଯାଇଛି। ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସ୍ଥାନରେ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଲ୍ ରାଣାଙ୍କୁ ଦାୟିତ୍ୱ ଦିଆଯାଇଛି। ତା'ଛଡ଼ା ଏସ୍‌ପି ବିନୀତ୍ ଅଗ୍ରୱାଲ୍‌ଙ୍କ ସ୍ଥାନରେ ନୂତନ ଏସପି ଭାବେ ପିନାକ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ତା'ଛଡ଼ା କାର୍ଯ୍ୟରେ ଅବହେଳା ଅଭିଯୋଗରେ ଡିସିପି ବିଷ୍ଣୁ ପତି ଓ କମାଣ୍ଡାଣ୍ଟ୍ ଅଜୟ ପାଢ଼ୀଙ୍କୁ ମଧ୍ୟ ନିଲମ୍ବିତ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ମହାପ୍ରଭୁଙ୍କ ରଥଯାତ୍ରା ଓଡ଼ିଆ ଜାତିର ଗର୍ବ ଓ ଗୌରବ। ଏଥିରେ ସାମାନ୍ୟ ଅବହେଳାକୁ କୌଣସି ପରିସ୍ଥିତିରେ ବି ବରଦାସ୍ତ କରାଯିବନାହିଁ। ତେଣୁ ଘଟଣାର ତଦନ୍ତ ପରେ ଦାୟୀ ସାବ୍ୟସ୍ତ ହୋଇଥିବା ପ୍ରତିଟି ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଦେଇଛନ୍ତି।

### ମୁଖ୍ୟମନ୍ତ୍ରୀ...

ସେବା ଯୋଗାଇ ଦେବା ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ଏହି ଅଘଟଣ ପାଇଁ ବ୍ୟକ୍ତିଗତ ଭାବେ ମୁଁ ଏବଂ ଆମ ସରକାର ସମସ୍ତ ଭକ୍ତଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁଛୁ। ଏହି ଘଟଣାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅକ୍ଷମଣୀୟ କହିବା ସହ ସୁରକ୍ଷା ବ୍ୟବସ୍ଥାରେ ଏପରି ଅବହେଳା ପାଇଁ ତୁରନ୍ତ ତଦନ୍ତ ଓ ଦୋଷୀମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

### ଶାଶ୍ୱତ ମିଶ୍ର...

ବିହାରୀ ଧଳ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଥିଲେ। ଏବେ ରାଜ୍ୟରେ ଅଣଓଡ଼ିଆ ନୁହଁନ୍ତି, ବରଂ ଦକ୍ଷତା ଭିତ୍ତିରେ ସମସ୍ତଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ଦେଉଥିବା ଚର୍ଚ୍ଚା ହେଉଛି। ମୁଖ୍ୟମନ୍ତ୍ରୀ ନିଜ ହାତରେ ଅର୍ଥ ବିଭାଗ ରଖିଥିବା ବେଳେ ଶ୍ରୀ ମିଶ୍ର ସେହି ବିଭାଗର ପ୍ରମୁଖ ସଚିବ ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟକୁ ଆଗେଇ ନେବାକୁ ଏହି ଅଫିସରଙ୍କ ଉପରେ ଭରସା କରିଛନ୍ତି।

### ପୁଣି ...

ଥିଲା। ୧୨ଟା ୩୦ ସୁଦ୍ଧା ଚୂଡ଼ାନ୍ତ ଫଳାଫଳ ଘୋଷଣା କରାଯିବ ବୋଲି କାର୍ଯ୍ୟସୂଚୀ ଧାର୍ଯ୍ୟ ହୋଇଥିଲା।

ସେହିପରି ଏହି ନିର୍ବାଚନ ପ୍ରକ୍ରିୟାର ସୁପରିଚାଳନା ଓ ତଦାରଖ ପାଇଁ କେନ୍ଦ୍ର ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବିହାର ସାଂସଦ ସଞ୍ଜୟ ଜୟସ୍ୱାଲଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଥିଲା। ତାଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହେବ ବୋଲି ସାଂସଦ ଶ୍ରୀ ଷଡ଼ଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

### ଶିଶୁବାଟିକାରେ...

ଶିକ୍ଷା ସହାୟକ ଜିନିଷ ଯୋଗାଇଦେବେ। ପିଲା ବାହାରକୁ କିମ୍ବା ଟଏଲେଟ ଗଲେ, ସେବିକାମାନେ ସେମାନଙ୍କ ସହ ରହି ସାହାଯ୍ୟ କରିବେ। ପିଲା ଅସୁସ୍ଥ ବା ମନ ଦୁଃଖରେ ଥିଲେ କିମ୍ବା ଅବୁଝା ହେଉଥିଲେ, ସେନେଇ ଶିକ୍ଷକଙ୍କୁ ଅବଗତ କରାଇବେ। ପ୍ରତି ପିଲାଙ୍କ ଦିନ କେମିତି କଟିଲା, ସେ ସମ୍ପର୍କରେ ନୋଟ ପ୍ରସ୍ତୁତ କରିବେ। କିନ୍ତୁ କୌଣସି ପରିସ୍ଥିତିରେ ସେମାନେ ପିଲାଙ୍କ ପାଠପଢ଼ା ଦାୟିତ୍ୱ ନେବେନାହିଁ। ପିଲାମାନଙ୍କୁ ଗାଳିଗୁଲଜ କିମ୍ବା ଦଣ୍ଡ ଦେଇପାରିବେନାହିଁ। ପିଲା ଅସୁସ୍ଥ ହେଲେ ଶିକ୍ଷକଙ୍କୁ ଜଣାଇବେ, କିନ୍ତୁ ଶିଶୁ ସେବିକମାନେ କୌଣସି ପ୍ରକାର ଔଷଧ ଦେଇପାରିବେ ନାହିଁ କି ଚିକିତ୍ସା କରିପାରିବେ ନାହିଁ ବୋଲି ସ୍ପଷ୍ଟ କରାଯାଇଛି।

### କ୍ଷୋଭ ...

ସେ କହିଛନ୍ତିଯେ ରଥଯାତ୍ରାରେ ଅଭାବନୀୟ ଭିଡ଼ ପରିଚାଳନା ପାଇଁ ଅନେକ ଭକ୍ତ ଆହତ ହୋଇଥିବା ବେଳେ ଏହାର ମାତ୍ର ଦିନକ ପରେ ୩ ଜଣ ଭକ୍ତଙ୍କ ମୃତ୍ୟୁ ଶ୍ରଦ୍ଧାଳୁଙ୍କ ପାଇଁ ଏକ ଶାନ୍ତି ତଥା ଭାବପୂର୍ଣ୍ଣ ରଥଯାତ୍ରା ସୁନିଶ୍ଚିତ କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ପ୍ରମାଣିତ ହୋଇଛି। ସେହିପରି ପ୍ରତ୍ୟକ୍ଷଦର୍ଶୀମାନଙ୍କ ଅନୁସାରେ ଏହି ଭୟାବହ ଅଘଟଣ ସମୟରେ ଭିଡ଼ ନିୟନ୍ତ୍ରଣ ପାଇଁ କୌଣସି ସରକାରୀ ବ୍ୟବସ୍ଥା ନଥିଲା, ଯାହା ଦାୟିତ୍ୱରେ ଚରମ ଅବହେଳାକୁ ଦର୍ଶାଉଛି ବୋଲି ରାହୁଲ୍ ଉଲ୍ଲେଖ କରିଛନ୍ତି। ଏଥିସହ ଆଗାମୀ ବାହୁଡ଼ା, ସୁନାବେଶ ତଥା ରଥଯାତ୍ରା ସମ୍ବନ୍ଧିତ ଅନ୍ୟାନ୍ୟ ରୀତିନୀତି ସୁରୁଖୁରୁରେ ସମାପନ ଦିଗରେ ସରକାର ସମ୍ବେଦନଶୀଳ ପଦକ୍ଷେପ ନେବାକୁ ସେ ନିବେଦନ କରିଛନ୍ତି।

### ମୃତକଙ୍କ ...

ସେ କହିଛନ୍ତି ଯେ ଶାନ୍ତିପୂର୍ଣ୍ଣ ରଥଯାତ୍ରା ଆୟୋଜନରେ ସରକାରଙ୍କ ଅକ୍ଷମତା ପଦାରେ ପଡ଼ିଛି। ରଥଯାତ୍ରାରେ ଭିଡ଼ ପରିଚାଳନାଜନିତ ବିଫଳତା ଯୋଗୁଁ ଶହ ଶହ ଭକ୍ତ ଆହତ ହେଲେ। ଏହାର ଦିନକ ପରେ ଶରଧାବାଲିରେ ଦଳାଚକଟା ଘଟଣାକୁ ନେଇ ନବୀନ କ୍ଷୋଭ ପ୍ରକାଶ କରିଛନ୍ତି।

### ବିଧିବଦ୍ଧ...

ଗଜପତି ମୃତ୍ୟୁବରଣ କରିଥିବା ଭକ୍ତଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରର ସଦସ୍ୟଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ଏଥିସହ ଏହି ଘଟଣାର ତ୍ୱରିତ ଓ ବ୍ୟାପକ ତଦନ୍ତ କରିବା ସହ ଆଗାମୀ ଦିନରେ ଏପରି ଅଘଟଣର ପୁନରାବୃତ୍ତି ରୋକିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ସେ ସରକାରଙ୍କୁ ନିବେଦନ କରିଛନ୍ତି।

### ପ୍ରିୟଦର୍ଶୀଙ୍କୁ ...

ଦାୟିତ୍ୱରେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲଙ୍କୁ ରଥଯାତ୍ରା ପରିଚାଳନା ଦାୟିତ୍ୱ ଦିଆଯାଇଛି। ସେ ଏହି ନୂଆ ଦାୟିତ୍ୱ ଅତିରିକ୍ତ ଭାବେ ତୁଲାଇବେ। ରଥଯାତ୍ରା ତଦାରଖ ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି।

### ଆଜିଠୁ...

ପହଣ୍ଡି ଆରମ୍ଭ ହୋଇଥିଲା। ଜଣଙ୍କ ପରେ ଜଣେ ଜନ୍ମବେଦୀରେ ପହଞ୍ଚିଛନ୍ତି। ଆଜି ଭୋର୍‌ରୁ ହୋଇଥିବା ଅଘଟଣ ପରେ ପ୍ରଶାସନ ଓ ଭକ୍ତ ବେଶ ସତର୍କପଣର ସହ ସବୁ ରୀତିନୀତି ସମ୍ପାଦନ କରିଥିଲେ। ନୂଆ ଜିଲ୍ଲାପାଳ ଓ ଏସପି ମଧ୍ୟ ପୂରା ଦାୟିତ୍ୱ ନେଇଥିଲେ। ଜନ୍ମବେଦୀରେ ପହଞ୍ଚିବା ପରେ ଆସନ୍ତାକାଲିଠାରୁ ଜନ୍ମବେଦୀରେ ଭକ୍ତଙ୍କୁ ଦର୍ଶନ ଦେବେ ଶ୍ରୀଜିଉ।

### ବାଙ୍ଗାଲୁରୁରେ ଗୁଣି ଗାରେଡ଼ି ଘଟଣା

# ପୋଷା କୁକୁରକୁ ମାରି ଘରେ ଲୁଚେଇଥିଲେ ମହିଳା



ବେଙ୍ଗାଲୁରୁ, ୨୯।୬ : ବେଙ୍ଗାଲୁରୁର ଜଣେ ମହିଳା ତାଙ୍କ ପାଳିତ କୁକୁର ଲାବ୍ରାଡରକୁ ହତ୍ୟା କରିଛନ୍ତି। ଏହାପରେ ସେ ତାଙ୍କ ବେଙ୍ଗାଲୁରୁ ଆପାର୍ଟମେଣ୍ଟରେ କୁକୁରର ପଚିଯାଇଥିବା ଶରୀରକୁ ଚାରି ଦିନ ପାଇଁ ରଖିଥିବା ଅଭିଯୋଗ ହୋଇଛି । ଯାହାକୁ କି ଗୁଣି ଗାରେଡ଼ି ବୋଲି ଅନୁମାନ କରାଯାଉଛି। ଅଭିଯୁକ୍ତ ହେଉଛନ୍ତି ୩୮ ବର୍ଷୀୟ ତ୍ରିପର୍ଣା ପାଇକ । ତାଙ୍କର ତିନୋଟି ଲାବ୍ରାଡର ମଧ୍ୟରୁ ଗୋଟିଏ କଳାଲାବ୍ରାଡୋରର ଗଳା କାଟି ଦେଇଥିଲେ ଏବଂ ତା'ପରେ ମହାଦେବ ପୁରାସ୍ଥିତ ତାଙ୍କ ଆପାର୍ଟମେଣ୍ଟ ଭିତରେ ମୃତଦେହକୁ କପଡାରେ ଗୁଡ଼ାଇ ଦେଇଥିଲେ ବୋଲି ଜଣା ପଡିଛି ।

ସେହି ମହିଳା ଜଣଙ୍କ ପଶ୍ଚିମବଙ୍ଗର । ସେ ମୃତଦେହକୁ କପଡ଼ାରେ ଗୁଡ଼ାଇ ମହାଦେବପୁରାରେ ଥିବା ତାଙ୍କ ଆପାର୍ଟମେଣ୍ଟ ଭିତରେ ରଖିଥିଲେ। କୋଠାରୁ ଦୁର୍ଗନ୍ଧ ବାହାରୁଥିବାର ସ୍ଥାନୀୟ ବାସିନ୍ଦାମାନେ ଅଭିଯୋଗ କରିଥିଲେ । ଏହାପରେ ଏହି ବିବ୍ରତକର ଘଟଣା ସାମ୍ନାକୁ ଆସିଥିଲା । ଯେତେବେଳେ ବେଙ୍ଗାଲୁରୁ ନାଗରିକ ସଂସ୍ଥାର ଅଧିକାରୀମାନେ ତଦନ୍ତ ପାଇଁ ପହଞ୍ଚିଲେ, ତ୍ରିପର୍ଣା ସେମାନଙ୍କୁ ଘରକୁ ପ୍ରବେଶ କରିବା ପାଇଁ ମନା କରିଥିଲେ ଏହା ସହ ଆତ୍ମହତ୍ୟା କରିବାକୁ ମଧ୍ୟ ଧମକ ଦେଇଥିଲେ । ଯାହା ଫଳରେ ସେମାନେ ପୋଲିସକୁ ଡାକିବାକୁ ବାଧ୍ୟ ହେଲେ। ଆପାର୍ଟମେଣ୍ଟ ଭିତରେ କର୍ତ୍ତୃପକ୍ଷ ଗୋଟିଏ କୁକୁର ଏବଂ ଅନ୍ୟ ଦୁଇଟିର କୁକୁର ଘରେ ରହିଥିବା ଦେଖିଥିଲେ। ଯେଉଁମାନେ ଗୁରୁତର ଅବହେଳାର ଶିକାର ହୋଇଥିଲେ । ପୂର୍ବରୁ ଚାରିଟି ଲାବ୍ରାଡର ଥିବା ତ୍ରିପର୍ଣାଙ୍କ ମଧ୍ୟରୁ ଗୋଟିଏ ଚାରି ମାସ ପୂର୍ବରୁ ହରାଇଥିବା ଜଣାପଡ଼ିଛି । ଆପାର୍ଟମେଣ୍ଟଟି ଦେବତାଙ୍କ ଫଟୋ ଏବଂ ପୂଜା ସାମଗ୍ରୀରେ ସଜାଯାଇଥିଲା, ଯାହା ଦ୍ୱାରା କର୍ତ୍ତୃପକ୍ଷ ବିଶ୍ୱାସ କରୁଥିଲେ ଯେ ଏକ "ତାନ୍ତ୍ରିକ" କିମ୍ବା କଳା ଯାଦୁ ପୂଜା କରାଯାଇ ଥାଇପାରେ ।

ପୋଷ୍ଟମର୍ଟମ ରିପୋର୍ଟରୁ ଜଣାପଡ଼ିଛି ଯେ କୁକୁରଟି ପ୍ରାୟ ଚାରି ଦିନ ପୂର୍ବରୁ ମରିଯାଇଥିଲା । ଅଧିକାରୀମାନେ କହିଛନ୍ତି ଯେ ଫ୍ଲାଟର ସିଲ୍ ଅବସ୍ଥା ଏବଂ ବାୟୁଚଳନର ଅଭାବ ଯୋଗୁଁ ଏକ ପ୍ରବଳ, ଅସହ୍ୟ ଦୁର୍ଗନ୍ଧ ଆସିଥିଲା, ଯାହା ପଡ଼ୋଶୀ ବାସିନ୍ଦାଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଚିନ୍ତା ବଢ଼ାଇ ଦେଇଥିଲା । ପ୍ରାଣୀମାନଙ୍କ ପ୍ରତି ନିଷ୍ଠୁରତା ନିବାରଣ ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି ।

# ତୃତୀୟ ଦିନରେ ବି ଛୁଇଁଲାନି ଶ୍ରୀଗୁଣ୍ଡିଚା ମନ୍ଦିର ଚକଡ଼ା

**ଚାରିବର୍ଷ ହେଲା ବ୍ରହ୍ମତାଳଧ୍ୱଜ ରଥରେ ଲାଗୁଚି ଅତ୍ୟାଧୁନିକ ଜ୍ୟାଗ**

**ରାଗିଛନ୍ତି କି ମହାପ୍ରଭୁ, ଘଟୁଛି ବିଭ୍ରାଟ**

**ଭକ୍ତଙ୍କ ମନରେ ଦେଉଛି ଆଘାତ**



**କେନ୍ଦ୍ରାପଡ଼ା, ୨୯।୬ (ସଂଚାର ବ୍ୟୁରୋ) :** ତିନିଦିନ ବିତିଗଲା ମହାପ୍ରଭୁ ସିଦ୍ଧ ଶ୍ରୀ ବଳଦେବଜୀଉଙ୍କ ବ୍ରହ୍ମତାଳଧ୍ୱଜ ରଥ ଅଧ ବାଟରେ ଅଟକି ରହିଛି । ଗତକାଲି କେନ୍ଦ୍ରାପଡ଼ା ଦେବୋତ୍ତର ସଂସ୍ଥା କାର୍ଯ୍ୟାଳୟ ଆଗରେ ଅଟକି ରହିଥିବା ଶ୍ରୀବଳଦେବଜିଉଙ୍କ ବ୍ରହ୍ମତାଳଧ୍ୱଳ ରଥ ଆଜି ତୃତୀୟ ଦିନରେ ପ୍ରାୟ ୧୦୦ ମିଟର ଆଗକୁ ଗଡ଼ିବା ପରେ ପୁଣି ଅଟକିଛି।

ଆଜି ରଥଟଣା ଆରମ୍ଭ ହେବା ପରଠାରୁ ତିନି ତିନି ଥର ଏଭଳି ଅଟକିବା ଦେଖିବାକୁ ମିଳିଛି। ରଥ ଫୁଟପାଥ୍ ଆଡ଼କୁ ମାଡ଼ିଯିବାରୁ ଆଉ ଆଗକୁ ଯାଇ ପାରିନଥିଲା। ଆଜି ମଧାହ୍ନ ପ୍ରାୟ ୧୨ଟା ୩୦ ବେଳେ ରଥଟଣା ଆରମ୍ଭ ହୋଇଥିଲା । ପ୍ରାୟ ୨୦ ମିଟର ଗଡ଼ିବା ପରେ ରଥ ପୂର୍ବପରି ବାମ ପଟକୁ ମାଡ଼ି ଚାଲିଲା। ଧଳା ଚିହ୍ନିତ ଅଂଶକୁ ନଫେରିବାରୁ ପୁନର୍ବାର ଅପରାହ୍ଣ ୨ଟା ପରେ ହାଇଡ୍ରୋଲିକ୍ ଜ୍ୟାକ୍ ମେସିନ୍ ଯୋଗେ ରଥକୁ ପଥକୁ ଆଣିବା ପାଇଁ ଉଦ୍ୟମ ହୋଇଥିଲା। ତା' ପରେ ପୁନର୍ବାର ରଥ ଗଣିବା ପାଇଁ ଉଦ୍ୟମ ହୋଇଥିଲା। ରଥ ପଥକୁ ଫେରୁଥିବା ବେଳେ ପୁଣି ବାମପଟକୁ ମାଡ଼ି ଚାଲିଲା। ସୂର୍ଯ୍ୟାସ୍ତ ହେବାରୁ ଓ ରାତିରେ ରଥଟଣା ବିଧି ନଥିବାରୁ ଆଜି ପାଇଁ ରଥଟଣା ବନ୍ଦ ରହିଥିଲା। ଶ୍ୟାମକାଳା ମଣ୍ଡପର ପ୍ରାୟ ୨୦୦ ଫୁଟ୍ ଦୂର ଏବଂ ସ୍ଥାନୀୟ ଚନ୍ଦନ ପୋଖରୀ ପାଖାପାଖି ରଥ ଅଟକିଛି। ଆଜି ଶ୍ରୀଗୁଣ୍ଡିଚା ଯାତ୍ରାର ତୃତୀୟ ଦିନ ହୋଇଥିଲେ ସୁଦ୍ଧା ରଥ ଶ୍ରୀଗୁଣ୍ଡିଚା ମନ୍ଦିର ଚକଡ଼ାରେ ଲାଗି ପାରିଲା ନାହିଁ । ଯହାକୁ ନେଇ ଶ୍ରଦ୍ଧାଳୁ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତ୍ରୁଟିପୂର୍ଣ୍ଣ ରଥ ନିର୍ମାଣ, ରଥଟଣା ଓ ରଥ ଚାଳନାରେ ଅନଭିଜ୍ଞତା, ଅସମତଳ ରଥଦାଣ୍ଡ ଓ ଜିଲ୍ଲା ପ୍ରଶାସନର ଅବହେଳା ପାଇଁ ଏଭଳି ସ୍ଥିତି ଉପୁଜିଲା ବୋଲି ଅଭିଯୋଗ ହୋଇଛି।

ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ଦୁଇଦିନ ବ୍ୟାପୀ ହୁଏ । ପ୍ରଥମ ଦିନ ରଥ ଦୁଇ ଦଉଡ଼ି ଟଣା ହୋଇ ଦେବୋତ୍ତର ସଂସ୍ଥା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥାଏ। ପରେ ଶ୍ରୀଗୁଣ୍ଡିଚାର ଦ୍ୱିତୀୟ ଦିନରେ ପୁଣି ଥରେ ଟଣା ହୋଇ ମାଉସୀମା' ମନ୍ଦିର ଚକଡ଼ା ସ୍ପର୍ଶ କରେ। ଚଳିତ ବର୍ଷ ଶ୍ରୀଗୁଣ୍ଡିଚା ଦିନ ନୀତିକାନ୍ତିରେ ସାମାନ୍ୟ ବିଳମ୍ବ ହୋଇଥିଲେ ମଧ ଦୁଇ ଦଉଡ଼ି ରଥ ଟଣା ଯାଇଥିଲା । ଦ୍ୱିତୀୟ ଦିନ ଅର୍ଥାତ୍ ଗତକାଲି ରଥ ଟଣା ହେବା ବେଳକୁ ଆରମ୍ଭରୁ ବାମପଟକୁ ମାଡ଼ି ମାଡ଼ି ଚାଲିଥିଲା । ଆଉ ଦେବୋତ୍ତର ସଂସ୍ଥା କାର୍ଯ୍ୟାଳୟ ମାତ୍ର କିଛି ବାଟ ଆଗକୁ ରଥ ଆସି ଅଟକି ରହିଥିଲା। ଗତକାଲି ରଥ ଚାଳନାରେ ତ୍ରୁଟି ହୋଇଥିବାର ଅଭିଯୋଗ ହୋଇଥିଲେ ସୁଦ୍ଧା ଆଜି କୌଣସି ବ୍ୟକ୍ତିଙ୍କୁ ବଦଳା ଯାଇନଥିଲା।

ଏନେଇ ଦେବୋତ୍ତର ସଂସ୍ଥା ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି କି ଜ୍ୟାକ୍ ମେସିନ ଯୋଗେ ରଥଚକ ପଥକୁ ଅଣାଯିବା ପାଇଁ ଚେଷ୍ଟା ଚାଲିଛି। ଏଥିପାଇଁ ପୂରା ଟିମ୍ ଲାଗିଛନ୍ତି। ରଥ ଅଟକିଥିବା ସ୍ଥାନରେ ରାତିରେ ଅବଶିଷ୍ଟ ନୀତିକାତି ସମ୍ପନ୍ନ କରାଯିବ।

## ମନ୍ କି ବାତ୍ କାର୍ଯ୍ୟକ୍ରମ



**ମହାକାଳପଡ଼ା, ୨୯।୬ (ସଂଚାର ବ୍ୟୁରୋ) :** ମହାକାଳପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମା' ରାମଚଣ୍ଡୀଙ୍କ ମନ୍ଦିର ପ୍ରାଙ୍ଗଣରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ୧୨୩ ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ ଶତାଧିକ କାର୍ଯ୍ୟକର୍ତ୍ତା ମାନଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଶୁଣିବା ସହିତ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ ଜନମାନସରେ ପହଞ୍ଚାଇ କାର୍ଯ୍ୟକାରୀ କରିବାକୁ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସରୋଜ କାନ୍ତ ସାହୁ, ପ୍ରଶାନ୍ତ ସେଠୀ, ସରୋଜ କାନ୍ତ ପରିଡ଼ା, କୃଷ୍ଣ ପଦ ମଣ୍ଡଳ, ତରୁଣ କାନ୍ତି କଞ୍ଜିଲାଲ୍, ପ୍ରସନ୍ନ ବେହେରା, ମଣ୍ଡଳ ସଭାପତି ତ୍ରିଲୋଚନ ରାଉତ, ରବୀନ୍ଦ୍ର ରଖିତ, ଚନ୍ଦ୍ର କାନ୍ତ ସ୍ୱାଇଁ, ତୋଫାନ ମଣ୍ଡଳ, ଜଗନ୍ନାଥ ଦଳାଇ, ରଶ୍ମି କାନ୍ତ ସ୍ୱାଇଁ,ହଳଧର ସ୍ୱାଇଁ, ସଞ୍ଜୟ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଗାଦି ଗୋସାଇଁ ଯୁବ ପରିଷଦ' ନୂତନ ଗୃହ ଶୁଭାରମ୍ଭ



**କାକଟପୁର /ଅସ୍ତରଙ୍ଗ, ୨୯।୬ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଂଚାୟତ ଜିଓଳ ଗ୍ରାମରେ ସ୍ଥାନୀୟ ଅଞ୍ଚଳର ଯୁବକ ମାନଙ୍କୁ ନେଇ ଗଢି ଉଠିଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଗାଦି ଗୋସାଇଁ ଯୁବ ପରିଷଦ "ଦୀର୍ଘ ବର୍ଷ ହେଲା ସ୍ଥାନିୟ ଅଂଚଳରେ ଅନେକ ସେବା ମନୋବୃତ୍ତି ନେଇ କାମ କରୁଛନ୍ତି। ରବିବାର ଦିନ "ଗାଦି ଗୋସାଇଁ ଯୁବ ପରିଷଦ "ତରଫରୁ ଜିଓଳ ନିକଟରେ ନିର୍ମାଣ କରାଯାଇଥିବା ନୂତନ କ୍ଲବ ଗୃହ ପ୍ରତିଷ୍ଠା ଓ ପ୍ରବେଶ ଉତ୍ସବ କୁ ଅତିଥି ଭାବେ ଜଗତସିଂହପୁର ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଶ୍ରୀଯୁକ୍ତ ଦିବାକର ଛାଟୋଇ, ବ୍ଲକ ଉପାଧକ୍ଷ ଦୃଜୟ ମିଶ୍ର, ଅସ୍ତରଙ୍ଗସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସମାଜସେବୀ ପ୍ରଦେଶ ବରାଳ,ସ୍ଥାନୀୟ ସରପଞ୍ଚ ,ଶିକ୍ଷାବିତି କାଳନ୍ଦୀ ଚରଣ ଛାଟୋଇ,କ୍ଲବ ସଭାପତି ଶାନ୍ତି ଶେଖର ବାରିକି, ସମ୍ପାଦକ ବିଶ୍ୱଜିତି ସେଠୀ ପ୍ରମୁଖ ଉପସ୍ଥିତ ରେ ଅତିଥି ମାନେ ଅନୁଷ୍ଠାନିକ ଭାବେ ଫିତା କାଟି ନୂତନ କ୍ଲବ ଗୃହ କୁ ଶୁଭ ଉଦ୍‌ଘାଟନ କରିଥିଲେ।ଆଗାମୀ ଦିନରେ ଅଗ୍ରଣୀ ସ୍ୱେଛାସେବୀ ଅନୁଷ୍ଠାନ ଟି ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ କାମ ଜାରୀ ରଖିବ ବୋଲି ଅତିଥି ମତ ଦେବା ଶହ ଗ୍ରାମ ଉନ୍ନୟନ ମୂଳକ କାମରେ ସହାୟତା କରିବେ।

## ବନ କର୍ମଚାରୀଙ୍କ ମାଡ଼ରେ ୭ ଗୁରୁତର, ରାଇଘରରେ ଉତ୍ତେଜନା



**ରାଇଘର, ୨୯।୬ (ସଂଚାର ବ୍ୟୁରୋ) :** ଗତକାଲି ଜଙ୍ଗଲ ଜମିରେ ମକା ଚାଷ ରୋକିବାକୁ ଯାଇଥିବା ସମୟରେ ବନ ବିଭାଗ ଦୁଇ କର୍ମଚାରୀଙ୍କୁ କୁସୁମପୁର, ନାକଟିସେମେଡା ଗ୍ରାମ କିଛି ଲୋକ ମରଣାନ୍ତକ ଆକ୍ରମଣ କରିଥିଲେ। ଆଜି ଦୁଇ ଗ୍ରାମର କିଛି ଲୋକଙ୍କୁ ରାଇଘର ପୋଲିସ ତଦନ୍ତ ପାଇଁ ଡାକିଥିଲେ। ସେହିମାନଙ୍କୁ ବନବିଭାଗ କର୍ମଚାରୀମାନେ ନେଇ ଡାକବଙ୍ଗଳା ରେ ମାଡ଼ ମାରିଛନ୍ତି ଯାହା ଫଳରେ ସାତ ଜଣ ଗୁରୁତର ଆହତ ହୋଇ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। କୁସୁମପୁର, ନାକଟିସେମେଡା ଆଖପାଖ ଗ୍ରାମର ଲୋକ ରାଇଘରରେ ଜମୁଛନ୍ତି। ପରିସ୍ଥିତି ଉତ୍ତେଜନାପୁର୍ଣ୍ଣ ରହିଛି।

ପ୍ରାପ୍ତ ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲ୍ଲା ରାଇଘର ଅଧୀନରେ ନାକଟିସେମେଡା କୁସୁମପୁର ସନ୍ଧିରେ ଥିବା ସଂରକ୍ଷିତ ଜଙ୍ଗଲରେ ଶୁକ୍ରବାର କିଛି ଗ୍ରାମବାସୀ ମକା ଲଗାଉଥିଲେ । ଠିକ ଏହି ସମୟରେ କୁନ୍ଦେଇ ବନ ବିଭାଗର କିଛି କର୍ମଚାରୀ ସେଠାରେ ପହଂଚି ବାରଣ କରିବାରୁ ଉଭୟ ପକ୍ଷରୁ ବଚସା ହେବା ସହ ହାତାହାତି ହୋଇଥିଲେ । ଶେଷରେ କିଛି ଲୋକ କୁନ୍ଦେଇ ଫରେଷ୍ଟର ହରିହର ବ୍ରହ୍ମା ଓ ଗାର୍ଡ଼ ଦୀପକ କୁମାର ପ୍ରଧାନଙ୍କୁ ନିର୍ଦ୍ଧୁମ ମାଡ଼ ମାରିଥିଲେ । ଆହତ ଅବସ୍ଥାରେ ଫରେଷ୍ଟର ଶ୍ରୀ ବ୍ରହ୍ମା ଓ ଗାର୍ଡ଼ ଶ୍ରୀ ପ୍ରଧାନ ସ୍ଥାନୀୟ ମେଡିକାଲ ରେ ଭର୍ତି ହୋଇଥିବା ବେଳେ ରାଇଘର ଥାନାରେ ଲିଖିତ ଜଣାଇଥିଲେ ।



## ପଲ୍ଲୀ ରଘୁନାଥପୁର ଦଳିତ ସାହିରେ ନଳକୂପ ଅଚଳ

**ଡେରାବିଶ, ୨୯।୬ (ସଂଚାର ବ୍ୟୁରୋ) :** ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ପଲ୍ଲୀ ରଘୁନାଥପୁର ଦଳିତ ସାହିରେ ଥିବା ଗଭୀର ନଳକୂପଟି ଅଚଳ ହୋଇପଡ଼ିଥିବା ବେଳେ ଗ୍ରାମବାସୀ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ୧୫ ଦିନ ଧରି ଗଭୀର ନଳକୂପଟି ଅଚଳ ହୋଇପଡ଼ିଥିବା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ କିଛି ସୁଫଳ ନ ମିଳିବାରୁ ଗ୍ରାମବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ପଲ୍ଲୀ ରଘୁନାଥପୁର ଦଳିତ ସାହିର ପ୍ରାୟ ୫୦ ପରିବାର ଏହି ଗଭୀର ନଳକୂପଟି ଉପରେ ନିର୍ଭର କରିଥାନ୍ତି । ମାତ୍ର ସ୍ଥାନୀୟ ପଞ୍ଚାୟତ ଓ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ କିଛି ସୁଫଳ ନ ମିଳିବାରୁ ଦଳିତ ନେତା ଧୀର ମଳିକ ଏ ସମ୍ପର୍କରେ ନହଙ୍ଗ ପଞ୍ଚାୟତ ନାଗରିକ ସୁରକ୍ଷା ସମିତି ସଭାପତି ମନୋରଞ୍ଜନ ଜେନାଙ୍କୁ ଅବଗତ କରାଇଥିଲେ। ଶ୍ରୀ ଜେନା ଏହି ସମସ୍ୟା ଜିଲା ପ୍ରଶାସନକୁ ଜଣାଇ ତୁରନ୍ତ ଏହି ଗଭୀର ନଳକୂପର ମରାମତି ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ, ଶୀଘ୍ର ଏହି ସମସ୍ୟା ଦୂରୀଭୂତ ହେବ ବୋଲି କହିଥିଲେ।

## ଶ୍ରୀ ଗୋପୀନାଥ ଜୀଉଙ୍କର ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ପଟ୍ଟାମୁଣ୍ଡାଇ, ୨୯।୬ (ସଂଚାର ବ୍ୟୁରୋ) :** ଅଣ୍ଡରା ମହନ୍ତସାହି ବଡମଠ ଠାରେ କେଉଁ ଅନାଦି କାଳରୁ ଗୋପୀନାଥ ଜୀଉଙ୍କ ମନ୍ଦିର ପ୍ରତିଷ୍ଠିତ। ପୂଜା ପାଉଥିବା ବିଗ୍ରହ ଜରାଜୀର୍ଣ୍ଣ ହୋଇଯାଇଥିଲା। ଏଥି ନିମନ୍ତେ ନୂତନ ବିଗ୍ରହ ଯଥାବିଧି ନିର୍ମାଣ କରାଯାଇ ୨୪, ୨୫ ଓ ୨୬ ତିନିଦିନ ଧରି ପ୍ରତିଷ୍ଠା ମହୋତ୍ସବ ସମ୍ପର୍ଣ୍ଣ ହୋଇଅଛି। ବେଦଜ୍ଞ ପଣ୍ଡିତ ପ୍ରସନ୍ନ କୁମାର ନନ୍ଦଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ କଳସ ଜଳ ଯାତ୍ରା, ଗୁରୁ ସୂର୍ଯ୍ୟପୂଜା, ଗୋ'ପୁଜା,କୁଣ୍ଡ ସଂସ୍କାର, ବିଗ୍ରହ ସ୍ନାନ, ପ୍ରାଣ ପ୍ରତିଷ୍ଠା,ଗୀତା ଯଜ୍ଞ, ସୋଢଷ ଉପଚାର ପୂଜା, ବିଷ୍ଣୁ ଶାନ୍ତି ମହାଯଂଜ୍ଞ ଓ ପୂର୍ଣ୍ଣାହୁତି ଆଦି ସମସ୍ତ ନୀତି ସମ୍ପାଦନ କରାଯାଇ ଥିଲା। ଚନ୍ଦ୍ରଭାନୁ ଦାଶ ଓ ଶାନ୍ତିଲତା ଦାଶ କର୍ତ୍ତା କର୍ତ୍ରୀ ଦାୟିତ୍ୱ ନିଭାଇ ଥିଲେ।କୁଳ ପୁରୋହିତ ରବୀନ୍ଦ୍ର କୁମାର ପାଢ଼ୀଙ୍କ ମାର୍ଗ ଦର୍ଶନରେ ଗିରିଶ ଚନ୍ଦ୍ର ଦାଶ, ତପନ ଦାଶ, ମନୋଜ ଦାଶ, ଦେବରାଜ ଦାଶ, ରମାକାନ୍ତ ଦାଶ, ବିଶ୍ୱଜିତ ଦାଶ, ସନ୍ତୋଷ କୁମାର ରାଉତ, ଗୁରୁଚରଣ ରାଉତ ଓ ସଚିନ ମଲ୍ଲିକ ମହୋତ୍ସବ ପରିଚାଳନା କରିଥିଲେ।ପ୍ରତ୍ୟହ ଆନନ୍ଦ ବଜାରରେ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ।

## ପୀରଜାହାନିଆ ବେଳାଭୂମି ଅସୁରକ୍ଷିତ, ଚିନ୍ତାରେ ପର୍ଯ୍ୟଟକ

- ଗୋପାଳପୁର ବଳତ୍କାର ଘଟଣା ପରେ ବି ଚେତୁନି ପୁଲିସ
- ପୂର୍ବରୁ ଗଣ୍ଡଗୋଳକୁ ନେଇ ଅନେକ ଥର ଥାନାରେ ଅଭିଯୋଗ
- ଆଲୋକ ବ୍ୟବସ୍ଥା ନାହିଁ, ପାଟ୍ରୋଲିଂ ଢିଲା



**କାକଟପୁର/ଅସ୍ତରଙ୍ଗ, ୨୯।୬ (ସଂଚାର ବ୍ୟୁରୋ) :** ଗୋପାଳପୁର ବେଳାଭୂମିର ବଳାତ୍କାର ଘଟଣା ଏବେ ବି ମନରୁ ଲିଭି ନ ଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ପୀରଜାହାନିଆ ବେଳାଭୂମିକୁ ନେଇ ଚିନ୍ତାରେ ପର୍ଯ୍ୟଟକ। କାରଣ ଏବେ ପୀରଜାହାନିଆ ବେଳାଭୂମି ଅସୁରକ୍ଷିତ ହୋଇପଡିଛି। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହୁଛି। ବିଶେଷ କରି ଅପରାହ୍ନ ଠାରୁ ରାତି ପର୍ଯ୍ୟନ୍ତ ଅନେକ ସମୟରେ ପୁରୁଷ ଓ ମହିଳା ମଦ୍ୟପଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି।

ଭୁବନେଶ୍ୱର, କଟକ ସମେତ ରାଜ୍ୟର କୋଣ ଅନୁକୋଣରୁ ପର୍ଯ୍ୟଟକଙ୍କ ସହ ପ୍ରେମୀ ଯୁଗଳଙ୍କ ପାଇଁ ପୀରଜାହାନିଆ ବେଳାଭୂମି ଅମରାବତି ପାଲଟିଛି। ପୀର ଜାହାନିଆ ବେଳାଭୂମି ନିକଟରେ ଥିବା ଝାଉଁବଣରେ ବହୁ ଆପତ୍ତିଜନକ ସାମଗ୍ରୀ ଦେଖିବାକୁ ମିଳୁଛି। ଅନେକ ସମୟରେ ଅସ୍ତରଙ୍ଗ ପୀରଜାହାନିଆ ସମୁଦ୍ରକୂଳ ହେଉ ଅବା ଝାଉଁ ଜଙ୍ଗଲ ମଧରେ ପ୍ରେମୀ ଯୁଗଳ ବୁଲୁଥିବା ବେଳେ କିଛି ଅସାମାଜିକ ବ୍ୟକ୍ତି ବିଶେଷ ସେମାନଙ୍କୁ ହଇରାଣ କରିବା ଶହ ଜୋରଜବରଦସ୍ତ ଟଙ୍କା ମଧ ଆଦାୟ କରିବାର ନଜିର ରହିଛି। ପୀରଜାହାନିଆ ବେଳାଭୂମି ଟି ଅସ୍ତରଙ୍ଗ ଥାନା ଅଧୀନରେ ଯାଉଥିବାରୁ ଅସ୍ତରଙ୍ଗ ଥାନାରେ କର୍ମଚାରୀ ଅଭାବରୁ ପାଟ୍ରୋଲିଂ ଧିମେଇ ଯାଉଛି। ସପ୍ତାହକ ମଧରେ ପୀରଜାହାନିଆରେ କେବଳ ନିର୍ଦ୍ଦିଷ୍ଟ ବାରରେ କାଁ ଭାଁ ପୋଲିସ ପାଟ୍ରୋଲିଂ ଦେଖିବାକୁ ମିଳୁଥିବା ବେଳେ ଅନେକ ସମୟରେ ପୋଲିସ ନଥାଏ, ଯାହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତି ବିଶେଷ ଲୋକଙ୍କୁ ହଇରାଣ କରିଥାନ୍ତି। ଏଠାରେ ଅଧିକାଂଶ ସମୟରେ ଅସାମାଜିକ ଦୌରାତ୍ମ୍ୟ ଯୋଗୁଁ ପର୍ଯ୍ୟଟକ ମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି।

ଅତୀତରେ ସେଠାରେ ଯୁବତୀ ହଇରାଣ କରିବା ଶହ ପ୍ରେମୀ ଯୁଗଳଙ୍କ ଭିଡିଓ ଉତ୍ତୋଳନ ଭଳି ଜଘନ୍ୟ ଘଟଣାମାନ ଘଟି ଯାଇଛି। ପୀରଜାହାନିଆରେ ଅପରାହ୍ନ ସମୟରୁ ସନ୍ଧ୍ୟା ଶୂନଶାନ ସୁଯୋଗ ନେଇ ଯାବତୀୟ ଘଟଣା ମାନ ଘଟିଯାଉଛି। ଏ ସମ୍ପର୍କରେ ବରିଷ୍ଠ ସାମ୍ବାଦିକ ବିଜୟ ବେହେରା ଓ କିଛି ବୁଦ୍ଧିଜୀବୀ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏହା ସହ ପୀରଜାହାନିଆ ବେଳାଭୂମି ରେ ଉଜ୍ୱଳ ଆଲୋକ ଲଗେଇବା ସଙ୍ଗେ ସଙ୍ଗେ ବାଲିରେ ଚାଲିବା ନିମନ୍ତେ ଏକ ସ୍ୱତନ୍ତ୍ର ଗାଡି ଯୋଗାଇ ଦେବା ସହ ପୋଲିସ ତରଫରୁ କଡାକଡି ପାଟ୍ରୋଲିଂ କରିବାକୁ ଦାବୀ କରିଛନ୍ତି।

## ନିଶା ବିରୋଧୀଙ୍କ ଜିଲ୍ଲାସ୍ତରୀୟ ଚିନ୍ତନ ସଭା

**● ସରକାରଙ୍କ ପ୍ରତାରଣା ବିରୋଧରେ ଲଢେଇ ପାଇଁ ପ୍ରସ୍ତୁତି**

**କେନ୍ଦ୍ରାପଡ଼ା, ୨୯।୬ (ସଂଚାର ବ୍ୟୁରୋ) :** ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଏକ ଜିଲ୍ଲା ସ୍ତରୀୟ ଚିନ୍ତନ ବୈଠକ ପବ୍ଲିକ ରିଡିଙ୍ଗ ରୁମ୍ ପରିସରରେ ଆୟୋଜିତ ହୋଇ ଯାଇଛି । ସଂଗଠନର ବରିଷ୍ଠ ସଭଣ କୈଳାସ ଚନ୍ଦ୍ର ମଲିକଙ୍କ ପରିଚାଳନାରେ ଆୟୋଜିତ ଏହି ସଭାରେ ପର୍ଯ୍ୟବେକ୍ଷକ ରୂପେ ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ ଯୋଗଦେଇ ନିଶା ନିବାରଣ ଆଇନ କାର୍ଯ୍ୟକାରୀ କରିବାରେ ରାଜ୍ୟବାସୀଙ୍କ ପ୍ରତି ସରକାରଙ୍କ ପ୍ରତାରଣା ବିରୋଧରେ କେନ୍ଦ୍ରାପଡ଼ରୁ ଲଢେଇର ବିଗୁଲ୍ ଫୁଙ୍କି ଥିଲେ । ସଂଗଠନର ମହିଳା ଶାଖା ସଭାପତି ଅପର୍ଣ୍ଣା ନାୟକ ନିଶା ପ୍ରସାର ନୀତି ଯୋଗୁ ମହିଳାମାନଙ୍କ ଦୟନୀୟ ସ୍ଥିତି ପାଇଁ ସରକାରଙ୍କୁ ଦାୟୀ କରିଥିଲେ । ଚିନ୍ତନ ସଭାର ଆଲୋଚନା ଆରମ୍ଭ କରି ଜିଲ୍ଲା ସମ୍ପାଦକ ଆଦିକନ୍ଦ ରାଉଳ ସରକାରଙ୍କ ଛଳନାପୂର୍ଣ୍ଣ ନିଶାମୁକ୍ତି ସଚେତନତା ସାଧାରଣ ଜନତାଙ୍କ ପ୍ରତି ଏକ ଧୋକ୍କାବାଜି ବୋଲି ଅଭିହିତ କରିବା ସହ ଆସନ୍ତା ଚାରିମାସ ମଧରେ ସରକାର ନିଶା ନିବାରଣ ଆଇନ କାର୍ଯ୍ୟକାରୀ ନକରିଲେ ନଭେମ୍ବର ମାସରୁ ସଂଗଠନ ପ୍ରତିରୋଧ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୂଚନା ଦେଇଥିଲେ ।

## ପୁରୁଣା ମେଡିକାଲ ଛକ ନିକଟରୁ ବାଇକ ଚୋରି

**କେନ୍ଦ୍ରାପଡ଼ା, ୨୯।୬ (ସଂଚାର ବ୍ୟୁରୋ) :** ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରୁ ରବିବାର ସନ୍ଧ୍ୟାରେ ଏକ ବାଇକ ଚୋରି ହୋଇଯାଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ପୁରୁଣା ମେଡିକାଲ ଛକରେ ଥିବା ଡା. ଗୟାଧର ପ୍ରଧାନଙ୍କ କ୍ଲିନିକକୁ ଫକିରାବାଦର ମୀର ମହମ୍ମଦ ତଫିକ ତାଙ୍କ କଳା ଓ ନାଲି ରଙ୍ଗର(ଓଡି -୨୯-୮୩୩୦) ଗ୍ଲାମର ବାଇକ ନେଇ ସନ୍ଧ୍ୟା ପ୍ରାୟ ୭ଟାରେ ଆସିଥିଲେ। ସେ ତାଙ୍କ ବାଇକ୍‌ଟିକୁ କ୍ଲିନିକ ସମ୍ମୁଖରେ ରଖି ଡାକ୍ତରଙ୍କ ନିକଟକୁ ଏକ ପ୍ରେସକିପସନ ଦେଖାଇବାକୁ ଯାଇଥିଲେ। ମାତ୍ର ୫ମିନିଟ ଭିତରେ ଡାକ୍ତରଙ୍କ ପାଖରୁ ଫେରି ଦେଖନ୍ତି ତ ତାଙ୍କ ବାଇକଟି ଆଉ ନାହିଁ । ଏସମ୍ପର୍କରେ ତଫିକ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ଦିଲ୍ଲିପ କୁମାର ସାହୁ କହିଛନ୍ତି ।



## ଚୋର ନେଇଗଲେ ଟ୍ରାନ୍ସଫର୍ମର, ୫୦ ଉପଭୋକ୍ତା ଅନ୍ଧାରରେ

**ଆଳି, ୨୯।୬ (ସଂଚାର ବ୍ୟୁରୋ) :** ଆଳି ଅଞ୍ଚଳରେରେ ମାତିଛନ୍ତି ଟ୍ରାନ୍ସଫରମ ଚୋର। ତିନି ଦିନରେ ତିନିଟି ଟ୍ରାନ୍ସଫରମ ଚୋରି। ଆଳି ଥାନା ଅଧୀନ କଳସପୁର ହରିଜନ ସାହି ଶିବ ମନ୍ଦିର ପାଖରେ ଥିବା ବିଳମ୍ବିତ ରାତିରେ ଚୋରମାନେ ୧୬ କେଭି ଟ୍ରାନ୍ସଫରମକୁ କାଟି ଟ୍ରାନ୍ସଫରମରେ ଥିବା ସମସ୍ତ କପର ଚୋରି କରି ନେଇ ଯାଇଥିବା ସକାଳୁ ଗ୍ରାମବାସୀ ଦେଖିଥିଲେ। ପରେ ବିଦ୍ୟୁତ ବିଭାଗକୁ ଖବର ଦେଇଥିଲେ। ପରେ କର୍ମଚାରୀ ପହଞ୍ଚି ଉପରସ୍ତ ଅଧିକାରୀଙ୍କୁ ଚୋରି ବିଷୟରେ ଅବଗତ କରାଇଥିଲେ। ଅନ୍ୟପଟେ ଏହି ଟ୍ରାନ୍ସଫରମରେ ପଚାଶ ପରିବାର ଉପଭୋକ୍ତା ଉପକୃତ ହେଉଥିବା ବେଳେ ଏବେ ଟ୍ରାନ୍ସଫରମ ନ ଥିବାରୁ ଅନ୍ଧାରରେ ରହିଛନ୍ତି। ସେପଟେ ଯନ୍ତ୍ରୀ ଭବାନୀ ଶଙ୍କର ପଣ୍ଡା ଭୂଇଁପୁର ବିଦ୍ୟୁତ ସେକ୍ସନର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପଟେ ହେଞ୍ଜଳ ଓ କେତୁଆ ପାଳରେବି ସମ ଦଶା ଗ୍ରାମରୁ ଟ୍ରାନ୍ସଫରମ କାଟି ଚୋରି ହୋଇଥିବା ଆଳି ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି।

**ଠିକାଦାର ପାଖରେ ବନ୍ଧା ପଡିଛି ଗ୍ରାମ୍ୟ ଉନ୍ନୟନ ବିଭାଗ**

# ସରୁନି କେନାଲ ବନ୍ଧ ମରାମତି, ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ



**ଜଗତସିଂହପୁର, ୨୯।୬ (ସଂଚାର ବ୍ୟୁରୋ) :** କୁଜଙ୍ଗ ବ୍ଲକ ଅନ୍ତର୍ଗତ ତାଳପଡା ଗ୍ରାମ ପଞ୍ଚାୟତ କେନାଲ ବନ୍ଧ ଗ୍ରାମ୍ୟ ରାସ୍ତା ଠାରୁ ପଙ୍କପାଳ ଗ୍ରାମ ପଞ୍ଚାୟତ କେନାଲ ବନ୍ଧକୁ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା ମାଧମରେ ସରକାର କେନାଲ ମରାମତି ଓ ବନ୍ଧ ରାସ୍ତା ନିର୍ମାଣ ନିମନ୍ତେ ତିନିକୋଟି ଅଡଚାଳିଶ ଲକ୍ଷ୍ୟ ଟଙ୍କାର ଆର୍ଥିକ ବ୍ୟୟ ବରାଦ କରିଥିଲେ। ଉକ୍ତ କାର୍ଯ୍ୟର ନିର୍ଦ୍ଧାରିତ ସମୟ ସୀମା ୧୪/୧୧/୨୦୨୨ରୁ ଆରମ୍ଭ କରାଯାଇ ୧୩/୦୮/୨୦୨୩ ମଧରେ ଶେଷ କରିବା ପାଇଁ ଫଳକରେ ଉଲ୍ଲେଖ ଥିଲେ ମଧ ଆଜିପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟ ଶେଷ ହୋଇ ନାହିଁ। ଉକ୍ତ ଠିକାଦାର ସମଗ୍ର କେନାଲ ବନ୍ଧ ଖୋଳି ୪ବର୍ଷ ହେବ ନିଜର ମନମାନୀରେ କାର୍ଯ୍ୟ କରୁଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳର ଜନସାଧାରଣ ଓ ବୁଦ୍ଧିଜୀବୀମାନେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଗୁହାରି କରି ନିରାଶ ହେଉଛନ୍ତି। ବିଭାଗୀୟ କର୍ତୃପକ୍ଷଙ୍କ ସ୍ଥାଣୁତାକୁ ନେଇ ସାଧାରଣରେ ପ୍ରଶ୍ନ ବାଚୀ ସୃଷ୍ଟି ହେବା ସହ ଲୋକଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ଥାଉକି ପ୍ରତିଦିନ କଟକ-ପାରାଦ୍ୱୀପ ରାସ୍ତାଦେଇ ଶହ ଶହ ସଂଖ୍ୟାରେ ଗାଡି ମୋଟର ଯାଉଥିବାରୁ ନାହିଁ ନଥିବା ଟ୍ରାଫିକ ସମସ୍ୟା ଓ ଦୁର୍ଘଟଣାକୁ ଏଡାଇବା ପାଇଁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏହାର ସ୍ଥାୟୀ ସମାଧାନ ନିମନ୍ତେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଏହି ବନ୍ଧକୁ ଅନ୍ତର୍ଭୁକ୍ତ କରିଥିଲେ। ଉକ୍ତ କେନାଲ ବନ୍ଧ ଉପରେ ପ୍ରତ୍ୟେକ ଦିନ ଏରସମା ଓ କୁଜଙ୍ଗ ବ୍ଲକର ୧୫ ଗୋଟି ଗ୍ରାମପଞ୍ଚାୟତର ଜନସାଧାରଣ, ରାହାମା କଲେଜ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ବିଭାଗର ସରକାରୀ କର୍ମଚାରୀମାନେ ଯିବା ଆସିବା କରିବା ସହିତ ନିଜର ଦୈନନ୍ଦିନର ଜରୁରୀ କାର୍ଯ୍ୟ ପୂରଣ ପାଇଁ ରାହାମା ବଜାରରେ ଥିବା ରେଲୱେ ଷ୍ଟେସନ, ସ୍ୱାସ୍ଥ୍ୟକେନ୍ଦ୍ର, ବିଭିନ୍ନ ବ୍ୟାଙ୍କ ଓ ବେସରକାରୀ ଅର୍ଥ ଲଗାଣ ଅନୁଷ୍ଠାନ, ରାହାମା ହାଟ ବଜାର ଉପରେ ନିର୍ଭର କରି ଆସିଥାନ୍ତି କିନ୍ତୁ ଦୁର୍ଭାଗ୍ୟ ବର୍ତ୍ତମାନ ଯାତାୟାତ କରିବାରେ ନାହିଁ ନଥିବା ଘୋର ଅସୁବିଧାରେ ସମୁଖୀନ ହେଉଛନ୍ତି।

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜୈନିକ ଠିକାଦାରକୁ କାର୍ଯ୍ୟାଦେଶ ମିଳିଥିଲେ ମଧ ଠିକାଦାର ଜଣଙ୍କ ଆଉଜଣେ ଠିକାଦାରକୁ କାମ ବିକ୍ରି କରିଦେଇ ନୀରବରେ ବସି ପଡିଛନ୍ତି। ବର୍ତ୍ତମାନ କାମ କରୁଥିବା ଠିକାଦାର ଉକ୍ତ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାର ନା ଧରୁନାହିଁ। କହିବାରୁ ଲୋକମାନଙ୍କୁ ନାଲି ଆଖି ଦେଖାଉଛି। ପରିତାପର ବିଷୟ ଗ୍ରାମ୍ୟ ଉନ୍ନୟନ ଅଧିକାରୀ କୁଜଙ୍ଗ ଏ ସବୁ ଜାଣି ସମ୍ପୂର୍ଣ୍ଣ ନିରବ କଣ ପାଇଁ ଯାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

## ଯୁବକଙ୍କୁ ପିଟି ପିଟି ହତ୍ୟା ଅଭିଯୋଗ

**ବ୍ରହ୍ମପୁର, ୨୯।୬ (ସଂଚାର ବ୍ୟୁରୋ) :** ଯୁବକଙ୍କୁ ପିଟି ପିଟି ହତ୍ୟା ଅଭିଯୋଗ। ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ବ୍ରାହ୍ମଣିଆପଲ୍ଲୀ ଗ୍ରାମର ଏ. ଲାଛେୟା ପାତ୍ରକୁ ହତ୍ୟା କରାଯାଇଥିବା ଜଣାପଡିଛି। ରବିବାର ଛତ୍ରପୁର ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଛି। ଛତ୍ରପୁର ଆଇଆଇସି ସୁଭାଶିଷ ମହାନ୍ତି ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଘଟଣାସ୍ଥଳକୁ ଯାଇ ପୁଲିସ ତଦନ୍ତ କରିଛି। ସୂଚନା ମୁତାବକ, ଶନିବାର ମଧାହ୍ନରେ ବ୍ରାହ୍ମଣିଆପଲ୍ଲୀ ଗ୍ରାମର ଏ. ଜୀନୁ ପାତ୍ରଙ୍କ ପୁଅ ଏ. ଲାଛେୟା ପାତ୍ର ଗାଁ ରାସ୍ତାରେ ଆସୁଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଶନିବାର ଛତ୍ରପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସମ୍ପ୍ରତି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି ।


**AFFIDAVIT**

I YASHIKA PANI, aged about 19 years, D/o Kirtti Bhusan Pani, resident of At: Plot No. 753/2721. Jharapa Gali, Bhimpur, Unit-6, P.O. Aerodrome Area, P.S. Airport, Bhubaneswar- 751020. Dist. Khurda, Odisha do hereby solemnly affirm affirm and state as follows:-

1. That, I am the deponent of this affidavit.
2. That, I have obtained Birth Certificate from the Resident Birth & Death, BMC., BBSR vide Regd.No.12 18612/2006 date 30.12.2006 and the said Birth Certiricate, is mine.
3. That, I want to change my name RICHA PANI to YASHIKA PANI which name is true, correct and genuine and also Feflected in my Aadhaar Card bearing No. 6453 5968 3137.
4. That, this afridavit is required to be produced before the Concerned Authority for information and necessary action and when required.

That the facts stated above are true to the best of my knowledge.




## ସାମ୍ବାଦିକଙ୍କୁ ଡବଲ ଝଟ୍‌କା

ଚଳିତବର୍ଷ ପୁରୀକୁ ରଥଯାତ୍ରା ଖବର ସଂଗ୍ରହ ପାଇଁ ଯାଇଥିବା ସାମ୍ବାଦିକମାନଙ୍କୁ ଡବଲ ଝଟକା ଲାଗିଛି। ରଥ ନିକଟରେ ସେମାନଙ୍କୁ ପୁଲିସ୍ ବାଡେଇବା ସହିତ ତଳେ




ପକାଇ ଚଢ଼ି ଯାଇଥିବା କୁହାଯାଇଛି। ପୁଲିସ୍ ମାଡ ମାରିବା ନେଇ ମଧ କେତେକ ଅଭିଯୋଗ କରିଛନ୍ତି। ସାମ୍ବାଦିକମାନଙ୍କୁ ରଥ ଆଗରେ ମାଡ ମରାଯିବା ଓ ଏଭଳି ବ୍ୟବହାର ଦେଖାଯିବା ବୋଧହୁଏ ପ୍ରଥମ ଘଟଣା। ତେବେ ସାମ୍ବାଦିକମାନଙ୍କୁ ଖଣ୍ଡିଆ ଖାବରା ଯେତେ କଷ୍ଟ ଦେଇନଥିଲା ତାହାଠାରୁ ଅଧିକ କଷ୍ଟ ଦେଇଥିଲା ସେଠାରେ ଉପସ୍ଥିତ ଥିବା ରାଜ୍ୟ ସରକାରଙ୍କର ମନ୍ତ୍ରୀଙ୍କ ମଧ୍ରୁ ଜଣେ ହେଲେ କେହି ସେମାନଙ୍କ ନିକଟକୁ ଆସି ଆ ଆ ଚୁ ଚୁ ନକରିବା। ମାଡ ଖାଇ ଭୁବନେଶ୍ୱର ଫେରିବାପରେ କିଛି ସାମ୍ବାଦିକ ଗଣମାଧମରେ ମୁହଁ ଖୋଲିଥିଲେ। ଏହାପରେ ଦୁଇ ବିରୋଧିଦଳ ବିଜେଡି ଓ କଂଗ୍ରେସ ସେମାନଙ୍କ ସପକ୍ଷରେ ବାହାରିବା ସହିତ ତୁରନ୍ତ ପ୍ରେସ୍ ରିଲିଜ ଜାରି କରିଥିଲେ। ହେଲେ ସରକାରଙ୍କ ପକ୍ଷରୁ ଘଟଣାକୁ ନିନ୍ଦା କରାଗଲା ନାହିଁ କି ସାମ୍ବାଦିକଙ୍କ ସପକ୍ଷରେ କେହି ଜଣେ ହେଲେ ପଦୁଟିଏ କେହି କହିଲେ ନାହିଁ। ଏହା ଏବେ ମାଡ ଖାଇଥିବା ସାମ୍ବାଦିକଙ୍କୁ ବେଶ୍ ବାଧିଛି। ଦରଜ ଗଲାପରେ ସେମାନେ ମେଳି ହୋଇ କିଭଳି ପଦକ୍ଷେପ ନେଉଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର।

## ୫ଟା ବାଜିଲେ ଘରକୁ ଛୁ'

ରାଜ୍ୟ ସରକାରଙ୍କର ଜଣେ ବରିଷ୍ଠ ସଚିବ ୫ଟା ବାଜିଲେ ଅଫିସରେ ରହୁନାହାନ୍ତି। ସିଧା ଘରକୁ ପଳାଉଛନ୍ତି। ବାବୁ ଜଣଙ୍କ କିନ୍ତୁ ସକାଳ ବେଳା ଠିକ୍ ସମୟରେ ଆସି ଅଫିସରେ ପହଞ୍ଚୁଛନ୍ତି। ହେଲେ ଅପରାହ୍ନରେ ୫ଟା ପରେ ଯଦି କୌଣସି ବୈଠକ ପାଇଁ ଡକରା ପଡୁଛି ତେବେ ବାବୁ ଆଉ ଆସୁନାହାନ୍ତି। କହୁଛନ୍ତି, ଅଫିସ ସମୟ ପରେ ମୁଁ ଆଉ ରହିବିନି। ଯାହା କାମ ଦାମ ଅଛି ୫ଟା ଭିତରେ ସାର। ଉପର ହାକିମଙ୍କୁ ବାବୁ ଏଭଳି ଜବାବ ଦେବାପରେ ଏବେ ସମସ୍ତେ ଚୁପ୍। ତେଣୁ ୫ଟା ପରେ ଅନୁଷ୍ଠିତ କୌଣସି ବୈଠକରେ ବି ଆଉ ବାବୁଙ୍କୁ ଦେଖିବାକୁ ମିଳୁନାହିଁ। ଏଣେ ଜଣେ ବରିଷ୍ଠ ସଚିବଙ୍କର ଏଭଳି ମନୋଭାବ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କିନ୍ତୁ ତାଙ୍କ ବିଭାଗର ତଳିଆ କର୍ମଚାରୀମାନେ ଭାରି ଖୁସି ଅଛନ୍ତି। କାରଣ ସଚିବ ରହିଲେ ତାଙ୍କ ତଳକୁ ତଳ ସମସ୍ତଙ୍କୁ ରହିବାକୁ ପଡିବ। ବୈଠକ ପାଇ ପ୍ରସ୍ତୁତି ଚଳାଇବାକୁ ପଡିବ। ଚତୁର୍ଥଶ୍ରେଣୀ କର୍ମଚାରୀଙ୍କ କଥା ତ ନକହିଲେ ଭଲ। ତେଣୁ ବାବୁ ୫ଟା ପରେ ପଳାଉଥିବାରୁ ଅନ୍ୟମାନେ ବି କାଳବିଳମ୍ବ ନକରି ଘରକୁ ପଳାଉଛନ୍ତି। ଏ ସଂକ୍ରାନ୍ତରେ କୁଆଡେ ଉପରକୁ ଜଣାଇ ଦିଆଯାଇଛି। ଏହା ଉପରେ କ'ଣ ପଦକ୍ଷେପ ନିଆଯାଉଛି ତାହାକୁ ସମସ୍ତେ ଅପେକ୍ଷା କରିଥିବାବେଳେ ବାବୁ କିନ୍ତୁ ବେଫିକର ହୋଇ ୫ଟା ବାଜିଲେ ଘରମୁହାଁ ହେଉଛନ୍ତି।



## ଗଞ୍ଜେଇ ଉପାଡ଼ିବେ ପୃଥ୍ୱୀରାଜ



ଅବକାରୀ ମନ୍ତ୍ରୀ ପୃଥୀରାଜ ଇତି ମଧରେ ରଣହୁଙ୍କାର ଦେଇଛନ୍ତି। କହିଛନ୍ତି ରାଜ୍ୟରୁ ଗଞ୍ଜେଇ ଚାଷକୁ ସମୂଳେ ନିପାତ କରିବି। ହେଲେ କେବେ ସୁଦ୍ଧା ବାବୁ ଗଞ୍ଜେଇ ବଣ ସଫା କରିବେ ତାହା କହିନାହାନ୍ତି। ହେଲେ ବାବୁଙ୍କର ଏଭଳି ଦମ୍ଭୋକ୍ତି ଦେଖି ଅନେକ ରାଜ୍ୟରେ ଗଞ୍ଜେଇ ଧୂଆଁ ଆଉ ଉଠିବନି ବୋଲି ଭାବୁଥିବାବେଳେ ଆଉ କିଛି ଏହା ଗଞ୍ଜେଇ ଧୂଆଁ ଭଳି ଖାଲି ଏହି ଧମକ ଧୂଆଁବାଣ ବୋଲି କହୁଛନ୍ତି। ସେମାନଙ୍କ କହିବାକଥା ଯେ ଗଞ୍ଜେଇ ଚାଷ ରାଜ୍ୟରେ କେଉଁଠି କିଭଳି ଭାବେ ହେଉଛି ବାବୁଙ୍କ ଅବକାରୀ ବିଭାଗକୁ ବେଶ୍ ଜଣା। କିଛି ଅବକାରୀ ବାବୁ ବି ଏଭଳି ଗଞ୍ଜେଇ ଚାଷ କରିଥିବାର ନଜିର ଅଛି। କେବଳ ଗଞ୍ଜେଇ ଚାଷ ନୁହେଁ, ଏହାର ଉତ୍ପାଦନ ଠାରୁ ଚାଲାଣ ପର୍ଯ୍ୟନ୍ତ ସବୁର ଟିକିନିଖି ଖବର ଅବକାରୀ ବିଭାଗର ବାବୁମାନଙ୍କ ପାଖରେ ରହିଛି। କାଳେ କିଏ ଖରାପ ଭାବିବ ସେଥିପାଇଁ ମଝିରେ ମଝିରେ ଚଢଉ ଟିଏ କରିଦିଅନ୍ତି। ଦଣ୍ଡିକିରିଙ୍କୁ ଧରି ରୋହୀମାନଙ୍କୁ ଛାଡି ଦିଅନ୍ତୁ। ଏଥିରୁ ବି ଭଲ ଦୁଇ ପଇସା ମିଳିଥାଏ। ଏବେ ମନ୍ତ୍ରୀ ଗଞ୍ଜେଇ ବଣ ଉଜାଡିବାକୁ ଯେଉଁ ଯୋଜନା କରିଛନ୍ତି ତାହା ସେମାନଙ୍କ ଭାତ ହାଣ୍ଡିରେ ଧୂଳି ପକାଇବା ଭଳି ହେବ। ତେଣୁ ସେମାନେ ଏ ଦିଗରେ କେତେ ଆଗଭର ହେବ ତାହା ସମୟ କହିବ। ହେଲେ ବାବୁ ପୃଥୀରାଜ ଗଞ୍ଜେଇ ସହିତ ନାଲିପାଣିକୁ ଯଦି ବନ୍ଦ କରିପାରନ୍ତେ ତେବେ ଓଡିଶାର ବେଶ୍ ମଙ୍ଗଳ ହୁଅନ୍ତା ବୋଲି ନିନ୍ଦୁକମାନେ କହୁଛନ୍ତି।

## ବ୍ୟାଙ୍କ୍ ପାୱାରରେ ବାବୁ ଚେପା




ତିନିଟି ଘରୋଇ ବ୍ୟାଙ୍କ୍ ଏମିତି ପାୱାର ଦେଖାଇଲେ ଯେ ବାବୁମାନେ ଏକାଥରକେ ଚେପା ହୋଇଗଲେ। ଖାଲି ଚେପା ହେଲେ ନାହିଁ, ମାନ ସମ୍ମାନ ବି ହରାଇଲେ। କଥା ଏମିତି, ହଠାତ୍ ନୋଟିସ୍ ବାହାରିଲା ତିନିଟି ଘରୋଇ ବ୍ୟାଙ୍କ୍ ସହିତ ରାଜ୍ୟ ସରକାର ଆଉ କୌଣସି ଦେଣ ନେଣ କରିବେ ନାହିଁ। ବିଶେଷକରି ସରକାରୀ ଜମା ଆଉ ସେ ବ୍ୟାଙ୍କ୍‌ରେ ରହିବ ନାହିଁ। କେଉଁ ବିଭାଗ କେତେ ଟଙ୍କା ରଖିଛନ୍ତି ତାହା ତୁରନ୍ତ ଜଣାଇବାକୁ କୁହାଗଲା। ଏଭଳି ନିର୍ଦ୍ଦେଶନାମା ଅନେକଙ୍କୁ ଆଚମ୍ବିତ କଲା। କାରଣ ଯେଉଁ ତିନିଟି ଘରୋଇ ବ୍ୟାଙ୍କ୍ ଉପରେ ଏଭଳି କଟକଣା ଲାଗିଥିଲା ସେହି ବ୍ୟାଙ୍କ୍ ସବୁ ଆଗଧାଡିର। ସରକାରଙ୍କ ସହିତ ଦୀର୍ଘଦିନର କାରବାର। ସରକାରୀ ବାବୁମାନେ ବି ଏହିସବୁ ବ୍ୟାଙ୍କ୍ ଉପରେ ପ୍ରୀତ। ହେଲେ କେଉଁ କାରଣ ଯୋଗୁଁ ଏଭଳି କଟକଣା ନୋଟିସ୍ ବାହାରିଲା ତାହା କେହି ଜାଣିପାରିଲେ ନାହିଁ। ଅନେକ ସତ କ'ଣ ଜାଣିବା ପୂର୍ବରୁ ପୁଣି ଆଉ ଏକ ନୋଟିସ୍ ବାହାରିଲା ଯେ ସେହି ତିନି ବ୍ୟାଙ୍କ୍ ସହିତ ପୂର୍ବଭଳି କାରବାର ହେବ। ଚବିଶ ଘଣ୍ଟା ଭିତରେ ସରକାରୀକଳର ଏଭଳି ପଲଟମାର ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଆଲୋଚନା ହେଉଛି ଯେ ଯେଉଁ ବାବୁମାନେ ଆଗପଛ ନବିଚାର ଏଭଳି ନୋଟିସ୍ ଜାରି କରିଥିଲେ ବ୍ୟାଙ୍କ୍‌ମାନେ ତାଙ୍କର ପାୱାର ଦେଖାଇ ସେମାନଙ୍କୁ ଚେପା କରିଦେଲେ। ଭବିଷ୍ୟତରେ ଏଭଳି ତରବରିଆ ନୋଟିସ୍ ବାହାର କରି ଆଉ ଲୋକହସା ହେବେ ନାହିଁ। ତେବେ କେଉଁ କାରଣ ପାଇଁ ଏଭଳି ନୋଟିସ୍ ବାହାରିଲା ଓ ପରେ ବଦଳିଲା ତାହାର ରହସ୍ୟ ଜାଣିବାପାଇଁ ଏବେ ବି ଅନେକ ଉଦ୍ୟମ ଚଳାଇଛନ୍ତି।

## ମଦୁଆଙ୍କ ହାବୁଡ଼ରେ ଖାକି ବାବୁ



ମଦୁଆମାନେ ରାଜଧାନୀରେ ମଦ ପିଇ ଉତ୍ପାତ କରିବା ଓ ସେମାନଙ୍କ ହାବୁଡରେ ସାଧାରଣ ଲୋକେ ପଡିବା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ତେବେ ରାଜଧାନୀର ଜଣେ ଖାକିବାବୁ ମଦୁଆଙ୍କ ଧକ୍କାରେ ଦରମରା ହେବାପରେ ଏବେ ପୁଲିସ୍ ବିଭାଗର ନିଦ ଭାଙ୍ଗିଛି। ଖୋଦ୍ କ୍ୟାପିଟାଲ ଥାନା ବାବୁ ରାତିରେ ନିଜର ଦୁଇ ଚକିଆ ଯାନରେ ଯାଉଥିବାବେଳେ ମଦୁଆଙ୍କ ଗାଡି ଧକ୍କାରେ ଲହୁ ଲୁହାଣ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣା ପରେ ସହରର ଖାକି ବାବୁମାନେ ସକ୍ରିୟ ହେବେ ବୋଲି ଅନେକ ଆଶା ରଖିଛନ୍ତି। ବିଶେଷକରି ପିସିଆର ଗାଡି ଗୁଡିକ ଗଳିକନ୍ଦିରେ ଲାଇଟ୍ ବନ୍ଦକରି ଛିଡାହେବା ବଦଳରେ ମଦୁଆଙ୍କୁ ଧରି ସାବାଡ କରିବ ବୋଲି ଆଶା କରାଯାଉଛି। କାରଣ ମଦ କେଉଁଠି ମିଳୁଛି ଓ ମଦୁଆମାନେ ମଦ ପିଛି କିଭଳି ରାଜଧାନୀବାସୀଙ୍କୁ ହଇରାଣ ହରକତ କରୁଛନ୍ତି ତାହା ସହରର ଖାକିବାବୁମାନେ ବେଶ୍ ଭଲଭାବେ ଜାଣିଛନ୍ତି। ସେଥିପାଇଁ ପିସିଆର ଗାଡି ମଦଦୋକାନ ସାମ୍ନାରେ କେବେ ଅଟକିବା କେହି ଦେଖି ନାହାନ୍ତି। ଏବେ ସହରର ଜଣେ ନିରୀହ ଖାକିବାବୁ ମଦୁଆଙ୍କ ଗାଡି ଧକ୍କାରେ ଗୁରୁତର ଆହତ ହେବାପରେ କମିଶନରେଟ ପୁଲିସ୍ ମଦୁଆଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଉପରେ ରାଜଧାନୀବାସୀ ନଜର ରଖିଛନ୍ତି।

**ପିପିଲି ଓଭରବ୍ରିଜ ଦୁର୍ଘଟଣାର ସିସିଟିଭି ଫୁଟେଜ୍ ଭାଇରାଲ୍**

# ଯୁବକଙ୍କ ଭୁଲ୍ ପାଇଁ ଗଲା ତିନି ନିରୀହ ଜୀବନ



**ପିପିଲି,୨୯।୬(ସଂଚାର ବ୍ୟୁରୋ):** ଗତକାଲି ପିପିଲି ଜାତୀୟ ରାଜପଥ ଓଭରବ୍ରିଜ୍ ନିକଟରେ 'ଆମ ବସ୍' ଚାପାରେ ୩ ଯୁବତୀ ମୃତ୍ୟୁବରଣ କରିଥିବା ବେଳେ ଆଜି ଏହି ଘଟଣାର ସିସିଟିଭି ଫୁଟେଜ୍ ଭାଇରାଲ୍ ହୋଇଛି। ଏହି ଛାତିଥରା ସଡ଼କ ଦୁର୍ଘଟଣାର ସମ୍ପୂର୍ଣ୍ଣ ଦୃଶ୍ୟ ସ୍ପଷ୍ଟ ଭାବେ ଉକ୍ତ କ୍ୟାମେରାରେ କଏଦ୍ ହୋଇଛି। ତେବେ ପୁରୀ ଜଗନ୍ନାଥ ଦର୍ଶନ କରିବା ସକାଶେ ଯାଉଥିବା ଏହି ତିନି ଭଉଣୀ ନିଜ ରାସ୍ତାରେ ଯାଉଥିଲେ ମଧ୍ୟ ରଙ୍ଗ୍ ରୁଟ୍‌ରେ ଆସୁଥିବା ଯୁବକଙ୍କ ଭୁଲ୍ ପାଇଁ ଆଜି ସେମାନେ ଆଉ ଇହଜଗତରେ ନାହାନ୍ତି ବୋଲି କୁହାଯାଇପାରେ।

ସିସିଟିଭି ଫୁଟେଜ୍ ଅନୁସାରେ, ଉକ୍ତ ତିନି ଯୁବତୀ ପୁରୀ ଅଭିମୁଖେ ରାସ୍ତାର ବାମପଟେ ଯାଉଥିବା ସମୟରେ ଅଚାନକ ରଙ୍ଗ୍ ରୁଟ୍‌ରେ ଆସୁଥିବା ଜଣେ ଯୁବକଙ୍କ ଗାଡ଼ି ସହ ସେମାନଙ୍କ ସ୍କୁଟିର ଧକ୍କା ହୋଇଥିଲା। ଫଳରେ ତିନିଜଣଯାକ ଯୁବତୀ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଏହି ସମୟରେ ପଛରୁ ଆସୁଥିବା 'ଆମ ବସ୍'ର ପଛଚକା ତିନିଜଣଙ୍କ ଉପରେ ଚଢ଼ିଯିବା ଫଳରେ ଘଟଣାସ୍ଥଳରେ ହିଁ ସେମାନଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣା ହୃଦୟ ବିଦାୟକ ଥିବା ବେଳେ ମୃତ୍ୟୁବରଣ କରିଥିବା ତିନି ଯୁବତୀଙ୍କ ବୟସ ୨୦ ବର୍ଷ ଥିଲା। ସେହିପରି ଆଜି ସେମାନଙ୍କର ପରିଚୟ ମିଳିଛି। ସେମାନେ ହେଲେ ପୁରୁଣା ଭୁବନେଶ୍ୱରର ରିମ୍‌ଝିମ ପ୍ରିୟଦର୍ଶିନୀ ସାହୁ, ଏଲିନା ଦାସ ଓ କାଜଲ ଦାସ। ସେମାନଙ୍କ ମଧ୍ୟରୁ ଏଲିନା ଓ କାଜଲ୍ ଦୁଇ ଭଉଣୀ ହୋଇଥିବା ବେଳେ ରିମ୍‌ଝିମ୍ ସେମାନଙ୍କ ସାଙ୍ଗ ଥିଲେ। ସେମାନେ ପୁରୀରେ ଜଗା ଦର୍ଶନ କରିବା ସକାଶେ ଗତକାଲି ସକାଳୁ ସକାଳୁ ସ୍କୁଟି ଯୋଗେ ବାହାରିପଡ଼ିଥିଲେ। କିନ୍ତୁ ଏହା ସେମାନଙ୍କ ଶେଷଯାତ୍ରା ଥିଲା ବୋଲି ସେମାନେ କଦାପି ଭାବିନଥିଲେ। କିନ୍ତୁ ରଙ୍ଗ ରୁଟ୍‌ରେ ଆସୁଥିବା ଯୁବକଙ୍କ ବେପରୁଆ ଗାଡ଼ି ଚାଳନା ସେମାନଙ୍କ ଜୀବନ ସଳିତା ଲିଭାଇଦେଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ଏହି ଦୁର୍ଘଟଣା ପରେ ଘଟଣାସ୍ଥଳରେ ଓ ପରେ ମେଡିକାଲ୍ ସମ୍ମୁଖରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଲୋକେ ଓ ସମ୍ପର୍କୀୟ ମୃତକଙ୍କ ପାଇଁ ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ଦାବି କରିଥିଲେ। ଅନ୍ୟପକ୍ଷରେ ରଙ୍ଗ ରୁଟ୍‌ରେ ଆସୁଥିବା ଯୁବକ ସହ ବେପରୁଆ 'ଆମ ବସ୍' ଚାଳକଙ୍କୁ ତୁରନ୍ତ ଗିରଫ କରିବା ସକାଶେ ସେମାନେ ଦାବି କରିଛନ୍ତି।



## ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ସ୍ଥଗିତ

**ଭୁବନେଶ୍ୱର,୨୯।୬(ସଂଚାର ବ୍ୟୁରୋ):** ପୁରୀରେ ଆଜି ଭୋର୍ ସମୟରେ ଦଳାଚକଟା ପରି ଅଘଟଣ ଘଟିଥିବା ବେଳେ ଏହା ରାଜ୍ୟ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଏହି କ୍ରମରେ ଆସନ୍ତାକାଲି ୟୁନିଟ୍-୨ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପରବର୍ତ୍ତୀ ଜନଶୁଣାଣି ଶିବିର ଅନୁଷ୍ଠିତ ହେବାକୁ ଥିଲେ ହେଁ ଏହାକୁ ଆଜି ସ୍ଥଗିତ ରଖାଯାଇଛି। ଏହି ଜନଶୁଣାଣି ପାଇଁ ଅନଲାଇନରେ ପଞ୍ଜିକରଣ କରିଥିବା ଜନସାଧାରଣଙ୍କ ଅଭିଯୋଗଗୁଡିକ ପରବର୍ତ୍ତୀ ଜନଶୁଣାଣି ଶିବିରରେ ଗ୍ରହଣ କରାଯିବ। ପରବର୍ତ୍ତୀ ଶୁଣାଣିର ତାରିଖ ଓ ସମୟ ସମ୍ପର୍କିତ ସୂଚନା ମଧ୍ୟ ଧାର୍ଯ୍ୟ ସମୟରେ ଜନସାଧାରଣଙ୍କୁ ଅବଗତ କରାଯିବ ବୋଲି ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି।

## ଗୁରୁଗ୍ରାମ ରଥଯାତ୍ରାରେ ଗୁରୁଜୀଙ୍କ ଛେରାପହଁରା



**ଭୁବନେଶ୍ୱର,୨୯।୬(ସଂଚାର ବ୍ୟୁରୋ):** ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରେରଣା ଓ ମାର୍ଗଦର୍ଶନରେ ଗୁରୁଗ୍ରାମସ୍ଥିତ ସାଇ କା ଆଙ୍ଗନ୍‌ଠାରେ ପବିତ୍ର ରଥଯାତ୍ରା ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ଅନୁଷ୍ଠିତ ହୋଇଛି। ଗୁରୁଜୀ ଡକ୍ଟର ଶତପଥୀ ରଥ ଉପରେ ଛେରା ପହଁରା କରିଥିଲେ। ଗୁରୁଜୀ ରଥାରୂଢ଼ ମହାପ୍ରଭୁଙ୍କର ଆରତୀ କରିବା ସମୟରେ ଶ୍ରୀ ଜଗନ୍ନାଥଙ୍କର ଶ୍ରୀଭୁଜରୁ ଫୁଲ ହାର ଖସିବା ଘଟଣା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅଦ୍ଭୁତ ଭକ୍ତି ଓ ଆନନ୍ଦର ଲହରୀ ଖେଳାଇ ଦେଇଥିଲା। ଗୁରୁଗ୍ରାମ ଏବଂ ହରିଆଣା ଓ ନୂଆଦିଲ୍ଲୀର ବିଭିନ୍ନ ଅଞ୍ଚଳ ସମେତ ଓଡ଼ିଶା ଓ ବିଭିନ୍ନ ରାଜ୍ୟରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଭକ୍ତ ଯୋଗଦେଇଥିଲେ। ବିଦେଶରୁ ମଧ୍ୟ ଯୁକ୍ତରାଷ୍ଟ୍ର ଆମେରିକା, ଇଂଲଣ୍ଡ, ସଂଯୁକ୍ତ ଆରବ ଏମିରେଟ୍ସ ଆଦି ଦେଶରୁ ମଧ୍ୟ ବହୁ ଭକ୍ତ ଯୋଗ ଦେଇଥିଲେ। ହରିଆଣା ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ ଉତ୍ସବରେ ଯୋଗଦେଇ ତିନି ଠାକୁରଙ୍କ ଆରତୀ କରିଥିଲେ। ଏହାଛଡ଼ା କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ମଧ୍ୟ ଯୋଗ ଦେଇ ମହାପ୍ରଭୁଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ପୁରୀର ରୋଷେୟାମାନଙ୍କ ଦ୍ୱାରା ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତ କରାଯିବା ସହ ଓଡ଼ିଆ ସଂସ୍କୃତିର ପ୍ରସାର ପାଇଁ ଓଡ଼ିଆ ହସ୍ତତନ୍ତ ଓ କାରୁକାର୍ଯ୍ୟ ପ୍ରଦର୍ଶିତ ହୋଇଥିଲା।

## ବିପିଏନ୍‌ଏସ୍‌ଆଇ ଦ୍ୱାରା ନରଭରାମ ପାୱାର ଆଣ୍ଡ ଷ୍ଟିଲ୍‌ରେ ଶକ୍ତି ଦକ୍ଷତା ଉପରେ ବୈଷୟିକ ତାଲିମ

**ଭୁବନେଶ୍ୱର, ୨୮।୬ (ସଂଚାର ବ୍ୟୁରୋ)** : ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରାଳୟର ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ବିପିଏନ୍‌ଏସ୍‌ଆଇ), ଭୁବନେଶ୍ୱର ଦ୍ୱାରା ପ୍ରଫେସନାଲ୍ ପ୍ରି-ପ୍ରୋଗ୍ରାମ (ଥ୍ରିପି) ପଦକ୍ଷେପର ଅଂଶ ଭାବରେ,୨୦ ମେରେ ଢେଙ୍କାନାଳର ନରଭରାମ ପାୱାର ଆଣ୍ଡ ଷ୍ଟିଲ୍ ପ୍ରାଇଭେଟ୍ ଲିମିଟେଡ୍‌ରେ ଏକ ଦିନିକିଆ ବୈଷୟିକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମ ବିପିଏନ୍‌ଏସ୍‌ଆଇର ବରିଷ୍ଠ ସହାୟକ ପ୍ରଫେସର ପ୍ରଫେସର ସତ୍ୟପ୍ରିୟ ଶତପଥୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ଇସ୍ପାତ ଉତ୍ପାଦନ ଏବଂ ଶକ୍ତି ଦକ୍ଷତାର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ପ୍ଲାଣ୍ଟ କର୍ମଚାରୀଙ୍କ ବୈଷୟିକ ଦକ୍ଷତା ବୃଦ୍ଧି କରିବା ଲକ୍ଷ୍ୟ ରଖିଛି। ତାଲିମ କାର୍ଯ୍ୟକ୍ରମରେ ପ୍ରମୁଖ ଇସ୍ପାତ ଉତ୍ପାଦନ ବିଷୟଗୁଡ଼ିକ ଉପରେ ବିଶେଷଜ୍ଞ ଅଧିବେଶନ ରହିଛି: ଡକ୍ଟର ରାମା କୃଷ୍ଣ ସାବତ ଇଣ୍ଡକ୍ସନ୍ ଫର୍ଣ୍ଣେସ୍ ଇସ୍ପାତ ନିର୍ମାଣ ଏବଂ ନିରନ୍ତର କାଷ୍ଟିଂକୁ ଅନ୍ତର୍ଭୁକ୍ତ କରନ୍ତି, ଶ୍ରୀମତୀ ଶାଶ୍ୱତୀ ମହାନ୍ତି ଡିଆର୍‌ଆଇ ଉତ୍ପାଦନ ପ୍ରକ୍ରିୟା ବ୍ୟାଖ୍ୟା କରନ୍ତି, ଏବଂ ପ୍ରଫେସର ସତ୍ୟପ୍ରିୟ ଶତପଥୀ ସ୍ପଞ୍ଜ ଲୁହା ପାଇଁ ଶକ୍ତି-ଦକ୍ଷ ପ୍ରଯୁକ୍ତିବିଦ୍ୟା ଉପରେ ଆଲୋକପାତ କରନ୍ତି।

## ବାହାଘର ପାଇଁ କିଣିଥିଲେ ଗହଣା, କଳାକନା ବୁଲାଇଲେ ଦୁର୍ବୃତ୍ତ

**କଟକ,୨୯।୬(ସଂଚାର ବ୍ୟୁରୋ):** ଆଉ ମାତ୍ର ଦିନ କେଇଟା ପରେ ହୋଇଥାନ୍ତା ଝିଅ ବାହାଘର। ଏଥିପାଇଁ ପିତାମାତା ସମସ୍ତ ପ୍ରକାର ସୁନା ଓ ରୁପା ଅଳଙ୍କାର କିଣିସାରିଥିଲେ। କିନ୍ତୁ ଦୁର୍ବୃତ୍ତମାନେ ଘରେ କଳାକନା ବୁଲାଇ ପରିବାରକୁ ସର୍ବସ୍ୱାନ୍ତ କରିବା ସହ ଝିଅ ବାହାଘର ସ୍ୱପ୍ନ ଦେଖିଥିବା ବାପା-ମା'ଙ୍କ ଇଚ୍ଛାର ବି ତଣ୍ଟି ଚିପିଦେଇଛନ୍ତି। ଫଳସ୍ୱରୂପ ଏବେ ପୂରା ପରିବାର ଲୋକେ ମୁଣ୍ଡରେ ହାତ ଦେଇ କେବଳ କାନ୍ଦୁଛନ୍ତି। ଏପରି ଏକ ହତଭାଗ୍ୟ ପରିବାର ହେଉଛି ଜଗତପୁର ଥାନା ଅନ୍ତର୍ଗତ ବୈକୁଣ୍ଠ ବିହାର ଅଞ୍ଚଳରେ ରହୁଥିବା ବ୍ରଜ ମୋହନ ଶର୍ମାଙ୍କର। ଶ୍ରୀ ଶର୍ମା ଝିଅ ବାହାଘର ପାଇଁ ସୁନା ଓ ରୁପା ଅଳଙ୍କାର କିଣି

**୨୫ ଲକ୍ଷର ଗହଣା ସହ ୮୫ ହଜାର ଟଙ୍କା ଲୁଟ୍**



ଘରେ ରଖିଥିଲେ। ତେବେ ଗତକାଲି ରାତିରେ ଲଗାଣ ବର୍ଷାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଝରକା ତାଡ଼ି ଘରେ ପଶିବା ସହ ପାଖାପାଖି ୨୫ ଲକ୍ଷ ଟଙ୍କାର ଅଳଙ୍କାର ସହ ନଗଦ ୮୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଜୀବନଯାକର ସାଇତା ସମ୍ପତ୍ତିରେ ଝିଅର ବାହାଘର ପାଇଁ କିଣିଥିବା ସୁନାଗହଣା ଚୋରିଯିବା ପରେ ଶ୍ରୀ ଶର୍ମା ଓ ପରିବାର ଲୋକେ ପୂରାପୂରି ଭାଙ୍ଗିପଡ଼ିଛନ୍ତି। ଏନେଇ ଶ୍ରୀ ଶର୍ମା ଜଗତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ଛାନ୍‌ଭିନ୍ ଆରମ୍ଭ କରିଛି। ଅଭିଯୋଗ ପାଇବା ପରେ ଜଗତପୁର ଥାନାଧିକାରୀ ଅନିରୁଦ୍ଧ ନାୟକଙ୍କ ତତ୍ତ୍ୱାବଧାନରେ ଡଗ୍ ସ୍କ୍ୱାଡ୍ ସହଯୋଗରେ ତଦନ୍ତକୁ ବ୍ୟାପକ କରାଯାଇଛି। ଚୋରି ସାମଗ୍ରୀ ମଧ୍ୟରେ ଦୁଇଟି ସୁନା ହାର,ଦୁଇଟି ସୁନା ଚେନ୍,ଦୁଇଟି ମଙ୍ଗଳସୂତ୍ର, ଆଠଟି ସୁନା ମୁଦି, ୩ ହଳ କାନଫୁଲ ସହ ୫ ଭରି ରୁପା ଅଳଙ୍କାର ରହିଛି। ପୁଲିସ୍ ଆଖପାଖରେ ମହଜୁଦ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଦୁର୍ବୃତ୍ତମାନଙ୍କ ପତ୍ତା ଲଗାଇବାକୁ ଉଦ୍ୟମ ଚଳାଇଛି।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ରାଉରକେଲା,୨୯।୬(ସଂଚାର ବ୍ୟୁରୋ):** ସାପ କାମୁଡ଼ାରେ ଜଣୈକ ଯୁବକଙ୍କ ପ୍ରାଣ ଚାଲିଯାଇଛି। ସୁନ୍ଦରଗଡ଼ ଜିଲ୍ଲା ବଣେଇ ଉପଖଣ୍ଡ କ. ବଲାଙ୍ଗ ଥାନା ନୂଆଡନ୍ତରା ଗାଁରେ ଏପରି ଅଘଟଣ ଘଟିଥିବା ବେଳେ ମୃତ୍ୟୁବରଣ କରିଥିବା ଯୁବକ ଜଣଙ୍କ ହେଲେ ଶୁକଦେବ ନାଏକ। ମିଳିଥିବା ସୂଚନାନୁସାରେ, ଶୁକଦେବ ଗତକାଲି ରାତିରେ ଖାଇ ସାରି ଶୋଇଥିଲେ। ତେବେ ବିଳମ୍ବିତ ରାତିରେ ଶୌଚ ଲାଗି ବାହାରକୁ ଯାଇଥିବା ସମୟରେ ତାଙ୍କ। ପିଠିକୁ ଏକ ସାପ କାମୁଡିଦେଇଥିଲା। ଏନେଇ ସେ ତୁରନ୍ତ ପତ୍ନୀ ମୀନାଙ୍କୁ ଜଣାଇଥିଲେ। ମୀନା ତାଙ୍କୁ ଚିକିତ୍ସା ଲାଗି ପ୍ରଥମେ ଲହୁଣୀପଡ଼ା ହସ୍ପିଟାଲକୁ ନେଇଥିଲେ। କିନ୍ତୁ ସେଠାରେ ଅବସ୍ଥା ଗୁରୁତର ହେବାରୁ ଶୁକଦେବଙ୍କୁ ଅଧିକ ଚିକିତ୍ସା ଲାଗି ବଣେଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଆଜି ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକଦେବଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

## ଛତିଶଗଡ଼ରେ ୧୩ ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି,୨୯।୬(ସଂଚାର ବ୍ୟୁରୋ):** ଛତିଶଗଡ଼ ସୀମାନ୍ତ ବୀଜାପୁର ୧୩ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ଉପରେ ୨୩ ଲକ୍ଷ ଟଙ୍କାର ପୁରସ୍କାର ଥିଲା। ବୀଜାପୁର ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ରବିବାର ପଶ୍ଚିମ ବସ୍ତର ମାଓ ଡିଭିଜନର ଏହି ୧୩ ମାଓବାଦୀଙ୍କ ମଧ୍ୟରେ ଅଛନ୍ତି ଏସିଏମ କ୍ୟାଡର, ଡିଭିସିଏମ କ୍ୟାଡର ଏବଂ ମାଓ ସଦସ୍ୟ ଏବଂ ମିଲିସିଆ ସଦସ୍ୟ ରହିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ଅଛନ୍ତି ୮ ମହିଳା ଓ ୫ ପୁରୁଷ ମାଓବାଦୀ। ସମସ୍ତ ଆତ୍ମସମର୍ପଣକାରୀଙ୍କୁ ୫୦ ହଜାର ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ ସହ ଆଗାମୀ ଦିନରେ ସରକାରୀ ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଅଞ୍ଚଳରେ ଦିନକୁ ଦିନ ମାଓ ସଙ୍ଗଠନ ଦୁର୍ବଳ ହେଉଥିବା ବେଳେ ନିଜର ନୀତି ଆଦର୍ଶ ହରାଉଛି। ଏହା ସହ ଦିନକୁ ଦିନ ମାଓ ଦମନ ପାଇଁ ସୁରକ୍ଷା ବଳ ପକ୍ଷରୁ ଅପରେସନକୁ ବଢ଼ାଇ ଦିଆଯାଇଥିବାରୁ ଏମାନେ ମାଓ ସଙ୍ଗଠନରୁ ଓହରି ସାଧାରଣ ଜୀବନ ଯାପନ କରିବାକୁ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି।

# ବଢୁଛି ସୁବର୍ଣ୍ଣରେଖା ସମେତ ୩ ନଦୀ ଜଳସ୍ତର



**ଭୁବନେଶ୍ୱର,୨୯।୬(ସଂଚାର ବ୍ୟୁରୋ):** ଝାରଖଣ୍ଡ ସହ ଓଡ଼ିଶାର ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଲଗାଣ ବର୍ଷା ହେତୁ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଜଳକା ପରି ୩ଟି ପ୍ରମୁଖ ନଦୀରେ ଜଳସ୍ତର କ୍ରମଶଃ ବୃଦ୍ଧି ପାଉଛି। ଏହି କାରଣରୁ ଆଜି ଅପରାହ୍ଣ ୩ଟା ସୁଦ୍ଧା ସୁବର୍ଣ୍ଣରେଖା ନଦୀର ଜଳସ୍ତର ରାଜଘାଟଠାରେ ୮.୪୧ ମିଟର ରହିଥିବା ବେଳେ ଏଠାରେ ବିପଦ ସଂକେତ ସ୍ତର ୧୦.୩୬ ମିଟର ରହିଛି। ସେହିପରି ବୁଢ଼ାବଳଙ୍ଗ ନଦୀର ଜଳସ୍ତର ଗୋବିନ୍ଦପୁରଠାରେ ୬.୯୪ ମିଟର ରହିଛି। ଏଠାରେ ବିପଦ ସଂକେତ ସ୍ତର ୮.୧୩ ମିଟର। ଏହାଛଡ଼ା ଜଳକା ନଦୀର ଜଳସ୍ତର ମାଥାନୀରେଠାରେ ୬.୮୨ ମିଟର ରହିଥିବା ବେଳେ ଏଠାରେ ବିପଦ ସଂକେତ ସ୍ତର ହେଉଛି ୬.୫୦ ମିଟର ରହିଛି। ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣରେଖା ନଦୀରେ ଆଜି ମଧ୍ୟରାତ୍ର ସୁଦ୍ଧା ସର୍ବୋଚ୍ଚ ବନ୍ୟାଜଳ ୧୧.୨୫ ମିଟରରେ ପହଞ୍ଚିବା ଆକଳନ କରାଯାଉଛି। ସେହିପରି ସମାନ ବୁଢ଼ାବଳଙ୍ଗରେ ଆସନ୍ତାକାଲି ପୂର୍ବାହ୍ନ ୯ଟା ସୁଦ୍ଧା ଜଳ ସ୍ତର ୮.୨୦ ମିଟରରେ ପହଞ୍ଚିବା ନେଇ ଆକଳନ କରାଯାଇଛି। ରାଜ୍ୟ ଜଳସମ୍ପଦ ବିଭାଗର ସେଚ ସଦନସ୍ଥିତ ବନ୍ୟା ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟା କାର୍ଯ୍ୟ କରୁଥିବା ବେଳେ ଏଠାରୁ ସ୍ଥିତି ଉପରେ ନଜର ରଖାଯାଇଛି। ବନ୍ୟା ପରିସ୍ଥିତିରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ତଳିଆ ଅଞ୍ଚଳର ଲୋକଙ୍କୁ ଉଚ୍ଚସ୍ଥାନକୁ ସ୍ଥାନାନ୍ତର ସହ ଆବଶ୍ୟକ ରିଲିଫ୍ କାର୍ଯ୍ୟ ପରିଚାଳନା ପାଇଁ ସତର୍କ କରାଯାଇଛି। କ୍ଷେତ୍ର ସ୍ତରରେ ସ୍ଥିତି ଅନୁଧ୍ୟାନ ଓ ତଦାରଖ କରିବା ଏବଂ ସମ୍ଭାବ୍ୟ ବନ୍ୟା ସ୍ଥିତି ପରିଚାଳନାରେ ସହାୟତା ପାଇଁ ବିଭାଗର ଜଣେ ସର୍ବୋଚ୍ଚ ଯନ୍ତ୍ରୀ ଓ ଅନ୍ୟ ଜଣେ ମୁଖ୍ୟଯନ୍ତ୍ରୀ ତୁରନ୍ତ ବାଲେଶ୍ୱର ଗସ୍ତ କରିଥିବା ଜଣାପଡ଼ିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଭାରତକୁ ଆମେରିକାରୁ ଟଙ୍କା ପଠାଇବା ସହଜ ଆଉ ଶସ୍ତା ହେବ

**ୱାଶିଂଟନ, ୨୯।୬:** ଆମେରିକାରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ଖବର ଆସିଛି। ୱାନ୍ ବିଗ୍ ବିଉଟିଫୁଲ୍ ବିଲ୍ ଆକ୍ଟର ନୂତନ ଡ୍ରାଫ୍ଟରେ, ରେମିଟେନ୍ସ ଟ୍ୟାକ୍ସକୁ ୩.୫% ରୁ ୧%କୁ ହ୍ରାସ କରାଯାଇଛି। ପୂର୍ବରୁ, ଏହି ବିଲରେ ୫% ଟିକସର ବ୍ୟବସ୍ଥା ଥିଲା, ପରେ ଏହାକୁ ୩.୫% କୁ ହ୍ରାସ କରାଯାଇଥିଲା ଏବଂ ବର୍ତ୍ତମାନ ସେନେଟର ସଦ୍ୟତମ ସଂସ୍କରଣରେ, ଏହାକୁ ୧%କୁ ହ୍ରାସ କରାଯାଇଛି। ବିଲ୍ ଆଇନ ହେବା ପରେ ଭାରତକୁ ଟଙ୍କା ପଠାଉଥିବା ଲୋକମାନଙ୍କୁ ଏହା ଦ୍ୱାରା ବହୁତ ଲାଭ ମିଳିବ।

ଇଟିର ରିପୋର୍ଟ ଅନୁଯାୟୀ, ନୂତନ ନିୟମ ଅନୁଯାୟୀ, ଏହି ଟିକସ କେବଳ ୩୧ ଡିସେମ୍ବର ୨୦୨୫ ପରେ ହେଉଥିବା କିଛି ନିର୍ଦ୍ଦିଷ୍ଟ ସ୍ଥାନାନ୍ତର ଉପରେ ଲାଗୁ ହେବ। ଭଲ କଥା ହେଉଛି ଯେ, ଏହି ଟିକସ ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରତିଷ୍ଠାନର ଆକାଉଣ୍ଟରୁ କରାଯାଇଥିବା ସ୍ଥାନାନ୍ତର ଏବଂ ଆମେରିକାରେ ଜାରି ହୋଇଥିବା ଡେବିଟ୍ କିମ୍ବା କ୍ରେଡିଟ୍ କାର୍ଡ ଦ୍ୱାରା କରାଯାଇଥିବା ପେମେଣ୍ଟ ଉପରେ ଲାଗୁ ହେବ ନାହିଁ। ଅର୍ଥାତ୍, ଅଧିକାଂଶ ଦୈନିକ ରିମିଟାନ୍ସ ଏହି ଟିକସ ପରିସର ବାହାରେ ରହିବ। ନୂତନ ବିଲ୍ ଅଣାଯିବା ଖବର ଆମେରିକାରେ ରହୁଥିବା ଭାରତୀୟମାନଙ୍କୁ ଚିନ୍ତିତ କରିଦେଇଥିଲା, କାରଣ ସେମାନଙ୍କ ପରିବାରକୁ ସାହାଯ୍ୟ କରିବା କିମ୍ବା ନିବେଶ ପାଇଁ ଭାରତକୁ ଟଙ୍କା ପଠାଇବା ଏକ ସାଧାରଣ କଥା।



୨୦୨୩ ତଥ୍ୟ ଅନୁଯାୟୀ, ୨୯ ଲକ୍ଷରୁ ଅଧିକ ଭାରତୀୟ ଆମେରିକାରେ ବାସ କରନ୍ତି, ଯାହା ସେଠାକାର ଦ୍ୱିତୀୟ ସର୍ବାଧିକ ବିଦେଶୀ ଜନସଂଖ୍ୟା। ଭାରତୀୟ ରିଜର୍ଭ ବ୍ୟାଙ୍କ ଅନୁଯାୟୀ, ୨୦୨୪ ମସିହାରେ ଆମେରିକାରୁ ଭାରତକୁ ପ୍ରାୟ ୩୨ ବିଲିୟନ ଡଲାର (ମୋଟ ରେମିଟେନ୍ସର ପ୍ରାୟ ୨୭.୭%) ପଠାଯାଇଥିଲା। ଏପରି ପରିସ୍ଥିତିରେ, ଟିକସ ବୃଦ୍ଧି ଯୋଗୁ ପ୍ରବାସୀ ଭାରତୀୟମାନେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଥିଲା।

ଏହି ବିଲ୍ ଅନୁଯାୟୀ, ଏହି ଟିକସ କେବଳ ଅଣ-ନାଗରିକମାନଙ୍କ ଉପରେ ଲାଗୁ ହେବ, ଯେପରିକି ଉଚ୍ଚ କୁଶଳୀ ବୃତ୍ତିଗତ, ଛାତ୍ରଛାତ୍ରୀ ଏବଂ ଗ୍ରୀନ୍ କାର୍ଡ ଧାରକ। ଯଦି ଛାତ୍ରଛାତ୍ରୀମାନେ ସ୍ନାତକ ପରେ ଅଂଶକାଳୀନ ଚାକିରି କିମ୍ବା ଇଣ୍ଟର୍ନସିପ୍ ରୁ ଅର୍ଜିତ ଟଙ୍କା ଭାରତକୁ ପଠାଇଥାନ୍ତି। ତେବେ ତାହା ଉପରେ ମଧ ଟିକସ ଲାଗୁ ହୋଇପାରେ। ଏହି ଟିକସ ଏନଆରଇ ଆକାଉଣ୍ଟରେ ଜମା, ରିଅଲ୍ ଇଷ୍ଟେଟ୍ କ୍ରୟ କିମ୍ବା କର୍ପୋରେଟ୍ ଗତିଶୀଳତା କାର୍ଯ୍ୟକ୍ରମକୁ ମଧ ପ୍ରଭାବିତ କରିପାରେ। ଯଦିଓ ୧% ଟିକସ ଟଙ୍କା ପଠାଇବାର ଖର୍ଚ୍ଚ ହ୍ରାସ କରିବ, କିଛି ଲୋକ ଏବେ ବି କମ୍ ଟଙ୍କା ପଠାଇପାରନ୍ତି, ବିଶେଷକରି ଯେଉଁମାନେ ନିୟମିତ ଭାବରେ ଭାରତରେ ନିଜ ପରିବାରକୁ ସାହାଯ୍ୟ କରନ୍ତି କିମ୍ବା ସମ୍ପତ୍ତି ଏବଂ ନିବେଶ ପାଇଁ ଟଙ୍କା ପଠାନ୍ତି। ତଥାପି, ବ୍ୟାଙ୍କ ସ୍ଥାନାନ୍ତର ଏବଂ କାର୍ଡ ପେମେଣ୍ଟ ଉପରେ କୌଣସି ଟିକସ ନଥିବାରୁ ଅଧିକାଂଶ ଲୋକ ଆଶ୍ୱସ୍ତି ପାଇବେ। ଏହି ଟିକସ ୩୧ ଡିସେମ୍ବର ୨୦୨୫ ରୁ ଲାଗୁ ହେବ। ସେତେବେଳକୁ, ପ୍ରବାସୀ ଭାରତୀୟମାନେ ସେମାନଙ୍କର ଆର୍ଥିକ ଯୋଜନା ସମୀକ୍ଷା କରିବା ପାଇଁ ସମୟ ପାଇବେ। ସାମଗ୍ରିକ ଭାବରେ, ଟିକସ ହ୍ରାସ ଯୋଗୁ ଆମେରିକାରୁ ଭାରତକୁ ଟଙ୍କା ପଠାଇବା ଏବେ ପୂର୍ବ ଅପେକ୍ଷା ସହଜ ଏବଂ ଶସ୍ତା ହେବ।

# ବିବାହ ବନ୍ଧନରେ ଅରବପତି ଜେଫ୍ ବେଜୋସ-ଲରେନ୍



ନୂଆଦିଲ୍ଲୀ ୨୯।୬: ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ଅରବପତି ଜେଫ୍ ବେଜୋସ ଓ ଲରେନ ସାଂଚେଜ। ଗତ ଶୁକ୍ରବାର ରାତିରେ ସାନ୍ ଜର୍ଜିଓ ମ୍ୟାଗିଓର ଦ୍ୱୀପରେ ଏକ ବିଳାସପୂର୍ଣ୍ଣ ଉତ୍ସବରେ ଉଭୟଙ୍କର ବିବାହ ଅନୁଷ୍ଠିତ ହୋଇଥିଲା। ଗତ ୨୬ ତାରିଖରେ ଭେନିସ୍‌ରେ ଆୟୋଜିତ ୩ ଦିନିଆ ଏହି ଭବ୍ୟ ବିବାହ ଉତ୍ସବର ୨ୟ ଦିନର ଖର୍ଚ୍ଚ ୫୬ ମିଲିଅନ୍ ଡଲାର ବୋଲି ଚର୍ଚ୍ଚା ହେଉଛି। ଲରେନ ବିବାହର ଖୁସି ଖବର ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ଦେଇଛନ୍ତି। ବେଜୋସଙ୍କ ସହ ଧଳା ଗାଉନ୍‌ରେ ଥିବା ନିଜର ଏକ ଫଟୋ ମଧ ଶେୟାର କରିଛନ୍ତି। ଇଟାଲିର ଏହି ଲାଗୁନ୍ ସହର ଉଭୟଙ୍କ ବିବାହରେ ଉତ୍ସବମୁଖର ହୋଇଥିଲା। ଆଥ୍‌ଲେଟ୍, ହଲିଉଡ୍ ସେଲିବ୍ରିଟି, ବିଶ୍ୱର ପ୍ରଭାବଶାଳୀ ବ୍ୟକ୍ତି ଏବଂ ବିଜ୍‌ନେସ ଟାଇକୁନ୍‌ମାନେ ପ୍ରାଇଭେଟ୍ ଡଙ୍ଗା ଓ ୱାଟର୍ ଟାକ୍ସିରେ ବିବାହ ଉତ୍ସବରେ ପହଞ୍ଚିଥିଲେ। ଶୁକ୍ରବାରର ଉତ୍ସବ ପ୍ରସିଦ୍ଧ ଷୋଡ଼ଶ ଶତାବ୍ଦୀର ଜର୍ଜିଓ ମୋନାଷ୍ଟ୍ରି କମ୍ପ୍ଲେକ୍ସରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓପ୍ରା ୱିନ୍‌ଫ୍ରେ, ଲିଓନାର୍ଡୋ ଡିକାପ୍ରିଓ, ଭିଟୋରିଆ କେରେଟି, କିମ୍ କାର୍ଦାଶିୟାଁ, କେଣ୍ଡଲ ଜେନର, କାଇଲି ଜେନର, ଇଭାଙ୍କା ଟ୍ରମ୍ପ, ଟମ୍ ବ୍ରାଡି, ସିଡ୍‌ନୀ ସ୍ୱିନୀ, କ୍ୱିନ୍ ରାନିଆ ଓ ଜୋର୍ଡାନ, ବିଲ୍ ଗେଟ୍ସ ଓ ନତାଶା ପୁନାୱାଲା ପ୍ରମୁଖ ଯୋଗ ଦେଇଥିଲେ। ୨୮ ତାରିଖ ଅର୍ଥାତ୍ ଗତ ଶନିବାର ପର୍ଯ୍ୟନ୍ତ ବିବାହ ଉତ୍ସବ ଚାଲିଥିଲା।

# ବାଂଲାଦେଶରୁ ଝୋଟ ଓ ଫାଇବର ଉତ୍ପାଦ ଆମଦାନୀ ଉପରେ ଡିଜିଏଫଟିର ରୋକ

ନୂଆଦିଲ୍ଲୀ ୨୯।୬: ବାଂଲାଦେଶରୁ ଝୋଟ ଓ ଫାଇବର ଉତ୍ପାଦ ଆମଦାନୀ ଉପରେ ଭାରତ ତତ୍କାଳ ପ୍ରଭାବରେ ରୋକ ଲଗାଇ ଦେଇଛି। ଏହି ନିଷ୍ପତ୍ତି ଦୁଇ ଦେଶଙ୍କ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ନିଆଯାଇଛି। ସୂତ୍ରରୁ ମିଳୁଥିବା ସୂଚନା ଅନୁସାରେ ଏହି କଟକଣା ମହାରାଷ୍ଟ୍ରର ନ୍ହାଭାଶେଭା ବନ୍ଦରକୁ ଛାଡି ଦେଶର ବାକି ସଡ଼କ ରାସ୍ତା ଓ ବନ୍ଦର ଦେଇ ବାଂଲାଦେଶରୁ ଆସୁଥିବା ଝୋଟ ଓ ଫାଇବର ଉତ୍ପାଦ ଉପରେ ଲାଗୁ ହେବ।



ବିଦେଶ ବ୍ୟାପାର ମହାନିର୍ଦ୍ଦେଶାଳୟ (ଡିଜିଏଫଟି) ଏ ନେଇ ଏକ ଅଧିସୂଚନା ଜାରି କରି ଏହି କଟକଣା ଲାଗୁ କରିଛନ୍ତି। ସାଉଥ ଏସିୟାନ ଫ୍ରି ଟ୍ରେଡ ଏରିୟା (ଏସଏଏଫଟିଏ) ବୁଝାମଣା ଅନୁସାରେ ବାଂଲାଦେଶର ଝୋଟ ଭାରତକୁ ନିଶୁଳ୍କ ଆମଦାନୀ ପାଇଁ ଅନୁମତି ଦେଉଛି। ତେବେ ଭାରତୀୟ ଝୋଟ ଉଦ୍ୟୋଗ ବାଂଲାଦେଶର ସବସିଡ ଆଧାରିତ ଓ ଡମ୍ପିଂ ମୂଲ୍ୟରେ ଆସୁଥିବା ଝୋଟ ଉତ୍ପାଦ ଖାସ କରି ସୁତୁଲି, ଫାଇବର ଓ ବ୍ୟାଗ କାରଣରୁ ଗୁରୁତର କ୍ଷତିର ସମ୍ମୁଖୀନ ହେଉଛି।

ସୂତ୍ର ଅନୁସାରେ ବାଂଲାଦେଶ ଝୋଟ ରପ୍ତାନୀକୁ ସରକାରୀ ସବସିଡି ମିଳୁଛି, ଏଥିରୁ ସେମାନଙ୍କୁ ଅନୁଚିତ ଲାଭ ମିଳୁଛି। ଏହିକାରଣରୁ ଡମ୍ପିଂ ରୋଧି ଓ ସମ୍ବନ୍ଧିତ ଶୁଳ୍କ କାର୍ଯ୍ୟାଳୟ (ଡିଜିଏଡି) ଯାଞ୍ଚ କରି ବାଂଲାଦେଶରୁ ଆମଦାନୀ ହେଉଥିବା ଝୋଟ ଉତ୍ପାଦ ଉପରେ ଡମ୍ପିଂ ରୋଧି ଶୁଳ୍କ (ଏଡିଡି) ଲଗାଇଛନ୍ତି। ଏହା ସତ୍ତ୍ୱେ ବାଂଲାଦେଶରୁ ଆମଦାନୀ କୌଣସି ପ୍ରକାର କମୁ ନାହିଁ। ଏହା ଛଡା ବାଂଲାଦେଶୀ ରପ୍ତାନୀକାରୀ ସବସିଡି ରିହାତିର ଦୁରୁପଯୋଗ କରି ଟେକ୍ନିକ୍ ରିହାତି ମାଧ୍ୟମରେ ଡମ୍ପିଂ ରୋଧି ଶୁଳ୍କରୁ ବର୍ତ୍ତିବା ପାଇଁ ଭୁଲ ଲେବୁଲିଂ କରିବା, ରିହାତି ପ୍ରାପ୍ତ କମ୍ପାନୀଙ୍କ ମାଧ୍ୟମରେ ରପ୍ତାନୀ କରିବା ଓ ଅଧିକ ସବସିଡି ପାଇଁ ଭୁଲ ସୂଚନା ଦେବା ଆଦି ଉପାୟ ଅବଲମ୍ବନ କରୁଛନ୍ତି।

ତେବେ ସାପ୍ଟା ଅନୁସାରେ ବାଂଲାଦେଶକୁ ଭାରତରେ ଝୋଟ ଉତ୍ପାଦର ଶୁଳ୍କ ମୁକ୍ତ ପହଞ୍ଚ ରହିଛି। ଭାରତୀୟ ଝୋଟ ଉଦ୍ୟୋଗ ସମ୍ପର୍କିତ ସଙ୍ଗଠନଙ୍କ କହିବା କଥା ହେଉଛି ବାଂଲାଦେଶରୁ ବିପୁଳ ପରିମାଣରେ ସବସିଡିଯୁକ୍ତ ଶସ୍ତା ଝୋଟ ଆମଦାନୀ ହେଉଛି। ଏଣୁ ଭାରତୀୟ ଉଦ୍ୟୋଗ ଦୀର୍ଘ ସମୟରୁ କ୍ଷତିର ସମ୍ମୁଖୀନ ହୋଇ ଆସୁଛନ୍ତି। ଏହି କ୍ଷତିକୁ ନଜରରେ ରଖି ଭାରତ ପକ୍ଷରୁ ଏବେ ବାଂଲାଦେଶର ଝୋଟ ଉତ୍ପାଦ ଉପରେ କଟକଣା ଲଗାଇବାକୁ ବାଧ୍ୟ ହୋଇଛି।

## ଲଞ୍ଚ ହେଲା ଉଡ଼ନ୍ତା ବାଇକ୍ ସ୍କାଏରାଇଡର ଏକ୍ସ-୬

ନୂଆଦିଲ୍ଲୀ ୨୯।୬:ଏକ ବାଇକ୍ ଆସିଛି ଯାହା ରାସ୍ତାରେ ଗଡ଼ିବା ସହ ଆକାଶରେ ମଧ୍ୟ ଉଡ଼ିପାରିବ । ବୈଜ୍ଞାନିକମାନେ ଏକ ଫ୍ଲାଇଙ୍ଗ ବାଇକ୍ ବା ଉଡ଼ନ୍ତା ବାଇକ୍ ତିଆରି କରିଛନ୍ତି । ଯାହା ଉଭୟ ଆକାଶ ପଥ ଏବଂ ସ୍ଥଳପଥରେ ଚଳାଚଳ କରିପାରିବ। ସାରା ବିଶ୍ୱରେ ବହୁତ ଦିନ ଧରି ଉଡ଼ନ୍ତା କାର ବିଷୟରେ ଆଲୋଚନା ଚାଲିଛି, କିନ୍ତୁ ଏବେ ଚୀନର ଟେକ୍ କମ୍ପାନୀ Kuickwheel ପ୍ରଥମ ଥର ପାଇଁ ଏକ ଉଡ଼ନ୍ତା ବାଇକ୍ Skyrider X6 ଲଞ୍ଚ କରିଛି। ଏହି ବାଇକ୍ କେବଳ ଭୂମିରେ ଚାଲିବ ନାହିଁ ବରଂ ଏହା ଆକାଶରେ ମଧ୍ୟ ଉଡ଼ିପାରିବ । କଥାଟା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଲେ ବି ସତ । ଏହି ତିନି ଚକିଆ ଉଡ଼ନ୍ତା ବାଇକ୍ କ୍ୱିକହ୍ୱିଲ୍ କମ୍ପାନୀ ଦ୍ୱାରା ତିଆରି କରାଯାଇଛି ଏବଂ ଏହାର ଗ୍ରାଉଣ୍ଡ ମୋଡ୍‌ରେ ଏହା ଘଣ୍ଟା ପ୍ରତି ୭୦ କିଲୋମିଟର ବେଗରେ ଚାଲିପାରିବ । ଥରେ ଚାର୍ଜ କଲେ ଏହା ୨୦୦ କିଲୋମିଟର ପର୍ଯ୍ୟନ୍ତ ଦୂରତା ଅତିକ୍ରମ କରିପାରିବ । ଯାହା ଏହାକୁ ସହରାଞ୍ଚଳ ଟ୍ରାଫିକ୍ ପାଇଁ ଅତ୍ୟନ୍ତ ଉପଯୋଗୀ କରିଥାଏ । Skyrider X6 ର ସବୁଠାରୁ ବଡ ବିଶେଷତ୍ୱ ହେଉଛି ଏହାର ଡୁଆଲ୍ ମୋଡ୍ କନଫିଗରେସନ୍, ଯେଉଁଥିପାଇଁ ଏହି ବାଇକ୍ କେବଳ ଭୂମିରେ ଚାଲିବ ନାହିଁ ବରଂ ବାୟୁରେ ମଧ୍ୟ ଉଡ଼ିପାରିବ । ଏହାର ମୂଲ୍ୟ ୪,୯୮,୮୦୦ ୟୁଆନ୍ ଅର୍ଥାତ୍ ଭାରତୀୟ ମୁଦ୍ରାରେ ପ୍ରାୟ ୫୯.୮୭ ଲକ୍ଷ ଟଙ୍କା ।



# ରାଜ୍ୟରେ ହେବ ୮ ମଲ୍ଟି ମୋଡାଲ୍ ଲଜିଷ୍ଟିକ୍ସ ପାର୍କ

## ଲଜିଷ୍ଟିକ୍ସ କ୍ଷେତ୍ରକୁ ମିଳିବ ବଳ
## ୨୦ ସ୍ଥାନରେ ଟ୍ରକ୍ ଟର୍ମିନାଲ

**ଭୁବନେଶ୍ୱର,୨୯।୬:** ଏବେ ଉଭୟ ଅନ୍ତଃ ରାଜ୍ୟ ଏବଂ ଆନ୍ତଃ ରାଜ୍ୟ ପରିବହନରେ ଓଡ଼ିଶାର ଅଂଶ ୧୦%। ୨୦୪୭ ବେଳକୁ ଏହାକୁ ୫୦%କୁ ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଛି। ମାଲ୍ ପରିବହନକୁ ତ୍ୱରାନ୍ୱିତ କରିବାକୁ ବିକଶିତ ହେବ ୮ ମଲ୍ଟି ମୋଡାଲ ଲଜିଷ୍ଟିକ୍ସ ପାର୍କ। ଭିଜନ ଡକ୍ୟୁମେଣ୍ଟ ୨୦୩୬ ଏବଂ ୨୦୪୭ରେ ଏଭଳି ମହତ୍ୱାକାଂକ୍ଷୀ ଯୋଜନା ରଖାଯାଇଛି। ଆନୁଷଙ୍ଗିକ ଶିଳ୍ପ ଭିତ୍ତିଭୂମିକୁ ମଧ ଏହା ସହ ତାଳଦେଇ ଉନ୍ନତୀକରଣ କରାଯିବ। ରାଜ୍ୟର ୨୦ ସ୍ଥାନରେ ହେବ ଟ୍ରକ୍ ଟର୍ମିନାଲ। ଏବେ ରାଜ୍ୟରେ ମଲ୍ଟି ମୋଡାଲ ଲଜିଷ୍ଟିକ୍ସ ପାର୍କର ସୁବିଧା ନ ଥିବାରୁ ଏହା ଖଣି, କୃଷି ଏବଂ ଇ-କମର୍ସ ଶିଳ୍ପକୁ କ୍ଷତିଗ୍ରସ୍ତ କରୁଛି। ଇ-କମର୍ସ କ୍ଷେତ୍ର ବେଶ୍ ବ୍ୟାପକ ହୋଇଛି। ମଲ୍ଟି ମୋଡାଲ ଲଜିଷ୍ଟିକ୍ସ ପାର୍କର ବିକାଶ ଦ୍ୱାରା ରାଜ୍ୟ ଏହାର ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିପାରିବ। ପିଏମ୍ ଗତି ଶକ୍ତିରେ ମଲ୍ଟି ମୋଡାଲ କନେକ୍ଟିଭିଟି ନ୍ୟାସ୍‌ନାଲ ମାଷ୍ଟରପ୍ଲାନ ଆଧାରରେ ରାଜ୍ୟ କାର୍ଯ୍ୟ କରିବ।

ଓଡ଼ିଶା ଇକୋନୋମିକ କରିଡର ଯୋଜନାରେ ବନ୍ଦରଭିତ୍ତିକ ଏବଂ ବିନିର୍ମାଣ କ୍ଷେତ୍ର ଅଭିବୃଦ୍ଧି କରାଯିବ। ଦକ୍ଷ ଲଜିଷ୍ଟିକ୍ସ ଏବଂ ନିରନ୍ତର ପରିବହନ ଯୋଗାଯୋଗ ବ୍ୟବସ୍ଥା ଲାଗି ସଡ଼କ, ରେଳ, ବିମାନ ବନ୍ଦର ଏବଂ ବନ୍ଦର ଗୁଡ଼ିକ ସମନ୍ୱିତ କରିବା ଉପରେ ଫୋକସ କରାଯିବ। ଏହାକୁ ନଜରରେ ରଖି ଷ୍ଟକୟାର୍ଡ, ୱେୟାରହାଉସ୍, କୋଲ୍ଡ ଷ୍ଟୋରେଜ ଏବଂ ୟୁଟିଲିଟି କରିଡର ବିକଶିତ ହେବ। ପୂର୍ବରୁ ଏଭଳି ବ୍ୟବସ୍ଥା ଗୋପାଳପୁରରେ ହୋଇଛି। ୫୭୫ କିମି ଉପକୂଳ ଥିବାରୁ ଓଡ଼ିଶାକୁ ପୂର୍ବ ଏସିଆର ପ୍ରମୁଖ କାର୍ଗୋସିପମେଣ୍ଟ ହବ୍, ୩୪୬ କିମିର ଉପକୂଳ ରାଜପଥ କାମ ତ୍ୱରାନ୍ୱିତ କରିବା, ସ୍ଲରି ପାଇପ୍‌ଲାଇନ ନେଟୱର୍କ ବିକାଶକୁ ଧ୍ୟାନରେ ରଖାଯିବ। ୨୦୩୬ ସୁଦ୍ଧା ଏହି କ୍ଷେତ୍ରଗୁଡ଼ିକରେ ଘରୋଇ ନିବେଶ ୫୦%କୁ ବୃଦ୍ଧି ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ମଲ୍ଟି ମୋଡାଲ ଟ୍ରାନ୍ସପୋର୍ଟ ଷ୍ଟ୍ରାଟେଜିକୁ ଡିଜାଇନ ଏବଂ ନୂଆକୌଶଳ ଲାଗି ଗଠନ ହେବ ଉଚ୍ଚ-କ୍ଷମତା ସମ୍ପନ୍ନ ଗ୍ରୁପ। ରାଜ୍ୟ ଭିତରେ ଏବଂ ଆନ୍ତଃରାଜ୍ୟ ସାମଗ୍ରୀ ଏବଂ ଲୋକଙ୍କ ଯାତାୟତ ଧାରା ଜାଣିବା ଲାଗି ଏକ ଓରିଜିନ ଡେଷ୍ଟିନେସନ୍ ଷ୍ଟଡି କରିବେ ରାଜ୍ୟ ସରକାର।



ଏହି ଧାରାକୁ ତ୍ୱରାନ୍ୱିତ କରିବ ଲାଗି ରାଜ୍ୟ ସରକାର ୨୦୩୦ ସୁଦ୍ଧା ୭୫ ହଜାର କିମିର ସଡ଼କ ନେଟୱର୍କ ବିଛାଇବେ। ଏହା ମଧରେ ଗ୍ରାମାଞ୍ଚଳରେ ୩୦ ହଜାର କିମିର ସଡ଼କ କାର୍ଯ୍ୟକୁ ଶେଷ କରାଯିବ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ୩ରେ ହାତକୁ ନିଆଯାଇଥିବା ସବୁ ସଡ଼କ ପ୍ରକଳ୍ପର କାର୍ଯ୍ୟକୁ ଆଗାମୀ ୨୪ ମାସ ମଧରେ ସମ୍ପୂର୍ଣ୍ଣ କରାଯିବ।

ଏହା ଦ୍ୱାରା ଅନ୍ତତଃ ପକ୍ଷେ ୧୫ ହଜାର କିମି ସଡ଼କ ପଥର ବିକାଶ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି)୧୧.୩କୁ ସଡ଼କପଥ ବିକାଶ କରିବାକୁ ଅଗ୍ରସର ହୋଇଛନ୍ତି ରାଜ୍ୟ ସରକାର। ଆର୍ଥିକ ବର୍ଷ ୨୦୨୫-୨୬ ବଜେଟରେ ସରକାର ସଡ଼କ, ବ୍ରିଜ ଏବଂ ବିମାନବନ୍ଦରଗୁଡ଼ିକର ଉନ୍ନତୀକରଣ ଲାଗି ୧୫,୮୬୫ କୋଟିର ବ୍ୟୟ ବରାଦ କରିଛନ୍ତି। ୨୦୨୬-୨୭ ସୁଦ୍ଧା ପ୍ରତି ଗ୍ରାମ ପଞ୍ଚାୟତକୁ ସମନ୍ୱିତ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବସ୍ଥା କରାଯିବ। ମୁଖ୍ୟମନ୍ତ୍ରୀ ବସ୍ ସେବା ସ୍କିମ୍ ଦ୍ୱାରା ୩ ହଜାର କୋଟି ଟଙ୍କାର ନିବେଶକୁ ମିଳିଛି ମଞ୍ଜୁରି। ପବ୍ଲିକ ଟ୍ରାନ୍ସପୋର୍ଟ ଭିତ୍ତିଭୂମି ଦୃଢ଼ୀକରଣ ଲାଗି ଅଟଳ ବସ୍‌ଷ୍ଟାଣ୍ଡ ସ୍କିମ୍‌ରେ ୬ ହଜାର କୋଟି ଟଙ୍କା ବିନିଯୋଗ ହେବ।

ଏବେ ରାଜ୍ୟର ପରିବହନ ଜିଏସ୍‌ଭିଏରେ ସଡକ ପଥର ଅଂଶ ୬୦% ରହିଛି। ରାଜ୍ୟରେ ନ୍ୟାସ୍‌ନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ) ୧୨୦୪ କିମିର ୪୯ ପ୍ରକଳ୍ପ କାର୍ଯ୍ୟକାରୀ କରାଇଥିବା ବେଳେ ୭୭୧ କିମି ସମ୍ପୂର୍ଣ୍ଣ ହୋଇସାରିଛି। ପଶ୍ଚିମାଞ୍ଚଳ ବିକାଶ ଲାଗି ରାଜ୍ୟ ୱେଷ୍ଟର୍ଣ୍ଣ ଏକ୍ସପ୍ରେସୱେ ସ୍ଥାପନ କରିଛି। ସେହିଭଳି ବିଶାଖାପାଟଣା-ଚେନ୍ନାଇ ଇଣ୍ଡଷ୍ଟ୍ରିଆଲ କରିଡରକୁ ଲାଗି ଓଡ଼ିଶା ଇକୋନୋମିକ କରିଡରକୁ ବିକଶିତ କରିବା ଲକ୍ଷ୍ୟ ରଖାଯାଇଛି।

# ଏଚ୍‌ଏଆଇ ସୁଟ୍‌କେସ୍ କ୍ଲିନିକ୍ ଆରମ୍ଭ




ଭୁବନେଶ୍ୱର, ୨୯।୬: ରଥଯାତ୍ରାରେ ଜଗନ୍ନାଥନଗରରେ ଏଚ୍‌ଏଆଇ ସୁଟ୍‌କେସ୍ କ୍ଲିନିକ୍ ଆରମ୍ଭ ହୋଇଛି। ସତ୍ୟଜିତ ପ୍ରଧାନ ଓ ବୃଶାଳି ପ୍ରଧାନ ଉଦ୍ୟୋଗୀ ଦମ୍ପତିଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଏହି କ୍ଲିନିକ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସି (ଏଆଇ) ଆଧାରିତ ପୋର୍ଟେବଲ୍ ସ୍ୱାସ୍ଥ୍ୟସେବା ମଡେଲ୍ ପ୍ରଦାନ କରୁଛି ଯାହା ସ୍ୱାସ୍ଥ୍ୟସେବାକୁ ରୋଗୀଙ୍କ ଘରେ ପହଞ୍ଚାଉଛି। ଏହାର ଏଆଇ ଆପ୍ ସ୍ମାର୍ଟ ନିଦାନ, ସ୍ୱୟଂକ୍ରିୟ ସାକ୍ଷାତକାର ଓ ତତ୍କାଳ ସ୍ୱାସ୍ଥ୍ୟସେବା ସହାୟତା ପ୍ରଦାନ କରୁଛି। ଲୋକମାନେ ଶିଶୁଙ୍କୁ ଟିକା ପ୍ରଦାନ କରିବାଠାରୁ ଆରମ୍ଭ କରି ଶିଶୁ ପୋଷଣ, ଦାନ୍ତ ଚିକିତ୍ସା, ସ୍ତ୍ରୀ ଓ ପ୍ରସୂତୀ, ଫିଜିଓଥେରାପି, ଜେରିଆଟ୍ରିକ୍ କେୟାର ଓ ପାଥୋଲୋଜି ସେବା ପାଇପାରିବେ। ଏଚ୍‌ଏଆଇ ସହ ଯୋଡ଼ିହୋଇଛନ୍ତି ମୁଖ୍ୟ ମେଡିକାଲ୍ ଅଧିକାରୀ ଡାକ୍ତର ବିକାଶ କାଶ୍ୟପ, ଡାକ୍ତର ଶିଶିର ମହାପାତ୍ର, ଡାକ୍ତର ଅକ୍ଷୟ ମହାପାତ୍ର।

## ସୁନା ଓ ରୂପା ଦର



ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୭,୪୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୩୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭,୪୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯,୩୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭, ୪୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯ ହଜାର ୩୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୭,୫୭୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୪୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୪୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯ ହଜାର ୩୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭, ୪୨୦ ଓ ୮୯, ୩୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୭ , ୮୦୦ ଟଙ୍କା ହୋଇଛି।

## ପେଟ୍ରୋଲ, ଡିଜେଲ ଦର



ଆଜି ଦେଶର ପ୍ରମୁଖ ସହରରେ ପେଟ୍ରୋଲ-ଡିଜେଲ ଦାମ୍। ତେବେ ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୮ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୬ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



## ବରାହ ଓ ନୃସିଂହ ବେଶରେ ଦର୍ଶନ ଦେଲେ ବଡ଼ ଠାକୁର

**ସୁବର୍ଣ୍ଣପୁର,୨୯।୬ (ସଂଚାର ବ୍ୟୁରୋ):** ସୋନପୁର ବଡ଼ବଜାର ଗୁଣ୍ଡିଚା ମନ୍ଦିର ଠାରେ ଚତୁର୍ଦ୍ଧାମୂର୍ତ୍ତି ଭକ୍ତଙ୍କୁ ଆଜି ବରାହ ଓ ନୃସିଂହ ବେଶରେ ଦର୍ଶନ ଦେଇଛନ୍ତି। କଥାରେ ଅଛି ଆଡପ ମଣ୍ଡପରେ ପ୍ରଭୁଙ୍କୁ ଦର୍ଶନ ମହାପୁଣ୍ୟ ଓ ଫଳ ପ୍ରାପ୍ତି ଅଟେ। ସନାତନ ଧର୍ମର ମାନ୍ୟତା ଅନୁଯାୟୀ ଯେତେବେଳେ ପୃଥିବୀ ପୃଷ୍ଠରେ ଅନ୍ୟାୟ ଅତ୍ୟାଚାରର ମାତ୍ରା ବଢ଼ିଯିବାର ଦେଖାଯାଇଥାଏ ସେତେବେଳେ ଭଗବାନ ବିଷ୍ଣୁ ସେହି ଅନ୍ୟାନ୍ୟ ଅତ୍ୟାଚାର କବଳରୁ ରକ୍ଷା କରିବା ପାଇଁ ଅବତାର ଧାରଣ କରି ପୃଥିବୀ ପୃଷ୍ଠକୁ ଆସିଥିବା ପୌରାଣିକ ତଥ୍ୟାବଳୀରୁ ଜଣାଯାଏ । ପ୍ରତୀକାତ୍ମକ ସ୍ୱରୂପ ଏହି ଘୋଷ ଯାତ୍ରା ସମୟରେ ଭଗବାନ ବିଷ୍ଣୁଙ୍କ ସେହି ମାନବୀୟ ଲୀଳା ଗୁଣ୍ଡିଚା ଆଡ଼ପ ମଣ୍ଡପରେ ଦେଖିବାକୁ ମିଳିଥାଏ। ବଡ଼ବଜାର 'ଗୁଣ୍ଡିଚା ରଥଯାତ୍ରା ସାଂସ୍କୃତିକ କମିଟି' ପକ୍ଷରୁ ଗୁଣ୍ଡିଚା ମନ୍ଦିର ଠାରେ ପ୍ରତ୍ୟହ ସନ୍ଧ୍ୟା ସମୟରେ ରାତି ପର୍ଯ୍ୟନ୍ତ ସୁନ୍ଦର ଓ ଆକର୍ଷଣୀୟ ଭଜନ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ରୂପେ ଉପଜିଲ୍ଲାପାଳ ଡ. ସୌମ୍ୟାରୂପା ରଥ ଯୋଗ ଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ସେହିପରି ଆଜି ବୃନ୍ଦାବନ ମନ୍ଦିରରେ ମଧ ପ୍ରଭୁ ଜଗନ୍ନାଥ ବରାହ ଅବତାରରେ ଭକ୍ତମାନଙ୍କୁ ଦର୍ଶନ ଦେଉଥିବା ବେଳେ ବଡ଼ଠାକୁର ପ୍ରଭୁ ଦଧିବାମନ ମଝିପଡା ଠାରେ ବରାହ ଓ ନୃସିଂହ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଓ ଥନାପତି ପଡାରେ ମଧ ଶ୍ରଦ୍ଧାଳୁ ପ୍ରଭୁ ଜଗନ୍ନାଥଙ୍କ ଦିବ୍ୟ ଲୀଳା ଦର୍ଶନ ଲାଭ କରୁଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଥିବା ଜଣାଯାଇଛି।

## ଗୋଟି ପହଣ୍ଡିରେ ଆଡ଼ପମଣ୍ଡପକୁ ଗଲେ ଚତୁର୍ଦ୍ଧାମୂର୍ତ୍ତି



● ଦ୍ୱିତୀୟ ଦିନ ଘୋଷଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ

**ନୀଳଗିରି,୨୯।୬ (ସଂଚାର ବ୍ୟୁରୋ):** ଭାବର ଠାକୁର ଶ୍ରୀଜଗନ୍ନାଥ ଏହି ଘୋଷଯାତ୍ରା ଅବସରରେ ନୀଳଗିରି ଜଗନ୍ନାଥ ମନ୍ଦିର ଅଣସର ସିଂହାସନରୁ ଭାଇ ଓ ଭଉଣୀଙ୍କୁ ଧରି ରଥାରୂଢ଼ ହୋଇଥିଲେ। ଶ୍ରଦ୍ଧାଳୁ ଓ ଜଗନ୍ନାଥ ପ୍ରେମୀଙ୍କ ସହିତ ଶ୍ରୀମନ୍ଦିର ନିକଟରୁ ରଥ ସେବାୟତଙ୍କ ଘଣ୍ଟ ଘଣ୍ଟାରେ ଶନିବାର ଅଧାରାସ୍ତା ପୋଷ୍ଟ ଅଫିସ ସମ୍ମୁଖରେ ଅଟକିଥିଲେ। ରବିବାର ଅପରାହ୍ନରେ ପୁଣି ଥରେ ଆରମ୍ଭ ହୋଇଥିଲା ଦ୍ୱିତୀୟ ଦିବସର ଘୋଷଯାତ୍ରା। ସେବାୟତଙ୍କ ଜୟ ଜଗନ୍ନାଥ ଧ୍ୱନି ଓ ଭକ୍ତ ଭଗବାନଙ୍କ ଅପୂର୍ବ ମିଳନ ଭିତରେ ରଥକୁ ଟାଣି ଟାଣି ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚାଇଥିଲେ। ଚତୁର୍ଦ୍ଧାମୂର୍ତ୍ତି ବାହୁଡ଼ା ପର୍ଯ୍ୟନ୍ତ ଏଠାରେ ରହି ଲୀଳାଖେଳା କରିବେ। ରଥ ନିକଟରେ ଯଥା ରୀତିନୀତିରେ ରଜାଙ୍କ ପ୍ରତିନୀଧି ରାଜଗୁରୁ ରବୀନ୍ଦ୍ର ମହାପାତ୍ର ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଗୋଟି ପହଣ୍ଡିରେ ଆଡ଼ପମଣ୍ଡପ ବା ଜନ୍ମବେଦୀକୁ ବିଜେ କରାଇଥିଲେ। ଆଜିର ଘୋଷଯାତ୍ରାରେ ବାଲେଶ୍ୱର ଜିଲ୍ଲାପାଳ ସୁର୍ଯ୍ୟବଂଶି ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ ସମେତ ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ନୀଳଗିରି ଉପ-ଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ସୋନମ୍ ଦାସ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ମଲିକ, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁଙ୍କ ଭିଡ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ନିୟୋଜନ କରାଯାଇଥିଲା।

## ରାଜ୍ୟସ୍ତରୀୟ ପାଲା ଉତ୍ସବ ଉଦ୍‌ଘାଟିତ

**ବଲାଙ୍ଗିର,୨୯।୬ (ସଂଚାର ବ୍ୟୁରୋ):** ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ଠାରେ ରଥଯାତ୍ରା ଉପଲକ୍ଷେ ୩ ଦିନିଆ ରାଜ୍ୟସ୍ତରୀୟ ପାଲା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏହି ଉତ୍ସବର ଉଦ୍ଦେଶ୍ୟ ହେଉଛି ଗ୍ରାମ୍ୟ ସ୍ତରରେ ଦିନକୁ ଦିନ ଲୋପ ପାଇଯାଉଥିବା ପାଲା ନୃତ୍ୟକୁ ଆଧୁନିକ ଯୁଗରେ ଲୋକାଭିମୁଖ କରିବା ପାଇଁ ଓ କଳାକାରଙ୍କୁ ଉତ୍ସାହିତ ଏବଂ ସମ୍ମାନର ସହ ଆଗକୁ ଆଣିବାକୁ ଏହା ଏକ ଅଭିନବ ପ୍ରୟାସ । ସାହିତ୍ୟ ଓ ସାରସ୍ୱତ ସାଧନା ମାଧମରେ ବିଭିନ୍ନ ଆଲୋଚନା ଓ ସଚେତନତା ବାର୍ତ୍ତା ଦେଉଥିଲା ପାଲା । ସାଂପ୍ରତିକ ଯୁଗରେ ମଧ ବିପଥଗାମୀ ସମାଜକୁ ସରସ ସୁନ୍ଦର ଓ ପରିମାର୍ଜିତ କରିବା ପାଇଁ ପାଲାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବକୁ ସାରସ୍ୱତ ସାଧକ ତଥା ସଂସ୍କୃତ ଗବେଷକ ସୁରେଶ ଚନ୍ଦ୍ର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ସରପଂଚ ଜନ୍ମଜୟ ମେହେର, ବରିଷ୍ଠ କ୍ରୀଡାବିତ୍ ବିଜୟ କୁମାର ଜାନି, ବରିଷ୍ଠ କଳାକାର ନିମାଇଁ ପାଣିଗ୍ରାହୀ, ବିଶିଷ୍ଟ କଣ୍ଠ ଶିଳ୍ପୀ ବ୍ୟାସଦେବ ପୁରୋହିତ, ସମବାୟ ସଂପାଦକ ପ୍ରମୋଦ କର୍ମୀ ପ୍ରମୁଖ ମଂଚାସିନ ଥିଲେ। ଶେଷରେ ସମସ୍ତ କଳାକାର ଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

## ଧଅାଁରାଭଟା ଗ୍ରାମବାସୀଙ୍କ ପାଇଁ ବିଶୁଦ୍ଧ ପାଣି ସାତ ସପନ

# ପିଉଛନ୍ତି ପଥରବନ୍ଧା କୂଅର ଦୂଷିତ ଜଳ

**କଳାହାଣ୍ଡି,୨୯।୬ (ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ବ୍ଲକ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଧଅାଁରାଭଟା ଗ୍ରାମବାସୀ ଦୂଷିତ ପାଣି ପିଉଛନ୍ତି । ଏହି ଗାଁ ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟଠାରୁ ୩୫ କିମି ଦୂରରେ ଥିବାବେଳେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ୪ କିମି ଘାଟି ରାସ୍ତା ରହିଛି। ଗାଁରେ ଆଦିମ ଜନଜାତି ସମ୍ପ୍ରଦାୟର ୨୫ ପରିବାର ରହୁଛନ୍ତି । ଗାଁ ବସତି ହୋଇ ଶହେରୁ ଅଧିକ ବର୍ଷ ବିତି ଯାଇଥିଲେ ମଧ୍ୟ ଗ୍ରାମବାସୀଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଦୀର୍ଘ ବର୍ଷ ଧରି ଏହି ଉପାନ୍ତ ଗ୍ରାମବାସୀ ଗାଁରୁ ପ୍ରାୟ ଅଧ କିଲୋମିଟର ଦୂର ଏକ ନାଳାରେ ଖୋଲାମେଲା ପଥରବନ୍ଧା କୂଅର ଦୂଷିତ ଜଳକୁ ପାନୀୟ ଓ ରୋଷେଇ ପାଇଁ ବ୍ୟବହାର କରିଆସୁଛନ୍ତି।

ବିଭିନ୍ନ ସମୟରେ ଦୂଷିତ ପାଣିର ପ୍ରଭାବରେ ଅନେକ ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ କହିଛନ୍ତି। କେବଳ ସେତିକି ନୁହଁ ଗାଁରୁ ପ୍ରାୟ ଦୁଇ କିଲୋମିଟର ଦୂରରେ ଥିବା ଏକ ପରିତ୍ୟକ୍ତ ବନ୍ଧ ପାଣିରେ ଲୁଗା ସଫା, ସ୍ନାନ ଓ ଶୌଚ ଭାବେ ବ୍ୟବହାର କରିଆସୁଛନ୍ତି। ରାଜନୈତିକ



ନେତୃବର୍ଗଙ୍କ ଆନ୍ତରିକତାର ଅଭାବ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଘାଟି ଉପରେ ଅବସ୍ଥିତ ଏହି ଗ୍ରାମବାସୀ ଶୁଦ୍ଧ ପାନୀୟ ଜଳ ପାଇଁ ତହଳବିକଳ ହେଉଛନ୍ତି। ଏନେଇ ଗ୍ରାମବାସୀ ବହୁବାର ବିଭାଗୀୟ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ହେଁ କିଛି ସୁଫଳ ମିଳିପାରିନାହିଁ। ଲାଞ୍ଜିଗଡ ବ୍ଲକ ପ୍ରଶାସନକୁ ବାରମ୍ବାର ଅନୁରୋଧ ପରେ କିଛିମାସ ତଳେ ନଳକୂଅ ଖନନ ପାଇଁ ଏକ ଟିମ୍ ଗାଁରେ ପହଞ୍ଚିଥିଲେ। ତେବେ ପାହାଡି ଅଞ୍ଚଳ ଓ ଉଚ୍ଚ ଘାଟି ନିକଟରେ ଥିବାରୁ ଗ୍ରାମବାସୀ ଯେଉଁଠି ନଳକୂଅ ଖୋଳିଲେ ପାଣି ବାହାରିବ ତାହା ଚିହ୍ନଟ କରିଥିଲେ ଗାଡ଼ି ଯିବା ପାଇଁ ନିଜେ ଶ୍ରମଦାନ କରି ରାସ୍ତା କଲେ, ମାତ୍ର ଉକ୍ତ ସ୍ଥାନକୁ ଯାଇହେବ ନାହିଁ କହି ଘାଟି ଉପରେ ହିଁ ସୁବିଧା ସ୍ଥାନରେ ନଳକୂଅ ଖୋଳିବାକୁ ପ୍ରୟାସକରି ଫେଲ ମାରିବାରୁ ବ୍ଲକ ଟିମ ଫେରି ଆସିଥିଲେ। ଫଳରେ ଗ୍ରାମବାସୀଙ୍କ ଯେଉଁ ଦୁଃଖକୁ ସେହି ଦୁଃଖ ।

ଜଳଯୋଗାଣ ପ୍ରକଳ୍ପ ପାଣି ଏହି ଗ୍ରାମକୁ ପହଞ୍ଚିବାର ସମ୍ଭାବନା ନାହିଁ। ତେଣୁ ତୁରନ୍ତ ଏହି ଗ୍ରାମ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ ନକଲେ ଖୋଲା କୂଅର ଦୂଷିତ ପାଣି ପିଇ ଲୋକେ ବିଭିନ୍ନ ରୋଗର ଶିକାର ହେବେ ବୋଲି ଗାଁର ଜାନୀ ମାଝି, ଲାଖୁଚା ମାଝି, ଶିବ ମାଝି, ସୀତାରା ମାଝି, କୁମାରା ମାଝି, ବୁଲୁ ମାଝି, ଲାଞ୍ଜି ମାଝି, କମଳି ମାଝି, ବେଡି ମାଝି, ଘାସନୀ ମାଝି, ସୀତା ମାଝି, ଛାପୁରୀ ମାଝି ଅନୁରୋଧ କରିଛନ୍ତି।

## ସ୍ୱାତୀ ପକ୍ଷରୁ ଝିରିପାଣୀଠାରେ ସାମୁହିକ ସ୍ୱାସ୍ଥ୍ୟ ଓ ରକ୍ତ ପରୀକ୍ଷା ଶିବିର

**ଫୁଲବାଣୀ,୨୯।୬ (ସଂଚାର ବ୍ୟୁରୋ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କନ୍ଧମାଳ ଓ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତର ମିଳିତ ସହଯୋଗରେ ଏକ ସାମୁହିକ ସ୍ୱାସ୍ଥ୍ୟ ଓ ରକ୍ତ ପରୀକ୍ଷା ଶିବିର କନ୍ଧମାଳ ଜିଲ୍ଲାର ଦୁର୍ଗମ ଅଂଚଳ ଭାବେ ଜଣାଶୁଣା ତୁମୁଡିବନ୍ଧ ବ୍ଲକ୍‌ର ଝିରିପାଣୀ ଠାରେ ଆୟୋଜିତ ହୋଇଯାଇଛି।

ଅନୁଷ୍ଠାନ ମାଧମରେ ଜିଲ୍ଲାରେ ଚାଲିଥିବା ଲକ୍ଷ୍ୟଭେଦି ପ୍ରକଳ୍ପ ଦ୍ୱାରା କନ୍ଧମାଳ ଜିଲ୍ଲାର କୋଣ ଅନୁକୋଣରେ ଥିବା ଏଚ୍.ଆଇ.ଭି. ସଂକ୍ରମିତ ମାନଙ୍କୁ ଚିହ୍ନଟ କରିବା ପାଇଁ ଗୋଷ୍ଠି ସ୍ତରରେ ସାମୁହିକ ରକ୍ତ ପରିକ୍ଷା କରାଯାଉଛି। ଝିରିପାଣି ସରପଞ୍ଚ କାନ୍ତି ପାତ୍ର ଓ ପଞ୍ଚାୟତ ପ୍ରତିନିଧି ସାମୁକା ନାୟକଙ୍କ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ତିନି ପ୍ରକାର ଯଥା- ହେପାଟାଇଟିସ୍-ବି, ହେପାଟାଇଟିସ୍-ସି ଓ ଏଚ୍.ଆଇ.ଭି. ପାଇଁ ନମୁନା ସଂଗ୍ରହ କରି ପରିକ୍ଷା କରାଯାଇଥିଲା। ମୋଟ ଭାବରେ ୯୬ ଜଣଙ୍କ ରକ୍ତ ନାମୁନା ସଂଗ୍ରହ ହୋଇଥିବା ବେଳେ ପ୍ରକଳ୍ପର ପରାମର୍ଶ ଦାତ୍ରୀ ସ୍ନେହଲତା




ନାୟକ ଯୋଗଦେଇ ରକ୍ତ ନମୁନା ସଂଗୃହିତ ହେଉଥିବା ବ୍ୟକ୍ତି ମାନଙ୍କୁ ପରାମର୍ଶ ଦେବା ସହ ଚିହ୍ନିତ ହେଉଥିବା ସଂକ୍ରମିତ ବ୍ୟକ୍ତିଙ୍କୁ ବୁଝାଇଥିଲେ। ଅନୁଷ୍ଠାନର ଅନ୍ୟ କର୍ମୀ ଯୋସ୍ନା କହଁର, ସ୍ୱାଗତିକା ନାୟକ ଓ ସୀତା ରଣା ଏହି ଶିବିରରେ ଉପସ୍ଥିତ ରହି ଜାତୀୟ ଏ.ଡ଼.ସ୍. ନିୟନ୍ତ୍ରଣ ସଂସ୍ଥାଙ୍କ ଦ୍ୱାରା ଜାରି କରାଯାଇଥିବା ଟୋଲ୍ ଫ୍ରି ନଂ-୧୦୯୭ ର ଗୁରୁତ୍ୱ ଓ ସାମାଜିକ ଗଣମାଧମ ମାଧମରେ ଅଧିକରୁ ଅଧିକ ଉପଭୋକ୍ତା ମାନଙ୍କୁ ଯୋଡି ବିଭିନ୍ନ ସ୍ୱାସ୍ଥ୍ୟ ସଚେତନତାକୁ ଅଧିକ ରୁ ଅଧିକ ଲୋକଙ୍କ ନିକଟରେ ପହଁଚାଇବା ପାଇଁ ଚେଷ୍ଟା କରିଥିଲେ । ଶିବିର ଟିକୁ ଲେବୋ୍ରଟୋରି ଟେକ୍ନିସିଆନ୍ ସନ୍ତୋଷ କୁମାର ସାହୁ ପରିଚାଳନା କରିଥିଲେ। ଯଦି ସରାକାରଙ୍କ ଦ୍ୱାରା ଆୟୋଜିତ ଏହି ଚିହ୍ନଟିକରଣ ପ୍ରକ୍ରିୟାରେ ଅଧିକରୁ ଅଧିକ ବ୍ୟକ୍ତି ବିଶେଷ ଯୋଡି ନହେବେ ତେବେ ଦିର୍ଘସ୍ଥାୟୀ ବିକାଶ ଲକ୍ଷ ହାସଲରେ ୦୪ ନମ୍ବରରେ ଥିବା ପ୍ରତ୍ୟେକ ବୟସର ବ୍ୟକ୍ତି ମାନଙ୍କ ପାଇଁ ସୁସ୍ଥ ଓ ନିରାମୟ ଜିବନ ସୁନିଶ୍ଚିତ କରିବା ସମ୍ଭବ ହେବ ନାହିଁ ବୋଲି ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ ମତ ଦେଇଥିଲେ।

## ନୂତନ ଥାନାଧିକାରୀଙ୍କ ଯୋଗଦାନ



**କଳିଙ୍ଗନଗର,୨୯।୬ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ଯଖପୁରା ଥାନାରେ ନୂତନ ଥାନା ଅଧିକାରୀ ଭାବେ ଆଶିଷ କୁମାର ସାହୁ ଯୋଗଦାନ କରିଛନ୍ତି। ସେ ପୂର୍ବରୁ ଯାଜପୁର ରୋଡ଼ ଥାନାରେ କାର୍ଯ୍ୟରତ ଥିଲେ। ପୁଲିସ ବିଭାଗର ଜଣେ ଦକ୍ଷ ଅଫିସର ଭାବେ କ୍ରାଇମ ବ୍ରାଞ୍ଚର ଗୁଇନ୍ଦା ବିଭାଗ ସହ ବିଭିନ୍ନ ଥାନରେ ସାହାସିକତା ଭାବେ କାର୍ଯ୍ୟ କରି ପ୍ରଶଂସିତ ହୋଇଛନ୍ତି। ଯଖପୁରା ଥାନାରେ ତାଙ୍କ ଯୋଗଦାନରେ ସମସ୍ତେ ତାଙ୍କୁ ସ୍ୱାଗତ କରିବା ସହ ଜଣେ କର୍ତ୍ତବ୍ୟନିଷ୍ଠ ପୋଲିସ ଅଫିସରଙ୍କୁ ପାଇ ବହୁ ଖୁସି ହୋଇଛନ୍ତି।

## ଅଗ୍ନିକାଣ୍ଡରେ ଜଳିଗଲା ୮ ବଖରା

**ଡେଲାଙ୍ଗ,୨୯।୬ (ସଂଚାର ବ୍ୟୁରୋ):** ଡେଲାଙ୍ଗ ବ୍ଲକ ଚାଇଁପୁର ପଞ୍ଚାୟତ ଅନ୍ତର୍ଗତ ଷଡାଙ୍ଗୋଇ ପଶ୍ଚିମବାଡ଼ ଗ୍ରାମର ରମେଶ ମହାପାତ୍ର, ଉଲ୍ଲାସ ମହାପାତ୍ର ଓ ନାରାୟଣ ମହାପାତ୍ର ଙ୍କର ଆକସ୍ମିକ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କା ର ସମ୍ପତି ଭସ୍ମିଭୁତ ହୋଇ ପ୍ରାୟ ଆଠ ବଖରା ପୁରୁଣା ଚାଲଘର ଧ୍ୱଂସ ହୋଇଯାଇଛି । ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ । ଲୋକଙ୍କ ଚଳପ୍ରଚଳ ସମୟ ପ୍ରାୟ ରାତି ସାଢେ ନଅଟା ସମୟରେ ଏହି ଅଘଟଣ ଘଟିଥିବାରୁ ଗାଁ ଲୋକେ ଗୋରୁଗାଇ ଫିଟାଇଦେଇଥିଲେ, ତେବେ କେହି ଲୋକ କିମ୍ବା ଜୀବଜନ୍ତୁ ମୃତାହତ ହୋଇଥିବା ସୂଚନା



ନାହିଁ । ପାଖରେ ପାଣି ସୁବିଧା ନଥିବାରୁ ଗାଁଲୋକେ ଘରୋଇ ପମ୍ପ ସାହାଯ୍ୟରେ ପାଣି ପକାଇ ନିଆଁ ଲିଭାଇବା ଅସମର୍ଥ ହୋଇଥିଲେହେଁ ଦମକଳ ପହଂଚିଲାବେଳକୁ ସମସ୍ତ ଆଠ ବଖରା ଚାଲଘାର ପୋଡି ଲକ୍ଷାଧିକ ତାଙ୍କର ସମ୍ପତି କ୍ଷୟକ୍ଷତି ଘଟିଯାଇଛି । ଏଗ୍ନିବିପନ୍ନ ମାନଙ୍କୁ ତୁରନ୍ତ ଜରୁରୀକାଳୀନ ସହାୟତା ଓ କ୍ଷତିପୂରଣ ଯୋଗାଇଦେବାକୁ ଚାଇଁପୁର ପଂଚାୟତର ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ପରିଡା ସରକାରିକଳ ନିକଟରେ ଦାବି କରିଛନ୍ତି।

## ଶୈକ୍ଷିକ ଜୀବନରେ ମିଳୁନି ଖେଳକୁଦ ସୁବିଧା

# ଅନେକ ବିଦ୍ୟାଳୟରେ ନାହିଁ ଖେଳ ପଡିଆ




**କାକଟପୁର/ଅସ୍ତରଙ୍ଗ,୨୯।୬ (ସଂଚାର ବ୍ୟୁରୋ):** କ୍ରୀଡା ଶୈକ୍ଷିକ ଜୀବନର ଅବିଚ୍ଛେଦ୍ୟ ଅଂଶ। ସୁସ୍ଥ ଓ ନିରୋଗ ଜୀବନ ଯାପନ ପାଇଁ କ୍ରୀଡା କେବଳ ଆବଶ୍ୟକ ନୁହେଁ, ବରଂ ଅପରିହାର୍ଯ୍ୟ। ଖେଳକୁଦ ମନକୁ ପ୍ରଫୁଲ୍ଲ ରଖେ। ଛାତ୍ର, ଛାତ୍ରୀଙ୍କୁ ଶୃଙ୍ଖଳିତ କରି ସେମାନଙ୍କ ଚରିତ୍ର ଗଠନରେ ସହାୟକ ହୁଏ ବୋଲି କୁହାଯାଏ। ଏଥିପାଇଁ ପ୍ରତି ବିଦ୍ୟାଳୟରେ ଖେଳ ପାଇଁ ସମୟ (ପିରିୟଡ଼ )ଥାଏ।କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ଅନେକ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ରେ ଖେଳ ପଡିଆ ନଥିବାରୁ ଶୈକ୍ଷିକ ଜୀବନରେ ଶହ ଶହ ଛାତ୍ର, ଛାତ୍ରୀ ଖେଳକୁଦ କରି ପାରୁନାହାନ୍ତି। ଶିଶୁ, କିଶୋର, ବିଦ୍ୟାର୍ଥୀଙ୍କ ଠାରୁ ବିଦ୍ୟାଳୟ ହତା ଭିତରେ ଶାରୀରିକ ଶିକ୍ଷା, କ୍ରୀଡା, ବ୍ୟାୟାମ ଦୂରେଇ ଯାଉଛି। ସାପ୍ତାହିକ ରୁଟିନ ରେ ଥିବା ଖେଳ ପିରିୟଡ଼ ଗୁଡିକୁ ବିଦ୍ୟାର୍ଥୀ ମାନେ ଶ୍ରେଣୀ ଗୃହ ମଧରେ ଖେଳି କଟାଉଛନ୍ତି। ଛାତ୍ର ଛାତ୍ରୀ ସଂଖ୍ୟା ଦୃଷ୍ଟିରୁ ଅସ୍ତରଙ୍ଗ ବ୍ଲକର ଅନେକ ବିଦ୍ୟାଳୟ ରେ ଖେଳ ପଡିଆ ନାହିଁ। ଅନେକ ବିଦ୍ୟାଳୟ ରେ ଶିକ୍ଷକ ଓ ଶ୍ରେଣୀ ଗୃହ ଆଦି ସବୁ ଅଛି। କେବଳ ବିଦ୍ୟାଳୟର ଖେଳ ପଡିଆ ନାହିଁ। ଏପରିକି ଶିକ୍ଷାଦାନ ଆରମ୍ଭ ରୁ ସାମୂହିକ ପ୍ରାଥନା କରିବା ପାଇଁ ସ୍ଥାନ ଅଭାବ ଦେଖାଦେଉଛି। ସଂକୁଚିତ ସ୍ଥାନରେ ଏତେ ଅଧିକ ପିଲା ଗୋଟିଏ ସ୍ଥାନରେ ଠିଆ ହେବାକୁ ଜାଗା ମଧ ହେଉନି। ସରକାର ଙ୍କ ତରଫରୁ ବିଦ୍ୟାଳୟ ପାଇଁ ଖେଳପଡିଆ ନଥିଲେ ମଧ ଏଥିପ୍ରତି ଗୁରୁତ୍ୱ ଦିଆଯାଉନଥିବାରୁ ସାଧାରଣ ଅସନ୍ତୋଷ ପ୍ରକାଶ ପାଇଛି।ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟ ଗୁଡିକ ପାଇଁ ଖେଳ ପଡିଆ କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି।

## ବେତନଟୀରେ ରୋଟାରୀ ଗଭର୍ଣ୍ଣରଙ୍କ ଦ୍ୱାରା ଶାନ୍ତିସ୍ତମ୍ଭ ଲୋକାର୍ପିତ

**ବୈଶିଙ୍ଗା,୨୯।୬ (ସଂଚାର ବ୍ୟୁରୋ):** ରୋଟାରୀ କ୍ଲବ ବେତନଟୀ ଆନୁକୂଲ୍ୟରେ ରବିବାର ଜିଲା ରୋଟାରୀ ଗଭର୍ଣ୍ଣର (୩୨୬୨) ଯଜ୍ଞାଶିଷ ମହାପାତ୍ରଙ୍କ କରକମଳରେ ଶାନ୍ତିସ୍ତମ୍ଭ ଲୋକାର୍ପିତ ହୋଇଯାଇଛି। ବେତନଟୀ ରୋଟାରୀ କ୍ଲବ ସଭାପତି ଆଇନଜୀବୀ ଭଗିରଥ ପଣ୍ଡିତଙ୍କ ତତ୍ୱାବଧାନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱରେ ଶାନ୍ତି ବଜାୟ ରଖିବା ଉଦେଶ୍ୟରେ ଚଣ୍ଡି ଛକ ଠାରେ ଏକ ଶାନ୍ତି ସ୍ତମ୍ଭ ସ୍ଥାପନା କରାଯଇଥିଲା। ଏହି ସ୍ତମ୍ଭ କୁ ରୋଟାରୀ ଗଭର୍ଣ୍ଣର ଶ୍ରୀ ମହାପାତ୍ର ନଡ଼ିଆ ପିଟିବା ସହ ଫିତା କାଟି ଏହାକୁ ଲୋକାର୍ପିତ କରିଥିଲେ। ଏତଦ ବ୍ୟତିତ ରୋଟାରୀ କାର୍ଯ୍ୟାଳୟ ନିକଟରେ ବିଭିନ୍ନ ତଟକା ଖାଦ୍ୟ ବିକ୍ରୟ କରୁଥିବା ଜଣେ ଗ୍ରାମାଞ୍ଚଳ ଛୋଟ




ବ୍ୟବସାୟୀଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ଏକ କ୍ଷୁଦ୍ର ଷ୍ଟଲ ପ୍ରଦାନ କରାଯାଇଥିଲା, ଏହି ଷ୍ଟଲ କୁ ମଧ ଶ୍ରୀ ମହାପାତ୍ର ଫିତା କାଟି ଉଦଘାଟନ କରିବା ସହିତ ଉକ୍ତ ବ୍ୟବସାୟୀ ଶତ୍ରୁଘନ ସାହୁ କୁ ହସ୍ତାନ୍ତର କରିଥିଲେ। ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ପୂର୍ବ ସଭାପତି ବସନ୍ତ କୁମାର ମହାନ୍ତ, ଶିରିଶ ଚନ୍ଦ୍ର ବାରିକ, ଗିରିଧାରୀ ସାହୁ, ସୁନୀଲ କୁମାର ଖଣ୍ଡେଲୱାଲ, କିଶୋର କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଗଭର୍ଣ୍ଣର ଶ୍ରୀ ମହାପାତ୍ର ରୋଟାରୀଆନ ମାନଙ୍କୁ ଉଚ୍ଚାଭିଳାଷୀ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଶେଷରେ ରୋଟାରୀଆନ ଅରୁଣ କୁମାର ଓତା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାରେ ବଢୁଛି ବେଆଇନ ନିଶା କାରବାର




## ନିରବଦ୍ରଷ୍ଟା ସାଜିଛି ଜିଲ୍ଲା ଅବକାରୀ ବିଭାଗ

**କଳାହାଣ୍ଡି,୨୯।୬ (ସଂଚାର ବ୍ୟୁରୋ):** ଜିଲ୍ଲାରେ ଥିବା ବିଦେଶୀ ମଦ ଦୋକାନ ଗୁଡିକରେ ବୋର୍ଡ ରହିଛି, ଲେଖାହୋଇଛି ଠିପି ବନ୍ଦ ଦୋକାନ । ହେଲେ ଖୁଲମଖୁଲା ଭାବେ ସେହି ଠିପି ବନ୍ଦ କାଉଣ୍ଟର ପାର୍ଶ୍ୱରେ ଥିବା ସ୍ଥାନରେ ମଦ୍ୟପାନ କରୁଥିବା ଦେଖିବାକୁ ମିଳୁଛି। ସରକାର ମଦରୁ ଅଧିକ ରାଜସ୍ୱ ପାଉଥିବା ବେଳେ ଏଭଳି ପଦକ୍ଷେପ ନେବା ସମ୍ଭବ ନୁହେଁ ବୋଲି ଚର୍ଚ୍ଚା ମଧ୍ୟ ହେଉଛି। ଏଭଳି ସ୍ଥିତିରେ ଜିଲ୍ଲା ସହିତ ସହରର ଆଖପାଖ ଅଞ୍ଚଳରେ ଦିନକୁ ଦିନ ମଦ କାରବାର ଚାଲିଛି । ୧୦ ଟା ପର୍ଯ୍ୟନ୍ତ ବନ୍ଦ କରିବାକୁ ନିୟମ ରହିଥିବା ବେଳେ ରାତି ୧୧ ଟା ପର୍ଯ୍ୟନ୍ତ ଖୋଲା ରହୁଛି କାଉଣ୍ଟର। ଅନ୍ୟପଟେ ଦୋକାନୀମାନେ ବୋତଲ ପିଛା ଏମଆରପି ଠାରୁ ୨୦ରୁ ୪୦ ଟଙ୍କା ଅଧିକ ନେଉଛନ୍ତି। ସେ ଜନଗହଳିପୂର୍ଣ୍ଣ ଟ୍ରାଫିକ୍ ପୋଷ୍ଟ ହେଉ କିମ୍ବା ସରକାରୀ କାର୍ଯ୍ୟାଳୟ ନିକଟରେ ରହିଥିଲେ ମଧ୍ୟ କାହାକୁ କିଛି ଖାତିର ନାହିଁ କି ଭୟ କରୁନାହାନ୍ତି ମଦ ବ୍ୟବସାୟୀ କିମ୍ବା ନିଶାଡ଼ି। କେବଳ ତାହା ନୁହେଁ ରାତି ୧୧ଟା ପର୍ଯ୍ୟନ୍ତ ଅଧିକାଂଶ କାଉଣ୍ଟର ଖୋଲା ରହୁଥିବାବେଳେ ନା' ପୁଲିସ ଚଢ଼ାଉ କରୁଛି ନା ଅବକାରୀ ବିଭାଗ ପକ୍ଷରୁ ତାଗିଦ୍ କରାଯାଉଛି। ବର୍ଷ ବର୍ଷ ଧରି କିଛି କାଉଣ୍ଟରରେ ବୋତଲ ପିଛା ଅଧିକ ନେଉଥିବାବେଳେ ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜିଛି। ଚଢ଼ାଉ ତ ଦୂରର କଥା ଲିଖିତ ଅଭିଯୋଗକୁ ଅପେକ୍ଷା କରିଥିବା ବାହାନା କରୁଛି।

ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମଦ କାରାବାର ବନ୍ଦ ନେଇ ବହୁ ଦିନ ପର୍ଯ୍ୟନ୍ତ ଆଲୋଚନା ଜୋର୍ ଧରିଥିଲା । ମାତ୍ର ରାଜ୍ୟ ମାନଙ୍କରେ ଦିନକୁ ଦିନ ମଦ କାରବାର ପ୍ରବଳ ମାତ୍ରାରେ ଚାଲିଥିବାବେଳେ ଅବକାରୀ ବିଭାଗ ଆଖି ବୁଜିଆ ଚଢ଼ାଉ କରୁଛି । ବଡ଼ ବଡ଼ ଦୋକାନ ମାଲିକ ଲଗାମ ଛଡ଼ା କରିଦେଇଥିବା ପରିଲକ୍ଷିତ ହେଉଛି। ସହରରେ ୧୫ରୁ ଅଧିକ ସରକାରୀ ମଦ ଦୋକାନ ଥିବା ବେଳେ ମଦ ଦୋକାନ ନିକଟରେ ଖୋଲା ଖୋଲି ମଦ୍ୟପାନ କରୁଛନ୍ତି। ଏଭଳି ଦୃଶ୍ୟ ବିଷୟରେ ପୁଲିସ ପ୍ରଶାସନ ନିକଟରେ ଖବର ଥିବା ବେଳେ ଦୀର୍ଘ ବର୍ଷ ଧରି ଚୁପ୍ ରହୁଥିବାର ପରିଲକ୍ଷିତ ହେଉଛି। ସହର ହେଉକି ଗ୍ରାମାଞ୍ଚଳରେ ପ୍ରାୟ ସବୁ ଦୋକାନରେ ସମ୍ମୁଖରେ ଶତାଧିକ ବିଅର ଓ ମଦ ବୋତଲ ପଡ଼ିଥିବା ବେଳେ ରାସ୍ତା ନିକଟ ପଡ଼ିଆରେ ପଡ଼ି ରହୁଛି। ସକାଳ ଏଗାର ଟାରୁ ରାତି ଦଶଟା ପର୍ଯ୍ୟନ୍ତ ଖୋଲାଖୋଲି ମଦ୍ୟପାନ କରି ବିଭିନ୍ନ ସମୟରେ ମାରପିଟ୍ ହେଉଥିବାର ପରିଲକ୍ଷିତ ହେଉଛି।

ମଦ୍ୟପାନ ଖୋଲା ଖୋଲି ହେଉଥିବାରୁ ଗାଡ଼ି ଚାଳକ, ଶିଳ୍ପାନୁଷ୍ଠାନ କର୍ମଚାରୀ ଓ ଛାତ୍ରଛାତ୍ରୀ ସମେତ ମହିଳାମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ସହରର ବସଷ୍ଟାଣ୍ଡ, ମନ୍ଦିର ରାସ୍ତା, ଶିଳ୍ପାନୁଷ୍ଠାନ ରାସ୍ତା ସମେତ ବିଭିନ୍ନ ସରକାରୀ କାର୍ଯାଳୟ ସମ୍ମୁଖରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ ବିକ୍ରୀ ହେଉଥିବା ବେଳେ ଅବକାରୀ ବିଭାଗ ନିରବ ରହୁଥିବାର ପରିଲକ୍ଷିତ ହେଉଛି। ଏଥିପ୍ରତି ଜିଲ୍ଲା ଅବକାରୀ ବିଭାଗ ଏବଂ ପୁଲିସ ପ୍ରଶାସନ ବ୍ୟାପକ ପଦକ୍ଷେପ ନେବା ଆବଶ୍ୟକ ବୋଲି ଜନସାଧାରଣରେ ଦୀର୍ଘ ଦିନରୁ ଦାବି ହେଉଛି।

## କେ. ଜେ. ଇସ୍ପାତ କାରଖାନାରୁ ଚୋରି ଘଟଣାରେ ୩ ଗିରଫ, ଚୋରି ସାମଗ୍ରୀ ଜବତ



**କଳିଙ୍ଗନଗର,୨୯।୬ (ସଂଚାର ବ୍ୟୁରୋ):** ଯଖପୁରା ଥାନା ଅନ୍ତର୍ଗତ କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ କେ. ଜେ. ଇସ୍ପାତ କାରଖାନାରୁ ଗତ ୨୩ ତାରିଖ ରାତିରେ କିଛି ଲୁହା ସାମଗ୍ରୀ ଚୋରି ହୋଇଥିବା କମ୍ପାନୀର ଜେନେରାଲ ମ୍ୟାନେଜର ବସନ୍ତ କୁମାର ପଣ୍ଡା ଲିଖିତ ଭାବେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ୨୩ ତାରିଖ ରାତିରେ ତାଙ୍କ କାରଖାନାରୁ ୪ଗୋଟି ସିଲିଣ୍ଡର, ୫୦ ପିସ ଷ୍ଟିଲ ପ୍ଲେଟ, ୧୧ ପିସ ୧୨ ଏମ.ଏମ.ଷ୍ଟିଲ ପ୍ଲେଟ ଓ କିଛି ସାମଗ୍ରୀ ଚୋରି ହୋଇଥିଲା। ଯଖପୁରା ପୁଲିସ କେସ ନମ୍ବର ୯୨/୨୫ରେ ଏହି ଚୋରି ଘଟଣାର ତଦନ୍ତ କରି ଯଖପୁରା ଗାଁର ସଦା ମଲ୍ଲିକଙ୍କ ପୁଅ ଦିଲ୍ଲୀପ ମଲ୍ଲିକ ଓରଫ ସୁକୁଟା (୩୫), ଚଗଲା ମଲ୍ଲିକଙ୍କ ପୁଅ ଗଙ୍ଗା ମଲ୍ଲିକ ଓରଫ ଫୁକାନ (୨୫), ନିତ୍ୟାନନ୍ଦ ମଲ୍ଲିକଙ୍କ ପୁଅ ପରମେଶ୍ୱର ମଲ୍ଲିକ ଓରଫ ସୁକୁଟା(୩୫) ଅଭିଯୁକ୍ତ ମାନଙ୍କୁ ଗିରଫ କରି ସେମାନଙ୍କ ଠାରୁ ଚୋରି ହୋଇଥିବା ସାମଗ୍ରୀ ଜବତ କରି ଆଜି କୋର୍ଟ ଚାଲାଣ କରିଛି।



# ବିଜ୍ଞାନ

## କ୍ୟାମେରାକୈନ୍ଦ୍ରିକ ମିଡ୍‌ରେଞ୍ଜ ଫୋନ୍



ଚୀନ୍‌ର ଅନ୍ୟତମ ଫୋନ୍ ନିର୍ମାତା ଭିଭୋ କମ୍ପାନି ପକ୍ଷରୁ ତାହାର ସଦ୍ୟତମ ସ୍ମାର୍ଟଫୋନ୍ ‘ଭିଭୋ ଭି୫୦’ର ଭାରତରେ ବଜାରପ୍ରବେଶ କରାଯାଇଛି। ଏହାର ଦୁଇଟି ୫୦ ମେଗାପିକ୍ସେଲ୍ ବିଶିଷ୍ଟ ମୁଖ୍ୟ କ୍ୟାମେରା ସାଙ୍ଗକୁ ୫୦ ମେଗାପିକ୍ସେଲ୍‌ର ଗୋଟିଏ ସେଲ୍‌ଫି ମଧ କ୍ୟାମେରା ରହିଛି। ତୃତୀୟ ପିଢ଼ିର ସ୍ନାପଡ୍ରାଗନ୍ ୭ ଚିପ୍‌ସେଟ୍ ଉପରେ ପର୍ଯ୍ୟବସିତ ତଥା ଆଣ୍ଡ୍ରଏଡ୍-୧୫ ଭିତ୍ତିକ ଅପରେଟିଂ ପ୍ରଣାଳୀ ଦ୍ୱାରା ପରିଚାଳିତ ଏହି ଫୋନ୍‌ର ୯୦ ୱାଟ୍‌ର ଦ୍ରୁତ ଚାର୍ଜିଂ ସଂପନ୍ନ ଏକ ୬,୦୦୦ ଏମ୍‌ଏଏଚ୍‌ର ବ୍ୟାଟେରି ରହିଛି। ରୋଜ୍ ରେଡ୍, ଷ୍ଟାରି ବ୍ଲୁ ଓ ଟିଟାନିଅମ୍ ଗ୍ରେ ପରି ତିନିଟି ରଙ୍ଗରେ ଉପଲବ୍‌ଧ ଏହି ଫୋନ୍‌ର ଏକ ୬.୭୭ ଇଞ୍ଚର ଫୁଲ୍ ଏଚ୍‌ଡି ପ୍ଲସ୍ (୧,୦୮୦ x ୨,୩୯୨ ପିକ୍ସେଲ୍)ର କ୍ୱାଡ୍-କର୍ଭଡ ଆମୋଲେଡ୍ ପରଦା ରହିଛି, ଯାହାର ରିଫ୍ରେସ ହାର ହେଉଛି ୧୨୦ ହର୍ଜ। ଏହାର ‘ସର୍କଲ ଟୁ ସର୍ଚ୍ଚ’, ‘ଟ୍ରାନ୍ସକ୍ରିପ୍ଟ ଆସିଷ୍ଟ’ ଓ ‘ଲାଇଭ୍ କଲ୍ ଟ୍ରାନ୍ସଲେସନ୍’ ପରି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦକ୍ଷତା ସହ ‘ଇରେଜ୍ ୨.୦’ ଓ ‘ଲାଇଟ୍ ପୋଟ୍ରେଟ୍ ୨.୦’ ପରି ଏଆଇଭିତ୍ତିକ ଫଟୋ ସମ୍ପାଦନା ଦକ୍ଷତା ମଧ ରହିଛି। ଧୂଳିକଣା ଓ ଜଳକଣା ପ୍ରତିରୋଧୀ ଗୁଣ ପାଇଁ ଏହାର ଆଇପି୬୮ + ଆଇପି୬୯ ରେଟିଂ ରହିଥିବା କମ୍ପାନି ଦାବି କରିଛି। ଫ୍ଲିପ୍‌କାର୍ଟ, ଆମାଜନ୍ ଓ ଭିଭୋ ଇଣ୍ଡିଆ ଇ-ଷ୍ଟୋର୍‌ରେ ଏହାର ପ୍ରି-ବୁକିଂ ଆରମ୍ଭ ହୋଇଯାଇଥିବା ବେଳେ ଆସନ୍ତା ୨୫ ତାରିଖରୁ ଏହା ଉପଲବ୍‌ଧ ହେବ। ଏହାର ୮ଜିବି ରାମ୍ ଓ ୧୨୮ ଜିବି ମେମୋରି ସଂସ୍କରଣର ଦାମ୍ ୩୪,୯୯୯ ଟଙ୍କା ଏବଂ ୨୫୬ ଜିବି ମେମୋରି ବିଶିଷ୍ଟ ଫୋନ୍‌ର ଦାମ୍ ୩୬,୯୯୯ ଟଙ୍କା ରଖାଯାଇଛି। ସେହିପରି ୧୨ ଜିବି ରାମ୍ ଓ ୫୧୨ ଜିବି ମେମୋରି ସଂସ୍କରଣର ମୂଲ୍ୟ ୪୦,୯୯୯ ଟଙ୍କା ରହିଛି। ଏଥି ସହିତ ଭି୫୦ରେ କ୍ରେତାମାନେ ଭିଭୋର ଟିଡବ୍ଲ୍ୟୁଏସ୍ ୩ଇ ଇଅରଫୋନ୍‌କୁ ୧,୪୯୯ ଟଙ୍କାରେ କିଣିପାରିବେ ବୋଲି କମ୍ପାନି ଘୋଷଣା କରିଛି।

## ଏଲିଅନ୍‌ଙ୍କୁ ନେଇ ନୂଆ ତତ୍ତ୍ୱ

# ଅନ୍ୟ ଗ୍ରହରେ ବି ମାନବରୂପୀ ଜୀବ!



ଗ୍ରହମାନଙ୍କରେ ଏକ ସ୍ୱାଭାବିକ ପ୍ରକ୍ରିୟା ସ୍ୱରୂପ ମାନବ ଭଳି ଏକ ବୁଦ୍ଧିମାନ ଜୀବ ସୃଷ୍ଟି ହୋଇପାରେ ଏବଂ ତାହା କୌଣସି ବିରଳ ଘଟଣା ନୁହେଁ ବୋଲି ଏକ ନୂତନ ଅଧ୍ୟୟନରୁ ଜଣାଯାଇଛି। ଅର୍ଥାତ୍ ପୃଥିବୀ ବାହାରେ ବିଶ୍ୱ ବ୍ରହ୍ମାଣ୍ଡର ଅନ୍ୟତ୍ର ମଧ ମାନବରୂପୀ ସଭ୍ୟତାର ସମ୍ଭାବନା ରହିଛି ବୋଲି ପେନ୍ ଷ୍ଟେଟ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ଆକଳନ କରିଛନ୍ତି। ଏ ପରିପ୍ରେକ୍ଷୀରେ ଅନ୍ୟ ଗ୍ରହରେ ପୃଥିବୀ ଅନୁରୂପ ପରିବେଶ ବିକଶିତ ହୋଇ ମାନବ ସଦୃଶ ବୁଦ୍ଧିମାନ ଜୀବ ତିଷ୍ଠିବାର ସମ୍ଭାବନା କ୍ଷୀଣ ବୋଲି ୧୯୮୩ ମସିହାରୁ ଗୃହୀତ ହୋଇ ଆସିଥିବା ପଦାର୍ଥ ବିଜ୍ଞାନୀ ବ୍ରାଣ୍ଡନ୍ କାର୍ଟଙ୍କ “ହାର୍ଡ ଷ୍ଟେପ୍‌ସ” ତତ୍ତ୍ୱକୁ ସଦ୍ୟ ଚ୍ୟାଲେଞ୍ଜ୍ କରାଯାଇଛି। ଏହି ବୈଜ୍ଞାନିକଗଣ କହିଛନ୍ତି ଯେ ମାନବ ଅନୁରୂପ ବୁଦ୍ଧିମାନ ଜୀବର ଆବିର୍ଭାବ ହେଉଛି ଏକ ଗ୍ରହରେ ସଂଘଟିତ ପ୍ରାକୃତିକ ବିବର୍ତ୍ତନର ପରିଣାମ। ମାନବ ସଦୃଶ ବୁଦ୍ଧିମାନ ଜୀବର ଆବିର୍ଭାବ ହୁଏତ ଅସମ୍ଭବ ନୁହେଁ ବୋଲି ଏହି ନୂତନ ଦୃଷ୍ଟିକୋଣ ସୂଚନା ଦିଏ। ‘ସାଇନ୍ସ ଆଡ୍‌ଭାନ୍‌ସେସ୍’ ପତ୍ରିକାରେ ପ୍ରକାଶିତ ଏ ସଂକ୍ରାନ୍ତ ସନ୍ଦର୍ଭ ଅନୁସାରେ, ବିବର୍ତ୍ତନ ଏକ ପୂର୍ବନିର୍ଦ୍ଧାରିତ ପ୍ରକ୍ରିୟା, ଯାହା ବିଶ୍ୱ ପରିସ୍ଥିତି ଅନୁସାରେ ପ୍ରକାଶ ପାଇଥାଏ। ଏହି ନୂତନ ଆକଳନ କେବଳ ପୃଥିବୀ ପାଇଁ ନୁହେଁ, ବରଂ ଅନ୍ୟ ଗ୍ରହଗୁଡ଼ିକ ପାଇଁ ମଧ ପ୍ରଯୁଜ୍ୟ, ଯାହା ଆମ ଭଳି ଜୀବ ଅନ୍ତରୀକ୍ଷରେ ଅନ୍ୟତ୍ର ବି ରହିଥିବାର ସମ୍ଭାବନାକୁ ବଢ଼ାଇ ଦେଇଛି। ଗବେଷକମାନଙ୍କ ଏହି ନୂତନ ସିଦ୍ଧାନ୍ତ ଅନୁଯାୟୀ, ପୃଥିବୀରେ ମାନବର ଆବିର୍ଭାବ ଯେଉଁ ସମୟରେ ଅସମ୍ଭବ ବୋଲି କୁହାଯାଉଥିଲା, ହୁଏତ ଅନ୍ୟ ଗ୍ରହରେ ସେହି ସମୟରେ ମାନବ ଭଳି ବୁଦ୍ଧିମାନ ଜୀବ ସୃଷ୍ଟି ହୋଇସାରିଥିଲା। ଗବେଷକମାନଙ୍କର ଯୁକ୍ତି ହେଲା, ବୁଦ୍ଧିମାନ ଜୀବର ସୃଷ୍ଟି ପାଇଁ ଏକ ଭାଗ୍ୟଶାଳୀ କାଳଖଣ୍ଡର ଆବଶ୍ୟକତା ନାହିଁ, ବରଂ ଏକ ଅନୁକୂଳ ପରିବେଶ ଲୋଡ଼ା। ପୃଥିବୀ ଇତିହାସରେ ମନୁଷ୍ୟର ବିବର୍ତ୍ତନ ‘ପ୍ରାରମ୍ଭିକ’ କି ‘ଅନ୍ତିମ’ ନୁହେଁ, ମାତ୍ର ତାହା ସମ୍ଭବ ହୋଇଥିଲା ଯେତେବେଳେ ପରିସ୍ଥିତିଗୁଡ଼ିକ ‘ସମୟାନୁକୂଳ’ ରହିଥିଲା। ଏଣୁ ପୃଥିବୀ ତୁଳନାରେ ଅନ୍ୟ ଗ୍ରହମାନେ ଏହି ପରିସ୍ଥିତିକୁ ଅଧିକ ଦ୍ରୁତ ଗତିରେ ହାସଲ କରିପାରିଥା’ନ୍ତି, ଅଥବା ସେଥିପାଇଁ ଆହୁରି ଅଧିକ ସମୟ ନେଇପାରନ୍ତି।

**ଯେପରି ଉଦ୍ଭିଦ ଜୀବନରେ ଆଲୋକ ସଂଶ୍ଳେଷଣର ଆବିର୍ଭାବ ଯୋଗୁଁ ଏକ ଅମ୍ଳଜାନ ସମୃଦ୍ଧ ବାୟୁମଣ୍ଡଳ ସୃଷ୍ଟି ହୋଇ ପୃଥିବୀରେ ଜୀବଜଗତ ବିସ୍ତାରର ପଥ ପ୍ରଶସ୍ତ ହୋଇଥିଲା, ଠିକ୍ ସେପରି ଅନ୍ୟ ଗ୍ରହରେ ଅନୁକୂଳ ବାତାବରଣ ସୃଷ୍ଟି ହେବା ଫଳରେ ମାନବ ଭଳି ବୁଦ୍ଧିମାନ ଜୀବ ଜନ୍ମ ନେବାରେ ଅସୁବିଧା ନାହିଁ।**

# ବ୍ୟକ୍ତିଗତ ଋଣ ନେଇ ୫ଟି ଭ୍ରାନ୍ତି



ଯଦି କୌଣସି ବ୍ୟକ୍ତିଙ୍କର ଜରୁରି ଆବଶ୍ୟକତା ପଡ଼େ କିମ୍ବା ପରିବାର ସହିତ ବୁଲି ଯିବାକୁ ଚାହାନ୍ତି, ତା’ହେଲେ ସେ ବ୍ୟାଙ୍କରୁ ବ୍ୟକ୍ତିଗତ ଋଣ (ପର୍ସନାଲ୍ ଲୋନ) ନେଇ ପାରିବେ। ବ୍ୟକ୍ତିଗତ ଋଣ ଆବେଦନ ବେଳେ, ଆପଣ ଏହି ଅର୍ଥ କେଉଁ ଉଦ୍ଦେଶ୍ୟରେ ବ୍ୟବହାର କରିବେ ବୋଲି ବ୍ୟାଙ୍କ କିମ୍ବା ଅନ୍ୟାନ୍ୟ ଆର୍ଥିକ ସଂସ୍ଥାକୁ ଜଣାଇବାକୁ ପଡ଼େ ନାହିଁ। ଯଦିଓ ଏହି ଋଣର ଅନେକ ଭଲ ଦିଗ ଅଛି, କିନ୍ତୁ ଏମିତି କିଛି ଭ୍ରାନ୍ତି ଅଛି ଯାହା ଲୋକମାନଙ୍କୁ ବ୍ୟକ୍ତିଗତ ଋଣ ନେବାରୁ ରୋକିଥାଏ। ସେଭଳି କେତେକ ସାଧାରଣ ଭ୍ରାନ୍ତି ବିଷୟରେ ଜାଣିବା।

- **‘ବ୍ୟକ୍ତିଗତ ଋଣ କେବଳ ଜରୁରି ପରିସ୍ଥିତି ପାଇଁ ଦିଆଯାଏ’**

ଏହି ବର୍ଗର ଋଣ ସଂପର୍କରେ ଏକ ସାଧାରଣ ଭ୍ରାନ୍ତି ହେଲା ବ୍ୟକ୍ତିଗତ ଋଣ କେବଳ ଚିକିତ୍ସା ସମ୍ବନ୍ଧୀୟ କାରଣ କିମ୍ବା ଅନ୍ୟାନ୍ୟ ଜରୁରି ପରିସ୍ଥିତି ପାଇଁ ଦିଆଯାଏ। ଯଦିଓ ବ୍ୟକ୍ତିଗତ ଋଣ ଏହିସବୁ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରେ, କିନ୍ତୁ ଏହାର ସୀମା କେବଳ ଏତିକି ନୁହେଁ। ଘର ନବୀକରଣ, ବିବାହ କିମ୍ବା ଅନ୍ୟାନ୍ୟ ପାରିବାରିକ ଅନୁଷ୍ଠାନ, ପରିବାର ସହିତ ଭ୍ରମଣ, ଶିକ୍ଷା ଖର୍ଚ୍ଚ, ନୂଆ କିମ୍ବା ସେକେଣ୍ଡ ହ୍ୟାଣ୍ଡ୍ ଗାଡ଼ି କିଣିବା, ନୂଆ ବ୍ୟବସାୟ ଆରମ୍ଭ କରିବା ଆଦି କାର୍ଯ୍ୟ ପାଇଁ ବ୍ୟକ୍ତିଗତ ଋଣ କରାଯାଇପାରେ।

- **‘ଋଣ ପାଇଁ ୭୫୦+ କ୍ରେଡିଟ୍ ସ୍କୋର୍ ଅତ୍ୟାବଶ୍ୟକ’**

ଏ ସଂପର୍କିତ ଅନ୍ୟ ଏକ ଅନ୍ୟ ଭ୍ରାନ୍ତି ହେଲା, ବ୍ୟକ୍ତିଗତ ଋଣ ପାଇଁ ୭୫୦ରୁ ଅଧିକ କ୍ରେଡିଟ୍ ସ୍କୋର୍ ଅନିବାର୍ଯ୍ୟ। ଋଣ ଲାଗି ଏକ ଉଚ୍ଚ କ୍ରେଡିଟ୍ ସ୍କୋର (୭୫୦+) ନିଶ୍ଚୟ ଉପକାରୀ ହୁଏ, କିନ୍ତୁ ଏହା ଅନିବାର୍ଯ୍ୟ ନୁହେଁ। ଅନେକ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥା ଏମିତି ଲୋକମାନଙ୍କୁ ବି ବ୍ୟକ୍ତିଗତ ଋଣ ପ୍ରଦାନ କରନ୍ତି, ଯାହାଙ୍କର କ୍ରେଡିଟ୍ ସ୍କୋର୍ ୭୦୦-୭୫୦ ମଧ୍ୟରେ ଥାଏ। କେତେକ ଅବସ୍ଥାରେ ୭୦୦ରୁ କମ୍ ସ୍କୋର ଥିଲେ ମଧ ଋଣ ମିଳିପାରେ।

- **‘କେବଳ ଚାକିରିଆଙ୍କୁ ବ୍ୟକ୍ତିଗତ ଋଣ ମିଳେ’**

ଜଣେ ଚାକିରିଆଙ୍କ ପାଇଁ ବ୍ୟକ୍ତିଗତ ଋଣ ହାସଲ ଅଧିକ ସହଜ ହୋଇଥିଲେ ମଧ, ଆତ୍ମନିଯୁକ୍ତ, ବ୍ୟବସାୟୀ ଓ ଅନ୍ୟାନ୍ୟ ବୃତ୍ତିରେ ଥିବା ବ୍ୟକ୍ତିମାନେ ମଧ ବ୍ୟକ୍ତିଗତ ଋଣ ନେଇପାରିବେ।

ମନେ ରଖିବା ଉଚିତ ଯେ ଋଣକୁ ଦାୟିତ୍ୱପୂର୍ଣ୍ଣ ଭାବେ ବ୍ୟବହାର କରାଗଲେ ଏହା ଏକ ଉପକାରୀ ଆର୍ଥିକ ସାଧନ ହୋଇପାରେ।

## ବିୱାଇଡି ଲଞ୍ଚ କଲା ସିଲାଅନ୍

ଭାରତ ମୋବିଲିଟି ଏକ୍ସପୋରେ ବିୱାଇଡି କମ୍ପାନି ତରଫରୁ ଲଞ୍ଚ ହୋଇଥିଲା ଏହାର ପ୍ରିମିୟମ୍ ଇଲେକ୍‌ଟ୍ରିକ୍ କାର୍ ସିଲାଅନ୍ ୭, ଯାହାର ପ୍ରାରମ୍ଭିକ ମୂଲ୍ୟ ହେଉଛି ୪୮.୯୦ ଲକ୍ଷ ଟଙ୍କା (ଏକ୍ସ ସୋ’ ରୁମ୍)। ପ୍ରିମିୟମ୍ ଓ ପର୍‌ଫର୍‌ମାନ୍ସ ନାମରେ ଏହାର ଦୁଇଟି ଭାରିଆଣ୍ଟ ରହିଛି। ଉଭୟ ଭାରିଆଣ୍ଟରେ ୮୨.୫ କିଲୋୱାଟ୍‌ର ବ୍ୟାଟେରି ପ୍ୟାକ୍ ରହିଛି। ଏଥିରେ ଭେଇକିଲ୍-ଟୁ-ଲୋଡ୍ (ଭିଟିଏଲ୍) ଟେକ୍ନୋଲୋଜି, ୧୫.୬ ଇଞ୍ଚର ଇନ୍‌ଫୋଣ୍ଟମେଣ୍ଟ ଡିସ୍‌ପ୍ଲେ, ନାପା ଲେଦର୍ ସିଟ୍, ଏନ୍‌ଏଫ୍‌ସି କାର୍ଡ କି’, ୧୨୮ କଲର୍ ଆମ୍ବିଏଣ୍ଟ ଲାଇଟିଂ ଅପ୍‌ସନ୍, ପାନୋରାମିକ୍ ଗ୍ଲାସ୍‌ରୁଫ୍ ୱିଥ୍ ଇଲେକ୍ଟ୍ରିକ୍ ସନ୍‌ସେଡ୍, ହେଡ୍-ଅପ୍ ଡିସ୍‌ପ୍ଲେ, ୧୧ଟି ଏୟାରବ୍ୟାଗ୍, ୫୦ ୱାଟ୍‌ର ୱେୟାର୍‌ଲେସ୍ ଚାର୍ଜର୍, ଲେବଲ୍-୨ ଆଡାସ୍ ସୁଟ୍, ୩୬୦° କ୍ୟାମେରା, ଇଲେକ୍ଟ୍ରୋନିକ୍ ପାର୍କିଂ ବ୍ରେକ୍ ପରି ବୈଶିଷ୍ଟ୍ୟ ରହିଛି ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। ଏହାର ଟପ୍ ଡ୍ରାଇଭିଂ ରେଞ୍ଜ ରହିଛି ୫୬୭ କିଲୋମିଟର୍। ଏହା ଆଣ୍ଟଲାଣ୍ଟିସ୍ ଗ୍ରେ, କସ୍‌ମସ୍ ବ୍ଲାକ୍, ଅରୋରା ହ୍ୱାଇଟ୍ ଓ ସାର୍କ ଗ୍ରେ ପରି ୪ଟି ରଙ୍ଗରେ ଉପଲବ୍ଧ।





# ୪୦% ଅଧିକ ଶକ୍ତ ‘ସୁପର ହୀରା’



ଚୀନ୍‌ର ଜିଲିନ୍ ବିଶ୍ୱବିଦ୍ୟାଳୟ ଓ ସନ୍ ୟାତ୍‌ସେନ୍ ବିଶ୍ୱବିଦ୍ୟାଳୟର ଦଳେ ଗବେଷକ ବିଜ୍ଞାନାଗାରରେ ଏକ ସ୍ୱତନ୍ତ୍ର ଧରଣର ହୀରା ବିକଶିତ କରିଛନ୍ତି ଯାହା ପ୍ରାକୃତିକ ହୀରା ଅପେକ୍ଷା ୪୦ ପ୍ରତିଶତ ଅଧିକ କଠିନ। ବିଭିନ୍ନ ପ୍ରକାର କଳକାରଖାନାରେ କୌଣସି ପଦାର୍ଥ କାଟିବା ଏବଂ ଘଷି ଚିକ୍କଣ କରିବା ପାଇଁ ହୀରାର ଉପଯୋଗ ଅଧିକ ରହିଥିବାରୁ ଚୀନୀ ବୈଜ୍ଞାନିକମାନଙ୍କ ଏହି ନୂତନ କଠିନତର ହୀରା ଅଧିକ ଉପଯୋଗୀ ହୋଇପାରିବ ବୋଲି ସେମାନେ ଆଶାବାଦୀ ଅଛନ୍ତି। ଅଧିକାଂଶ ପ୍ରାକୃତିକ ଓ ସିନ୍ଥେଟିକ୍ (କୃତ୍ରିମ) ହୀରାଖଣ୍ଡର ଗଠନ ଚତୁର୍କୋଣୀୟ ଘନାକାର ବା ଟେଟ୍ରାଗୋନାଲ୍ ହୋଇଥିବା ବେଳେ ଲୋନ୍‌ସଡାଲାଇଟ୍ ନାମକ କଠିନତର ହୀରା ଖଣ୍ଡଗୁଡ଼ିକ ହେଉଛନ୍ତି ଷଡ଼କୋଣୀୟ ଘନାକାର ବା ହେକ୍ସାଗୋନାଲ। ବର୍ତ୍ତମାନ ସୁଦ୍ଧା ପ୍ରାକୃତିକ ଭାବେ ମିଳିଥିବା କଠିନତର ହୀରା ଖଣ୍ଡଗୁଡ଼ିକ ସାଧାରଣତଃ ଭୂପୃଷ୍ଠ ସହ କୌଣସି ମହାଜାଗତିକ ପିଣ୍ଡର ଧକ୍କା ସ୍ଥଳରୁ ଉଦ୍ଧାର କରାଯାଇଛି, ଫଳରେ ସେଗୁଡ଼ିକ ବିରଳ ଓ ଅତି କ୍ଷୁଦ୍ର। ସେଭଳି ଏକ କଠିନତର ହୀରାଖଣ୍ଡ ପ୍ରଥମ କରି ୧୯୬୭ ମସିହାରେ ଆରିଜୋନା ସ୍ଥିତ କାନିଅନ୍ ଡିଆବ୍ଲୋ ଗ୍ରହାଣୁପିଣ୍ଡରୁ ମିଳିଥିଲା। ତାହା ପରଠାରୁ ବୈଜ୍ଞାନିକମାନେ ବିଜ୍ଞାନାଗାରରେ ସେଭଳି ଏକ କଠିନତର ହୀରା ସୃଷ୍ଟି ପାଇଁ ଉଦ୍ୟମ ଜାରି ରଖିଥିଲେ। ତେବେ ଏହି ଚୀନୀ ବୈଜ୍ଞାନିକମାନେ ଗ୍ରାଫାଇଟ୍ ଦ୍ୱାରା ‘ପୋଷ୍ଟ-ଗ୍ରାଫାଇଟ୍ ଫେଜ୍’ ନାମକ ଏକ ଅବସ୍ଥା ରୂପାନ୍ତରିତ ହୋଇଥିବା ଠଉରାଇଥିଲେ। ତାହାକୁ ଅତ୍ୟଧିକ ଚାପରେ ଉତ୍ତପ୍ତ କରିବା ପରେ ଏହି କଠିନତର ହୀରାର ଉତ୍ପତ୍ତି ହୋଇଥିଲା। ସଂପୃକ୍ତ କୃତ୍ରିମ ହୀରାଖଣ୍ଡଟିର ତାପସ୍ଥିରତା ଅନ୍ୟ ଅଣୁ ହୀରାଖଣ୍ଡ (୧୦୦ ନାନୋମିଟରଠାରୁ ଛୋଟ) ତୁଳନାରେ ଯଥେଷ୍ଟ ଅଧିକ। ପୂର୍ବରୁ ୨୦୨୧ରେ ଆମେରିକୀୟ ଗବେଷକମାନେ ବିଜ୍ଞାନାଗାରରେ ପ୍ରଥମ କରି ସେଭଳି ହେକ୍ସାଗୋନାଲ ହୀରା ସୃଷ୍ଟି କରିଥିଲେ।

# ବର୍ଷକରେ ୮୪ ଥର ଇଣ୍ଟର୍‌ନେଟ୍ ବନ୍ଦ





ଗତବର୍ଷ ୫୪ଟି ଦେଶର ବିଭିନ୍ନ ସରକାର ନିଜ ଦେଶରେ ରେକର୍ଡ ୨୯୬ ଥର ଇଣ୍ଟର୍‌ନେଟ୍ ସେବା ଉପରେ କଟକଣା ଲାଗୁ କରିଥିଲେ। ସେହିପରି ତହିଁ ପୂର୍ବ ବର୍ଷ ୨୦୨୩ରେ ଅନୁରୂପ କଟକଣା ଯୋଗୁଁ ସମଗ୍ର ବିଶ୍ୱରେ ୩୯ଟି ଦେଶର ସରକାର ମୋଟ୍ ୨୮୩ ଥର ଏହି ସେବା ବନ୍ଦ କରିଥିଲେ ବୋଲି ଡିଜିଟାଲ୍ ଅଧିକାର ସଂସ୍ଥା ‘ଆକ୍ସେସ ନାଓ’ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରୁ ଜଣାଯାଇଛି।

ଲଗାତାର ୬ ବର୍ଷ ଧରି ଇଣ୍ଟର୍‌ନେଟ୍ ସେବା ବନ୍ଦ କରି ଶୀର୍ଷରେ ଥିବା ଭାରତରେ ଗତବର୍ଷ ସରକାର ୮୪ ଥର ଏହି ସେବାରେ ପ୍ରତିବନ୍ଧକ ଲଗାଇଥିଲେ। ଅବଶ୍ୟ ମ୍ୟାନ୍‌ମାର୍‌ର ସାମରିକ ସରକାର ଗତବର୍ଷ ଭାରତକୁ ଟପି ସର୍ବାଧିକ ୮୫ ଥର ଇଣ୍ଟର୍‌ନେଟ୍ ସେବା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଭାରତ ପଛକୁ ପାକିସ୍ତାନ ସରକାର ସାର୍ବଜନୀନ ଇଣ୍ଟର୍‌ନେଟ୍ ସେବାକୁ ୨୧ ଥର ନିଷେଧ କରିଥିଲେ, ଯାହା ସେହି ଦେଶ ଇତିହାସରେ ସର୍ବାଧିକ। ସେହିପରି ରୁଷିଆ ସରକାର ୧୯ ଥର ଇଣ୍ଟର୍‌ନେଟ୍ ପ୍ରତିବନ୍ଧକ ଲଗାଇଥିଲେ, ଯେଉଁଥିରେ ୟୁକ୍ରେନ୍‌ରେ ୭ ଥର ଇଣ୍ଟର୍‌ନେଟ୍ ବନ୍ଦ ନିଷ୍ପତ୍ତି ଅନ୍ତର୍ଭୁକ୍ତ।

ଗତବର୍ଷ ବିଶ୍ୱରେ ସଂଘର୍ଷ ହିଁ ଇଣ୍ଟର୍‌ନେଟ୍ ସେବା ବନ୍ଦର ପ୍ରମୁଖ କାରଣ ସାଜିଥିଲା। ୧୧ଟି ଦେଶରେ ଯୁଦ୍ଧ ଓ ହିଂସା ପାଇଁ ୧୦୩ ଥର ଏହା ବନ୍ଦ କରାଯାଇଥିଲା। ଅନ୍ୟ କାରଣଗୁଡ଼ିକ ମଧ୍ୟରେ ପ୍ରତିବାଦ ପାଇଁ ୭୪ ଥର, ପରୀକ୍ଷା ପାଇଁ ୧୬ ଥର ଓ ନିର୍ବାଚନ ପାଇଁ ୧୨ ଥର ଇଣ୍ଟର୍‌ନେଟ୍ ବନ୍ଦ ରହିଥିଲା। କିଛି ଦେଶର କର୍ତ୍ତୃପକ୍ଷ ସାଧାରଣ ନାଗରିକଙ୍କୁ ଟାର୍ଗେଟ୍ କରିବା ଓ ମାନବିକ ସହାୟତାକୁ ଅବରୋଧ କରିବା ଭଳି ମାନବାଧିକାର ଉଲ୍ଲଂଘନ ଲୁଚାଇବା ଲାଗି ଇଣ୍ଟର୍‌ନେଟ୍ ସେବା ବନ୍ଦ କରିଥିବା ଜଣାପଡ଼ିଛି। ଗାଣତନ୍ତ୍ରିକ ଦେଶଗୁଡ଼ିକ ମଧ୍ୟରେ ସର୍ବାଧିକ ଥର ଇଣ୍ଟର୍‌ନେଟ୍ ସେବା ବନ୍ଦ କରିବାର ଅପଯଶ ଭାରତ ମୁଣ୍ଡାଇଛି। ଦେଶରେ ହୋଇଥିବା ୮୪ଟି ବନ୍ଦ ନିର୍ଦ୍ଦେଶ ମଧ୍ୟରୁ ସରକାରଙ୍କ ବିରୋଧରେ ପ୍ରତିବାଦ ଯୋଗୁଁ ୪୧ ଥର ନିଷେଧାଦେଶ ଜାରି ହୋଇଥିବା ବେଳେ ସାମ୍ପ୍ରଦାୟିକ ହିଂସା ଯୋଗୁଁ ୨୩ ଥର ବନ୍ଦ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ସରକାରୀ ନିଯୁକ୍ତି ପରୀକ୍ଷା ବେଳେ ୫ ଥର ଇଣ୍ଟର୍‌ନେଟ୍ ବନ୍ଦ ହୋଇଥିବା ଜଣାଯାଇଛି। ଅତି କମ୍‌ରେ ୧୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସର୍ବନିମ୍ନ ଥରକ ପାଇଁ ଇଣ୍ଟର୍‌ନେଟ୍ ସେବାରୁ ବଞ୍ଚିତ ହୋଇଥିଲେ। ସେଥି ମଧ୍ୟରେ ମଣିପୁରରେ ଦେଶର ସର୍ବାଧିକ ୨୧ ଥର ଇଣ୍ଟର୍‌ନେଟ୍ ବନ୍ଦ ରହିଥିବା ବେଳେ ତାହା ପଛକୁ ହରିୟାଣା ଏବଂ ଜମ୍ମୁ ଓ କଶ୍ମୀରରେ ୧୨ ଥର ଲେଖାଏଁ ଏହି ସେବା ଉପଲବ୍‌ଧ ନଥିଲା।

ଏପରି ବାରମ୍ବାର ଇଣ୍ଟର୍‌ନେଟ୍ ବନ୍ଦ ଘଟଣା ଭାରତର ଡିଜିଟାଲ୍ ଶାସନ ଓ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ବିଶ୍ୱ ନେତୃତ୍ୱ ନେବାର ଆକାଂକ୍ଷାକୁ ଦୁର୍ବଳ କରୁଛି ବୋଲି ବିଶେଷଜ୍ଞମାନେ ଟିପ୍ପଣୀ କରିଛନ୍ତି। ଇଣ୍ଟର୍‌ନେଟ୍ ପରି ସାର୍ବଜନୀନ ସେବାକୁ ବନ୍ଦ କରିବାର ସରକାରୀ ନିର୍ଦ୍ଦେଶକୁ ସମୀକ୍ଷା କରିବା ପାଇଁ ଆଇନରେ ସ୍ୱାଧୀନ ତଦାରଖ ବ୍ୟବସ୍ଥାର ଅଭାବ ଥିବାରୁ ଏ ନିଷ୍ପତ୍ତିକୁ ସରକାରୀ ଅଧିକାରୀଙ୍କ ଉପରେ ଛାଡ଼ି ଦିଆଯାଉଛି ବୋଲି ସମାଲୋଚକମାନେ କହିଥାନ୍ତି।

**ସୁପ୍ରିମ୍ କୋର୍ଟ ଇଣ୍ଟର୍‌ନେଟ୍ ସେବାକୁ ନାଗରିକଙ୍କ ମୌଳିକ ଅଧିକାର ପର୍ଯ୍ୟାୟଭୁକ୍ତ କରିଛନ୍ତି। ତଥାପି ଗତବର୍ଷ ଭାରତ ପୃଥିବୀର ଗଣତାନ୍ତ୍ରିକ ଦେଶମାନଙ୍କ ମଧ୍ୟରେ ସର୍ବାଧିକ ଥର ଇଣ୍ଟର୍‌ନେଟ୍ ନିଷେଧାଦେଶ ଜାରି କରିଛି**



# ବାଙ୍ଗାଲୋରରେ ଗଡ଼ିଲା ତିନି ରଥ

**ବେଙ୍ଗାଲୁରୁ,୨୯।୬ (ସଂଚାର ବ୍ୟୁରୋ):** ବାଙ୍ଗାଲୋର ବିକାନାହାଲି ସାର୍ଜାପୁରା ଜଗନ୍ନାଥ ମନ୍ଦିର ଆନୁକୂଲ୍ୟରେ ପବିତ୍ର ରଥଯାତ୍ରା ପାଳିତ ହୋଇ ଯାଇଛି । ବିକନାହାଲି ଜଗନ୍ନାଥ ମନ୍ଦିର ତରଫରୁ ପ୍ରଥମ ଥର ପାଇଁ ଗଡ଼ିଛି ତିନି ରଥ । ପାରମ୍ପରିକ ରୀତିନୀତିରେ ପ୍ରଭୁ ଶ୍ରୀ ଜଗନ୍ନାଥ, ପ୍ରଭୁ ଶ୍ରୀ ବଳଭଦ୍ର ଏବଂ ମାତା ସୁଭଦ୍ରାଙ୍କୁ ରଥାରୂଢ଼ କରାଯାଇଥିଲା । ଭଜନ କୀର୍ତ୍ତନ ଶଙ୍ଖ ହୁଳହୁଳି ଘଣ୍ଟଘଣ୍ଟା ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ମନ୍ଦିର ପ୍ରାଙ୍ଗଣ। ରଥରେ ପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଭକ୍ତମାନେ ବିହ୍ୱଳ ହୋଇ ଯାଇଥିଲେ। ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା ଏହି ରଥଯାତ୍ରାରେ। ମନ୍ଦିର ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ମାନେ ଉପସ୍ଥିତ ଭକ୍ତ ମାନଙ୍କ ସୁରକ୍ଷା ଦେବା ସହିତ ଶାନ୍ତି ଶୃଙ୍ଖଳା ବଜାୟ ରଖିଥିଲେ। ଦେବୀ ସୁଭଦ୍ରାଙ୍କ ରଥକୁ ମାଆ ଭଉଣୀ ମାନେ ଟାଣିଥିବା ବେଳେ ଅନ୍ୟମାନେ ପ୍ରଭୁ ବଳଭଦ୍ର ଓ ପ୍ରଭୁ ଜଗନ୍ନାଥଙ୍କ ରଥକୁ ମାଉସୀ ଘର ଅଭିମୁଖେ ଟାଣି ନେଇଥିଲେ । ମନ୍ଦିର ଟ୍ରଷ୍ଟ ତରଫରୁ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପ୍ରଥମ ଥର ପାଇଁ ତିନୋଟି ରଥକୁ ଦର୍ଶନ କରିବାକୁ ସୁଯୋଗ ପାଇଥିବାରୁ ଭକ୍ତ ମାନଙ୍କ ମନରେ ଅନେକ ଆନନ୍ଦ ଓ ଉତ୍ସାହ ଭରି ରହିଥିଲା । ସ୍ଥାନୀୟ ପ୍ରଶାସନ ଓ ମନ୍ଦିର ପରିଚାଳନା କମିଟି ଏହି ଘୋଷଯାତ୍ରାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

# ମୁମ୍ବାଇ ଅଣୁଶକ୍ତି ନଗରଠାରେ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ

**ବାଲିଆପାଳ,୨୯।୬ (ସଂଚାର ବ୍ୟୁରୋ):** ମୁମ୍ବାଇସ୍ଥିତ କେନ୍ଦ୍ରୀୟ ଆଣବିକ ଶକ୍ତି ବିଭାଗର ଆବାସିକ ପରିସରରେ ସ୍ଥାନୀୟ ଓଡିଆ ସମିତି ଆନୁକୂଲ୍ୟରେ ଶ୍ରିଗୁଣ୍ଡିଚାଯାତ୍ରା ମହାଆଡମ୍ବର ଏବଂ ପାରମ୍ପରିକ ରିତିନିତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି ।ପ୍ରାତଃରୁ ଚତୁର୍ଦ୍ଧା ମୁରତୀ ଙ୍କ ସମସ୍ତ ରିତିନିତୀ ପରେ ନବଯୋବୌନ ଦର୍ଶନ ସମ୍ପନ୍ନ ହୋଇଥିଲା। ଏଥିରେ ଭକ୍ତମାନଙ୍କ ଦ୍ୱାରା ପ୍ରସ୍ତୁତ ୫୬ ପ୍ରକାର ପାରମ୍ପରିକ ଭୋଗ ଓନୈବେଦ୍ୟ ପ୍ରଭୁଙ୍କୁଠାରେ ଲାଗି ହୋଇଥିଲା। ଦିନ ୧୧ଟାରୁ ରଥଯାତ୍ରା ନିମି ସମସ୍ତ ପୂଜା ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ୨ଟା ୩୦ରେ ଶ୍ରୀଜିଉମାନଙ୍କୁ ଶଙ୍ଖ ବାଦ୍ୟ ହରିବୋଲ ହୁଳହୁଳିରେ ଭକ୍ତମାନେ ଗୋଟି ପହଣ୍ଡିକରି ରଥାରୁଢ଼ କରିଥିଲେ। ଅଣୁଶକ୍ତି ନଗର ଓଡିଆ ସମିତିର ଅଧ୍ୟକ୍ଷ ଡା. ନିଗମାନନ୍ଦ ମିଶ୍ର ଆଦ୍ୟସେବକ ଭାବେ ଛେରାପହଁରା କରିଥିଲେ। ପରେ ଶହ ଶହ ଶ୍ରଦ୍ଧାଳୁ ମୃଦଙ୍ଗ ଝାଞ୍ଜ କରତାଳି ସହ ଭଜନ କୀର୍ତ୍ତନ ଓ ନୃତ୍ୟର ତାଳେ ତାଳେ ସୁସଜ୍ଜିତ ରଥକୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣିନେଇଥିଲେ । ଏହି ଯାତ୍ରା ନବମ ଦିନ ଧରି ପାଳିତ ହେବ। ପ୍ରତିଦିନ ସନ୍ଧ୍ୟାରେ ଓଡିଆ ଭାଇଭଉଣୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମକୁ ସମିତିର ଉପାଧ୍ୟକ୍ଷ ଜିତେନ୍ଦ୍ର ଶୁକ୍ଲା,ସଚିବ ଅଶୋକ କୁମାର ରଥ,ସଂଯୋଜକ ଡ. ସନ୍ତୋଷ ପ୍ରଧାନ, ଡ଼ ପ୍ରକାଶ ଚନ୍ଦ୍ର ରାଉତ, ବିଶ୍ୱଭୋଷଣ ସାହୁ, ଡ଼ ବୌ ଦନାଥ ସାହୁ, ସନ୍ତୋଷ ବେହେରା, ଗୌରୀ ଶଙ୍କର ସାହୁ ପ୍ରଶାନ୍ତ ପାଣିଗ୍ରାହୀ ସମେତ ସମସ୍ତ ଓଡିଆ ଭାଇ ଭଉଣୀମାନେ ସହେଯାଗ କରିଥିଲେ।

# ପଛୀକୋଟ ଘୋଷଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁ



**ଯାଜପୁର ରୋଡ଼,୨୯।୬ (ସଂଚାର ବ୍ୟୁରୋ):** କୋରେଇ ବ୍ଲକ ରଗଡି ସ୍ଥିତ ପଛୀକୋଟ ପଂଚାୟତରେ ଦୀର୍ଘ ବର୍ଷ ଧରି ରାଜ ପରିବାର ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ପାରମ୍ପରିକ ରୀତିନୀତି ଅନୁସାରେ ପାଳିତ ହେଉଛି ରଥଯାତ୍ରା। ଏହି ରଥଯାତ୍ରାରେ ସକାଳୁ ସେବାୟତଙ୍କ ଦ୍ୱାରା ନୀତିକାନ୍ତି ସମାପନ କରି ଅପରାହ୍ନରେ ଠାକୁରଙ୍କୁ ପହଣ୍ଡି ବିଜେ କରିବା ସହିତ ରଥାରୁଢ଼ କରିଥିଲେ। ବାଜା ବାଣ ରୋଷଣୀ ଓ ସହସ୍ରାଧିକ ଭକ୍ତଙ୍କ ମେଳରେ ପ୍ରକମ୍ପିତ ହୋଇଉଠୁଥିଲା ପଛୀକୋଟ ଶ୍ରୀ ଜଗନାଥଙ୍କ ମନ୍ଦିର ପରିସର। ଜିତେନ୍ଦ୍ର କୁମାର ତ୍ରିପାଠୀ ଛେରା ପହଁରା କରିଥିବା ବେଳେ କାହ୍ନୁ ଚରଣ ପଣ୍ଡା, ବାଇଧର ପଣ୍ଡା, ଓ ଅଶୋକ କୁମାର ପଣ୍ଡା ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ରଥ କିଛି ବାଟ ଗଲା ପରେ ପରଦିନ ମାଉସୀ ମା ମନ୍ଦିରରେ ପହଂଚିବ ବୋଲି ମୁଖ୍ୟ ପୁରୋଧା ଅମର ପ୍ରତାପ ସିଂ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶାନ୍ତି ଶୃଙ୍ଖଳା ବଜାୟୀ ରଖିବା ପାଇଁ କୋରେଇ ପୋଲିସ ସହଯୋଗ କରିଥିବା ବେଳେ ଆଖପାଖ ଅଞ୍ଚଳର ସାହସ୍ରାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ ।

## ଯାତାୟାତରେ ବାଧକ ସାଜିଛି ମାଦେ ପାଙ୍ଗା ନାଳ

# ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି ୨ ୱାର୍ଡବାସୀ

**କନ୍ଧମାଳ,୨୯।୬ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାଙ୍ଗା ଉପର ସାହି ପଞ୍ଚାୟତର ୨ଟି ୱାର୍ଡର ୧୫୦ ଘରରୁ ଅଧିକ ଲୋକଙ୍କ ପାଇଁ ବର୍ତ୍ତମାନ ଯାତାୟାତରେ ବାଧକ ସାଜିଛି ମାଦେ ପଙ୍ଗା ନାଳ । ପୂର୍ବରୁ ବର୍ଷା ଦିନ ଆସିଲେ ଏମାନଙ୍କ ପାଇଁ କାଠ ପୋଲ ଭରସା ହେଉଥିବାବେଳେ ପୋଲ ଭାସି ଗଲେ ଏମାନଙ୍କ ପାଇଁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ଶିକ୍ଷା, ସ୍ୱାସ୍ଥ୍ୟ ଏମିତି କି ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ହେଲେ ମଧ୍ୟ ନାହିଁ ନ ଥିବା ଅସୁବିଧା ଭୋଗିବାକୁ ପଡୁଥିଲା । କିନ୍ତୁ ବାରମ୍ବାର ଦାବି ପରେ ବାଦେ ଦ୍ରାଗା ନାଳ ତଳକୁ ଏକ ପୋଲ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁରୀ ହୋଇ କାର୍ଯ୍ୟ ଚାଲିଥିବାବେଳେ ଏବେ ଆଉ ଗୋଟିଏ ନାଳ ମାଦେ ପାଙ୍ଗା ନାଳ ଯାତାୟତ ପାଇଁ ବାଧକ ସାଜିଛି ।

ଏହି ନାଳ ପାଙ୍ଗା ପଞ୍ଚାୟତଠାରୁ କାଲିକୁଟି ଦେଇ ଯାଇଥିବା ରାସ୍ତା ମଝିରେ ପଡୁଛି । ଏହି ନାଳରେ ପ୍ରତିବର୍ଷ ଲୋକେ କାଠ ପୋଲ କରି କିମ୍ବା କାଠକୁ ଗଛ ସହ ଯୋଡ଼ି ବିପଦପୂର୍ଣ୍ଣ ଭାବେ ଯାତାୟତ କରିଥାନ୍ତି । ପ୍ରତିବର୍ଷ ବର୍ଷାରେ ଧୋଇ ହୋଇଯାଏ ପୁଣି ନିଜ ଖର୍ଚ୍ଚରେ କାଠ ଆଣି ପୋଲ ନିର୍ମାଣ କରି ବିଦ୍ୟାଳୟଠାରୁ ପଞ୍ଚାୟତ କାର୍ଯ୍ୟାଳୟ ଏମିତି କି ପ୍ରତ୍ୟେକ କାର୍ଯ୍ୟ ପାଇଁ କାଠ ପୋଲ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ବର୍ତ୍ତମାନ କିଛି ଦିନ ହେବ ବର୍ଷା ଲାଗି ରହିଥିବାରୁ ମାଦେ ପାଙ୍ଗା ନାଳରେ ପ୍ରବଳ ବର୍ଷା ପାଣି ଯାଉଥିବାରୁ ଲୋକେ ବିପଦପୂର୍ଣ୍ଣ ଭାବେ ୨ ଟି ୱାର୍ଡ଼ ୮ ଏବଂ ୯ ନମ୍ବର ୱାର୍ଡ ବାସୀ ମାର୍କାଲି, ସିକେରି, ଡେଡ଼ି ସରୁ, ମାଦେ ପାଙ୍ଗା, ଭୁଟୁ କୂପଡା, ଶ୍ରାହାପେଲି ପଙ୍ଗା, କୁଟି ପାଡା, ଭଳି ୮ରୁ ୧୦ଟି ଗାଁର ଲୋକେ ଯାତାୟତ ପାଇଁ ବହୁ ଅସୁବିଧା ଭୋଗୁଛନ୍ତି ।

ତୁରନ୍ତ ଏହି ମାଦେ ପାଙ୍ଗା ନାଳରେ ଯାତାୟତ ସୁବିଧା ପାଇଁ ପୋଲ ନିର୍ମାଣ କରିବାକୁ ସନ୍ତୋଷ କହଁର, ତ୍ରିଲୋଚନ କହଁର, ବିଭୀଷଣ କହଁର, ପ୍ରଶାନ୍ତ କହଁର, ସତ୍ୟ ବଗର୍ତିଙ୍କ ସହ ସମୂହ ଅଞ୍ଚଳବାସୀ ଦାବି କରିଛନ୍ତି ।



# କ୍ଷୁଦ୍ର ଜଳସେଚନ ମଣ୍ଡଳ ନୂତନ କାର୍ଯ୍ୟାଳୟ ଓ ବାସଭବନର ଭିତ୍ତିପ୍ରସ୍ତର ସ୍ଥାପନ



**ଫୁଲବାଣୀ,୨୯।୬ (ସଂଚାର ବ୍ୟୁରୋ):** ଫୁଲବାଣୀ ସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗ ପରିସରରେ କ୍ଷୁଦ୍ର ଜଳସେଚନ ମଣ୍ଡଳ ନୂତନ କାର୍ଯ୍ୟାଳୟ ଓ ବାସଭବନର ଭିତ୍ତ ପ୍ରସ୍ତର ସ୍ଥାପନ ହୋଇଛି । ଏହି ଅବସରରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭିତ୍ତ ପ୍ରସ୍ତର ସ୍ଥାପନ କରିଥିଲେ । ଏହା ଅଧିନ ରେ କନ୍ଧମାଳ, ଭଞ୍ଜନଗର ଓ ବୌଦ୍ଧ ଜିଲ୍ଲାରେ ଥିବା କ୍ଷୁଦ୍ର ଜଳସେଚନ ବିଭାଜନ ରହିବ। ଏହାଦ୍ୱାରା ବିଭାଗ ପକ୍ଷରୁ ହାତକୁ ନିଆଯାଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହେବା ସହ ଚାଷୀ ପୂର୍ବାପେକ୍ଷା ଅଧିକ ଜଳସେଚନ ସୁବିଧା ପାଇବେ ବୋଲି ମୁଖ୍ୟ ଅତିଥି ବିଧାୟକ ଉମା ଚରଣ ମଲ୍ଲିକ କହିଛନ୍ତି । ୩୮.୫୭ଲକ୍ଷ ଟଂକା ବ୍ୟୟରେ କାର୍ଯ୍ୟାଳୟ ଓ ୨୮.୨୯ଲକ୍ଷ ଟଂକା ବ୍ୟୟରେ ବାସଭବନ ନିର୍ମାଣ ହେବ ।ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନୀତ ଅତିଥି ଭାବେ ମୁଖ୍ୟ ଯନ୍ତ୍ରୀ ଇଁ.ପୂର୍ଣ୍ଣ ଚନ୍ଦ୍ର ରଥ,ଫୁଲବାଣୀ ଡ଼ିଭିଜନ ଏସ. ଇ . ସୂର୍ଯ୍ୟ ନାରାୟଣ ପାଣିଗ୍ରାହି, ଭଞ୍ଜନଗର ଏସ ଇ ସୁପ୍ରଭା କଂହରଙ୍କ ସମେତ ଫୁଲବାଣୀ, ବୌଦ୍ଧ, ଭଞ୍ଜନଗର କ୍ଷୁଦ୍ର ଜଳସେଚନ ବିଭାଜନର ସମସ୍ତ ଯନ୍ତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ ।

# ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆଶଙ୍କା, ଜିଲ୍ଲା ପ୍ରଶାସନର ସ୍ଥିତି ଅନୁଧ୍ୟାନ



**ବୈଶିଙ୍ଗା,୨୯।୬ (ସଂଚାର ବ୍ୟୁରୋ):** ମୟୂରଭଞ୍ଜର ଶିମିଳିପାଳ ଅଭୟାରଣ୍ୟ ଏବଂ ଏହାର ପାଦଦେଶରେ ପ୍ରବଳ ବର୍ଷା ଯୋଗୁଁ ପ୍ରବାହିତ ହେଉଥିବା ବୁଢ଼ାବଳଙ୍ଗ ନଦୀର ଜଳସ୍ତର କ୍ରମାଗତ ବୃଦ୍ଧି ପାଉଥିବାରୁ ଚଳିତ ବର୍ଷର ପ୍ରଥମ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଗତ ଚାରିଦିନ ହେଲା ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ଯୋଗୁଁ ଉପରମୁଣ୍ଡରେ ପ୍ରବଳ ବର୍ଷା ହୋଇଛି। ଫଳରେ ବୁଢ଼ାବଳଙ୍ଗ ସହିତ ଏହାର ଉପନଦୀ ଜରାଳି ଓ ସରାଳି ନଦୀର ଜଳସ୍ତର କ୍ରମାଗତ ବୃଦ୍ଧି ପାଇଚାଲିଛି। ରବିବାର ଅପରାହ୍ନରେ ବୈଶିଙ୍ଗା ବଡ଼ସାହି ମୂଖ୍ୟ ରାସ୍ତାର ବୁଢ଼ାବଳଙ୍ଗ ନଦୀର ନାଖରା ସେତୁ ନିକଟରେ ସେତୁ ଲଂଘିବାକୁ ଆଉ ମାତ୍ର ଚାରି ଫୁଟ ବାକି ରହିଥିବା ଦେଖିବାକୁ ମିଳିଛି। ତେବେ ବନ୍ୟା ଆଶଙ୍କାରେ ରହିଛନ୍ତି ନାଖରା, ପାଟଳିପୁରା, ଦାରିହା, କାଠପାଳ, ସିଙ୍ଗଲାମୁଣ୍ଡଳି, ଶାଳଗାଁ ପ୍ରଭୃତି ତଳିଆ ଅଞ୍ଚଳର ଗ୍ରାମବାସୀ।

ଏଭଳି ସ୍ଥିତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗର ଅଧିକାରୀମାନଙ୍କୁ ସତର୍କ ରହିବାକୁ ସୂଚନା ଦିଆଯାଇଛି। ଆଜି ରବିବାର ଅପରାହ୍ନରେ ଜିଲ୍ଲାପାଳ ହେମକାନ୍ତ ସଏ, ବିଧାୟକ ସନାତନ ବିଜୁଳି, ବେତନଟୀ ବ୍ଲକ ଏବିଡିଓ ଗଗନ ବିହାରୀ ବେହେରା, ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା, ରେଭିନ୍ୟୁ ସୁପରଭାଇଜର ଜଗନ୍ନାଥ ସିଂ, ବଡ଼ସାହି ତହସିଲଦାର କରୁଣାକର ଧିନ୍ଦା ପ୍ରମୁଖ ନାଖରା ସେତୁ ନିକଟରେ ପହଞ୍ଚି ସ୍ଥିତ ଅନୁଧ୍ୟାନ କରି ଫେରିଯାଇଛନ୍ତି। ତେବେ ସର୍ବଶେଷ ସୂଚନା ମୁତାବକ ସନ୍ଧ୍ୟା ଠାରୁ ଉପରମୁଣ୍ଡରେ ବର୍ଷାର ପ୍ରକୋପ ହ୍ରାସ ପାଇଥିବାରୁ ଯଦି ଏଭଳି ସ୍ଥିତି ଆଗାମୀ ଦଶ ବାର ଘଣ୍ଟା ଲାଗିରହେ ତେବେ ବନ୍ୟା ଆଶଙ୍କା ଟଳି ଯିବାର ସମ୍ଭାବନା ରହିଛି। ତେବେ ବୁଢ଼ାବଳଙ୍ଗ ର ତଳ ସ୍ତର ସହିତ ଗଙ୍ଗାହାର ଓ ସୋନ ନଦୀ ତେମୁହାଣି ଠାରେ ମିଶି ବାଲେଶ୍ୱର ଅଞ୍ଚଳରେ ଭୟ ସୃଷ୍ଟି କରିଥିବା ଜଣାଯାଇଛି ।

# ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ଶିବିର



**ସୁବର୍ଣ୍ଣପୁର,୨୯।୬ (ସଂଚାର ବ୍ୟୁରୋ):** ଚିତ୍ତ ଜ୍ଞାନୀ ଚାରିଟେବୁଲ ଟ୍ରଷ୍ଟ ପଶ୍ଚିମ ଓଡ଼ିଶା ଶାଖା ପକ୍ଷରୁ ସୋନପୁର ଘୋଡା ଘାଟ ପଡ଼ା (ମହାରଣା ପଡ଼ା) "ମା ଘର" ଠାରେ ସୁବର୍ଣ୍ଣପୁର ସହରର ବରିଷ୍ଠ ନାଗରିକଙ୍କ ପାଇଁ ଦୁଇ ଦିନିଆ ସ୍ୱତନ୍ତ୍ର ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇ ଯାଇଛି। ପ୍ରଫେସର ଦତ୍ତେଶ୍ୱର ହୋତା (ୟୁରୋଲୋଜିଷ୍ଟ) ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଦୁଇ ଦିନିଆ ଶିବିରରେ ଭେଷଜ ବିଶେଷଜ୍ଞ ଡ଼ା ଜେ. କିଶୋର, ଅର୍ଥୋପେଡିକ ବିଭାଗ ଡ଼ା. ସିଦ୍ଧାର୍ଥ ମହାନ୍ତି, ଡ଼ା. ରାଜ କିଶୋର ମିଶ୍ର ଯୋଗଦେଇ ସହରର ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ସହରର ଅନେକ ସାଧାରଣ ଲୋକଙ୍କୁ ମାଗଣା ଚିକିତ୍ସା କରି ଔଷଧ ବଣ୍ଟନ କରିଥିଲେ। ଏହି ଶିବିରରେ କଟକର ଉଚ୍ଚସ୍ତରୀୟ ଡାକ୍ତରୀ ଦଳଙ୍କ ସହିତ ପ୍ରଫେସର ହୋତାଙ୍କ ଧର୍ମପତ୍ନୀ ସୁଜାତା ପୁଝାରୀ, ଅଶୋକ ପ୍ରିୟଦର୍ଶୀ, ଅରୁଣ ଲେଙ୍କା, ସୁଦୀପ ପରିଡ଼ା, ସଂଗ୍ରାମ ଭୋଳ, ରାଜେଶ ମହାନ୍ତି ଚିକିତ୍ସା, ରେଜିଷ୍ଟ୍ରେସନ୍ ଓ ଔଷଧ ବିତରଣ ସେବା କାର୍ଯ୍ୟରେ ସହଯୋଗ କରିଥିଲେ ।

ଏହି ଚିକିତ୍ସା ଶିବିରରେ ନୂଆପଡ଼ା, ବଲାଂଗୀର ଓ ବୌଦ୍ଧ ଜିଲ୍ଲାର ମଧ୍ୟ ତିନି ଜଣ ବରିଷ୍ଠ ନାଗରିକ ଯୋଗଦେଇ ଶିବିରରେ ଚିକିତ୍ସିତ ହୋଇଥିଲେ। ଏଭଳି ମହତ କାର୍ଯ୍ୟକୁ ବୁଦ୍ଧିଜୀବୀମାନେ ଖୁବ୍ ପ୍ରଶଂସା କରିଛନ୍ତି ।



# ପାତାଳୀ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ମତ୍ସ୍ୟ ଓ କଚ୍ଛପ ଅବତାର

**ସୁବର୍ଣ୍ଣପୁର,୨୯।୬ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ପ୍ରସିଦ୍ଧ ପୀଠ ଶ୍ରୀ ପାତାଳୀ କ୍ଷେତ୍ର କୋଟସମଲାଇରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମତ୍ସ୍ୟ ଓ କଚ୍ଛପ ଅବତାର ରେ ଆଜି ଆଡପ ମଣ୍ଡପରେ ପ୍ରଭୁ ଦର୍ଶନ ଦେଉଛନ୍ତି ଭକ୍ତ ଙ୍କୁ ।ଆଜି ସୁବର୍ଣ୍ଣପୁର ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ତଥା ଝାରସୁଗୁଡା ଜିଲ୍ଲାପାଳ ଆବୋଲି ସୁନୀଲ ନରୱଣେ ପାତାଳୀ କ୍ଷେତ୍ର ପରିଦର୍ଷନ କରିବା ସହ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ ।ଏହି ଅବସରରେ ପାତାଳୀ ଶ୍ରୀକ୍ଷେତ୍ର ରାମାୟଣୀ ଗୋଷ୍ଠୀ ଦ୍ୱାରା ତୁଳସୀ ରାମାୟଣ ପାରାୟଣ ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଗାୟକ ଭାବରେ ଗୋପାଳ ପଣ୍ଡା,ବିଜୟ କୁମାର ହୋତା,ସୁଧିର କୁମାର ପୁରୋହିତ,ଗୋବର୍ଦ୍ଧନ ଚାନ୍ଦ,ଅନିରୁଦ୍ଧ ପାଢୀ,ପୂର୍ଣ୍ଣଚନ୍ଦ୍ର ପାଢୀ,ଇସ୍ୱୀତା ପ୍ରିୟଦର୍ଶନୀ ପାଢୀ,ଅନନ୍ତ ନାରାୟଣ ପାଢୀ,ଜାନକୀରାମ ଦେହେରୀ ଓ ନରେନ୍ଦ୍ର ବାଘ ଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା । ଏଥିରେ ବାଦ୍ୟଯନ୍ତ୍ରରେ ଅଚ୍ୟୁତାନନ୍ଦ କୁରୁକୁରିଆ,ପଞ୍ଚାନନ ମନ୍ତ୍ରୀ ଓ ଚମରା ସେଠୀ ସହଯୋଗ କରିଥିଲେ ।ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଓଡିଶାର ବିଭିନ୍ନ ପ୍ରାନ୍ତରୁ ଭକ୍ତ ଶ୍ରଦ୍ଧାଳୁ ଧାଇଁ ଆସିଥିଲେ । ପୋଲିସ ପ୍ରଶାସନ ଓ କମିଟି ପକ୍ଷରୁ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା କରଯାଇଛି ।

# ‘ମୀନା ବଜାର’ରେ ଖୋଲିଲା ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାର ନୂତନ ଷ୍ଟୋର

**ଯାଜପୁର ରୋଡ଼,୨୯।୬ (ସଂଚାର ବ୍ୟୁରୋ):** କୋରେଇ ନିର୍ବାଚନ ମଣ୍ଡଳୀର ମଧ୍ୟମ ସ୍ଥଳ ଭାବେ ସାଦକପୁର ପଂଚାୟତର ମିନା ବଜାର ଅଂଚଳକୁ ସାଧାରଣତଃ ବୁଝାଇଥାଏ। ତେଣୁ ଏହି ‘ମିନା ବଜାର’ରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା’ର ନୂତନ ଷ୍ଟୋର ଖୋଲାଯାଇଛି। ଏହି ଷ୍ଟୋର ଟିକୁ ଡିଲୋକ ନେଟ ୱାର୍କସ ପ୍ରାଇଭେଟ ଲିମିଟେଡ଼ର ଏମ.ଡି. ଲୋକନାଥ ଚାଟର ଉଦଘାଟନ କରିବା ସହିତ ଏହି ପିଏମ ସୂର୍ଯ୍ୟ ଘର ବିଜୁଳି ଯୋଜନା ଦ୍ୱାରା ଜନ ସାଧାରଣ ମାନେ କିଭଳି ଉପକାର ପାଇପାରିବେ ସେ ବିଷୟରେ ସୂଚନା ଦେଇଥିଲେ । ଏହି ଯୋଜନା କୁ ସମସ୍ତ ବର୍ଗର ଲୋକମାନେ ସରକାର ଙ୍କ ନିୟମ ଅନୁସାରେ ଅନଲାଇନ ରେଜିଷ୍ଟେସନ କରି ଘରେ ସୋଲାର ପ୍ୟାନେଲ ଲଗାଇ ଏହାର ଭଲ ଲାଭ ଉଠାଇପାରିବେ ବୋଲି ସାଦକପୁର ସରପଞ୍ଚ ଶ୍ରୀ ରବୀନ୍ଦ୍ର ବେହେରା କହିଥିଲେ। ସରକାରଙ୍କ ସମସ୍ତ ସବସିଡି ପାଇବା ସହିତ ବିଦ୍ୟୁତ୍ ବିଲ ସଂଚୟ କରିବା ଏବଂ ଏକ ଦୁଇ କିମ୍ବା ତିନି କିଲୋ ୱାଟଛର ସୌର ଶକ୍ତି କ୍ଷମତା ବିଶିଷ୍ଟ ସୌର ପ୍ୟାନେଲ ଘରେ ଲଗାଇ ଘରକୁ ଉଜ୍ୱଳ ଆଲୋକ ଦେବାପାଇଁ ହରଚଣ୍ଡୀ ଏଣ୍ଟରପ୍ରାଇଜେସର ସ୍ୱତାଧିକାରୀ ଶ୍ରୀ ରମେଶ ସାହୁ ଗ୍ରାହକ ମାନଙ୍କୁ ପରାମର୍ଶ ଦେଇଥିଲେ।



# ଏମଏନ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ

**ପଟ୍ଟାମୁଣ୍ଡାଇ,୨୯।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ପଟ୍ଟାମୁଣ୍ଡାଇ ଏମ ଏନ ହାଇସ୍କୁଲର ୧୫୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡାଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ କେନ୍ଦ୍ରାପଡ଼ା ଜିଲ୍ଲାର ମହାନ ଶିକ୍ଷାନୁଷ୍ଠାନ ଏମଏନ ହାଇସ୍କୁଲର ବହୁ ପୁରାତନ ଛାତ୍ରଛାତ୍ରୀ ସମଗ୍ର ବିଶ୍ୱରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରି ହାଇସ୍କୁଲର ଓ ପଟ୍ଟାମୁଣ୍ଡାଇ ମାଟିର ଗୌରବ ଓ ଗାରିମା ବୃଦ୍ଧି କରିଛନ୍ତି । ଗତ ସରକାର ଏମଏନ ହାଇସ୍କୁଲକୁ ସେଣ୍ଟର ଏଫ ଏକ୍ସଲେନ୍ସ ମାନ୍ୟତା ପ୍ରଦାନ କରି ହାଇସ୍କୁଲର ବିକାଶ ପାଇଁ ପର୍ଯ୍ୟାପ୍ତ ଅନୁଦାନ ଯୋଗାଇ ଦେଇଥିବାବେଳେ ସ୍କୁଲର ମଧ୍ୟାହ୍ନ ଭୋଜନ ଗୃହ ପାଇଁ ବିଧାୟକ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେବା ସହିତ ହାଇସ୍କୁଲ ଭିତ୍ତିଭୂମି ବିକାଶ ସହ ଶୈକ୍ଷିକ ପରିବେଶ ଓ ସାର୍ବିକ ବିକାଶ କ୍ଷେତ୍ରରେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଘୋଷଣା କରିଥିଲେ । ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ହାଇସ୍କୁଲର ଗୌରବ ଓ ଗାରିମାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।

ଏଥିରେ ଏମଏନ ହାଇସ୍କୁଲ ପ୍ରଧାନଶିକ୍ଷକ ଅଶୋକ ରାଉତରାୟ, ଆଡ଼ଭୋକେଟ ଗୋପୀନାଥ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଏହି ସଭାରେ ପ୍ରାକ୍ତନ ପ୍ରଶାସକ ଡ଼ କେଳୁ ଚରଣ ସ୍ୱାଇଁ, ପ୍ରଫେସର ଅନିରୁଦ୍ଧ ରାଉଳ, ପ୍ରଫେସର ଦେବବ୍ରତ ପ୍ରଧାନ, ପ୍ରଫେସର ଅର୍ଜୁନ ଚରଣ ନାୟକ,ପ୍ରଫେସର କୈଳାଶ ପାତ୍ର, କାଉନସିଲର ଗୋପୀବଲ୍ଲଭ ନାୟକ, ଶିକ୍ଷାବିତ ସଚିନନ୍ଦନ ଦାସ,କବି ବ୍ରଜ ସୁନ୍ଦର ସାହୁ, ରାଜ୍ୟ ସଂଗଠକ ରାଜେନ୍ଦ୍ର ବର୍ମା, ଆଡ଼ଭୋକେଟ ପ୍ରମୋଦ ସାହୁ ଓ ସଂଜୀବ କର, ଇଂ ତପନ ପାତ୍ର ପ୍ରମୁଖ ଭାଷଣ ଦେଇଥିଲେ ।ସମ୍ପାଦକ




# ରଥଯାତ୍ରା ଉପଲକ୍ଷେ ବଡଦାଣ୍ଡରେ ଶିଶିର ମହାପାତ୍ର ଫାଉଣ୍ଡେସନ୍ ତରଫରୁ ପ୍ରସାଦ ବଣ୍ଟନ

**ନୀଳଗିରି,୨୯।୬ (ସଂଚାର ବ୍ୟୁରୋ):** ତୃତୀୟ ଶ୍ରୀକ୍ଷେତ୍ର କୁହା ଯାଉଥିବା ନୀଳଗିରିରେ ତଥା ପବିତ୍ର ଘୋଷଯାତ୍ରା ଅବସରରେ ଦେଖିବାକୁ ଆସିଥିବା ଶହ ଶହ ଭକ୍ତଙ୍କ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଶିଶିର ମହାପାତ୍ର ଫାଉଣ୍ଡେସନ୍ ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ନୀଳଗିରି ରଥଯାତ୍ରା ବହୁ ବର୍ଷ ପୂର୍ବରୁ ହୋଇଆସୁଥିବା ବେଳେ ମହାପ୍ରଭୁଙ୍କ ରଥଟଣା ଦୁଇ ଦିନ ଧରି ପାଳନ କରାଯିବାର ପରମ୍ପରା ରହିଛି। ଏହାକୁ ଆଖିଆଗରେ ରଖି ନୀଳଗିରି ଏନଏସି ପୋଷ୍ଟ ଅଫିସ ନିକଟ ଜଗନ୍ନାଥ କଲ୍ୟାଣ ମଣ୍ଡପ ସମ୍ମୁଖରେ ଶିଶିର ମହାପାତ୍ର ଫାଉଣ୍ଡେସନ୍ ତରଫରୁ ଏହି ଦୁଇ ଦିନ ତଥା ଶନିବାର ଓ ରବିବାର ରେ ପ୍ରସାଦ ସେବନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସ୍ୱର୍ଗତ ଶିଶିର ମହାପାତ୍ରଙ୍କ ଧର୍ମପତ୍ନୀ ରଞ୍ଜନା ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରତି ମୁହୂର୍ତ୍ତରେ ସାଧାରଣ ଲୋକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଆସୁଥିବା ଓ ସମାଜ କଲ୍ୟାଣ ନିମନ୍ତେ ବିଭିନ୍ନ ପ୍ରକାର ଜନ ସଚେତନତା କାର୍ଯ୍ୟକ୍ରମ କରି ଚର୍ଚ୍ଚାରେ ରହିଥିବା ସବ୍ୟସାଚୀ ମହାପାତ୍ର (ଟୁଲୁ) ଉକ୍ତ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ପରିଚାଳନା କରାଯାଇଥିଲା ବେଳେ ୬ ନମ୍ବର ୱାର୍ଡ ର କାଉନସିଲ୍ ର ପ୍ରତାପ ସେଠୀ, ନିଗମ ରାଉତ, ସନ୍ତୋଷ ସମୁଦ୍ର, ଭାସ୍କର ବିଶ୍ୱାଳ, ଜଗନ୍ ରାଉତ, ଭରତ ଦାସ, ବିନୟ ବିଶ୍ୱାଳ, ରମାକାନ୍ତ ପ୍ରଧାନ, ପୂର୍ଣ୍ଣ ରଣା, ଶିବୁ ସିଂହ ଙ୍କ ସହ ଚିନ୍ମୟ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



# ଯଖପୁରା ଗୋସେବକଙ୍କ ପ୍ରଶଂସନୀୟ କାର୍ଯ୍ୟ



**କଳିଙ୍ଗନଗର,୨୯।୬ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ରେ ବହୁତ ଗୁଡିଏ ଛୋଟ ବଡ଼ କାରଖାନା ଗଢ଼ି ଉଠିବା ଫଳରେ ଚାରଣ ଭୂଇଁ ଧୀରେ ଧୀରେ ସଂକୁଚିତ ହୋଇ ଲୋପ ପାଇଗଲାଣି, ସବୁଆଡେ ରାସ୍ତା ଘାଟ ହୋଇ ଦିନରାତି ୨୪ ଘଣ୍ଟା ଗାଡି ମଟର ଚାଲୁଛି, ଯାହା ଫଳରେ ବହୁତ ଗୃହ ପାଳିତ ପଶୁ ଖାଦ୍ୟ ଅନେଶ୍ୱଣରେ ଚାରଣ ଭୂମି ନ ପାଇ ଖୋଜି ବୁଲିବା ବେଳେ ଅନେକ ସମୟରେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଏପରି ଆଜି ଯଖପୁରା ଷ୍ଟେସନ ରାସ୍ତାରେ ଗୋଟେ ବୃଷଭଙ୍କୁ ଅଜଣା ଗାଡି ଧକ୍କା ଦେଇଥିବାରୁ ତାର ମୃତ୍ୟୁ ହୋଇଥିଲା। ଯଖପୁରା ଗୋ ସେବକ ଟିମର ସ୍ୱେଚ୍ଛାସେବୀ ମାନେ ସେହି ବୃଷଭ ଟିକୁ କାନ୍ଧରେ ନେଇ ଯଥାବିଧି ପୋତିଥିବା ବେଳେ ଅନ୍ୟ ଏକ ରାସ୍ତାରେ ଗୋଟେ ଗାଈକୁ ଏକ ଅଜଣା ଗାଡି ଧକ୍କା ଦେଇଥିବାରୁ ଗାଈଟିର ଗୋଡ଼ ଭାଙ୍ଗି ଯାଇଥିଲା। ପଶୁ ଡାକ୍ତରଙ୍କୁ ଡକାଇ ସେହି ଗୋ ମାତାଙ୍କର ଚିକିତ୍ସା କରାଇ କାନ୍ଧରେ ବୋହି ଗାଁ ଭିତରେ ଥିବା ଗୋପାଳକଙ୍କ ଘରେ ପହଞ୍ଚାଇ ଥିଲେ। ଗୋସେବକମାନେ ହେଲେ ଅଭୟ ଅସୀମ ରାଉତରାୟ, ଦେବାଶିଷ ନାୟକ,କୃଷଚନ୍ଦ୍ର ସାମଲ, ଚିନ୍ମୟ କୁମାର ସାମଲ, ଜିତେନ୍ଦ୍ର ସାହୁ, ବିକ୍ରମ କେଶରୀ ବେହେରା,ବାଦଲ ବାରିକ, ଲିପୁନ ବେହେରା,ଶୁଭକାନ୍ତ ଭୂୟାଁ ଓ ବବୁଲ ଦାସ।

ଏହି ଗୋ ସେବକ ମାନେ ବର୍ଷା ସମୟରେ ଦିନ ତମାମ ଏହି ମହତ କାର୍ଯ୍ୟ ରେ ଲାଗିଥିବାରୁ ସମସ୍ତେ ତାଙ୍କୁ ପ୍ରଶଂସା କରିଛନ୍ତି, ଆଜି ନୁହେଁ ଦୀର୍ଘ ଦିନ ହେବ ଏହି ଟିମ କଳିଙ୍ଗନଗର ଅଞ୍ଚଳ ରେ ସବୁ ସମୟରେ ଏପରି ଗୋ ସେବା କରିବା ସହ, ମନ୍ଦିର ସଫେଇ, ବୃକ୍ଷ ରୋପଣ ଓ କିଛି କିଛି ସେବା କାର୍ଯ୍ୟ କରୁଥିବାର ଦେଖିବାକୁ ମିଳୁଛି।